R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୭୨
ତିଥି: ଦ୍ୱାଦଶୀ
୧୬ ଡିସେମ୍ବର ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 72
16 December 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଏମ୍‌ଜିନରେଗା ପରିବର୍ତ୍ତେ ଭିବି ଜି ରାମ୍ ଜି



ନୂଆଦିଲ୍ଲୀ, ୧୫ ।୧୨ : ସଂସଦର ଶୀତ ଅଧିବେଶନରେ ହଟ୍ଟଗୋଳ ସ୍ଥିତି ଲାଗି ରହିଥିବାବେଳେ କେନ୍ଦ୍ର ସରକାର ମହାତ୍ମା ଗାନ୍ଧି ଜାତୀୟ ଗ୍ରାମିଣ ନିଶ୍ଚିତ ଯୋଜନା (ଏମ୍‌ଜିନରେଗା) କୁ ପରିବର୍ତ୍ତନ କରିବାକୁ ଯାଉଛନ୍ତି । ଏ ସଂକ୍ରାନ୍ତରେ ସରକାର ଏକ ନୂଆ ବିଲ୍ ପ୍ରସ୍ତୁତ କରିଛନ୍ତି । ଏହି ବିଲ୍‌ରେ ଏମ୍‌ଜିନରେଗା ପ୍ରତିବଦଳରେ ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଏବଂ ଏ ଜୀବିକା ମିଶନ (ଗ୍ରାମିଣ) ଉଲ୍ଲେଖ କରାଯାଇଛି । ଏହାକୁ ଭିବି ଜି ରାମ୍ ଜି ଯୋଜନା ବୋଲି ସର୍ଟ୍ ଫର୍ମରେ ଅବିହିତ କରାଯାଉଛି । ବିଲ୍‌ର ଏକ କପି ଆଜି ସଂସଦରେ ସାଂସଦମାନଙ୍କୁ ମିଳିଛି । ବିଜେପି ସାଂସଦମାନଙ୍କ ଉପରେ ହ୍ୱିପ୍ ଜାରି କରାଯାଇଛି ଓ ଏହି ବିଲ୍‌କୁ ପାରିତ କରିବା ପାଇଁ କୁହାଯାଇଛି । ତେବେ ନୂଆ ବିଲ୍‌କୁ ନେଇ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧି ପ୍ରଶ୍ନ ଉଠାଇଛନ୍ତି । ମହାତ୍ମା ଗାନ୍ଧିଙ୍କ ନାମ କାହିଁକି କଟାଗଲା ବୋଲି ସେ ପ୍ରଶ୍ନ କରିବା ସହ ଗାନ୍ଧିଜୀଙ୍କୁ ଭାରତର ସର୍ବବୃହତ ନେତା ବୋଲି ବିଚାର କରାଯାଏ । ପ୍ରିୟଙ୍କା କହିଥିଲେ ଯେ ସେ ବୁଝିପାରୁନାହାନ୍ତି ପାର୍ଲାମେଣ୍ଟ କାହିଁକି ଚାଲିପାରୁନାହିଁ । ଆମେ ଏଠାରେ ସମସ୍ୟା ସମ୍ପର୍କରେ ଆଲୋଚନା କରିବାକୁ ଚାହୁଁଛୁ, ମାତ୍ର ତାହା ହେଉନାହିଁ । ସମୟ ଓ ଜନସାଧାରଣଙ୍କ

## ସଂସଦରେ ଆସିଲା ବିଲ୍

## ବିଜେପି ସାଂସଦଙ୍କ ଉପରେ ହ୍ୱିପ୍

## ନାମ ପରିବିର୍ତ୍ତନକୁ ନେଇ ପ୍ରଶ୍ନ ଉଠାଇଲେ ପ୍ରିୟଙ୍କା

ଅର୍ଥ ନଷ୍ଟ କରାଯାଉଛି ।

ଏମ୍‌ଜି ନରେଗା ୨୦୦୫ରେ ୟୁପିଏ ସରକାର ସମୟରେ ଅଣାଯାଇଥିଲା । ଏଥିରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ୧୦୦ ଦିନ କାର୍ଯ୍ୟର ଗ୍ୟାରେଣ୍ଟି ଦିଆଯାଇଥିଲା । ଦୀର୍ଘ ଦୁଇ ଦଶନ୍ଧୀ ଧରି ଏହି ( ୯ ପୃଷ୍ଠାରେ)

## ୩ ରାଷ୍ଟ୍ର ଗସ୍ତରେ ପ୍ରଧାନମନ୍ତ୍ରୀ

# ଜୋର୍ଡାନରେ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା

ନୂଆଦିଲ୍ଲୀ, ୧୫।୧୨(ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତିନୋଟି ରାଷ୍ଟ୍ର ଗସ୍ତରେ ଯାଇ ଜୋର୍ଡାନରେ ପହଞ୍ଚିଛନ୍ତି । ସେଠାରେ ତାଙ୍କୁ ଭାରତୀୟ ସମ୍ପ୍ରଦାୟ ପକ୍ଷରୁ ଉଚ୍ଛସିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଗସ୍ତରେ ଯିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଏକ ବିବୃତି ଦେଇଛନ୍ତି । ଜୋର୍ଡାନ, ଇଥିଓପିଆ ଏବଂ ଓମାନ ଏହି ୩ ଦେଶ ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ଭାରତର ବ୍ୟାପକ ସମସାମୟିକ ଦ୍ୱିପାକ୍ଷିକ ସମ୍ପର୍କ ନେଇ ରାଷ୍ଟ୍ର ନେତାଙ୍କ ସହ ଆଲୋଚନା କରିବେ ।

ପ୍ରଥମେ, ପ୍ରଧାନମନ୍ତ୍ରୀ ଜୋର୍ଡାନ ରାଜା ଅବଦୁଲ୍ଲା ଦ୍ୱିତୀୟ ଇବନ ଅଲ ହୁସେନଙ୍କ ନିମନ୍ତ୍ରଣ ଗ୍ରହଣ କରି



ସେଠାରେ ପହଞ୍ଚିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ତାଙ୍କର ଏହି ଐତିହାସିକ ଗସ୍ତ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ୭୫ ବର୍ଷ ସମ୍ପୂର୍ଣ୍ଣ ହେବାର ପ୍ରତିକ । ଏହି ଗସ୍ତ କାଳରେ ସେ ରାଜା ଅବଦୁଲାଙ୍କ ଛଡା ଜୋର୍ଡାନ ପ୍ରଧାନମନ୍ତ୍ରୀ ଜାଫର ହସନଙ୍କ ସହିତ ବିସ୍ତୃତ ଆଲୋଚନା କରିବେ । ଏଥିସହ କ୍ରାଉନପ୍ରିନ୍ସ ଅଲ ହୁସେନ ବିନ୍ ଅବଦୁଲା ଦ୍ୱିତୀୟଙ୍କ ସହିତ ମଧ୍ୟ ( ୯ ପୃଷ୍ଠାରେ)

# ଡଲାର ତୁଳନାରେ ପୁଣି ଟଙ୍କା ଦୁର୍ବଳ




ନୂଆଦିଲ୍ଲୀ, ୧୫ ।୧୨ : ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା କ୍ରମାଗତ ଭାବେ ଦୁର୍ବଳ ହେବାରେ ଲାଗିଛି । ଆମେରିକା ଓ ଭାରତ ମଧ୍ୟରେ ବାଣିଜ୍ୟିକ ବୁଝାମଣା ଅଗ୍ରଗତି ହେଉନଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ଟଙ୍କା ଦୁର୍ବଳ ହୋଇ ୦.୩% ହ୍ରାସ ପାଇ ଅମେରିକୀୟ ଡଲାର ତୁଳନାରେ ଏହା ୯୦.୭୪ ଟଙ୍କାରେ ପହଞ୍ଚିଛି । ଡିସେମ୍ବର ୧୨ରେ ଏହା ସର୍ବକାଳୀନ ନିମ୍ନସ୍ତରକୁ ଯାଇ ୯୦.୫୫ ଟଙ୍କାରେ ପହଞ୍ଚିଥିଲା । ଆମେରିକୀୟ ଡଲାର ମଜଭୁତ ହୋଇଥିବାରୁ ଭାରତର ଟଙ୍କାର ମୂଲ୍ୟ ହ୍ରାସ ପାଇବାରେ ଲାଗିଛି ।

ଚଳିତବର୍ଷ ଏସିଆ ମହାଦେଶ ମୁଦ୍ରା କ୍ଷେତ୍ରରେ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରିଛି । ରିଜର୍ଭ ବ୍ୟାଙ୍କର ହସ୍ତକ୍ଷେପ ସତ୍ତ୍ୱେ ବି ଏଥିରେ ସୁଧାର ଆସୁନାହିଁ । ପ୍ରାୟ ୬% ଟଙ୍କାର ମୂଲ୍ୟ ନିକଟରେ ହ୍ରାସ ହୋଇଛି । ଆମେରିକା ଭାରତରୁ ରପ୍ତାନୀ ସାମଗ୍ରୀରେ ୫୦% ଶୁଳ୍କ ଲଗାଇଥିବାରୁ ଏବେ ରପ୍ତାନୀର ବୃହତ୍ତ ବଜାର ଠପ୍ ହୋଇଯାଇଛି । ବିଦେଶୀ ପୁଞ୍ଜି ନିବେଶକମାନେ ( ୯ ପୃଷ୍ଠାରେ)

# କେନାଲ ଖୋଳାକୁ ନେଇ ପ୍ରଶାସନ-ଗ୍ରାମବାସୀ ମୁହାଁମୁହିଁ

ପୁରୀ/ବ୍ରହ୍ମଗିରି, ୧୫ ।୧୨ (ସବ୍ୟୁ) : ସୋମବାର ପୂର୍ବାହ୍ନରେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ହରିଦାସ ଗ୍ରାମରେ ଏକ ଗୋଟିଏ ସରକାରୀ କେନାଲ ଖୋଲାକୁ କେନ୍ଦ୍ର କରି ହରିଦାସ ଗ୍ରାମବାସୀ ପୁଲିସ ପ୍ରଶାସନ ମଧ୍ୟରେ ମୁହାଁ ମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ଘଟଣା ସ୍ଥଳରେ ଚାପା ଉତ୍ତେଜନା ପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି ।

କେନାଲ ଖୋଳାକୁ ବିରୋଧ କରି ଶହ ଶହ ଗ୍ରାମବାସୀ ବନ୍ଧ ରାସ୍ତା ଓ ପାଣି ମଧ୍ୟରେ ଧାରଣା ଦେଇ ଥିଲେ । ପୋଲିସ ପକ୍ଷରୁ ଗ୍ରାମବାସୀଙ୍କୁ ବୁଝସୁଝା କରା ଯାଇ ଥିଲା । ହେଲେ ଉତ୍ୟକ୍ତ ଗ୍ରାମବାସୀ ମାନେ କିଛି ଶୁଣି ନ ଥିଲେ । ଯାହା ଫଳରେ ପୋଲିସ ଓ ଗ୍ରାମବାସୀଙ୍କୁ ପାଣି



ମଧ୍ୟରୁ ଭିଡ଼ି ବାହାର କରି ବାକୁ ଉଦ୍ୟମ କରି ଥିଲା । ଏହାକୁ ନେଇ ଗ୍ରାମବାସୀ ମହିଳା ମାନେ ପୋଲିସ ଉପରକୁ କାଦୁଅ ଫିଙ୍ଗି ଥିଲେ । ଯାହାକୁ ନେଇ ଉଭୟ ପୋଲିସ ଓ ଗ୍ରାମ ବାସୀ ଙ୍କ ମଧ୍ୟରେ ଥେଲା ପେଲା ପରିସ୍ଥିତି ସୃଷ୍ଟି ହୋଇ ଥିଲା । ପୋଲିସକୁ କାର୍ଯ୍ୟରେ ବଧକଟା ଓ ଆକ୍ରମଣ ଅଭିଯୋଗରେ ବ୍ରହ୍ମଗିରି ଥାନା ପକ୍ଷରୁ ଏକ ମାମଲା ରୁଜୁ କରା ଯିବା ସହ ପଚାଶରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳାଙ୍କୁ ଥାନାରେ ଅଟକ ରଖିଛି ପୋଲିସ୍ । ପରେ ପୋଲିସ ପକ୍ଷରୁ ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ କେନାଲ ନିର୍ମାଣ ପାଇଁ ବନ୍ଧ କଟା ଯାଇ ଥିଲା । ପରେ ପରିସ୍ଥିତି ସ୍ୱାଭାବିକ ହେବା ସହ ବନ୍ଧ କରିବାରେ ମଧ୍ୟ ପ୍ରଶାସନ ସଫଳ ହୋଇଛି । ସୂଚନା ଯୋଗ୍ୟ ଯେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ସକାଳେ ବ୍ୟାପକ ପୋଲିସ ଫୋର୍ସ ସହ ପ୍ରସାଶନିକ ଅଧିକାରୀ ମାନେ ହରିଦାସ ଗ୍ରାମ ନିକଟରେ କେନାଲ ଖୋଲି ଜମି ରହି ଥିବା ଜଳ ନିଷ୍କାସନ ପାଇଁ ସେଠାରେ ଉପସ୍ଥିତ ହୋଇ ଥିଲେ । ଏହାକୁ ଦେଖି ହରିଦାସ ଗ୍ରାମ ବାସୀ ( ୯ ପୃଷ୍ଠାରେ)

## ବଢ଼ିଲା ଆୟୁର୍ବେଦିକ୍, ହୋମିଓପାଥିକ୍ ପିଜି ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ

ଭୁବନେଶ୍ୱର, ୧୫ ।୧୨ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ବିଭିନ୍ନ ସରକାରୀ ଆୟୁର୍ବେଦିକ୍ ଓ ହୋମିଓପାଥିକ୍ କଲେଜ୍‌ରେ ପଢୁଥିବା ପିଜି ଛାତ୍ରଛାତ୍ରୀଙ୍କ ପାଇଁ ମିଳୁଥିବା ଷ୍ଟାଇପେଣ୍ଡରେ ବ୍ୟାପକ ବୃଦ୍ଧି କରିଛନ୍ତି । ଆୟୁର୍ବେଦ ଓ ହୋମିଓପାଥିକ୍ ଚିକିତ୍ସା କ୍ଷେତ୍ରରେ ଛାତ୍ରଛାତ୍ରୀ ମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି । ଏହାଦ୍ୱାରା ଉଭୟ ପାଠ୍ୟକ୍ରମରେ ପିଜି କରୁଥିବା ୧୨୦ ଜଣ ଛାତ୍ରଛାତ୍ରୀ ଉପକୃତ ହେବେ । ଏହି ନୂତନ ଷ୍ଟାଇପେଣ୍ଡ ୨୦୨୬ ଜାନୁଆରୀ ପହିଲାରୁ ଲାଗୁହେବ । ( ୯ ପୃଷ୍ଠାରେ)

## ଭୁବନେଶ୍ୱରରେ ହେବ 'ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର'

ଭୁବନେଶ୍ୱର, ୧୫ ।୧୨ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ 'ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର' ପ୍ରତିଷ୍ଠା ପାଇଁ ଅନୁମୋଦନ କରିଛନ୍ତି । ଏହି ପ୍ରସ୍ତାବିତ ଭିସା ସେଣ୍ଟର ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବାବାସାହେବ ଆମ୍ବେଦକର ବସ୍ ଟର୍ମିନାଲ୍ ବିଲ୍‌ଡିଙ୍ଗ୍‌ରେ କାର୍ଯ୍ୟକ୍ଷମ ହେବ, ଯାହା ପାଇଁ ଓଡିଶା ସରକାର ୩ ହଜାର ବର୍ଗଫୁଟର ଜାଗା ଯୋଗାଇଦେବେ ।

ସୂଚନାଯୋଗ୍ୟ ଯେ, ଆନ୍ତର୍ଜାତିକ ଭିସା ପାଇବା ପାଇଁ ପୂର୍ବରୁ ( ୯ ପୃଷ୍ଠାରେ)

# ପହଲଗାମ୍ ଆକ୍ରମଣ ଘଟଣାରେ ଏନ୍‌ଆଇଏର ଚାର୍ଜସିଟ୍

ନୂଆଦିଲ୍ଲୀ, ୧୫ ।୧୨ : ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାରେ ୮ ମାସ ପରେ ଏନ୍‌ଆଇଏ ଚାର୍ଜସିଟ୍ ଦାଖଲ କରିଛି । ଏଥିରେ ୭ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି । ଏଥିରେ ୭ ଅଭିଯୁକ୍ତ, ୫ ସନ୍ଧୀଗ୍ଧ ଓ ଦୁଇ ପାକିସ୍ତାନରେ ଥିବା ଦୁଇ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା, ଦି ରେଜିଷ୍ଟାଣ୍ଟ ଫ୍ରଣ୍ଟର ନାମ ରହିଛି । ପହଲଗାମ ଆକ୍ରମଣରେ ୨୬ ପର୍ଯ୍ୟଟକଙ୍କର ମୃତ୍ୟୁ ହୋଇଥିଲା ।

ଅଭିଯୋଗ ଫର୍ଦରେ ପାକିସ୍ତାନର ଷଡ଼ଯନ୍ତ୍ର ଥିବା ଉଲ୍ଲେଖ କରାଯିବା ସହ ଏଲ୍‌ଇଟି/ଟିଆର୍‌ଏଫ୍‌ର ସମର୍ଥନ ଥିବା ନେଇ କୁହାଯାଇଛି । ଏଥିରେ ଅଭିଯୁକ୍ତମାନଙ୍କ ଭୂମିକା, ସହାୟତା, ଆକ୍ରମଣ ପାଇଁ ଲସ୍କର-ଟିଆରଏଫ୍‌ର ଯୋଜନା, ବ୍ୟବସ୍ଥା ଓ କେମିତି ପହଲଗାମ ଆକ୍ରମଣକୁ କାର୍ଯ୍ୟକାରୀ କରାଯାଇଥିଲା ତାହାର ବିସ୍ତୃତ ତଥ୍ୟ ରହିଛି । ୧୫୯୭ ପୃଷ୍ଠାର ଚାର୍ଜସିଟ୍‌ରେ ଲସ୍କର କମାଣ୍ଡୋ ସାଜିଦ୍ ଜାଟ୍ଟଙ୍କୁ ପହଲଗାମ ନରସଂହାରର ମୁଖ୍ୟ କାର୍ପେଟଦାର ଭାବେ ଦର୍ଶାଯାଇଛି । ପାକିସ୍ତାନ ଆତଙ୍କବାଦୀ ସୁଲେମାନ ଶାହା, ହବିବ୍ ତାହିର୍ ଓ ହମଜା ଆଫଗାନିର ନାଁ ଚାର୍ଜସିଟ୍‌ରେ ରହିଛି । ଯେଉଁମାନେ ଜୁଲାଇ ମାସରେ ଶ୍ରୀନଗର ଠାରେ ପୋଲିସ ଏନ୍‌କାଉଣ୍ଟରରେ ମୃତ୍ୟୁବରଣ କରିଥିଲେ । ଏନ୍‌ଆଇଏ ପକ୍ଷରୁ ୪ ଅଭିଯୁକ୍ତଙ୍କ ବିରୋଧରେ ଅସ୍ତ୍ରଶସ୍ତ୍ର ଆଇନ୍, ୟୁଏପିଏରେ ବିଭିନ୍ନ ଦଫାରେ ଚାର୍ଜଫ୍ରେମ୍ କରାଯାଇଛି । ଅଭିଯୁକ୍ତମାନଙ୍କ ବିରୋଧରେ ଭାରତ ବିରୋଧୀ ଯୁଦ୍ଧଖୋର ମନୋଭାବ ଦଫା ଲଗାଯାଇଛି । ପହଲଗାମ୍ ଆକ୍ରମଣକାରୀଙ୍କୁ ଆଶ୍ରୟ ଦେଇଥିବା ଅଭିଯୋଗରେ ଏନ୍‌ଆଇଏ ଜୁନ୍ ୨୨ରେ ପରଭେଜ୍ ଅହମ୍ମଦ ଓ ବଶିର ଅହମ୍ମଦକୁ ଗିରଫ କରିଥିଲା । ଚାର୍ଜସିଟ୍‌ରେ ଏହି ଦୁଇଜଣଙ୍କ ନାମ ମଧ୍ୟ ରହିଛି । ପଚରାଉଚରା ବେଳେ ( ୯ ପୃଷ୍ଠାରେ)

## ଧର୍ମଶାଳା ପୂର୍ବ ବିଧାୟକଙ୍କ ଘରେ ଭଙ୍ଗାରୁଜା

## ଘଟଣାକୁ ନବୀନଙ୍କ ନିନ୍ଦା, କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର, ୧୫ ।୧୨ (ସବ୍ୟୁ) : ଧର୍ମଶାଳାର ପୂର୍ବତନ ବିଧାୟକ ତଥା ବିଜେଡି ନେତା ପ୍ରଣବ ବଳବନ୍ତ ରାୟଙ୍କ ଘରେ ପଶି ଭଙ୍ଗାରୁଜା କରିବା ସହ ସମର୍ଥକଙ୍କ ଉପରେ ମରଣାତ୍ମକ ଆକ୍ରମଣ ଘଟଣାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିନ୍ଦା କରିଛନ୍ତି । ନବୀନ ଉଲ୍ଲେଖ କରିଛନ୍ତି ଯେ ଦିନ ଦ୍ୱିପ୍ରହରେ ଏହି ଘଟଣା ଘଟିଥିଲେ ବି ପୋଲିସ ପ୍ରଶାସନ ତଥା ସରକାର ନୀରବଦ୍ରଷ୍ଟା ସାଜିଛନ୍ତି । ଏ ପର୍ଯ୍ୟନ୍ତ କାହା ଉପରେ ବି କାର୍ଯ୍ୟାନୁଷ୍ଠାନ ନ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ରାଜ୍ୟରେ ଅରାଜକତା ଓ ଗୁଣ୍ଡାରାଜକୁ ପ୍ରଶୟ ଦେଇ ସରକାର କ'ଣ ଦର୍ଶାଇବାକୁ ଚାହୁଁଛନ୍ତି ବୋଲି ନବୀନ ପ୍ରଶ୍ନ କରିବା ସହ ଶାନ୍ତିପ୍ରିୟ ଓଡ଼ିଶାବାସୀ ଏହାକୁ କଦାପି ଗ୍ରହଣ କରିପାରିବେ ନାହିଁ ବୋଲି କହିଛନ୍ତି । ତୁରନ୍ତ ଦୋଷୀଙ୍କ ବିରୋଦରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି ।


ଅପରପକ୍ଷରେ ଏହି ଘଟଣାରେ ବିଜେଡି ନେତାମାନେ ଆଜି କେନ୍ଦ୍ରାଞ୍ଚଳ ଡିଆଇଜିଙ୍କୁ ସାକ୍ଷାତ କରିଛନ୍ତି । ବିଜେଡି ପକ୍ଷରୁ ଡିଜିପିଙ୍କ ଭୁବନେଶ୍ୱର କ୍ୟାମ୍ପ ଅଫିସରେ ଧାରଣା ଦିଆଯାଇଛି । କେନ୍ଦ୍ରାଞ୍ଚଳ ଡିଆଇଜିଙ୍କୁ ବିଜେଡି ନେତା ସଞ୍ଜୟ ଦାସବର୍ମା, ପ୍ରଣବ ପ୍ରକାଶ ଦାସ, ପ୍ରଣବ ବଳବନ୍ତରାୟ ( ୯ ପୃଷ୍ଠାରେ)

# ମୋକିମ କଂଗ୍ରେସରୁ ବହିଷ୍କୃତ

ଭୁବନେଶ୍ୱର, ୧୫ ।୧୨ (ସବ୍ୟୁ): କଟକ-ବାରବାଟିର ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍‌ଙ୍କୁ କଂଗ୍ରେସ ଦଳରୁ ବହିଷ୍କାର କରାଯାଇଛି । ଏଆଇସିସିର ଅନୁମୋଦନକ୍ରମେ ଦଳ ବିରୋଧୀ କାର୍ଯ୍ୟ ଲାଗି ତାଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରାଯାଇଥିବା ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ପିସିସି ସଭାପତି ଭକ୍ତଚରଣ ଦାସ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ ଦଳର କାର୍ଯ୍ୟଧାରାକୁ ନେଇ ଏଆଇସିସିର ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧିଙ୍କୁ ମୋକିମ୍ ଏକ ଚିଠି ଲେଖିଥିଲେ । ଏହି ଚିଠିରେ ଭକ୍ତଙ୍କ ଉପରେ ବିଶୋଦ୍‌ଗାର କରିବା ସହ ଏଆଇସିସି ସ୍ତରରେ ମଧ୍ୟ ନେତୃତ୍ୱ ପରିବର୍ତ୍ତନ ନେଇ ଉଲ୍ଲେଖ କରିଥିଲେ । ମୋକିମଙ୍କର ଏହି ଚିଠି ତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ଗତକାଲି କଂଗ୍ରେସର ରାମଲୀଳା ମୈଦାନରେ ଭୋଟ୍ ଚୋରୀ ପ୍ରସଙ୍ଗରେ ଏକ ବିଶାଳ ସମାବେଶ ପରେ ଆଜି ଦଳ ତାଙ୍କୁ ବହିଷ୍କାର କରିବା ପାଇଁ ନିଷ୍ପତ୍ତି ନେଇଛି ।

ଅପରପକ୍ଷରେ ମୋକିମଙ୍କୁ ବହିଷ୍କାର କରାଯିବା ସମ୍ପର୍କରେ ପିସିସିର ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ଗତ ୫ ଦିନ ଧରି ବିଜପିର ଭୁଲ୍ ବ୍ୟାଖ୍ୟାନ ଦିଆଯିବା ସହ ୧୪ ତାରିଖର ଦିଲ୍ଲୀ ସମାବେଶରେ ଓଡ଼ିଶାର ନେତା ଓ କର୍ମୀଙ୍କ ବ୍ୟସ୍ତତା ଯୋଗୁଁ ସ୍ପଷ୍ଟୀକରଣର ଆବଶ୍ୟକତା ରହିଛି । ଯାହା ସମ୍ଭବତଃ ଶ୍ରୀ ମୋକିମ ଚାହୁଥିଲେ, ତାହା ହିଁ ହେଲା । ସୋନିଆ ଗାନ୍ଧିଙ୍କୁ ସେ ଲେଖୁଥିବା ଚିଠିଟିକୁ ପଢ଼ନ୍ତୁ । ନିଜକୁ ସଜା କଂଗ୍ରେସ କର୍ମୀ ବୋଲାଉଥିବା ଜଣେ ରାଜନେତା ରାହୁଲ ଓ କଂରେସର ଜାତୀୟ ସଭାପତି



ମଲ୍ଲିକାର୍ଜୁନ ଖଡଗେଙ୍କୁ ବିଦ୍ରୁପ କରି ଦଳରେ ରହିବା ସମ୍ଭବ କି? ।

ଯେତେବେଳେ ସାରା ଦେଶର କଂଗ୍ରେସ ନେତା ଓ କର୍ମୀ ଦିଲ୍ଲୀର ରାମଲୀଳା ମୈଦାନଠାରେ ୧୪ ତାରିଖର 'ଭୋଟ୍ ଚୋର ଗାଦି ଛାଡ଼' ପାଇଁ ବ୍ୟାପକ ପ୍ରସ୍ତୁତିରେ ମାତିଥିଲେ ସେତେବେଳେ ବିଜେପିର ବ୍ୟାଖ୍ୟାନକୁ ଆଗକୁ ନେବା ପାଇଁ ମାତିଯିବା କେଉଁ ସଚ୍ଚୋଟ କଂଗ୍ରେସ କର୍ମୀଙ୍କ ଲକ୍ଷଣ? । ବିଜେପି ଦ୍ୱାରା ସୃଷ୍ଟ ଚକ୍ରାନ୍ତର ଅଂଶବିଶେଷ । ରାହୁଲ ୪ ହଜାର କି.ମି ଚାଲିଲେ । ସ୍ୱାଧୀନତା ପରେ କେତେ ଥର ଏପରି ଉନ୍ମାଦନା ସହ ପଦଯାତ୍ରା ହୋଇଛି ? ସମ୍ବିଧାନ ବଂଚାଅ/ଭୋଟ୍ ଚୋର ଗାଦି ଛାଡ଼ ଆଦି ପ୍ରସଙ୍ଗରେ ମୋଦୀଙ୍କୁ ହଲାପଟା କରିବା ରବିବାର ରାମଲୀଳା ମଇଦାନର ସମାବେଶର ଐତିହାସିକ ସଫଳତା । ଶ୍ରୀ ଦାସ ପୁଣି କହିଲେ, ନିଜ ଦଳର ବର୍ଷୀୟାନ ସଭାପତିଙ୍କ ପ୍ରତି ଅସୌଜନ୍ୟମୂଳକ ଟିପ୍ପଣୀ ଦେଉଥିବା ରାଜନେତାଙ୍କୁ ଆମେ ଦଳପ୍ରତି ସମର୍ପିତ କହିପାରିବା କି ।

ପିସିସି ସଭାପତି ହେଲେ ଯାଇ ଦଳରେ ରହିବେ ନ ହେଲେ ବିଦ୍ରୋହ କରିବେ, ଏଇଟା କି ପ୍ରକାର ଆନୁଗତ୍ୟ । ସବୁବେଳେ ଦଳରେ ବିଶୃଙ୍ଖଳା ସୃଷ୍ଟି ପାଇଁ ଚେଷ୍ଟା କରିଛନ୍ତି ।ରାଷ୍ଟ୍ରପତି ନିର୍ବାଚନରେ ବିଜେପି ପ୍ରାର୍ଥୀନୀଙ୍କୁ ଭୋଟ୍ ଦେବା କେଉଁ ପ୍ରକାରର ଆନୁଗତ୍ୟ । ଯେଉଁ ଦଳରୁ ସେ ଓ ପରେ ତାଙ୍କ ଝିଅ ବିଧାୟକ ହେଲେ ସେହି ଦଳକୁ ଛାଡ଼ିବା ଉଚି କି? ।

୮ ତାରିଖ ସୋନିଆଙ୍କୁ ଲେଖା ୪୮ ଘଣ୍ଟା ହୋଇନି, ମିଡିଆକୁ ଦେଇଦେଲେ । ଏଥିରୁ ବୁଝିଯିବା କଥା, ସେ ସମାଧାନ ଚାହୁଥିଲେ ନା ଦଳକୁ ଦୁର୍ବଳ କରିବାକୁ ? ନାରୀ ନ୍ୟାୟ ପ୍ରସଙ୍ଗରେ ବିଧାନସଭା ଘେରାଉ ଓ ଓଡ଼ିଶା ବନ୍ଦ, ଜୁଲାଇ ୧୧ ତାରିଖର ଭୁବନେଶ୍ୱର ସମାବେଶ - ରାହୁଲ ଗାନ୍ଧି, ଖଡଗେଜୀ ଦଳ ଉଧଉଛି, ଆଗଉଛି । ଭକ୍ତ ଦାସ ସଭିଙ୍କୁ ନେଇ ଚାଲୁଛନ୍ତି । ବିଧାନସଭା ଘେରାଉ ବେଳେ ନିଜେ ଭାଷଣ ଦେଇପାରି ନ ଥିଲେ । ପୂର୍ବରୁ ମଧ୍ୟ ମୋକିମ ବିଶୃଙ୍ଖଳିତ ଆଚରଣ ( ୯ ପୃଷ୍ଠାରେ)

## ଚାକିରି ଦେବା ନାଁରେ ୧୦ ରାଜ୍ୟରୁ ୩.୪୮ କୋଟି ଠକେଇ

ଭୁବନେଶ୍ୱର, ୧୫ ।୧୨ (ସବ୍ୟୁ) : ୧୦ ରାଜ୍ୟର ପ୍ରାୟ ଲକ୍ଷେ ପିଲାଙ୍କ ଠାରୁ ଚାକିରି ଦେବା ପ୍ରତିଶ୍ରୁତିରେ ୩.୪୮ କୋଟିରୁ ଊର୍ଦ୍ଧ୍ୱର୍ ଟଙ୍କା ଠକେଇ କରିଥିବା ଏକ ର୍ୟାକେଟ୍‌ର ଚତୁର୍ଥ ଅଭିଯୁକ୍ତକୁ କ୍ରାଇମ୍‌ବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବଲ୍ୟୁ) ଦିଲ୍ଲୀରୁ ଗିରଫ କରି ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିଛି । ଗିରଫ ଅଭିଯୁକ୍ତ ଗୌତମ




### ଆନ୍ତଃରାଜ୍ୟ ଅଭିଯୁକ୍ତ ଗିରଫ

କୁମାର ପୂର୍ବରୁ ୩ଜଣ ଅଭିଯୁକ୍ତ ଗିରଫ ହୋଇଥିଲେ । ସେମାନେ ହେଲେ ଅମିତ୍ ସିଂ, ଜଇରାମ ତିୱାରୀ ଓ ଧର୍ମପାଲ ସିଂ । ଏହି ଆନ୍ତଃରାଜ୍ୟ ଠକ ଗ୍ୟାଙ୍ଗ୍ ଓଡ଼ିଶାର ପ୍ରତି ଜିଲ୍ଲାର ପିଲାଙ୍କ ଠାରୁ ଠକେଇ କରିଛନ୍ତି ।

"ଗ୍ରାମୀଣ ରୋଜଗାର କଲ୍ୟାଣ ସଂସ୍ଥାନ' (ଜିଆର୍‌କେଏସ୍) ନାଁରେ ଜାତୀୟ ଓ ଆଞ୍ଚଳିକ ଖବରକାଗଜମାନଙ୍କରେ ବିଜ୍ଞାପନ ଦେଇ ପଞ୍ଚାୟତ ଓ ବ୍ଲକ୍‌ସ୍ତରରୁ ବିଭିନ୍ନ ବର୍ଗର କର୍ମଚାରୀ ଆବଶ୍ୟକ ବୋଲି ଦର୍ଶାଉଥିଲେ । ଏହା ଦେଖିବା ପରେ ୧୦ ଜିଲ୍ଲାର ଆଦିବାସୀ-ହରିଜନ ପିଲାଙ୍କ ପାଇଁ ୧୭୦ଟଙ୍କା ଓ ସାଧାରଣବର୍ଗ ପିଲାଙ୍କ ପାଇଁ ୩୨୦ଟଙ୍କା ଫିସ୍ ଦେବାକୁ ହେବ ବୋଲି ବିଜ୍ଞାପନରେ ଦର୍ଶାଉଥିଲେ । ବିଜ୍ଞାପନ ଦେଖିବା ପରେ ଚାକିରି ଆଶାୟୀ ବେକାର ଯୁବକ-ଯୁବତୀମାନେ ସରକାରୀ ( ୯ ପୃଷ୍ଠାରେ)

ପ୍ରତିବର୍ଷ ଡିସେମ୍ବର ୧୬କୁ ଭାରତରେ ପାଳନ ହୋଇଥାଏ ବିଜୟ ଦିବସ । ଯାହା ୧୯୭୧ରେ ହୋଇଥିବା ଭାରତ ପାକିସ୍ତାନ ଯୁଦ୍ଧରେ ଭାରତର ଐତିହାସିକ ବିଜୟକୁ ଦର୍ଶାଇଥାଏ । ସେହି ଯୁଦ୍ଧରେ ଭାରତୀୟ ସେନାର ସହିଦ ହୋଇଥିବା ଯୋଦ୍ଧାଙ୍କ ସ୍ମୃତିରେ ଏହି ଦିବସକୁ ପାଳନ କରାଯାଇଥାଏ । ୧୯୭୧ ଡିସେମ୍ବର ୩ରେ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ୧୩ ଦିନ ଧରି ଚାଲିଥିଲା । ଯେଉଁଥିରେ ପାକିସ୍ତାନ ବିରୋଧରେ ଭାରତର ବିଜୟ ହୋଇଥିଲା । ଏହାକୁ ଭାରତର ଯୁଦ୍ଧ ଇତିହାସରେ ଏକ ଐତିହାସିକ ବିଜୟ ଭାବେ ଗଣା ଯାଇଥାଏ । ଏହି ଦିନ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସହିଦ ସୈନିକମାନଙ୍କୁ ସମ୍ମାନ ଜଣାଇବା ସହିତ ସ୍ମୃତି ଚାରଣ କରାଯାଇଥାଏ ।




## ୫ ଦିନ ଧରି କାନ୍ଦିଲେ ମହିଳା



ନିକଟରେ ଉତ୍ତରାଖଣ୍ଡରେ ମହିଳାମାନେ ୪ଦିନ ଧରି କାନ୍ଦିଛନ୍ତି । ଏହାର କାରଣ ସେମାନେ ସେମାନଙ୍କର ଆରାଧ୍ୟ ଦେବତାଙ୍କୁ ୫ବର୍ଷ ପାଇଁ ବିଦାୟ ଦେଇଛନ୍ତି । ଏହି ବିଦାୟ ଦେବାପରେ ଏହି ମହିଳାମାନେ ଖୁବ କାନ୍ଦୁଥିବାର ଦେଖିବାକୁ ମିଳିଥିଲା । ସୂଚନା ଅନୁସାରେ ୮ଡିସେମ୍ବରରେ ଚାଲଦା ମହାସୁ ମହାରାଜ ଦସଉ ମନ୍ଦିରରୁ ଏକ ଯାତ୍ରାରେ ବାହାରଥିଲେ, ଯାହାପରେ ମହିଳାମାନେ ଏକତ୍ରିତ ହୋଇ କାନ୍ଦିବାକୁ ଲାଗିଲେ । ଏହି ସମୟରେ ୬୦ ହଜାରରୁ ଅଧିକ ଲୋକ ଏକତ୍ରିତ ହୋଇ ଦେବତାଙ୍କର ଦର୍ଶନ କରିଥିଲେ । ସୂଚନା ଅନୁସାରେ ଏହି ଚାଲଦା ମହାସୁ ମହାରାଜ ହେଉଛନ୍ତି ହିମାଚଳ ଓ ଉତ୍ତରାଖଣ୍ଡର ହଜାର ହଜାର ଲୋକଙ୍କର ଆରାଧ୍ୟ ଦେବତା । ବର୍ତ୍ତମାନ ସେ ପାଞ୍ଚବର୍ଷ ପାଇଁ ସିରମୌରର ପଶ୍ଚିମୀ ମନ୍ଦିରରେ ରହିବେ ।

## ଇତିହାସ

୧୯୨୦– ଚୀନ୍‌ରେ ହୋଇଥିବା ଭୂକମ୍ପରେ ୧ ଲକ୍ଷରୁ ଅଧିକ ଲୋକଙ୍କ ପ୍ରାଣହାନୀ ।
୧୯୨୯– କୋଲକାତା ବିଦ୍ୟୁତ୍ ଯୋଗାଣ ନିଗମ ହୁଗୁଳି ନଦୀ ମଧ୍ୟରେ କେନାଲ ଖନନ ଆରମ୍ଭ କଲା ।
୧୯୫୧– ହାଇଦ୍ରାବାଦରେ ସାଲାର ଯୁଦ୍ଧ ସଂଗ୍ରହାଳୟର ସ୍ଥାପନା କରାଗଲା ।
୧୯୭୧– ପରମବୀର ଚକ୍ର ସମ୍ମାନିତ ଭାରତୀୟ ସୈନିକ ସେକେଣ୍ଡ ଲେଫ୍ଟନାଣ୍ଟ ଅରୁଣ କ୍ଷେତ୍ରପାଳଙ୍କ ଦେହାନ୍ତ ।
୧୯୮୫– ତାମିଲନାଡୁର କଲପକ୍କମ୍‌ରେ ପ୍ରଥମ ଫାଷ୍ଟ ବ୍ରିଡର ଟେଷ୍ଟ ରିଆକ୍ଟର ବା ଏଫ୍‌ବିଟିଆର୍ ସ୍ଥାପନା ।
୧୯୯୩– ନୂଆଦିଲ୍ଲୀରେ ସମସ୍ତଙ୍କ ପାଇଁ ଶିକ୍ଷା ସମ୍ମିଳନୀ ଆରମ୍ଭ ।
୨୦୦୨– ପ୍ରସିଦ୍ଧ ଭାରତୀୟ ମହିଳା କୱାଲୀ କଣ୍ଠଶିଳ୍ପୀ ଶକୀଲା ବାନୋଙ୍କ ପରଲୋକ ।
୨୦୧୪– ପାକିସ୍ତାନରେ ପେଶାୱରର ଏକ ସ୍କୁଲରେ ତେହେରିକ-ଏ-ତାଲିବାନ ଆକ୍ରମଣରେ ୧୪୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏଥିରେ ସର୍ବାଧିକ ସ୍କୁଲ ଛାତ୍ର ସାମିଲ ଥିଲେ ।

## ସୋସିଆଲ କୋଟ୍ସ



"ବାଇକ ଚଳାଇବା ବେଳେ ହେଲମେଟ ପିନ୍ଧିବାର ଆବଶ୍ୟକତା ରହିଛି । ମୁଁ ମୋର ଭୁଲ ମାନୁଛି, ଆଗକୁ ଏଥିପ୍ରତି ଦୃଷ୍ଟି ଦେବି । ସବୁବେଳେ ହେଲମେଟ ପିନ୍ଧି ବାଇକ ଚଳାଇବି ।
ସୋହେଲ ଖାନ୍, ଅଭିନେତା



"ସମ୍ମୀ କପୁର ମୋତେ ଏକାଧିକ ଭାଷାରେ ପ୍ରେମ ନିବେଦନ କରିଥିଲେ, ଯାହାକୁ ମୁଁ କିଛି ବି ବୁଝି ପାରିନଥିଲି । ଏହା ଏକ ଭିନ୍ନ ପ୍ରକାରର ପ୍ରେମ ନିବେଦନ ଥିଲା ।
ବୀନା ରମାନୀ, ଲେଖିକା



"ଜଣଙ୍କ ବିଷୟରେ ଲେଖିବା ଆଗରୁ ସମସ୍ତ ତଥ୍ୟ ସଂଗ୍ରହ କରନ୍ତୁ । ଜୟଙ୍କର ସେ ହେଉଛନ୍ତି ସମ୍ପର୍କୀୟ ଭଉଣୀ । ଅନ୍ୟ ବିଷୟରେ ଏଭଳି ମନଇଚ୍ଛା ଲେଖନ୍ତୁ ନାହିଁ ।
ଆରତୀ ସିଂ, ଅଭିନେତ୍ରୀ

## ହୁମାଙ୍କ ସମର୍ଥନ



ଅଭିନେତ୍ରୀ ହୁମା କୁରେସି ବର୍ତ୍ତମାନ ନିଜ ବୟାନ ପାଇଁ ଖୁବ ଚର୍ଚ୍ଚାରେ ଅଛନ୍ତି । ନିକଟରେ ପାପରାଜି ବା ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଜୟା ବଚ୍ଚନ ଦେଇଥିବା ମନ୍ତବ୍ୟ ସବୁଆଡେ ଖୁବ ଚର୍ଚ୍ଚାର ବିଷୟ ପାଲଟିଥିଲା । ଜୟାଙ୍କ ମତରେ ପାପରାଜିମାନେ ଅସଲ ସାମ୍ବାଦିକ ନୁହନ୍ତି । ଏମାନେ ଖରାପ ପୋଷାକ ପିନ୍ଧିବା ସହିତ ହାତରେ ମୋବାଇଲ ଧରି ସବୁବେଳେ ଅନ୍ୟମାନଙ୍କ ଫଟୋ ଉଠାଇବା ପାଇଁ ବ୍ୟସ୍ତ ଥାଆନ୍ତି । ଏମାନଙ୍କୁ ସାମ୍ବାଦିକରେ ଗଣା ଯିବନାହିଁ ବୋଲି ଜୟା ମତ ରଖିଥିଲେ । ହେଲେ ହୁମା ଜୟାଙ୍କ ବିପକ୍ଷରେ ମତ ଦେଇଛନ୍ତି । ହୁମାଙ୍କର ପାପରାଜିଙ୍କ ସହିତ ଖୁବ ଭଲ ସମ୍ପର୍କ ଅଛି ବୋଲି ସେ କହିଛନ୍ତି । ସେହିଭଳି ଜଣେ ସେଲିବ୍ରିଟି ହିସାବରେ ଏହା ମଧ୍ୟ ଖୁବ ଜରୁରୀ ବୋଲି ହୁମା କହିଛନ୍ତି । ଏହାସହ ଯେତେବେଳେ ଆବଶ୍ୟକତା ପଡିଥାଏ ହୁମା ନିଜେ ପାପରାଜିଙ୍କୁ ଡାକି ଥାଆନ୍ତି ବୋଲି କହିଛନ୍ତି । ଯେତେବେଳେ ସେଲିବ୍ରିଟିଙ୍କୁ ନିଜର କୌଣସି ପ୍ରୋଜେକ୍ଟ ପ୍ରମୋଟ କରିବାର ହୁଏ ଏବଂ ନିଜ ବ୍ୟକ୍ତିଗତ ଜୀବନର କିଛି ଅଂଶ ଲୋକଙ୍କୁ ଦେଖେଇବାକୁ ଇଚ୍ଛା ହୁଏ ସେତେବେଳେ ସେମାନେ ପାପରାଜିଙ୍କୁ ଡାକିଥାଆନ୍ତି ବୋଲି ହୁମା ମତ ଦେଇଛନ୍ତି । ତେଣୁ କେବେହେଲେ ବି ସବୁ ଦୋଷ ସେମାନଙ୍କର ନୁହେଁ । ସେହିଭଳି ଯେଉଁ ଫଟୋକୁ ଆମେ ମନାକରୁ ପୋଷ୍ଟ କରନ୍ତୁ ନାହିଁ ବୋଲି ସେମାନେ ଏହି କଥାକୁ ମଧ୍ୟ ଶୁଣନ୍ତି ଏବଂ ଫଟୋ ପୋଷ୍ଟ ମଧ୍ୟ କରନ୍ତି ନାହିଁ । ତେଣୁ ତାଙ୍କର ପାପରାଜିଙ୍କ ସହ ଖୁବ ଭଲ ସମ୍ପର୍କ ବୋଲି ସେ କହିଛନ୍ତି । ଏହାସହ ପାପାରାଜିଙ୍କର ନକରାତ୍ମକ ଦିଗରେ ମଧ୍ୟ ହୁମା ଏହି ସାକ୍ଷାତକାରରେ କଥା ହୋଇଛନ୍ତି । ବେଳେବେଳେ ସେମାନେ ଏଭଳି ପ୍ରଶ୍ନ ପଚାରନ୍ତି ଯାହା ବ୍ୟକ୍ତିଗତ ଜୀବନକୁ ନେଇ ଥାଏ, ଯାହା ଉଚିତ ନୁହେଁ ।

## ମଣିଷ ପାଲଟୁଛି ଭାଲୁ !



ଉତ୍ତର ପ୍ରଦେଶର କିଛି ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଉତ୍ତର ପ୍ରଦେଶର ବିଜନୌରରେ ନିକଟରେ କୃଷକମାନେ ଭାଲୁ ପୋଷାକରେ ବୁଲୁଥିବାର ଦେଖିବାକୁ ମିଳୁଛି । ତେବେ ଏଭଳି କରିବା ପଛରେ ମାଙ୍କଡମାନଙ୍କର ଭୂମିକା ରହିଛି । ସୂଚନା ଅନୁସାରେ ଏଠାରେ କିଛି ସମୟ ହେଲା ମାଙ୍କଡମାନେ କୃଷକଙ୍କ ଫସଲ ନଷ୍ଟ କରୁଛନ୍ତି, ଯାହାକୁ ରୋକିବାକୁ କୃଷକମାନେ ଏଭଳି ପଦକ୍ଷେପ ନେଇଛନ୍ତି । ସମସ୍ତେ ପଇସା ଏକାଠି କରି ଭାଲୁର ପୋଷାକ ପ୍ରସ୍ତୁତ କରି ପିନ୍ଧୁଛନ୍ତି । ଏହି ଡ୍ରେସକୁ ସେମାନେ ପାଳିକରି ଜଣେଜଣେ ପିନ୍ଧି ଫସଲକୁ ଜଗୁଛନ୍ତି, ଯାହାର ଭିଡିଓ ନିକଟରେ ସୋସିଆଲ ମିଡିଆରେ ଖୁବ ଭାଇରାଲ ହୋଇଛି । ସେହିଭଳି ଏହି ପ୍ରକ୍ରିୟା ଖୁବ ଉପକାରୀ ସାବସ୍ତ୍ୟ ହୋଇଛି । ଭାଲୁ ଭୟରେ ମାଙ୍କଡମାନେ ବର୍ତ୍ତମାନ ଆଉ କୃଷିକ୍ଷେତକୁ ନଷ୍ଟ କରୁନାହାନ୍ତି, ଯାହା ଫଳରେ ସେମାନଙ୍କର ଫସଲ ବର୍ତ୍ତମାନ ସୁରକ୍ଷିତ ଅଛି । ଏହିପରି ଭାବେ ଅନେକ ଦିନ ହେଲା ସେମାନେ ନିଜର ଫସଲକୁ ସୁରକ୍ଷା ଦେଇଆସୁଛନ୍ତି ।

## ବିବାହ ପୂର୍ବରୁ ଭଙ୍ଗାଯାଏ ଦାନ୍ତ

ସାଧାରଣତଃ ବିବାହ ପୂର୍ବରୁ ସମସ୍ତେ କନ୍ୟାଙ୍କୁ ସଜାଇଥାଆନ୍ତି, କିନ୍ତୁ ଚୀନରେ ଏକ ଅଜବ ପରମ୍ପରା ରହିଛି । ଏହି ପରମ୍ପରା ଅନୁସାରେ ବିବାହ ପୂର୍ବରୁ କନ୍ୟାମାଙ୍କର ଦାନ୍ତକୁ ହାତୁଡିରେ ବାଡେଇ ଭଙ୍ଗା ଯାଇଥାଏ। ଚୀନରେ ବିବାହର ଠିକ ପୂର୍ବରୁ କନ୍ୟାମାନଙ୍କର ଗୋଟିଏ କିମ୍ବା ଦୁଇଟି ଦାନ୍ତକୁ ହାତୁଡିରେ ଭଙ୍ଗା ଯାଇଥାଏ । ଏହି ପ୍ରଥା ଗୋଲାଓ ଜନଜାତି ସମୂହଙ୍କର ଖୁବ ପୁରୁଣା ପରମ୍ପରା । ଏଭଳି କି ଯେଉଁ ସ୍ଥାନରୁ ଦାନ୍ତ ଭଙ୍ଗାଯାଇଥାଏ, ସେହି ସ୍ଥାନରେ କୁକୁରର ଦାନ୍ତ ଲଗାଯାଇଥାଏ । ଏହି ପ୍ରଜାତିର ଏକ ଅନ୍ଧବିଶ୍ୱାସ ରହିଛି କନ୍ୟା ସହିତ ଏହି ପରମ୍ପରା କରାନଗଲେ ବରର ପରିବାର ସହିତ କିଛି ନା କିଛି ସମସ୍ୟା ହେବ । ଏହି ପ୍ରଥା ପାଳନ କରିବା କନ୍ୟାର ମାମୁଁଙ୍କୁ ସମ୍ମାନ ସହିତ ଘରକୁ ଡକା ଯାଇଥାଏ । କନ୍ୟାର ମାମୁଁ ଗୋଟିଏ ଛୋଟ ହାତୁଡିରେ କନ୍ୟାର ମୁହଁରୁ ଏହି ଦାନ୍ତକୁ ଭାଙ୍ଗିଥାଆନ୍ତି । ଯାହାପରେ ଦାନ୍ତ ମାଢିରେ ଏକ ସ୍ୱତନ୍ତ୍ର ଔଷଧର ଲେପ ଦିଆଯାଇଥାଏ । ତେବେ ବର୍ତ୍ତମାନ ଧୀରେ ଧୀରେ ଏହି ଅନ୍ଧବିଶ୍ୱାସ ବନ୍ଦ ହୋଇ ଗଲାଣି ।

### ହାହାଃ.. ହାହାଃ..

ଶିକ୍ଷକ : ସ୍ୱଚ୍ଛ ପଦାର୍ଥ କହିଲେ କଣ ବୁଝ ?
ଛାତ୍ର : ସ୍ୱଚ୍ଛ ମାନେ ଯାହା ଭିତର ଦେଇ ଆମେ ଦେଖିପାରିବା ।
ଶିକ୍ଷକ : ଉଦାହରଣ ଦିଅ ।
ଛାତ୍ର : ଝରକା ... ।






ପୌଷମାସ, କୃଷ୍ଣପକ୍ଷ ଦ୍ୱାଦଶୀ, ତା୧୬-୧୨-୨୦୨୫ ମଙ୍ଗଳବାର (ଧନୁ ସଂକ୍ରାନ୍ତି)



ପଣ୍ଡିତ– ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

**ମେଷ–** ସମସ୍ତ କାର୍ଯ୍ୟେ ଖୁସି, ଧନବୃଦ୍ଧି, ମୂଲ୍ୟବାନ ପଦାର୍ଥ ପାଇଁ ଆଲୋଚନା, ବାଣିଜ୍ୟରେ ଉନ୍ନତି, ପାରିବାରିକ ଶାନ୍ତି, ଉଚ୍ଚଆଶା ପୂର୍ଣ୍ଣରେ ବିଳମ୍ବ, ଶାରୀରିକ ସୁସ୍ଥତା, ଶତ୍ରୁ ପରାଜିତ, କ୍ଷମତାଶାଳୀ ବ୍ୟକ୍ତିଙ୍କ ସହାୟତା, ଗୃହରେ ପୂଜାପାଠ, ଖୁସି, ଅଶ୍ୱିନୀ ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ଧଳା, ସଂଖ୍ୟା–୫, ଆରାଧନା–ହନୁମାନ ।

**ବୃଷ–** ସୁସମ୍ପର୍କ ବୃଦ୍ଧି, ପାରିବାରିକ ଖୁସି, ଶାରୀରିକ ଅସୁସ୍ଥତା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶତ୍ରୁ ପରାଜିତ, ସ୍ୱାଦିଷ୍ଟ ଭୋଜନ, ଦୂରସ୍ଥାନ ଯାତ୍ରା, କର୍ମସ୍ଥାନରେ ବାଧା ଦୂର, ବଚନେ ମଧୁରତା, ଧାର୍ମିକ କାର୍ଯ୍ୟରେ ଆଗ୍ରହ, ଦ୍ରବ୍ୟଲାଭ, ଗାଡ଼ିମୋଟର ଚାଳନାରେ ସାବଧାନ, କୃତ୍ତିକା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ– ନୀଳ, ସଂଖ୍ୟା–୯, ଆରାଧନା–ଶ୍ରୀ ବିଷ୍ଣୁ ।

**ମିଥୁନ–** କ୍ଳେଶ ବୃଦ୍ଧି, ପରିବାରରେ ମନାନ୍ତର, ସ୍ୱଜନରେ ବିବାଦ, ସହକର୍ମୀଙ୍କ ସହ ବିବାଦ, ଅଳ୍ପ ଲାଭ, ଶିକ୍ଷାରେ ଅବନତି, କର୍ମକ୍ଷେତ୍ରେ ଅଳ୍ପ ସଫଳତା, ବନ୍ଧୁ ଗୃହକୁ ଯାତ୍ରା, ବ୍ୟବସାୟରେ ଲାଭ, ଈଶ୍ୱର ଭକ୍ତି, ସାମାଜିକ କାର୍ଯ୍ୟରେ ଅପମାନିତ, ମୃଗଶିରା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ଧଳା, ସଂଖ୍ୟା–୩, ଆରାଧନା–ଶ୍ରୀରାମ ।

**କର୍କଟ–** ଯାନବାହନ କ୍ରୟ, ଲାଭ ମଧ୍ୟମ, ପରିବାରରେ ସହଯୋଗ, ବନ୍ଧୁ ଦର୍ଶନ, ତୀର୍ଥଯାତ୍ରା, ସ୍ୱଜନ ବିରୋଧ, ଅଳସୁଆ ଭାବ, ବ୍ୟବସାୟରେ ମାନ୍ଦାବସ୍ଥା, ଶତ୍ରୁ ଲାଗିରହିବେ, ସ୍ୱାଦିଷ୍ଟ ଭୋଜନ, ଗୃହରେ ଉତ୍ସବ, ମହତ ବ୍ୟକ୍ତିଙ୍କ ସାନିଧ୍ୟ ଲାଭ, ପୁନର୍ବସୁ ନକ୍ଷତ୍ର ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ନାଲି, ସଂଖ୍ୟା–୯, ଆରାଧନା ଭଗବାନ ଶଙ୍କର ।

**ସିଂହ–** ବ୍ୟବସାୟରେ ଲାଭ, ଉଚ୍ଚସମ୍ମାନ, ଶୁଭକାର୍ଯ୍ୟରେ ଖର୍ଚ୍ଚ, ଶୁଭଖବର, ଶତ୍ରୁ ପରାଭବ, ଦୂରଦୃଷ୍ଟି ଅଭାବ, କର୍ମକ୍ଷେତ୍ରେ ଅଳ୍ପ ଲାଭ, ମନରେ ସତ୍‌ଚିନ୍ତା, ବନ୍ଧୁଗୃହକୁ ଯାତ୍ରା, ଶାରୀରିକ ସୁସ୍ଥତା, ଲୋକସମ୍ପର୍କ ବୃଦ୍ଧି, ଉତ୍ସବ ପାଇଁ ଚିନ୍ତା, କିଣାକିଣି କରି ଖୁସି ରହିବେ, ମଘା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ଧଳା, ସଂଖ୍ୟା–୬, ଆରାଧନା–ଶ୍ରୀଜଗନ୍ନାଥ ।

**କନ୍ୟା–** ଶୁଭକାର୍ଯ୍ୟ, ଅର୍ଥବ୍ୟୟ, ପାରିବାରିକ ଅଶାନ୍ତି, ଆଶାପୂର୍ଣ୍ଣରେ ବିଳମ୍ବ, କର୍ମକ୍ଷେତ୍ରେ ବାଧା, ମନରେ ଅସ୍ଥିରତା, ମୂଲ୍ୟବାନ ପଦାର୍ଥ ନଷ୍ଟ, ଅଯଥା ଖର୍ଚ୍ଚ, ବ୍ୟବସାୟରେ ସ୍ୱଳ୍ପ ଲାଭ, ପଡ଼ୋଶୀ କଳହ, ଶରୀର ସୁସ୍ଥ, ବିଦ୍ୟାରେ ଅଳ୍ପ ଲାଭ, ବନ୍ଧୁଗୃହେ ଅପମାନ, ହସ୍ତା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ସବୁଜ, ସଂଖ୍ୟା–୨, ଆରାଧନା– ମା ବଗଳାମୁଖି ।

**ତୁଳା–** ଅର୍ଥଲାଭ, ସମ୍ମାନ ବୃଦ୍ଧି, ବନ୍ଧୁ ଦର୍ଶନ, ବାଣିଜ୍ୟେ ଲାଭ, ଆମୋଦ ପ୍ରମୋଦ, ଯାନ୍ତ୍ରିକ ସମସ୍ୟା, ଶତ୍ରୁଙ୍କ ସହଯୋଗ, ଶାରୀରିକ ସୁସ୍ଥତା, ପରିବାରରେ ସହଯୋଗ, ତୀର୍ଥାଟନ, ଅତିଥି ଆଗମନ, ଲକ୍ଷ୍ମୀଙ୍କ ଶୁଭଦୃଷ୍ଟି, ପିଲାଙ୍କ କାର୍ଯ୍ୟରେ ଖୁସି, ବିଶାଖା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ଧଳା, ଅଙ୍କ–୪, ଆରାଧନା– ଭଗବାନ ଶିବ ।

**ବିଛା–** ଅପମାନିତ, ଦୂରଦୃଷ୍ଟି ଅଭାବ, ସମସ୍ୟା ରହିବ, ଅଯଥା ଖର୍ଚ୍ଚ, ବାଣିଜ୍ୟରେ ଲାଭ, ବନ୍ଧୁଗୃହରେ କଳହ, ପରିବାରରେ ସହଯୋଗ, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ଅଳ୍ପଲାଭ, ନୂଆ ବ୍ୟବସାୟ, ଆର୍ଥିକ ସ୍ୱଚ୍ଛଳ, ଅତିଥି ଆଗମନ, ବିଶାଖା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ହଳଦୀ, ସଂଖ୍ୟା–୩, ଆରାଧନା–ପ୍ରଭୁ ନୃସିଂହ ।

**ଧନୁ–** ନୂତନ ନିଯୁକ୍ତି, ବ୍ୟବସାୟରେ ଉନ୍ନତି, ପାରିବାରିକ ସୁଖ, କର୍ମକ୍ଷେତ୍ରେ ଲାଭ, ଅଳ୍ପ ବିପଦ, ବନ୍ଧୁଲାଭ, ଶତ୍ରୁ ପରାଜିତ, ସ୍ୱାଦିଷ୍ଟ ଭୋଜନ, ଶାରୀରିକ ସୁସ୍ଥତା, ବିଦେଶ ଯାତ୍ରା, ଗାଡ଼ିଚାଳନାରେ ସାବଧାନ, ଖୁସି ରହିବେ, ମୂଳା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ହଳଦୀ, ସଂଖ୍ୟା–୨, ଆରାଧନା–ମା ଭଗବତୀ ।

**ମକର–** କର୍ମେ ସୁଖ, ମାତ୍ର ଘାତବାର ହେତୁ କାର୍ଯ୍ୟ ବିଳମ୍ବ, ମନରେ ଉତ୍ସାହ, ବ୍ୟବସାୟରେ ସଫଳତା, ପାରିବାରିକ ଖୁସି, ନୂତନ ସମ୍ପର୍କ ସ୍ଥାପନ, ଶୁଭକାର୍ଯ୍ୟେ ଧନବ୍ୟୟ, ଉଚ୍ଚଆଶାରେ ବିଫଳ, ଶତ୍ରୁ ପିଡ଼ା, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ବାଇଗଣୀ, ସଂଖ୍ୟା–୩, ଆରାଧନା– ମା ଶାରଳା ।

**କୁମ୍ଭ–** ଗୁରୁଜନଙ୍କ ସହ ବିବାଦ, ମାନସିକ ଅସ୍ଥିରତା, ବାକି ଅର୍ଥ ପ୍ରାପ୍ତି, ସୁସମାଚାର, ଶତ୍ରୁ କଷ୍ଟ, ଶାରୀରିକ ଅସୁସ୍ଥତା, ବ୍ୟବସାୟ ମଧ୍ୟମ, ପରିଶ୍ରମ ବୃଦ୍ଧି, ବିଦେଶ ଭ୍ରମଣ, ମୂଲ୍ୟବାନ ପଦାର୍ଥ ନଷ୍ଟ, ଧନିଷ୍ଠା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ନୀଳ, ସଂଖ୍ୟା–୭, ଆରାଧନା ପ୍ରଭୁ ଶନିଦେବ ।

**ମୀନ–** ଆଘାତପ୍ରାପ୍ତି, ବାଦବିବାଦ, ଶାରୀରିକ ପୀଡ଼ା, ବ୍ୟବସାୟରେ ସାମାନ୍ୟ ଲାଭ, କାର୍ଯ୍ୟରେ ସତର୍କ, ମାଲିମୋକଦ୍ଦମାରେ ପଡ଼ିପାରନ୍ତି, ଗୃହଶତ୍ରୁ ରହିବେ, ବନ୍ଧୁଠାରୁ ଲାଭରେ ବିଳମ୍ବ, ବିବାଦିତ ହେବେ, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ହଳଦୀ, ସଂଖ୍ୟା–୪, ଆରାଧନା–ହନୁମାନ ।

# ରାଜ୍ୟପାଳଙ୍କ ଏଡିସି ଭାବେ ନିଯୁକ୍ତ ହେଲେ ନୌସେନା ଅଧିକାରୀ ଲେଫ୍ଟନାଣ୍ଟ ହର୍ଷିତ ଦେଓ



ଭୁବନେଶ୍ୱର, (ସବ୍ୟୁ): ନୌସେନା ଅଧିକାରୀ ଲେଫ୍ଟନାଣ୍ଟ ହର୍ଷିତ ଦେଓ ସୋମବାର ଦିନ ଓଡ଼ିଶା ରାଜ୍ୟପାଳଙ୍କ ଏଡିସି ଭାବେ ନିଯୁକ୍ତ ହୋଇଛନ୍ତି । ଲୋକ ଭବନରେ ଆୟୋଜିତ ଆନୁଷ୍ଠାନିକ ନିଯୁକ୍ତି ଉତ୍ସବରେ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଲେଫ୍ଟନାଣ୍ଟ ହର୍ଷିତ ଦେଓଙ୍କୁ ଏହି ସମ୍ମାନଜନକ ପଦବୀ ପ୍ରଦାନ କରିଛନ୍ତି। ଆଇଏନଏସ୍ ଆଦିତ୍ୟରେ ଡବ୍ଲୁକେଓ (ୱାଚ୍ କିପିଂ ଅଫିସର) ଭାବେ କାର୍ଯ୍ୟ କରିଥିବା ଲେଫ୍ଟନାଣ୍ଟ ଦେଓ ଏହି ନୂଆ ଦାୟିତ୍ୱରେ ଯୋଗ ଦେଇଛନ୍ତି। ଲେଫ୍ଟନାଣ୍ଟ ଦେଓ ପ୍ରତିଷ୍ଠିତ ନ୍ୟାସନାଲ ଡିଫେନ୍ସ ଏକାଡେମୀ (ଏନଡିଏ)ର ପ୍ରାକ୍ତନ ଛାତ୍ର ଏବଂ ଆପ୍ଲାଇଡ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନରେ ବି.ଟେକ୍ ଡିଗ୍ରୀ ହାସଲ କରିଛନ୍ତି।

୨୦୨୨ ମେ ମାସରେ ଆଇଏନଏସ୍ ଚିଲ୍କାରେ ସବ୍-ଲେଫ୍ଟନାଣ୍ଟ (ଆଫ୍ଲୋଟ୍) ପର୍ଯ୍ୟାୟ ସମ୍ପୂର୍ଣ୍ଣ କରିବା ପରେ ଲେଫ୍ଟନାଣ୍ଟ ଦେଓ ଏସଏଲଟି (ଏକ୍ସ) ଟେକ୍ କୋର୍ସ କରିଥିଲେ ଏବଂ ଏହା ପରେ ୨୦୨୩ ଏପ୍ରେଲ ମାସରେ ୱାଚ୍ କିପିଂ ଡ୍ୟୁଟି ପାଇଁ ଆଇଏନଏସ୍ ଆଦିତ୍ୟରେ ନିଯୁକ୍ତ ହୋଇଥିଲେ। ୨୦୨୩ ଡିସେମ୍ବରରେ ସେ ଆଇଏନଏସ୍ ଆଦିତ୍ୟରେ ୱାଚ୍ କିପିଂ ଅଫିସର ଭାବେ ନିଯୁକ୍ତ ହୋଇଥିଲେ। ନିଜର କାର୍ଯ୍ୟକାଳ ମଧ୍ୟରେ ଲେଫ୍ଟନାଣ୍ଟ ଦେଓ ଏକାଧିକ ଫ୍ଲିଟ୍ ଡିପ୍ଲୟମେଣ୍ଟ ଏବଂ ଅନ୍ତର୍ଜାତୀୟ ନୌସେନା ଅଭ୍ୟାସରେ ଭାଗ ନେଇ ମୂଲ୍ୟବାନ ଅପରେସନାଲ ଅଭିଜ୍ଞତା ହାସଲ କରିଛନ୍ତି। ଲେଫ୍ଟନାଣ୍ଟ ଦେଓ ଉତ୍ତରାଖଣ୍ଡ ରାଜ୍ୟ ଅଧିନସ୍ଥ ଚମ୍ପାୱତ ଜିଲ୍ଲାର ଲୋହାଘାଟର ସ୍ଥାନୀୟ ବାସିନ୍ଦା ଏବଂ ଅବସରପ୍ରାପ୍ତ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସରକାରୀ ଶିକ୍ଷକ ନରେଶ ଦେଓଙ୍କ ପୁତ୍ର ଅଟନ୍ତି । ଲେଫ୍ଟନାଣ୍ଟ ଦେଓ ନିଜର ଉତ୍ତମ ଶୈକ୍ଷିକ ପୃଷ୍ଠଭୂମି ଏବଂ ପେଶାଦାର ନୌସେନା ଅଭିଜ୍ଞତା ସହିତ ଏହି ନୂଆ ଦାୟିତ୍ୱରେ ଯୋଗ ଦେଇଛନ୍ତି। ଭାରତୀୟ ନୌସେନା ଏବଂ ରାଜ୍ୟ ପୋଲିସର ଦୁଇ ଜଣ ଏଡିସି ଓଡ଼ିଶା ରାଜ୍ୟପାଳଙ୍କୁ ସହଯୋଗ କରିଥାନ୍ତି ଓ ବର୍ତ୍ତମାନ ରାଜ୍ୟ ପୋଲିସର ଆଇପିଏସ୍ ଅଧିକାରୀ କୁଳଦୀପ ମୀନା ରାଜ୍ୟପାଳଙ୍କ ଅନ୍ୟତମ ଏଡିସି ଭାବେ କାର୍ଯ୍ୟରତ ଅଛନ୍ତି।

## ଅଜଣା ଗାଡି ଧକ୍କାରେ ବାଇକ ଆରୋହୀ ମୃତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା ଅନ୍ତର୍ଗତ ଭୀମଖୋଜ ନିକଟରେ ଏକ ଅଜଣା ଗାଡି ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଯାଇଛି। ଅନ୍ୟଜଣେ ଆହତ ହୋଇଥିବା ଜଣାପଡିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି। ଜବତ ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ସମ୍ବଲପୁର ସହର ଠାକୁରପଡାରେ ରହୁଥିବା ପ୍ରଦ୍ୟୁମ୍ନ ନାୟକ(୩୬) ଫଳରେ ତାଙ୍କୁ ଗୁରୁତର ଅବସ୍ଥାରେ ଯୁଯୋମୁରା ଚିକିତ୍ସାଳୟକୁ ଅଣାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।




ପୁରୀ ଟାଉନ ଥାନା ପୋଲିସ ଦ୍ୱାରା ୫୦ ଗ୍ରାମରୁ ଉର୍ଦ୍ଧ୍ୱ ବେଆଇନ ବ୍ରାଉନ ସୁଗାର ବିକ୍ରି ଅଭିଯୋଗରେ ଗିରଫ ହୋଇ ଡ୍ରଗସ ସପ୍ଲାଅର ଓ ଅନ୍ୟ ୨ ନିଶା ବେପାରୀ

# ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକ ସମ୍ମାନିତ

କଟକ, (ସବ୍ୟୁ): ପ୍ରଯୁକ୍ତିବିଦ୍ୟାର ଦ୍ରୁତ ବିକାଶ ସତ୍ତ୍ୱେ ପ୍ରୁଫ୍-ସଂଶୋଧନ ଉପରେ ଗୁରୁତ୍ୱ ଦିଆଯାଉ ନଥିବାରୁ ଓଡ଼ିଆ ଭାଷାରେ ନିର୍ଭୁଲ ଭାବରେ ପ୍ରକାଶିତ ପୁସ୍ତକ ଦୃଷ୍ଟିଗୋଚର ହେଉନାହିଁ। ବ୍ୟବସାୟ ପ୍ରତିଷ୍ଠାନରେ ଲାଗିଥିବା ନାମଫଳକ ଏବଂ ସଭା ଓ ଶୋଭାଯାତ୍ରାରେ ବ୍ୟବହୃତ ବ୍ୟାନରରେ ମଧ୍ୟ ବର୍ଣ୍ଣାଶୁଦ୍ଧି ପରିଲକ୍ଷିତ ହେଉଛି। ଓଡ଼ିଆ ଭାଷାକୁ ତ୍ରୁଟିଶୂନ୍ୟ କରିବାକୁ ହେଲେ ପ୍ରୁଫ୍-ସଂଶୋଧନର ଗୁରୁତ୍ୱ ସମାଜ ଆଗରେ ଉପସ୍ଥାପନ କରିବା ଆବଶ୍ୟକ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଅଧ୍ୟାପିକା ନୀହାରିକ ଦାସ ସ୍ମୃତି ନ୍ୟାସ ତରଫରୁ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଗାନ୍ଧି ଭବନଠାରେ ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକଙ୍କୁ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ଡକ୍ଟର ଶଚୀନ୍ଦ୍ର ରାଉଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀନାରାୟଣ ସାହୁ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର କମଳ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି ଓ ସ୍ୱନାମଧନ୍ୟ ସାହିତ୍ୟିକ ବୈଷ୍ଣବ ଚରଣ ମହାନ୍ତି ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଚଳିତବର୍ଷ ପାଇଁ ଭୁବନେଶ୍ୱରର ପ୍ରଭାତ ରଞ୍ଜନ ବେହୁରା ଓ ରାଉରକେଲାର ବିରଞ୍ଚି ନାରାୟଣ ମିଶ୍ରଙ୍କୁ ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକ ଭାବରେ ଅର୍ଥରାଶି ସହ ସମ୍ମାନିତ କରାଯାଇଥିଲା। ଡକ୍ଟର ନାରାୟଣ ମହାନ୍ତି ପ୍ରାରମ୍ଭିକ ସୂଚନା, ଡକ୍ଟର ବନଜ କୁମାର ବିଶ୍ୱାଳ ଅତିଥି ପରିଚୟ ଓ ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରଫେସର ଦିନେଶ ପଟ୍ଟନାୟକ, ପ୍ରଫେସର ଶିବବ୍ରତ ଦାସ, ଡକ୍ଟର ବିଜୟ ଭୂଷଣ ଆଚାର୍ଯ୍ୟ, ଡକ୍ଟର ଚିତ୍ତରଞ୍ଜନ ପଣ୍ଡା, ଡକ୍ଟର ସରୋଜ କୁମାର ଦାସ, ଡକ୍ଟର ସୁନାମଣି ରାଉତ, ଡକ୍ଟର ସଚ୍ଚିଦାନନ୍ଦ, ଆଡ଼ଭୋକେଟ ସର୍ବେଶ୍ୱର ବେହେରା,'ରାଷ୍ଟ୍ରଦୀପ'ର ପ୍ରକାଶକ ବିପିନ ବିହାରୀ ରାଉତ, ପୂର୍ବତନ ସମ୍ପାଦକ ଜଗବନ୍ଧୁ ମିଶ୍ର, ବିଜେପି ନେତା ସଜ୍ଜନ କୁମାର ଶର୍ମା, ସମାଜସେବୀ ଚିତ୍ତରଞ୍ଜନ ମହାନ୍ତି, ନନ୍ଦିନୀ ମାନସିଂହ, ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ, ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସ୍ମୃତି ନ୍ୟାସ କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ। ନ୍ୟାସର ଆବାହକ ଦୀପକ କୁମାର ମହାନ୍ତ ମଞ୍ଚ ପରିଚାଳନା କରିଥିଲେ ଓ ଶିକ୍ଷାବିତ୍ ତୁଷାରକାନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କାର୍ ସହ ୨ ହଜାର ଲିଟର ମଦ ଜବତ, ୪ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ନୂଆ କାର୍‌ରେ ପନିପରିବା, ଶୁଖୁଆ ଓ ମଦ ବୋଝେଇ କରି ଗଞ୍ଜାମ ଖଲ୍ଲିକୋଟରୁ ଭୁବନେଶ୍ୱର ଡୁମୁଡୁମାକୁ ଆସୁଥିବା ବେଳେ ଅବକାରୀ ଟିମ୍ ପିତାପଲ୍ଲୀ ନିକଟରେ ଯାଞ୍ଚ କରିଥିଲା । ଯାଞ୍ଚ ବେଳେ ସେଥିରୁ ୨ହଜାର ଲିଟର ମଦ ମିଳିବାରୁ କାର୍ ସହ ଗାଡିରେ ଥିବା ୪ଜଣଙ୍କୁ ଅବକାରୀ ଥାନାକୁ ଅଣାଗଲା । ସୋମବାର ଅପରାହ୍ନରେ ୧୬ ନମ୍ବର ଜାତୀୟ ରାଜପଥରେ ଆସୁଥିବା ସନ୍ଦିଗ୍ଧ ଗାଡିକୁ ଯାଞ୍ଚ କରିଥିଲା । ଏହି ସମୟରେ ଓମିନି ଭ୍ୟାନ୍ ଓ ଟାଟାପୁଞ୍ଚ୍ ଗାଡିରୁ ମଦ ମିଳିବା ସହ ୪ଜଣ ଚାଲାଣକାରୀଙ୍କୁ ପାଇଥିଲା । ସେମାନେ ହେଲେ କାହ୍ନୁଚରଣ ପରିଡା, ବିକାଶ ଗୌଡ, ଜଗଦୀଶ ପାତ୍ର ଓ ମନୋଜ କୁମାର ଗୌଡ । ସମସ୍ତଙ୍କ ଘର ଗଞ୍ଜାମ ଜିଲ୍ଲାରେ । ସେମାନେ ଭୁବନେଶ୍ୱର ଡୁମୁଡୁମାକୁ ମଦ ଧରି ଆସୁଥିବା ଅବକାରୀ ଗୁଇନ୍ଦା ସୂଚନା ପାଇଥିଲା । ସୂଚନା ଅନୁଯାୟୀ ପିତାପଲ୍ଲୀ ନିକଟରେ ଯାଞ୍ଚ କରାଯାଇ ସେମାନଙ୍କୁ ଧରାଗଲା ବୋଲି ଅବକାରୀ ସୁପରିଟେଣ୍ଡେଣ୍ଟ କହିଛନ୍ତି । ମଦ ପରିବହନ ପାଇଁ ସେମାନେ ଗାଡିରେ ବିଭିନ୍ନ ପ୍ରକାର ପନିପରିବା ସହ ଶୁଖୁଆ ମଧ୍ୟ ଆଣିଥିଲେ । ଦେଶୀମଦ ପାଇଁ ଶୁଖୁଆ ଚାଖଣା କରାଯାଉଥିବାରୁ ଡୁମୁଡୁମା ମଦଭାଟିରେ ଶୁଖୁଆ ମଧ୍ୟ ବିକ୍ରି କରିଥାଆନ୍ତେ । ଚାଖଣା ହେବା ସହ ଗାଡିରୁ ମଦ ଗନ୍ଧକୁ ରୋକିବାରେ ଶୁଖୁଆ ବାସ୍ନା ସହାୟତା କରୁଥିଲା । ଅଭିନବ ଉପାୟରେ ଗଞ୍ଜାମରୁ ଭୁବନେଶ୍ୱରକୁ ଦେଶୀମଦ ଚାଲାଣ କରାଯାଉଥିବା ପୂର୍ବରୁ ଅବକାରୀ ସୂଚନା ପାଇଥିଲେ ମଧ୍ୟ ଚାଲାଣକାରୀଙ୍କୁ ଧରିବାରେ ସମର୍ଥ ହୋଇନଥିଲା ।

# ଏସ୍‌ସିବିରେ ଠିକା ଭିତ୍ତିକ ଇସିଜି ଟେକ୍ନିସିଆନଙ୍କୁ ନିୟମିତ କର: ହାଇକୋର୍ଟ

କଟକ,(ସବ୍ୟୁ): ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ(ଏସ୍‌ସିବି)ରେ ୧୫ ବର୍ଷ ଧରି ଠିକାରେ କାର୍ଯ୍ୟ କରୁଥିବା ଇସିଜି ଟେକ୍ନିସିଆନଙ୍କୁ ନିୟମିତ କରିବାକୁ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଦାଖଲ ରିଟ୍ ଅପିଲ୍‌କୁ ଖାରଜ କରିବା ଅବସରରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଡି.କେ. ଶ୍ରୀପଦ ଏବଂ ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି । ଗଣେଶ ଚନ୍ଦ୍ର ଭୂୟାଁ ଏବଂ ଅନ୍ୟମାନଙ୍କୁ ୩ ମାସ ମଧ୍ୟରେ ମଞ୍ଜୁରିପ୍ରାପ୍ତ ଖାଲି ପଦରେ ନିୟମିତ କରିବା ସହ ସମସ୍ତ ଆର୍ଥିକ ସୁବିଧା ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାରୁ ପ୍ରକାଶ ଯେ, ଆବେଦନକାରୀମାନେ ୨୦୧୧ ମସିହାରୁ ଏସ୍‌ସିବିରେ ଇସିଜି ଟେକ୍ନିସିଆନ ଭାବେ ଗଣେଶ ଭୂୟାଁ ଏବଂ ଅନ୍ୟମାନେ ଠିକା ଭିତ୍ତିରେ କାର୍ଯ୍ୟ କରୁଥିଲେ। ସେମାନଙ୍କୁ ନିୟମିତ ଚୟନ ପ୍ରକ୍ରିୟା ମାଧ୍ୟମରେ ନିଯୁକ୍ତି ଦିଆଯାଇଥିଲା। ରାଜ୍ୟ ସରକାର ୨୦୧୪ ମସିହାରେ ଇସିଜି ଟେକ୍ନିସିଆନ ପାଇଁ ୪ଟି ପଦ ସୃଷ୍ଟି କରିଥିଲେ। କିନ୍ତୁ ସେହି ପଦରେ ଏହି କର୍ମଚାରୀଙ୍କୁ ନିୟମିତ କରିବା ପରିବର୍ତ୍ତେ ୨୦୧୫ ମସିହାରେ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ କରିଥିଲେ। ଏହାକୁ ବିରୋଧ କରି କର୍ମଚାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟର ଜଣିକିଆ ବିଚାରପତି ରିଟ୍ ପିଟିସନର ଶୁଣାଣି କରି ଆବେଦନକାରୀମାନେ ଦୀର୍ଘ ବର୍ଷ ଧରି ଠିକାରେ କାର୍ଯ୍ୟରତ ଥିବାରୁ ନିୟମ ଅନୁଯାୟୀ ବିଚାର କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ନିୟମିତ କରିବା ସମ୍ପର୍କରେ ସ୍ପଷ୍ଟ ଆଦେଶ ନ ଥିବାରୁ ଆବେଦନକାରୀ ଗଣେଶ ଚନ୍ଦ୍ର ଭୂୟାଁ ଓ ଅନ୍ୟମାନଙ୍କ ପକ୍ଷରୁ ରିଟ୍ ଅପିଲ ଦାଖଲ କରାଯାଇଥିଲା। ଏଥିସହ ରାଜ୍ୟ ସରକାର ମଧ୍ୟ ସେହି ଆଦେଶକୁ ଚାଲେଞ୍ଜ କରି ରିଟ ଅପିଲରେ ହାଇକୋର୍ଟକୁ ଆସିଥିଲେ। ହାଇକୋର୍ଟର ଖଣ୍ଡପୀଠ ଉଭୟ ପକ୍ଷର ଅପିଲକୁ ଶୁଣାଣି କରି ପଦ ସୃଷ୍ଟି ହୋଇଥିବା ସତ୍ତ୍ୱେ ସେମାନଙ୍କୁ ନିୟମିତ ନ କରିବା ଆଇନ ସମ୍ମତ ନୁହେଁ ବୋଲି ଦର୍ଶାଇଥିଲେ। ଦୀର୍ଘ ବର୍ଷ ଧରି ଠିକାରେ କାର୍ଯ୍ୟ କରାଇ ସେମାନଙ୍କୁ ସ୍ଥାୟୀ ସୁବିଧାରୁ ବଞ୍ଚିତ କରିବା ନ୍ୟାୟ ସଙ୍ଗତ ନୁହେଁ ବୋଲି ମତଦେବା ସହ ୩ ମାସ ମଧ୍ୟରେ ସେମାନଙ୍କୁ ନିୟମିତ କରିବାକୁ ଆଦେଶ ଦେଇଛନ୍ତି। ଇସିଜି ଟେକ୍ନିସିଆନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବୁଦ୍ଧଦେବ ରାଉତରାୟ ମାମଲା ପରିଚାଳନା କରୁଥିଲେ ।

# ବିଶିଷ୍ଟ ଇଞ୍ଜିନିୟର ଭି.ଜେ ରାଓଙ୍କ ଦେହାନ୍ତ



କଟକ,(ସବ୍ୟୁ): ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଭି. ଗୋପାଳସ୍ୱାମୀଙ୍କ ଭାଇ ତଥା ବର୍ତ୍ତମାନର ବିଚାରପତି ଜଷ୍ଟିସ୍ ଭି. ନରସିଂହଙ୍କ କାକା ବିଶିଷ୍ଟ ଇଞ୍ଜିନିୟର ଭି.ଜେ. ରାଓଙ୍କ ହାଇଦ୍ରାବାଦସ୍ଥିତ ଘରେ ଦେହାନ୍ତ ହୋଇଯାଇଛି। ତାଙ୍କୁ ୯୩ବର୍ଷ ହୋଇଥିଲା । କିଛିଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ସମୟରେ ତାଙ୍କ ନିକଟରେ ଝିଅ ଭି. ସୁଭଦ୍ରା, ଜ୍ୱାଇଁ ଜେ. ଶେଶି କୁମାର, ନାତି ବିଜୟ ପ୍ରମୁଖ ଉପସ୍ଥିତ ଥିଲେ। ଭି. ଜେ ରାଓ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗରେ କନିଷ୍ଠ ଯନ୍ତ୍ରୀ ଭାବେ ଯୋଗଦାନ କରିଥିଲେ। ନିଜ କର୍ଯ୍ୟଦକ୍ଷତା, ତଥା ନିଷ୍ଠା ପାଇଁ ସେ କନିଷ୍ଠ ଯନ୍ତ୍ରୀରୁ ପଦୋନ୍ନତି ପାଇ ପୂର୍ତ୍ତ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ତଥା ସଚିବ ପଦ ଅଳଙ୍କୃତ କରି ପାରିଥିଲେ । ତାଙ୍କ ତତ୍ତ୍ୱାବଧାନରେ ବାରବାଟୀ ଷ୍ଟାଡିୟମ୍‌ର ସମ୍ପ୍ରସାରଣ କାର୍ଯ୍ୟ କରାଯାଇଥିଲାବେଳେ ତାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜବାହାରଲାଲ ନେହେରୁ ଇନ୍‌ଡୋର୍ ଷ୍ଟାଡିୟମ୍ ନିର୍ମାଣ କରାଯାଇଥିଲା । ତାଙ୍କ ବିୟୋଗରେ ୱାସିଂଟନ୍‌ର ନ୍ୟାସନାଲ ଇନଷ୍ଟିଚ୍ୟୁସନ୍ ଅଫ ହେଲଥ୍ରେ ଅବସ୍ଥାପିତ କ୍ୟାନସର ବିଶେଷଜ୍ଞ ଡାକ୍ତର ପୁତୁରା ଭି. କୋନେଟି ରାଓ, ଅନ୍ୟତମ ପୁତୁରା ଜଷ୍ଟିସ୍ ଭି. ନରସିଂହ, ପୁତୁରା ବୋହୂ ମାଳବିକା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ୨୮ ମୋବାଇଲ ମାଲିକଙ୍କୁ ଫେରାଇଲା ପୁଲିସ



ଖୋର୍ଦ୍ଧା, (ସବ୍ୟୁ): ଜିଲ୍ଲା ପୁଲିସ ର ବିଭିନ୍ନ ଥାନାରେ ମୋବାଇଲ ଚୋରି ବା ନିଖୋଜ ସମ୍ପର୍କିତ ମାମଲା କୁ ପୁଲିସ ଗୁରୁତର ସହ ନେଇ ୨୮ଟି ମୋବାଇଲ ଉଦ୍ଧାର ପରେ ଆଜି ମାଲିକମାନଙ୍କୁ ଫେରାଯାଇଛି। ଏନେଇ ଏକ ମେଳା ଜିଲ୍ଲା ପୁଲିସ ମୁଖ୍ୟାଳୟରେ କରାଯାଇଥିଲା। ପୁଲିସ ଅଧୀକ୍ଷକ ବିବେକାନନ୍ଦ ଶର୍ମା ଆଜି ଉଦ୍ଧାର ୨୮ ମୋବାଇଲ ଫୋନ ଗୁଡି କୁ ସମସ୍ତ ଆଇନଗତ ପ୍ରକ୍ରିୟା ସମାପ୍ତ ହେବା ପରେ ସେମାନଙ୍କ ସଠିକ ମାଲିକମାନଙ୍କୁ ଔପଚାରିକ ଭାବେ ହସ୍ତାନ୍ତର କରିଥିଲେ। ଲାଭାନ୍ୱିତ ନାଗରିକମାନେ ଖୋର୍ଦ୍ଧା ପୁଲିସଙ୍କ ତ୍ୱରିତ ଏବଂ କାର୍ଯ୍ୟକାରୀ ପଦକ୍ଷେପ ପାଇଁ କୃତଜ୍ଞତା ଜଣାଇଥିଲେ। ଏହି ଉଦ୍ଧାର କାର୍ଯ୍ୟ ସାଧାରଣ ଲୋକଙ୍କ ସମ୍ପତି ସୁରକ୍ଷା ଏବଂ ନାଗରିକମାନଙ୍କୁ ତ୍ୱରିତ ସହାୟତା ପ୍ରଦାନ କରିବା ପ୍ରତି ଖୋର୍ଦ୍ଧା ପୁଲିସଙ୍କ ଦୃଢ଼ ସଙ୍କଳ୍ପକୁ ପ୍ରତିବିମ୍ବିତ କରିଛି। ସାଧାରଣ ଲୋକଙ୍କୁ ମୋବାଇଲ ଫୋନ୍ ହଜିଗଲେ ତୁରନ୍ତ ପୁଲିସଙ୍କୁ ଅଭିଯୋଗ କରିବା ଏବଂ ଶୀଘ୍ର ଉଦ୍ଧାର ପାଇଁ ଆବଶ୍ୟକ ସୂଚନା ଓ ଦଲିଲ ପ୍ରଦାନ କରି ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର

# ଶୈଶବ କର୍କଟ ଚିକିତ୍ସା ସେବାକୁ ସୁଦୃଢ଼ କରିବା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର

ଭୁବନେଶ୍ୱର, (ସବ୍ୟୁ): ଶିଶୁ କର୍କଟ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଏବଂ କ୍ୟାନକିଡ୍ସ କିଡ୍ସକ୍ୟାନ ମଧ୍ୟରେ ମିଳିତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରେ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି । ଏହି ବୁଝାମଣାପତ୍ର ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡକ୍ଟର ନୀଳକଣ୍ଠ ମିଶ୍ର ଏବଂ କ୍ୟାନକିଡ୍ସ କିଡ୍ସକ୍ୟାନ ପ୍ରତିଷ୍ଠାତା-ଅଧ୍ୟକ୍ଷ ପୁନମ ବାଗାଇଙ୍କ ଉପସ୍ଥିତିରେ ସ୍ୱାକ୍ଷର ହୋଇଛି । ଏହି ବୁଝାମଣାପତ୍ରରେ ଶିଶୁ କର୍କଟ ରୋଗ ଯତ୍ନର ସମ୍ପୂର୍ଣ୍ଣ ସହଯୋଗର ରୂପରେଖ ଦିଆଯାଇଛି, ଯେଉଁଥିରେ ପ୍ରାରମ୍ଭିକ ଚିହ୍ନଟ ଏବଂ ରେଫରାଲ୍, ନିର୍ଣ୍ଣୟ ଏବଂ ଚିକିତ୍ସାର ସୁବିଧା, ଶିଶୁ ଏବଂ ପରିବାର ପାଇଁ ଆର୍ଥିକ ସୁରକ୍ଷା, ଯତ୍ନ, ସଚେତନତା ଏବଂ ରୋଗୀ-କେନ୍ଦ୍ରିକ ଗବେଷଣା ଅନ୍ତର୍ଭୁକ୍ତ। ଏହି ବୁଝାମଣା ହେବା ପରେ ଓଡ଼ିଶା ପୂର୍ବ ଭାରତରେ ଶିଶୁ କର୍କଟ ଚିକିତ୍ସା ପାଇଁ ଏକ ଆଞ୍ଚଳିକ କେନ୍ଦ୍ର ରୂପେ ସ୍ଥାନ ପାଇବ ବୋଲି କ୍ୟାନକିଡ୍ସ କିଡ୍ସକ୍ୟାନ ପ୍ରତିଷ୍ଠାତା-ଅଧ୍ୟକ୍ଷ ପୁନମ ବାଗାଇ ମତ ଦେଇଛନ୍ତି ।

ଏହି ବୈଠକକୁ ଅତିରିକ୍ତ ନିର୍ଦ୍ଦେଶକ ଡ. ସୁଶାନ୍ତ ସ୍ୱାଇଁ ପରିଚାଳନା କରିଥିବା ବେଳେ



ନ୍ୟାସନାଲ୍ ସୋସାଇଟି ଫର ଚେଞ୍ଜ ଫର ଚାଇଲ୍ଡହୁଡ୍ କ୍ୟାନସର ଇନ୍ ଇଣ୍ଡିଆ, ବରିଷ୍ଠ ସରକାରୀ ଅଧିକାରୀ, ଚିକିତ୍ସା ପ୍ରତିଷ୍ଠାନର ପ୍ରତିନିଧି, ଶିଶୁ ଅଙ୍କୋଲୋଜିଷ୍ଟ , ଶୈଶବ କର୍କଟ ରୋଗରୁ ବଞ୍ଚିଥିବା ବ୍ୟକ୍ତି, ଉବଭକସୟଗ୍ର ଏବଂ ଏହାର ସ୍ଥାନୀୟ ନାଗରିକ ସମାଜ ଅଂଶୀଦାର ଉମିଦେଁ ଉପସ୍ଥିତ ଥିଲେ । କ୍ୟାନ୍‌କିଡ୍ସ ୨୦୧୮ ରେ ଓଡ଼ିଶାରେ ଏହାର କାର୍ଯ୍ୟ ଆରମ୍ଭ କରିଥିଲା। ସେବେଠାରୁ ଏମ୍ସ ଭୁବନେଶ୍ୱର ଏବଂ ଏକ ଘରୋଇ ହସ୍ପିଟାଲ ସହଭାଗୀତାରେ ଏହି ସେବା ଉପଲବ୍ଧ କରିଛି ।୨୦୨୩ରେ ଭୁବନେଶ୍ୱରରେ ଏକ ରାଜ୍ୟ ଯତ୍ନ ସମନ୍ୱୟ କେନ୍ଦ୍ର (ଏସ୍‌ସିସି) ଏବଂ ଏକ ହୋମ୍ ଆୱେ ଫ୍ରମ୍ ହୋମ୍ (ଏଚ୍‌ଏଏଚ୍) ସୁବିଧା ଆରମ୍ଭ କରାଯାଇଛି । ଏହି ପଦକ୍ଷେପଗୁଡ଼ିକ ଶିଶୁ କର୍କଟ ରୋଗୀଙ୍କୁ ଯତ୍ନ ନେବାରେ ଅଧିକ ସାହାଯ୍ୟ କରିଛି । କ୍ୟାନ୍‌କିଡ୍ସ ବର୍ତ୍ତମାନ ବାର୍ଷିକ ୧୦୦୦ ରୁ ଅଧିକ ପିଲାଙ୍କୁ ଚିକିତ୍ସାରେ ସହାୟତା କରୁଛି।

# ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରତିଷ୍ଠା ଦିବସ ଅବସରରେ ବୃକ୍ଷରୋପଣ

ଭୁବନେଶ୍ୱର, (ସବ୍ୟୁ): ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୧୫ତମ ପ୍ରତିଷ୍ଠା ଦିବସ ଅବସରରେ ବ୍ୟାଙ୍କ ପକ୍ଷରୁ "ଗଛ ଲଗାନ୍ତୁ-ପୃଥିବୀକୁ ବଞ୍ଚାନ୍ତୁ" ବିଷୟ ସହିତ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ସାରା ଦେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ରେଲ ବିହାରଠାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବୃକ୍ଷରୋପଣର ଗୁରୁତ୍ୱ, ପରିବେଶଗତ ସ୍ଥିରତା ଏବଂ ଜୈବ ବିବିଧତାକୁ ସମର୍ଥନ କରିବା ବିଷୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ପୂର୍ବତଟ ରେଳପଥର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଇଷ୍ଟେଟ୍) କେ.ସି ଗୌଡ, ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର, ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର ଉପ-କ୍ଷେତ୍ରୀୟ ମୁଖ୍ୟ ସୁରେଶ ଚନ୍ଦ୍ରଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ। ଚନ୍ଦ୍ରଶେଖରପୁର ଶାଖାର ଶାଖା ମୁଖ୍ୟ ବନ୍ଦନା ଷଡଙ୍ଗୀ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ପୁରୁଷ ବନ୍ଧୁଙ୍କୁ ମାଡମାରି ନାବାଳିକାଙ୍କୁ ଗଣବଳାତ୍କାର, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଦୟାନଦୀ କୂଳରେ ଜଣେ ନାବାଳିକାଙ୍କୁ ଗଣବଳତ୍କାର କରିବା ଅଭିଯୋଗରେ ଧଉଳି ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରିଛି । ନାବାଳିକାଙ୍କ ପୁରୁଷ ବନ୍ଧୁଙ୍କୁ ନିସ୍ତୁକ ମାଡ ମାରି ବାନ୍ଧି ପକାଇବା ପରେ ୪ଜଣ ତାଙ୍କୁ ଗଣବଳାତ୍କାର କରିଥିଲେ । ସାମାଜିକ ସମ୍ମାନକୁ ଭୟ କରି ନାବାଳିକା ପ୍ରଥମେ ଗଣବଳାତ୍କାର କଥା କହିନଥିଲେ । ଚଳିତ ମାସ ୧୩ ତାରିଖ ଦିନ ପୀଡିତା ନାବାଳିକା ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଧଉଳି ଅଞ୍ଚଳକୁ ବୁଲିବାକୁ ଯାଇଥିଲେ । ଦୟାନଦୀ କୂଳରେ ପୁରୁଷ ବନ୍ଧୁଙ୍କ ସହ ନାବାଳିକା ବସିଥିବା ଦେଖିଥିଲେ । ନିରୋଳା ସ୍ଥାନରେ ବସିଥିବାରୁ ୪ ଅଭିଯୁକ୍ତ ସେଠାକୁ ଯାଇ ତାଙ୍କୁ ମାଡ ମାରି ଲୁଟ୍‌ପାଟ କରିବା ସହ ନାବାଳିକାଙ୍କୁ ଜଣକ ପରେ ଜଣେ ବଳାତ୍କାର କରିଥିଲେ । ଦୁହେଁ ଧଉଳି ଥାନାକୁ ଆସି ଲୁଟ୍‌ପାଟ ଏତଲା କରିଥିବା ବେଳେ ବଳାତ୍କାର କଥା କହିନଥିଲେ । ବହୁ ପଚରାଉଚରା ପରେ ପୀଡିତା ନାବାଳିକା ବଳାତ୍କାର ସମ୍ପର୍କରେ କହିଥିଲେ । ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ସୋମବାର ଆଉ ଜଣକୁ ଗିରଫ କରିଛି ପୋଲିସ । ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଖୋଜଖବର କରୁଛି । ଧଉଳି ଭଳି ପର୍ଯ୍ୟଟନସ୍ଥଳୀ ନିକଟରେ ଦୁର୍ବୃତ୍ତମାନେ ଏଭଳି ଅଭାବନୀୟ ଘଟଣା କରିବାକୁ ନେଇ ବିଭିନ୍ନ ମହଲରୁ ନିନ୍ଦା କରାଯାଉଛି । ପର୍ଯ୍ୟଟନସ୍ଥଳୀରେ ପୋଲିସ ଯେଉଁ ଅନୁସାରେ ପାଟ୍ରୋଲିଂ ଓ ସତର୍କ ରହିବା କଥା ତାହା ହେଉନଥିବାରୁ ଏଭଳି ଘଟଣା ଘଟୁଥିବା ପର୍ଯ୍ୟଟକ ମତ ଦେଇଛନ୍ତି । କାରଣ ପୀଡିତା ନାବାଳିକା ଓ ତାଙ୍କ ପୁରୁଷ ବନ୍ଧୁ ମଧ୍ୟ ପର୍ଯ୍ୟଟକ ଭାବେ ଧଉଳି ଅଞ୍ଚଳକୁ ବୁଲିବାକୁ ଯାଇଥିଲେ ।

# ନୂତନ ୱେବସାଇଟ୍ ପୁଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ଯୋଗାଯୋଗ ସୁଦୃଢ଼ କରିବ : ଡିଜିପି

କଟକ, (ସବ୍ୟୁ):ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଓଡ଼ିଶା ପୁଲିସର ଲୋକସେବା ଓ ପାରଦର୍ଶିତାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଧୁନିକ ଜ୍ଞାନ କୌଶଳରେ ନିର୍ମିତ ଏକ ନୂତନ ୱେବସାଇଟ୍‌କୁ ଲୋକାର୍ପଣ କରିଛନ୍ତି । ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ଆୟୋଜିତ ହୋଇଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ପ୍ରସ୍ତୁତ ହୋଇଥିବା ଏହି ୱେବସାଇଟ୍‌କୁ ଡିଜିପି ଉନ୍ମୋଚନ କରିଥିଲେ । ଆଗାମୀ ଦିନରେ ସାଧାରଣ ବ୍ୟକ୍ତି ବିଶେଷଙ୍କ ନିମନ୍ତେ ଏହି ୱେବ ସାଇଟଟି ବହୁ ଉପଯୋଗୀ ହେବ ଏବଂ ଏହା ମାଧ୍ୟମରେ ଲୋକମାନେ ପୁଲିସ ବିଭାଗର ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇପାରିବେ ବୋଲି ସେ ମତପ୍ରକାଶ କରିଛନ୍ତି ।




ନୂତନ ୱେବସାଇଟ୍‌ରେ ସାଧାରଣ ନାଗରିକଙ୍କ ପାଇଁ ବିଭିନ୍ନ ଅନଲାଇନ୍ ସେବା, ପୁଲିସ ସୂଚନା, ନୋଟିସ୍, ପ୍ରେସ୍ ବିଜ୍ଞପ୍ତି, ନିଯୁକ୍ତି ସମ୍ବନ୍ଧୀୟ ତଥ୍ୟ, ଟ୍ରାଫିକ୍ ଓ ସୁରକ୍ଷା ସଚେତନତା, ନାଗରିକ ସେବା, ଅପରାଧ ନିରୋଧକ ପଦକ୍ଷେପ, ଗୁରୁତ୍ୱପୂର୍ଣ୍ଣ ସୂଚନା, ଆଇନଗତ ବ୍ୟବସ୍ଥା, ବାର୍ତ୍ତା ଭଳି ସୂଚନା ଉପଲବ୍ଧ ରହିଛି। ଏହି ନୂତନ ୱେବସାଇଟ୍ ଓଡ଼ିଶା ପୁଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ଯୋଗାଯୋଗକୁ ଆହୁରି ସୁଦୃଢ଼ କରିବ । ଏହି ଦ୍ୱିଭାଷା (ଓଡ଼ିଆ ଓ ଇଂରାଜୀ) ୱେବସାଇଟ୍‌ଟି ସାଧାରଣ ଜନତାଙ୍କୁ ସହଜ, ସୁବିଧାଜନକ ଓ ଯଥା ଶୀଘ୍ର ପୁଲିସ ସମ୍ପର୍କିତ ସୂଚନା ଓ ସେବା ପାଇପାରିବେ । ସାଧାରଣ ଲୋକମାନେ କମ୍ପ୍ୟୁଟର, ଲାପଟପ, ମୋବାଇଲ ଆପ ଜରିଆରେ ଏହି ୱେବ ସାଇଟ କୁ ଖୋଲି ବିଭିନ୍ନ ସୂଚନା ପାଇପାରିବେ । ଏହି କାର୍ଯ୍ୟକ୍ରମରେ ଏସଏଫଏସଏଲ ନିର୍ଦ୍ଦେଶକ, ଡ଼. ସନ୍ତୋଷ ବାଲା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଡିଆଇଜି(ପ୍ରୋଭିଜନିଙ୍ଗ) ଚରଣ ସିଂ ମିନାଙ୍କ ସମେତ ଆଭାସି ମାଧ୍ୟମରେ ସମସ୍ତ ଜିଲ୍ଲା ଏସପି ଓ ବାଟାଲିୟନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସମାଜସେବୀ ମହିଳାଙ୍କ ସ୍ମୃତିଚାରଣ

ଫୁଲନଖରା , (ସବ୍ୟୁ): କଟକ ସଦର ଥାନା ଅନ୍ତର୍ଗତ ରାୟପୁର ଗ୍ରାମର ମହୀୟସୀ ମହିଳା ସର୍ଗତଃ ମଞ୍ଜୁଲତା ମହାନ୍ତିଙ୍କ ପ୍ରଥମଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ଓଡ଼ିଶା ଅଗ୍ରଣୀସଚ୍ଛୋସେବୀ ସଂଗଠନ ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ସ୍ମୃତି ଚାରଣରେ ସକ୍ରିୟଅଂଶ ଗ୍ରହଣ କରିଥିଲେ । ପରିଷଦର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ ଉପସ୍ଥିତ ରହି ସର୍ଗତଃ ମହାନ୍ତିଙ୍କପରୋପକାରୀ କାର୍ଯ୍ୟ ବିଷୟରେ ସମ୍ୟକ ସୂଚନା ଦେଇଥିଲେ । ସମ୍ପାଦକ ଅମିତ କୁମାର ପରିଜା, ଉପ ସଭାପତି ଚିନ୍ମୟ ମହାରଣା,ସଭ୍ୟ ଶଶିଭୂଷଣ ଦାଶ, ବୁଲୁ ପାତ୍ର, ପ୍ରକାଶ ଚନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ।ରାୟ, ଶେଷଦେବ ପାତ୍ର, ଇଂ ଚନ୍ଦ୍ରମଣି ପ୍ରଧାନ, ପ୍ରଦ୍ୟୁମ୍ନ ପତି, ରାଧାଶ୍ୟାମ ମହାନ୍ତି,ପ୍ରତିଷ୍ଠାତା ସଭାପତି ପ୍ରକାଶ ଚନ୍ଦ୍ର ନାୟକ, ଧୀରେନ୍ଦ୍ର ସାହୁ, ହେମନ୍ତ କୁମାର ମଲ୍ଲିକ, ନିରଞ୍ଜନ ମହାନ୍ତି ପ୍ରମୁଖଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସଭାରେ ପ୍ରସନ୍ନ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ ।

## ସିଡିଏ କେଭିରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ପ୍ରତିଷ୍ଠା ଦିବସ ଓ ବାର୍ଷିକୋତ୍ସବ

# ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବା ଆବଶ୍ୟକ : ପିଆଇବି ଏଡିଜି



ଭୁବନେଶ୍ୱର (ସବ୍ୟୁ): କଟକ ସିଡିଏ ସ୍ଥିତ ପିଏମ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ୬୦ତମ ପ୍ରତିଷ୍ଠା ଦିବସ ତଥା ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକମାନଙ୍କୁ ସମ୍ବୋଧିତ କରି ଶ୍ରୀ ମିଶ୍ର କହିଥିଲେ ବିଦ୍ୟାର୍ଥୀମାନେ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ହେଲେ କଠିନ ପରିଶ୍ରମ କରିବା ଅତ୍ୟନ୍ତ ଜରୁରୀ। ୨୦୨୫-୨୬ ଶିକ୍ଷା ବର୍ଷରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆନନ୍ଦ ବଲ୍ଲଭ ପାଣ୍ଡେ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଦୀପକ କୁମାର ରାଉତ, ଶିକ୍ଷୟିତ୍ରୀ ନୀଳା ନିପାନୀ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପଦ୍ମଜା ଚୌହାନ, ଅନୀମାରାଣୀ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନଙ୍କୁ ସମ୍ମାନିତ କରାଯିବା ସହିତ ବିଭିନ୍ନ କ୍ଷେତ୍ରରେ ସଫଳ ହୋଇଥିବା ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀ ମନୋଜ କୁମାର ସାହୁ, ପ୍ରିୟବ୍ରତ ପରିଡା, ସଞ୍ଜୟ କୁମାର ରାଉତ, ରିଚା ହରିଚନ୍ଦନ ମହାପାତ୍ର, ରଞ୍ଜିତା ଲେଙ୍କା ପ୍ରମୁଖଙ୍କ ଉପସ୍ଥିତି ଛାତ୍ରଛାତ୍ରୀଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିଥିଲା। ଆନନ୍ଦ କୁମାର ଶର୍ମା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସୁବ୍ରତ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ସୁପରିଚାଳନାରେ ଯୋଗଦାନ କରିଥିଲେ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ର ପ୍ରତିବାଦ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାରେ ଜନଜୀବନକୁ ବ୍ୟାପକ ଭାବେ ପ୍ରଭାବିତ କରୁଥିବା ବିଭିନ୍ନ ଜରୁରୀ ସମସ୍ୟା ଓ ଦାବିକୁ ନେଇ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଦଳ ଏକ ବିକ୍ଷୋଭ ଓ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଦଳର ଜିଲ୍ଲା କମିଟି ସଦସ୍ୟବୃନ୍ଦ ସହ ବିକ୍ଷୁବ୍ଧ ନାଗରିକମାନେ ଯୋଗଦାନ କରିଥିଲେ। ପରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସାତ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି।



କେନ୍ଦ୍ର ଗୃହମନ୍ତ୍ରୀ ଅମୀତ ଶାହାଙ୍କୁ ଦିଲ୍ଲୀ ସଂସଦ ଭବନ ଅଫିସରେ ସାକ୍ଷାତ କରି ଆଲୋଚନା କରୁଛନ୍ତି କଟକ ସାଂସଦ ଭର୍ତ୍ତୃହରି ମହତାବ। ନିକଟରେ ଉପସ୍ଥିତ ଅଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡା

## ଛିନତାଇ ସମୟରେ ଗାଡ଼ିରୁ ପଡ଼ି ବୃଦ୍ଧା ଗୁରୁତର ଘଟଣା

# ଲୁଟେରାକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଜଟଣୀ, (ସବ୍ୟୁ): ଗତ ୨୦୧୮ ମସିହାରେ ଜଟଣୀ ଥାନା ଅଞ୍ଚଳରେ ଘଟିଥିବା ଏକ ଛିନତାଇ ମାମଲାର ବିଚାର କରି ଭୁବନେଶ୍ୱର ଆଡିସନାଲ୍ ସେସନ୍ସ ଜଜ୍-୨ ର ବିଚାରପତି ବନ୍ଦନା କର ଅଭିଯୁକ୍ତ ରବିନାରାୟଣ ସାହୁଙ୍କୁ ୧୦ ବର୍ଷ ସଶ୍ରମ ସଜା ଶୁଣାଇଛନ୍ତି । ଅଭିଯୋଗକାରିଣୀ ଉଷାରାଣୀ ଛୋଟରାୟ ଖୋର୍ଦ୍ଧା ଟାଉନ ଅନ୍ତର୍ଗତ ଗାନ୍ଧିପଡ଼ିଆ ଅଞ୍ଚଳରେ ପରିବାର ସହ ରହୁଥିବା ବେଳେ ଗତ ୨୨.୧୧.୨୦୧୮ ସନ୍ଧ୍ୟା ୬.୩୦ ସମୟରେ ସେ ମା ଶାନ୍ତିଲତା ଛୋଟରାୟଙ୍କୁ ସ୍କୁଟିରେ ବସାଇ ଭୁବନେଶ୍ୱରରୁ ଘରକୁ ଫେରୁଥିଲେ । ଠିକ ସେତିକିବେଳେ ଯାଁଳା ଡାକଘର ନିକଟରେ ଅଭିଯୁକ୍ତ ରବିନାରାୟଣ ସାହୁ ଏବଂ ତାଙ୍କର ଜଣେ ସହଯୋଗୀ ଏକ ମୋଟରସାଇକେଲ ଯୋଗେ ପିଛା କରି ଆସି ତାଙ୍କ ମାଙ୍କ ହାତରୁ ଭ୍ୟାନିଟି ବ୍ୟାଗକୁ ଜୋରଜବରଦସ୍ତ ଛଡାଇ ନେଇ ଖୋର୍ଦ୍ଧା ଅଭିମୁଖେ ଦ୍ରୁତ ଗତିରେ ଖସି ପଳାଇ ଯାଇଥିଲେ । ଉକ୍ତ ଭ୍ୟାନିଟି ବ୍ୟାଗରେ ଏକ ମୋବାଇଲ ଫୋନ, ଆଲମୀରା ଚାବି ଏବଂ କିଛି ନଗଦ ଟଙ୍କା ଥିଲା । ଏହି ଛିନତାଇ ସମୟରେ ବୃଦ୍ଧା ଜଣଙ୍କ ଗାଡି ଉପରୁ ଖସି ରାସ୍ତାରେ କଚାଡି ହୋଇ ପଡ଼ିଯାଇଥିଲେ । ଯାହାଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ । ସ୍ଥାନୀୟ ଲୋକମାନଙ୍କ ସହଯୋଗରେ ଅଭିଯୋଗକାରିଣୀ ତାଙ୍କୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର କରି ଖୋର୍ଦ୍ଧା ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ । ପରେ ଉନ୍ନତ ଚିକିତ୍ସା ଲାଗି ତାଙ୍କୁ ଭୁବନେଶ୍ୱରସ୍ଥିତ ବିବେକାନନ୍ଦ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ବୃଦ୍ଧାଙ୍କର ସେଠାରେ ମୃତ୍ୟୁ ହୋଇଯାଇଥିଲା । ଏ ନେଇ ଉଷାରାଣୀ ଛୋଟରାୟଙ୍କ ଅଭିଯୋଗ ଆଧାରରେ ଜଟଣୀ ଥାନାରେ ୪୦୦/୧୮ ରେ ଏକ ମାମଲା ରୁଜୁ କରାଯାଇ ଥାନାର ତତ୍କାଳୀନ ସବ୍-ଇନ୍ସପେକ୍ଟର ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା । ତଦନ୍ତକାରୀ ଅଧିକାରୀ ଏହି ମାମଲାକୁ ବିଭିନ୍ନ ଦିଗରୁ ତଦନ୍ତ କରି ଆସାମୀ ରବିନାରାୟଣ ସାହୁଙ୍କୁ ତୁରନ୍ତ ଗିରଫ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଦାଲତରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ । ଉପରୋକ୍ତ ମାମଲାର ବିଚାର କରି ମାନ୍ୟବର ଅଦାଲତ ଘଟଣା ସହିତ ସଂପୃକ୍ତ ବିଭିନ୍ନ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଆସାମୀ ରବିନାରାୟଣ ସାହୁଙ୍କୁ ଆଇପିସି ଧାରା-୩୯୪/୩୦୪ (ଭାଗ-୨) ଆଧାରରେ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୨୫,୦୦୦ ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି ଏବଂ ଜୋରିମନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ୧ ବର୍ଷ କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି ।

# କେନ୍ଦ୍ରୀୟ ବିଦ୍ୟାଳୟ ଆଇଆଇଟି ଭୁବନେଶ୍ୱରର ସ୍ଥାପନା ଦିବସ



ଜଟଣୀ, (ସବ୍ୟୁ) : କେନ୍ଦ୍ରୀୟ ବିଦ୍ୟାଳୟ ଆଇଆଇଟି ଭୁବନେଶ୍ୱରର କେଭିଏସ୍ ସ୍ଥାପନା ଦିବସ ବିଦ୍ୟାଳୟ ପରିସରରେ ଅତ୍ୟନ୍ତ ଉତ୍ସାହ, ଆନନ୍ଦ ଓ ଗର୍ବର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ବାମଦେବ ଆଚାର୍ଯ୍ୟ ରେଜିଷ୍ଟ୍ରାର ଆଇଆଇଟି ଭୁବନେଶ୍ୱରଙ୍କ ଗରିମାମୟ ଉପସ୍ଥିତି କାର୍ଯ୍ୟକ୍ରମର ଗୌରବ ବଢ଼ାଇଥିଲା। ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାଂସ୍କୃତିକ ଓ ଶିକ୍ଷାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପ୍ରସ୍ତୁତିମାନେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ସମୃଦ୍ଧ ପରମ୍ପରା, ମୂଲ୍ୟବୋଧ, ଶିଷ୍ଟାଚାର, ସୃଜନଶୀଳତା ଏବଂ ଛାତ୍ରଛାତ୍ରୀମାନଙ୍କ ପ୍ରତିଭାକୁ ସୁନ୍ଦର ଭାବେ ପ୍ରଦର୍ଶନ କରିଥିଲା। ଶ୍ରୀ ଆଚାର୍ଯ୍ୟ ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ଦାୟିତ୍ୱଶୀଳ ନାଗରିକ ଗଢ଼ି ତୋଳିବାରେ କେନ୍ଦ୍ରୀୟ ବିଦ୍ୟାଳୟମାନଙ୍କ ଅବିରତ ପ୍ରୟାସକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ପ୍ରାଚାର୍ଯ୍ୟ ଚକ୍ରଧର ପୁଷ୍ଟି ନିଜ ଉଦ୍‌ବୋଧନରେ କେଭିଏସ୍ ସ୍ଥାପନା ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରି ଦେଶ ଗଢ଼ିବାରେ କେନ୍ଦ୍ରୀୟ ବିଦ୍ୟାଳୟମାନଙ୍କ ଭୂମିକାକୁ ଉଲ୍ଲେଖ କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ଆଇଆଇଟି ଭୁବନେଶ୍ୱରର ଗୁଣାତ୍ମକ ଶିକ୍ଷା ଓ ଦେଶ ଗଢ଼ିବା ପ୍ରତି ଅଟୁଟ ପ୍ରତିବଦ୍ଧତାକୁ ପୁନଃ ସୁଦୃଢ଼ କରିଥିଲା।

## ଦୁର୍ଘଟଣାରେ ଦୁଇ ଗୁରୁତର

ବାଙ୍କୀ ,(ସବ୍ୟୁ): ସୋମବାର ସକାଳ ପ୍ରାୟ ନଅଟାରେ କଟକ ବାଙ୍କୀ ମୁଖ୍ୟ ରାସ୍ତା ଗୟଳବାଙ୍କ ଛକ ରେ ଦ୍ରୁତ ଗତିରେ କଟକ ପଟୁ ଆସୁଥିବା ଓଡ଼ି ୦୨- ସି ଜେଡ ୪୮୭୪ ନମ୍ବର୍ ବିଶିଷ୍ଟ ନାଲି ରଙ୍ଗର କାର ଗୋଟିଏ ଗାଈକୁ ଧକ୍କା ଦେଇ ଆସିବା ବେଳକୁ ଗୟଳବାଙ୍କ ଗ୍ରାମରୁ କଟକ ଅଭିମୁଖେ ବାହାରିଥିବା ଦମ୍ପତି ବାଇକରେ ଆସୁଥିବା ବେଳେ ବାଇକକୁ ମୁହାଁମୁହିଁ ଧକ୍କା ଦେଲା କାର । ଫଳରେ ବାଇକରେ ଯାଉଥିବା ଦମ୍ପତିଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକମାନେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରଛନ୍ତି ।

# ଆଇଆଇଆଇଟି-ଭୁବନେଶ୍ୱରରେ କ୍ରିପ୍ଟୋଗ୍ରାଫି ଓ ସୂଚନା ସୁରକ୍ଷା ବିଷୟରେ ଆନ୍ତର୍ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, (ସୁବ୍ୟ) : ଭୁବନେଶ୍ୱର ସ୍ଥିତ ଇଣ୍ଟରନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେସନ୍ ଟେକ୍ନୋଲୋଜି (ଆଇଆଇଆଇଟି) 'ଇଣ୍ଡୋକ୍ରିପ୍ଟ' ୨୦୨୫ ଉଦଘାଟିତ ହୋଇଛି । ଏହି ଚାରିଦିନିଆ ଆନ୍ତର୍ଜାତିକ ସମ୍ମିଳନୀରେ କ୍ରିପ୍ଟୋଗ୍ରାଫି ଓ ସୂଚନା ସୁରକ୍ଷା ଉପରେ ଆଲୋଚନା ହେବ। ଏହି ସମ୍ମିଳନୀରେ ବିଶ୍ୱରୁ ଆସିଥିବା ପ୍ରମୁଖ ଗବେଷକ, ଶିକ୍ଷାବିତ୍, ଶିଳ୍ପ ନିପୁଣ ଓ ନୀତିନିର୍ଦ୍ଧେଶକମାନେ ଯୋଗଦେବେ। ଏହି ସମ୍ମିଳନୀ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଆଜିର ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧ୍ୟକ୍ଷତା କରିଥିଲେ । ଏହା ରାଜ୍ୟର ଡିଜିଟାଲ୍ ପରିବର୍ତ୍ତନ, ଆଇନଗତ ଢାଞ୍ଚା ଓ ଉନ୍ନତ ପ୍ରଯୁକ୍ତିରେ କୌଶଳ ବିକାଶ ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ପ୍ରକାଶ କରେ ବୋଲି ସେ କହିଥିଲେ । ଡିଜିଟାଲ୍ ସେବା, କ୍ଲାଉଡ୍ କମ୍ପ୍ୟୁଟିଂ, ଫିନ୍‌ଟେକ୍, ଇ-ଶାସନ, ବ୍ଲକ୍‌ଚେନ୍ ଓ ପୋଷ୍ଟ-କ୍ୱାଣ୍ଟମ୍ କମ୍ପ୍ୟୁଟିଂ ପରି ଉଦୀୟମାନ ପ୍ରଯୁକ୍ତି ବିଦ୍ୟା ଗୁଡ଼ିକର ବିସ୍ତାର ସହିତ କ୍ରିପ୍ଟୋଗ୍ରାଫି ତଥ୍ୟର ଗୋପନୀୟତା, ସୁରକ୍ଷିତ ସଂପ୍ରେଷଣ ଓ ଜାତୀୟ ସାଇବର ସୁରକ୍ଷାରେ କେନ୍ଦ୍ରୀୟ ଭୂମିକା ନେଇଛି। ଏହି ସମ୍ମିଳନୀ ଡିଜିଟାଲ୍ ବିଶ୍ୱକୁ ସୁରକ୍ଷିତ କରିବା ପାଇଁ ଆଧୁନିକ ଗବେଷଣା, ଚ୍ୟାଲେଞ୍ଜ ଓ ଭବିଷ୍ୟତ ଦିଗଗୁଡ଼ିକୁ ଆଲୋଚନା କରିବାରେ ଏକ ମୁଖ୍ୟ ମଞ୍ଚ ପ୍ରଦାନ କରିବ ବୋଲି ସେ ଉଲ୍ଲେଖ କରିଥିଲେ ।

ସମ୍ମିଳନୀର ପ୍ରଥମ ଦିନରେ ବିଶ୍ୱପ୍ରସିଦ୍ଧ ବିଶେଷଜ୍ଞମାନଙ୍କ ଦ୍ୱାରା ତିନୋଟି ଗୁରୁତ୍ୱପୂର୍ଣ୍ଣ ପ୍ରାୟୋଗିକ ସେସନ୍ ଆୟୋଜିତ ହୋଇଥିଲା। ପ୍ରଫେସର ପାଣ୍ଟେଲିମନ୍ ଷ୍ଟାନିକା (ନାଭାଲ୍ ପୋଷ୍ଟଗ୍ରାଜୁଏଟ୍ ସ୍କୁଲ୍, ଯୁକ୍ତରାଷ୍ଟ୍ର), ପ୍ରଫେସର ସୁଗତା ଗାଙ୍ଗୋପାଧ୍ୟାୟ (ଆଇଆଇଟି ରୁର୍କି), ଓ ଡା. ଲୁକା ଡି ଫେଓ (ଆଇବିଏମ୍ ରିସର୍ଚ୍ଚ, ୟୁରୋପ୍) ଯୋଗ ଦେଇଥିଲେ । ସେମାନେ ନିଜର ସମ୍ପ୍ରତିକ ଗବେଷଣା ଅନୁଭବ ଉପରେ ସନ୍ଦର୍ଭ ଉପସ୍ଥାପନ କରିଥିଲେ । ଶିକ୍ଷା, ଶିଳ୍ପ ଓ ସରକାରଙ୍କ ମଧ୍ୟରେ ସହଯୋଗକୁ ପ୍ରୋତ୍ସାହନ ଦେବା ସହ ଇଣ୍ଡୋକ୍ରିପ୍ଟ ନୀତିଗତ ସୁଧାର, ସୁରକ୍ଷିତ ଡିଜିଟାଲ୍ ପ୍ରଣାଳୀ ଓ ନବୀନତା-ଚାଳିତ ବିକାଶରେ ଅର୍ଥପୂର୍ଣ୍ଣ ଅବଦାନ ରଖିବାକୁ ଲକ୍ଷ୍ୟ ରଖିଛି। ଏହି ସମ୍ମିଳନୀ ବିଶ୍ୱ ସାଇବର ସୁରକ୍ଷା ଗବେଷଣାରେ ଭାରତର ସ୍ଥାନକୁ ଶକ୍ତିଶାଳୀ କରିବା ସହିତ, ଆଧୁନିକ ଡିଜିଟାଲ୍ ଯୁଗର ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବାରେ ଏକ ପ୍ରମୁଖ ଭୂମିକା ନେବ ବୋଲି ଆଶା କରାଯାଉଛି।

# ଭତ୍ତା ବୃଦ୍ଧି ପାଇଁ ରାଜ୍ୟ ଆଶାକର୍ମୀଙ୍କ ଦାବୀ

କଟକ, (ସବ୍ୟୁ):ଆଶା କର୍ମୀମାନଙ୍କର ଦୀର୍ଘ ଦିନର ଦାବି ପୂରଣ ପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଇଥିଲା। ଆନ୍ଦୋଳନ ସମୟରେ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କ ସହ ସଂଘର କର୍ମକର୍ତ୍ତାମାନେ ବହୁବାର ଦାବି ପୂରଣ ଦିଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଖୁବ୍ ଶୀଘ୍ର ଦାବିଗୁଡ଼ିକ ପୂରଣ କରାଯିବ ବୋଲି ସଂଘର କର୍ମକର୍ତ୍ତାମାନଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ, ଆଜି ସୁଦ୍ଧା ଆଶା କର୍ମଚାରୀମାନଙ୍କର କୌଣସି ଦାବି ପୂରଣ କରାଗଲା ନାହିଁ।ଯାହାର ଫଳରେ ଆଶା କର୍ମୀମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଛି।ଏଣୁ ଭାରତୀୟ ମଜଦୂର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ,କଟକ ଜିଲ୍ଲା ତରଫରୁ ଆଜି କଟକ ଜିଲ୍ଲା ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ




ଜରିଆରେ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବି ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ଜାତୀୟ ସ୍ୱାସ୍ଥ୍ୟ ମୀଶନକୁ ସ୍ଥାୟୀ କରାଯିବା,ଆଶା କର୍ମୀମାଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରାଯାଉ, ଯେପର୍ଯ୍ୟନ୍ତ ସରକାରୀ ମାନ୍ୟତା ଦିଆଯାଇନାହିଁ। ସେମାନଙ୍କୁ ୧୮ ହଜାର ଟଙ୍କା ପ୍ରଦାନ କରାଯିବା, ଯୋଗ୍ୟତାଭିତ୍ତିକ ଆଶାକର୍ମୀମାନଙ୍କୁ ପଦୋନ୍ନତି କରାଯିବା, ଆଶାକର୍ମୀମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦିଆଯିବା, ଅବସର ନେଇଥିବା କର୍ମୀମାନଙ୍କୁ ଏକକାଳୀନ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଉ।ମାସିକା ୫ ହଜାର ଟଙ୍କା ପେନ୍‌ସନ୍ ଦିଆଯିବା,କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁବରଣ କଲେ ଆଶା କର୍ମୀଙ୍କୁ ମୃତ୍ୟୁ କାଳୀନ ସହାୟତା ରାଶି ୫ ଲକ୍ଷ ଟଙ୍କା ଦେବା ସହିତ ପରିବାରର ଜଣଙ୍କୁ ନିଯୁକ୍ତି ଦିଆଯିବା,ଭତ୍ତା ପ୍ରଦାନ,ମାସିକ ସୁନିଶ୍ଚିତ ଭତ୍ତା ପରିବର୍ତ୍ତେ ଭତ୍ତା ଧାର୍ଯ୍ୟ କରିବା,ବିଭିନ୍ନ ପ୍ରୋତ୍ସାହନ ରାଶିକୁ ମାସିକ ସୁନିଶ୍ଚିତ ଭତ୍ତା ସହ ଯୋଗ କରି ଭତ୍ତା ପ୍ରଦାନ,ଅବସର ପ୍ରାପ୍ତ ବୟସ ସୀମା ୬୫ ବର୍ଷକୁ ବୃଦ୍ଧି କରାଯିବା ଅନ୍ତର୍ଭୁକ୍ତ ଅଟେ।ଉକ୍ତ କାର୍ଯ୍ୟକ୍ରମରେ ଭାରତୀୟ ମଜଦୂର ସଂଘର ବରିଷ୍ଠ କର୍ମକର୍ତ୍ତା ବସନ୍ତ କୁମାର ସାହୁ,ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ କଟକ ଜିଲ୍ଲା ସମ୍ପାଦିକା ଲକ୍ଷ୍ମୀପ୍ରିୟା ସାହୁ,ମଞ୍ଜୁବାଳା ସାହୁ, ନମିତା ରାଉତ,ସବିତା ବେହେରାଙ୍କ ସହିତ ଅନେକ ଆଶା କର୍ମୀମାନେ ଉପସ୍ଥିତ ରହି ଦାବି ପତ୍ର ପ୍ରଦାନ କରିଥିଲେ।

## ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ, (ସବ୍ୟୁ): ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ଆଜି ପିପିଲି ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଜନ ଶୁଣାଣୀ ଶିବିରରେ ମୋଟ ୨୨ ଗୋଟି ଅଭିଯୋଗ ମିଳିଥିଲା।ସେଥିରୁ ୧୭ ଗୋଟି ବ୍ୟକ୍ତିଗତ,୫ଗୋଟି ଗ୍ରାମ ସମ୍ବନ୍ଧୀୟ ଅଭିଯୋଗ ରହିଥିଲା। ଅଭିଯୋଗ ଗୁଡିକ ର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା।ଏହି ଶୁଣାଣୀ ରେ ବିଡ଼ିଓ ସରୋଜ କୁମାର ରାଉତ ,ତହସିଲଦାର ହୃଷିକେଶ ତ୍ରିପାଠୀ,ଡେପୁଟି କଲେକ୍ଟର ଅନୁସ୍ୱବ ଗନ୍ତାୟତ,ଅଭିଯୋଗ ଶୁଣାଣୀ ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ବାଙ୍କି ପ୍ରଗତି ପରିଷଦ ପକ୍ଷରୁ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର (ସବ୍ୟୁ): ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣି ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ୧୫୮ ତମ ଜୟନ୍ତୀ ଅବସରରେ ଆଜି ବାଙ୍କି ପ୍ରଗତି ପରିଷଦ ସଭାପତି ନୀଳମୋହନ ତ୍ରିପାଠୀ, ସାଧାରଣ ସମ୍ପାଦକ ନିମାଇଁ ଚରଣ ଦାଶ, ବରିଷ୍ଠ ସଭ୍ୟ ତଥା ରାଜ୍ୟସ୍ତରୀୟ ଜୟନ୍ତୀ କମିଟିର ସମ୍ପାଦକ ଡ. କୃଷ୍ଣକେଶବ ଷଡଙ୍ଗୀ, କଟକ ଜିଲ୍ଲା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଭାପତି ସୁନୀଲ ମିଶ୍ର, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସେବାନିବୃତ୍ତ ଶିକ୍ଷକ କାମଦେବ ମହାପାତ୍ର ଓ ଅନ୍ୟମାନେ ଜୟଦେବ ବିହାର ଛକସ୍ଥିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳୀ ପ୍ରଦାନ କରି ତାଙ୍କର ସ୍ମୃତିଚାରଣ କରିଥିଲେ । ବାଙ୍କି ପ୍ରଗତି ପରିଷଦର ସଭ୍ୟମାନେ ରାଜ୍ୟସ୍ତରୀୟ ଏବଂ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଜୟନ୍ତୀ ପାଳନରେ ଯୋଗଦାନ କରିଥିବାରୁ ସଭାପତି ନୀଳମୋହନ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି ।

## ଖୋର୍ଦ୍ଧା ମହୋତ୍ସବ ପାଇଁ ସହର ଚଳ ଚଞ୍ଚଳ

ଖୋର୍ଦ୍ଧା, (ସବ୍ୟୁ): ଐତିହାସିକ ଖୋର୍ଦ୍ଧା ମହୋତ୍ସବ ଆଜି ଉଦଘାଟିତ ହେବ। ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଁଚିଛି। ଚଳିତ ବର୍ଷ ମହୋତ୍ସବ କୁ ଉଦଘାଟନ କରିବେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପବଳ ସାମନ୍ତ ଚଳିତ ବର୍ଷ ଏହି ମହୋତ୍ସବ ଟିଏଲସି ରୋଡ଼ ସ୍ଥିତ ବିଡିଏ ପଡିଆ ରେ ଅନୁଷ୍ଠିତ ହେଉଛି। ଏଥିରେ ପ୍ରାୟ ୫୦୦ ପ୍ରଦର୍ଶନୀ ମଣ୍ଡପ, ରାମ ଦୋଳି, ଷ୍ଟାର ସର୍କସ, ଟୋରାଟୋର ବ୍ରେକ ଡ୍ୟାନ୍ସ, ଡ୍ରାଗନ ପ୍ରଭୃତି ମନୋରଞ୍ଜନ କାର୍ଯ୍ୟକ୍ରମ ମାନ ସ୍ଥାନ ପାଇବ। ଇଣ୍ଡୋନେସିଆ ର ରମଣୀମାନେ ଜଳପରି ଭାବେ ଦର୍ଶକମାନଙ୍କୁ ସ୍ୱାଗତ କରିବେ। ଦର୍ଶକଙ୍କ ସୁବିଧା ଲାଗି ମହୋତ୍ସବ ପଡିଆକୁ ଲାଗି ଏକ ପାର୍କିଂ ସ୍ଥାନ ପ୍ରସ୍ତୁତ କରାଯାଇଛି। ପ୍ରତିଦିନ ସନ୍ଧ୍ୟା ୫ଟାରୁ ୭ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନ ପାଇବା ସଙ୍ଗେ ସଙ୍ଗେ ୭ଟାରୁ ୧୧ଟା ପର୍ଯ୍ୟନ୍ତ ଷ୍ଟାରନାଇଟ କାର୍ଯ୍ୟକ୍ରମ ମାନ କରାଯିବ। ଓଡ଼ିଶାର ଖ୍ୟାତନାମା ଇଭେଂଟ ମ୍ୟାନେଜର ସୁବୋଧ ମହାପାତ୍ରଙ୍କ ଦ୍ୱାରା ଉଚ୍ଚ ମାନର ରଙ୍ଗମଂଚ ପ୍ରସ୍ତୁତ କରାଯାଇଛି। ଜନ ସାଧାରଣଙ୍କ ସୁବିଧା ଲାଗି ଏହି ପଡ଼ିଆରେ ୨୦ଟି ଶୌଚାଳୟ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମ କୁ ସମସ୍ତେ ଉପଭୋଗ କରିବା ପାଇଁ ସ୍ଥାନୀୟ ବିଧାୟକ ତଥା ମହୋତ୍ସବ ର ମୁଖ୍ୟ ଉପଦେଷ୍ଟା ପ୍ରଶାନ୍ତ ଜଗଦେବ, ସଭାପତି ତଥା ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ, ସାଧାରଣ ସମ୍ପାଦକ ତଥା ଆଇନଜୀବୀ ନରେନ୍ଦ୍ର କୁମାର ପୃଷ୍ଟି ଏକ ପ୍ରେସ ବିବୃତି ରେ ସୂଚନା ଦେଇଛନ୍ତି।

# ସତର୍କତା ଓ ସଚେତନତା ଶକ୍ତି ସଂରକ୍ଷଣକୁ ତ୍ୱରାନ୍ୱିତ କରିବ

ପୁରୀ, (ସବ୍ୟୁ): ଅକ୍ଷୟ ଶକ୍ତିର ବ୍ୟାପକ ଉପଯୋଗ ସହ ବିଦ୍ୟୁତ ଅପଚୟକୁ ରୋକିବା ଆମ ସମସ୍ତଙ୍କ ଦାୟିତ୍ୱ। ଏଥିପାଇଁ ସବୁ ସ୍ତରରେ ବ୍ୟାପକ ସତର୍କ ଓ ସଚେତନ କରାଇବା ସମ୍ପର୍କରେ ଗୁରୁତ୍ୱ ଦେଇଛନ୍ତି ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ। ସୋମବାର ଜିଲ୍ଲା ସ୍କୁଲ ପରିସରରେ ଟିପିସିଓଡିଏଲ ପକ୍ଷରୁ ଉର୍ଜା ମେଳା ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଆୟୋଜିତ ଉର୍ଜା ମେଳାର ବିଭିନ୍ନ ପ୍ରତିଯୋଗିତାକୁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ମହାପାତ୍ର ଉଦଘାଟନ କରିଥିଲେ। ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ କୁଇଜ,ସ୍ଲୋଗାନ ଲିଖନ ଓ ବିଜ୍ଞାନ ପ୍ରକଳ୍ପ ଅନୁଷ୍ଠିତ ହୋଇଥିଲା।ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ଶ୍ରୀ ସେଠୀ ପୂର୍ବାପେକ୍ଷା ବିଦ୍ୟୁତ ବ୍ୟବହାର ଓ ଚାହିଦା ଅନେକ ବୃଦ୍ଧି ପାଇଛି।ସେହିପରି ଅପଚୟ ମାତ୍ରା ମଧ୍ୟ ବଢୁଛି।ଏବେଠାରୁ ଯଦି ଆମେ ସତର୍କ ଓ ସଚେତନ ନ ହେବା ତେବେ ଭବିଷ୍ୟତ ପିଢି ଆମକୁ କ୍ଷମା କରିବ ନାହିଁ। ସେମାନେ ଏକ ବିଶାଳ ଶକ୍ତି ସଂକଟର ସମ୍ମୁଖୀନ ହେବେ। ସେହିପରି ବିଶ୍ୱ ତାପାୟନ ବା ଗ୍ଲୋବାଲ ୱାର୍ମିଂ ପାଇଁ ମଧ୍ୟ ଆମ ସମସ୍ତେ ଦାୟିତ୍ୱବାନ ହେବାକୁ ସେ ଆହ୍ୱାନ ଦେଇଥିଲେ।ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଯୋଗ ଦେଇ ବିଦ୍ୟୁତ ଅପଚୟ କୁ ରୋକିବା କ୍ଷେତ୍ରରେ ଛାତ୍ରଛାତ୍ରୀ ମାନଙ୍କ ଭୂମିକା ଓ ପିତା ମାତାଙ୍କୁ ସଚେତନ



କରାଇବା ଜିଲ୍ଲା ଆଇନ ପ୍ରାଧିକରଣର ସଦସ୍ୟ ସୁଧିର ଘୋଷ ଅକ୍ଷୟ ଶକ୍ତି ର ଉତ୍ସକୁ ଆହୁରି ଅଧିକ ପରିବ୍ୟାପ୍ତ କରିବା, ଶକ୍ତି ସଂରକ୍ଷଣ କରିବା, ଟିପିସିଓଡିଏଲ ସର୍କଲ ହେଡ ପ୍ରଦୀପ କୁମାର ଦାସ ଓ ବିଜ୍ଞାନ ସୁପରଭାଇଜର ଶ୍ରୀକୁମାର ଆଚାର୍ଯ୍ୟ ଶକ୍ତି ଉତ୍ପାଦନ, ସଂଚୟ,ସଂରକ୍ଷଣ ଓ ଅପଚୟ ରୋକିବା,ବିଦ୍ୟୁତ ଛିଡି ଥିଲେ, ଖୋଲା ଥିଲେ ତାହା ଠାରୁ ଦୂରେଇ ରହିବା ଓ ତୁରନ୍ତ ବିଦ୍ୟୁତ ବିଭାଗ କୁ ସୂଚନା ଦେବାକୁ ଅନୁରୋଧ କରିଥିଲେ।ଟିପିସିଓଡିଏଲ ସିଏସଆରର ଓଡିଶା ହେଡ ପ୍ରଦୀପ ଘୋସଲା ଉର୍ଜା ମେଳା ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଆସନ୍ତା କାଲି ଦିଲ୍ଲୀରେ ଜାତୀୟ ମେଳା ଅନୁଷ୍ଠିତ ହେଉଥିବା ଓ ଏଥିରେ ଓଡ଼ିଶାର ୨୩ ଜଣ ପ୍ରତିଭାବାନ ଯୋଗ ଦେବାକୁ ମନୋନୀତ ହୋଇଛନ୍ତି ବୋଲି କହିଥିଲେ।ଛାତ୍ର ଛାତ୍ରୀ ମାନଙ୍କୁ,ଲୋକ ମାନଙ୍କୁ ସଚେତନ କରିବା ପାଇଁ ଉର୍ଜା ସାଥି ମାନେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମ କୁ ରଶ୍ମିତା ପଟ୍ଟନାୟକ ସଞ୍ଚାଳନ କରିଥିବା ବେଳେ ସତ୍ୟ ବିଶ୍ୱାଳ ଓଟିପିସିଓଡିଏଲର କର୍ମଚାରୀ ମାନେ ସହଯୋଗ କରିଥିଲେ। ପରେ ବିଭିନ୍ନ ପ୍ରିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ।

# ଜମିଜମା ଗଣ୍ଡଗୋଳ ଘଟଣା, ଦୁଇ ଭାଇ କୋର୍ଟଚାଲାଣ

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ତାରାସିଂ ଥାନା ଅଧିନ କୋକଲବା ଗ୍ରାମର ଦୁଇଭାଇ ମଧ୍ୟରେ ଶୁକ୍ରବାର ଅପରାହ୍ନରେ ଜମିଜୁମାକୁ ନେଇ ପରସ୍ପର ମଧ୍ୟରେ ହୋଇଥିବା ହଣାହଣିକୁ ଉପରେ ତାରାସିଂ ପୋଲିସ ଉଭୟ ପକ୍ଷର ଏତଲା ଉପରେ ଦୁଇଭାଇକୁ ସୋମବାର ଅପରାହ୍ନରେ କୋର୍ଟଚାଲଣ କରାଯାଇଥିବା ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି । ସୁଚନା ଥାଉକି କୋକଲବା ଗ୍ରାମର କୃଷ୍ଣ ଯାନିଙ୍କ ଦୁଇ ପୁଅ ମଧ୍ୟରୁ ବଡ ପୁଅ ଶିବ ଯାନି ଓ ସାନ ପୁଅ ସୁକଦେବ ଯାନିଙ୍କ ମଧ୍ୟରେ ବାପା କୃଷ୍ଣ ଯାନି ନିଜର କଷ୍ଟ ଅର୍ଜିତ ଜମିକୁ ଦୀର୍ଘ ଆଠମାସ ପୂର୍ବେ ତାରାସିଂ ଥାନା ସହାୟତାରେ ବଡକୁ ୪ଭରଣ ଓ ସାନକୁ ୩ଭରଣ କରି ବାଣ୍ଟିଥିଲେ । ହେଲେ ତାକୁ ନେଇ ଯିଏ ଯାହାର ଜମିକୁ ଚାଷ କରି ଆସୁଥିବା ବେଳେ ଆଜକୁ କିଛି ଦିନ ହେଲା ବାପା କୃଷ୍ଣ ଯାନି ଓ ମା' ଲକ୍ଷ୍ମୀ ଯାନି ସାନ ପୁଅ ପାଖରେ ରହୁଛନ୍ତି । ହେଲେ ଶୁକ୍ରବାର ଅପରାହ୍ନରେ ବଡ ପୁଅ ଶିବ ଯାନି ଜୋର ଜବରଦସ୍ତ କରି ସାନ ପୁଅ ଭାଗକୁ ପଡିଥିବା ଜମିରେ ଚାଷ କରୁଥିବା ଦେଖି ମା' ଲକ୍ଷ୍ମୀ ଯାନି ଚାଷ ନକରିବା ପାଇଁ ବଡ ପୁଅକୁ ମନା କରିଥିଲାଛ ହେଲେ ବଡ ପୁଅ କିଛି ନଶୁଣି ଚାଷ କରିବାରୁ ଶେଷରେ ବାପା କୃଷ୍ଣ ଯାନି, ସାନ ଭାଇ ସୁକଦେବ ଯାନି ଓ ଭାଇ ବୋହୁ ରଞ୍ଜିତା ଯାନି ମିଳିତ ହୋଇ ୪ଜଣ ମନା କରିବାକୁ ଗଲା ବେଳେ ବଡ ପୁଅ ଶିବ ଯାନି ବ୍ୟାଗରେ ରଖିଥିବା ଏକ ଧାରୁଆ ଅସ୍ତ୍ର ବାହାର କରି ସମସ୍ତଙ୍କୁ ଆକ୍ରମଣ କରିବା ହେତୁ ବାପା, ମା, ଭାଇବୋହୁ ଓ ସାନଭାଇ ଗୁରୁତର ହୋଇଥିଲେ । ଘଟଣାସ୍ଥଳରେ ପୋଲିସ ପହଞ୍ଚି ଆହାତ ମାନଙ୍କୁ ତୁରନ୍ତ ଉଧାର କରି ଭଞ୍ଜନଗର ମେଡିକାଲକୁ ପଠାଇଥିଲେ । ଅନ୍ୟପଟେ ସାନଭାଇ ସୁକଦେବ ଯାନି ଧାନ କଟା ଦାଆ ରେ ପ୍ରତି ଆକ୍ରମଣ ବଡଭାଇ ଶିବ ଯାନିକୁ କରିବାରୁ ଶିବ ମୁଣ୍ଡରେ ଭିଷଣ ଆଘାତ ହୋଇଥିଲା । ଏହାକୁ ନେଇ ଉଭୟଙ୍କ ପକ୍ଷରୁ ସାନଭାଇ ସୁକଦେବଙ୍କ ସ୍ତ୍ରୀ ରଞ୍ଜିତା ଯାନି ତାରାସିଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅନ୍ୟପଟେ ବଡପୁଅ ଶିବ ଯାନି ମଧ ତାରାସିଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

# ସୁନା ମରାମତି ଦୋକାନରୁ ଅଳଙ୍କାର ଗାୟବ

ବ୍ରହ୍ମପୁର, (ସବ୍ୟୁ): ବଡବଜାର ଥାନା ଅନ୍ତର୍ଗତ ଜଗଦମ ବଡ଼ ସାହିରେ ଥିବା ଏକ ସୁନା ଅଳଙ୍କାର ମରାମତି ଦୋକାନରୁ ସୁନା ଅଳଙ୍କାର ଗାୟବ ହୋଇଯାଇଛି । ଏନେଇ ମାଲିକ ମୈଦୁଲ ଇସଲାମ ମଲ୍ଲିକ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ୬୧୬/୨୫ ରେ ଏକ ମାମଲା ରୁଜୁ କରିଛି । ସେଠାରେ କାମ କରୁଥିବା ଦୁଇଜଣ କାର୍ମଚାରୀଙ୍କୁ ପଚରାଉଚରା କରିଛି । ପ୍ରକାଶ ଯେ, ଉକ୍ତ ମାଲିକ ଅନେକ ଗ୍ରାହକଙ୍କ ସୁନା ଗହଣା ମରାମତି କରନ୍ତି । ସେ ଗତ ୧୧ ତାରିଖ ରାତ୍ର ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ୧୨ ତାରିଖ ସକାଳେ ଆସି ଦେଖିବା ବେଳେ ଦୋକାନ ତାଲା ଭଙ୍ଗା ଯାଇଛି । ଦୋକାନ ଭିତରେ ବିଭିନ୍ନ ଗ୍ରହକଙ୍କ ଗହଣା ମରାମତି ପାଇଁ ମହଜୁଦ ଥିବା ୧୫୫ ଗ୍ରାମର ସୁନା ଗହଣା ଗାୟବ ହୋଇଯାଇଥିଲା । ଉକ୍ତ ଦୋକାନ ଉପର ମହଲାରେ ରହୁଥିବା ତାଙ୍କ ଦୁଇ ଜଣ କର୍ମଚାରୀଙ୍କୁ ଏନେଇ ପଚରାଉଚରା କରିଥିଲେ । ହେଲେ ସେମାନେ ଏସମ୍ପର୍କରେ କିଛି ଜାଣିନଥିବା କହିଥିଲେ । ପରେ ମାଲିକ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

# ହିତାଧିକାରୀଙ୍କୁ ନୂତନ ରାସନକାର୍ଡ ବଣ୍ଟନ କଲେ ମନ୍ତ୍ରୀ



ବାରିପଦା, (ସବ୍ୟୁ) : ବାରିପଦା ପୌରପାଳିକା କାର୍ଯ୍ୟାଳୟ ପରିସରରେ ବାରିପଦା ସହରାଞ୍ଚଳ ଅନ୍ତର୍ଗତ ୨୮ଟି ଓ୍ୱାର୍ଡରେ ଆଦ୍ୟାବଧି ଚିହ୍ନିତ ହୋଇଥିବା ନୂତନ ଯୋଗ୍ୟ ବିବେଚିତ ହିତାଧିକାରୀ ମାନଙ୍କୁ ନୂତନ ରାସନ କାର୍ଡ ବଣ୍ଟନ ନିମନ୍ତେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ର ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉପନଗରପାଳିକା ସୀମା ଦାସ ଯୋଗ ଦେଇଥିଲେ । ପ୍ରାରମ୍ଭରେ ନଗରପାଳ ଶ୍ରୀ ମହାନ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ କହିଥିଲେ ଯେ, ବାରିପଦା ପୌରାଞ୍ଚଳର ୨୮ଟି ଓ୍ୱାର୍ଡରେ ଅଦ୍ୟାବଧି ନୂତନ ୪୨୮ଟି ପରିବାରଙ୍କୁ ଯୋଗ୍ୟ ହିତାଧିକାରୀ ଭାବେ ଚିହ୍ନିତ କରାଯାଇଛି ଏବଂ ସେଥିମଧ୍ୟରୁ ଆଜି ଏହି କାର୍ଯ୍ୟକ୍ରମରେ ୧୬୭ଜଣଙ୍କୁ ମନ୍ତ୍ରୀଙ୍କ ଦ୍ୱାରା ଏହି ନୂତନ ରାସନ କାର୍ଡ ପ୍ରଦାନ କରାଯିବ । ପରବର୍ତ୍ତୀ ସମୟରେ ପର୍ଯ୍ୟାୟ କ୍ରମେ ଅନ୍ୟମାନଙ୍କୁ ଏହି କାର୍ଡ ପ୍ରଦାନ କରାଯିବ । ମୁଖ୍ୟଅତିଥି ମନ୍ତ୍ରୀ, ହିତାଧିକାରୀ ମାନଙ୍କୁ ନୂତନ ରାସନ କାର୍ଡ ପ୍ରଦାନ କରିବା ଅବସରରେ କହିଥିଲେ ଯେ, ବାରିପଦା ସହରରେ ଆଗକୁ ଅନେକ କିଛି ଉନ୍ନତି ମୂଳକ କାର୍ଯ୍ୟ କରିବା ପାଇଁ ଯୋଜନା ରହିଛି । ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ବାରିପଦା ସହରକୁ ଏକ ସ୍ମାର୍ଟ ସିଟି କରିବା, ସହର ଭିତରେ ଥିବା ଅନେକ ଗୁଡ଼ିଏ ପରିତ୍ୟକ୍ତ ପୋଖରୀକୁ ପୁନଃରୁଦ୍ଧାର ସହ ଏହାର ଚତୁଃପାଶ୍ୱର୍ ସୌନ୍ଦର୍ଯ୍ୟକରଣ ଏବଂ ରାସ୍ତାଘାଟର ପ୍ରଶସ୍ତିକରଣ ଇତ୍ୟାଦି ଅନେକ ଉନ୍ନତି ମୂଳକ କାର୍ଯ୍ୟ ହେବ ଏବଂ ଏଥିପାଇଁ ସହରବାସୀଙ୍କ ସହଯୋଗ କାମନା କରିଥିଲେ । କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସଚିବ ରାମଚନ୍ଦ୍ର ସୋରେନ ଓ ଆଦିବାସୀ ମୋର୍ଚ୍ଚାର ରାଜ୍ୟ ସଭାପତି କାହ୍ନା ସୋରେନ ପ୍ରମୁଖ ଉପସ୍ଥିତ ଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରପାଳିକାର ସମସ୍ତ ୱାର୍ଡର କାଉନସିଲର, ବିଭଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

## ରାଜ୍ୟସ୍ତରୀୟ ଶିଶୁ ନାଟକ ପ୍ରତିଯୋଗିତା

# ପିସିପୁର ସ୍କୁଲ ହାତେଇଲା ୮ ପୁରସ୍କାର



ବାରିପଦା, (ସବ୍ୟୁ) : ଭବାନୀପାଟଣାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ "ସଙ୍ଗମ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ନାଟକ ପ୍ରତିଯୋଗିତାରେ ବାରିପଦାର ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱାରା ପରିବେଷିତ ନାଟକ "କାନ୍ଦୁଛି ବନାନୀ ଦର୍ଶକଙ୍କୁ ବିମୋହିତ କରିବା ସହ ୮ଟି ପୁରସ୍କାର ଲାଭକରି ବିଦ୍ୟାଳୟ ତଥା ଜିଲ୍ଲା ପାଇଁ ସୁନାମ ଆଣିବାର ଗୌରବ ଅର୍ଜନ କରିପାରିଛି। ଶ୍ରେଷ୍ଠ ପ୍ରଯୋଜିତ ନାଟକ, ଶ୍ରେଷ୍ଠ ଆଲୋକ ସଜ୍ଜା, ଶ୍ରେଷ୍ଠ ବେସଭୁଷା ପାଇଁ ବିଦ୍ୟାଳୟ ପୁରସ୍କୃତ ହୋଇଥିବା ବେଳେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ତ୍ରିଲୋଚନ ସାହୁ, ଶ୍ରେଷ୍ଠ ନାଟ୍ୟକାର ଭାବେ ଅଜିତ କୁମାର ପାଣିଗ୍ରାହୀ, ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଦେବସ୍ମିତା ସାବତ, ଶ୍ରେଷ୍ଠ ଅଭିନେତା ଭାବେ କ୍ରିଷ୍ଣା ଦତ୍ତ ଓ ୩ୟ ଶ୍ରେଷ୍ଠ ଅଭିନେତା ଭାବେ ବ୍ରଜକିଶୋର ମହାନ୍ତ ପୁରସ୍କୃତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନାଟକଟିରେ ଦେବାଶିଷ ଚୌଧୁରୀ, ରାଜବୀର ଲାମା, ସମ୍ବିତ ପାତ୍ର, ଆକାଶ କୁମାର ମହାନ୍ତ, ପ୍ରିୟାରାଣୀ ବେହେରା ଅଭିନୟ କରିଥିବା ବେଳେ ସଂଗୀତରେ ରୁପମ ରାମ ଏବଂ ମଞ୍ଚ ପରିଚାଳନାରେ ସରୋଜ କୁମାର ସାବତ ଓ ବାମା ଚରଣ ବାନରା ସହଯୋଗ କରିଥିଲେ। ଖବର ପାଇଁ ବିଦ୍ୟାଳୟ ତଥା ସ୍ଥାନୀୟ ଅଂଚଳରେ ଖୁସିର ଲହରୀ ଖେଳିଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ ସମେତ ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ନାଟକରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଘରୁ ସୁନା ଅଳଙ୍କାର ଚୋରି

ବ୍ରହ୍ମପୁର, (ସବ୍ୟୁ): ଜନୈକା ବୃଦ୍ଧାଙ୍କ ଘରୁ ସୁନା ଗହଣା ଓ ଟଙ୍କା ଚୋରି ହୋଇଛି । ସେ ଏନେଇ ବଡବଜାର ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏସଂକ୍ରାନ୍ତରେ ୬୧୫/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ସିଟି ହାଇସ୍କୁଲ ନିକଟ କେଏମଆର ପ୍ଲାଜା ୧୦୪ ନଂ ଫ୍ଲାଟରେ କେ. ବୀଣାପାଣି ପାତ୍ର(୭୯) ରୁହନ୍ତି । ତାଙ୍କର ସ୍ୱାସ୍ଥ୍ୟ ଖରାପ ଥିବା ବେଳେ ଉକ୍ତ ଘରେ କାମ କରିବା ପାଇଁ ଜଣେ ମହିଳା ଆସୁଥିଲେ । ଗତ ୫ତାରିଖରେ ବୀଣାପାଣି ଘର ଭିତରେ ବିଶ୍ରାମ ନେଉଥିଲେ । ଏହାର ସୁଯୋଗ ନେଇ ସେଠାରେ କାମ କରୁଥିବା ମହିଳା ଜଣଙ୍କ ଆଲମୀରରେ ଥିବା ଦୁଇଟି ସୁନା ଚେନ, ସୁନା ଚୁଡି ଓ ୨୦ ହଜାର ଟଙ୍କା ନେଇଯାଇଥିଲେ । ଆଲମୀରରେ ଥିବା ସମସ୍ତ ସୁନା ଗହଣା ଗାୟବ ହୋଇଯାଇଥିବା ଜାଣିବା ପରେ ବୀଣାପାଣି ଉକ୍ତ ଚାକରାଣୀଙ୍କୁ ପଚାରିଥିଲେ । ସେ କୌଣସି ଉତ୍ତର ନଦେଇ ସେବେଠାରୁ କାମ କରିବାକୁ ଘରକୁ ଆସିଲେନାହିଁ । ପରେ ବୀଣାପାଣି ତାଙ୍କ ଉପରେ ସନ୍ଦେହ କରି ଥାନାରେ ଅଭିଯୋଗ କରିଥିଲେ ।

# ଜାତୀୟ ରାଜପଥରେ ଦୁର୍ଘଟଣା, ଅଳ୍ପକେ ବର୍ତିଲେ ୧୩

ଛତ୍ରପୁର, (ସବ୍ୟୁ): କୋରାପୁଟରୁ ପିକନିକ ସାରି ନିମାପଡା ଫେରୁଥିବା ବେଳେ ଏକ ମାରୁତି ଯୁଇଙ୍ଗର ଗାଡି ଛତ୍ରପୁର ଜାତୀୟ ରାଜପଥ ଏକ୍ରାମ ନଗର ଠାରେ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଗାଡ଼ିରେ ବସି ଥିବା ୧୩ ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ନିମାପଡା ଅଂଚଳ ର ଏକ ଗାଡି ରେ ୧୩ ଜଣ ମିଶି କୋରାପୁଟ ପିକନିକ କରି ନିଜ ଅଂଚଳକୁ ଫେରୁଥିବା ବେଳେ ଆଜି ଭୋର ସମୟରେ ଗାଡି ଚାଳକର ଆଖି ପଡିଯିବାରୁ ଜାତୀୟ ରାଜପଥ ଡ଼ିଭାଇଡରକୁ ଧକା ଦେଇଥିଲା ଗାଡିର ଆଗ ପାଶ୍ୱର୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ କେହିବି ଆହତ ହୋଇନାହାନ୍ତି । ଘଟଣା ସ୍ଥଳରେ ପୋଲିସ ପହଂଚି ତଦନ୍ତ ଜାରି ରଖିଛନ୍ତି ।

# ସର୍ଦ୍ଦାର ବଲ୍ଲଭାଇ ପଟେଲଙ୍କ ୭୬ତମ ଶ୍ରାଦ୍ଧ ଦିବସ

ବ୍ରହ୍ମପୁର, (ସବ୍ୟୁ): ସର୍ଦ୍ଦାର ବଲ୍ଲଭା ପଟେଲଙ୍କ ୭୬ତମ ତିରୋଧାନ ଦିବସ ଅବସରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବହୁମୁଖୀ ସଙ୍ଘ ପକ୍ଷରୁ ସ୍ଥାନୀୟ କୋର୍ଟପେଟା ଛକ ସ୍ଥିତ ପାର୍କ ପରିସରରେ ଥିବା ପୋଖରୀରେ ତିଳ ତର୍ପଣ କରି ତାଙ୍କ ଆମର ଆତ୍ମର ସଦଗତି କାମନା କରି ପାଳନ କରାଯାଇଥିଲା । ସେ ଜଣେ ମହାନ ତ୍ୟାଗୀ, ଅଟଳ ନିଷ୍ପତି ନେବାର ତାଙ୍କର କ୍ଷମତା ଥିଲା ବୋଲି ଉପସ୍ଥିତ ଥିବା କର୍ମକର୍ତ୍ତା ମାନେ ନିଜ ନିଜ ବକ୍ତବ୍ୟରେ ମତବ୍ୟକ୍ତ କରିଥିଲେ । ସଙ୍ଘ ସଭାପତି ରାମ କୁମାର ପାତ୍ର, ପ୍ରଭାତ କିରଣ ଷଢଙ୍ଗୀ, ସିମାଞ୍ଚଳ ପଣ୍ଡା, ଡି ଡମ୍ବରୁ, ବିଷ୍ଣୁ ପଣ୍ଡା, ଉମାକାନ୍ତ ପାଣିଗ୍ରାହୀ, ଜି ଗୋରୀ ମହାନ୍ତି, ଗଣେଶ ପାଣିଗ୍ରାହୀ, ଟୁନା ପାତ୍ର, ପ୍ରଦୀପ ପ୍ରଧାନ, ଅନିଲ ରଥ, ହିମାଂଶୁ ପାଢ଼ୀ, ଜଗମୋହନ ଆଚରି, ପୂଜାରୀ ସନ୍ତୋଷ ଆଚାର୍ଯ୍ୟଙ୍କ ସମେତ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଦ୍ୱାରଶୁଣୀ ଘାଟି ରାସ୍ତାରେ କଟକଣା

# ଫେବୃଆରୀ ୨୭ ପର୍ଯ୍ୟନ୍ତ ପ୍ରତ୍ୟେକ ଗୁରୁବାର ଓ ଶୁକ୍ରବାର ୩ ଘଣ୍ଟା ବନ୍ଦ ରହିବ ରାସ୍ତା

ବାରିପଦା, (ସବ୍ୟୁ) : ଦ୍ୱାରଶୁଣୀ ଘାଟି ମଧ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ସଂପ୍ରସାରଣ କାର୍ଯ୍ୟ ପାଇଁ ଲାଗିଛି କଟକଣା । ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ଆବଶ୍ୟକ ହେଉଥିବା ପଥର ବିସ୍ଫୋରଣ କାର୍ଯ୍ୟ ପାଇଁ ସତର୍କତା ପଦକ୍ଷେପ ସ୍ୱରୁପ ଜିଲ୍ଲାପ୍ରଶାସନ ପକ୍ଷରୁ ଏହି ଆଦେଶ ଜାରି କରାଯାଇଛି । ପ୍ରତ୍ୟେକ ସପ୍ତାହରେ କେବଳ ଗୁରୁବାର ଓ ଶୁକ୍ରବାର ଦିନ ୧ଟା ରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ଏହି ରାସ୍ତା ମଧ ଦେଇ ଯିବାଆସିବା ବନ୍ଦ ରହିବ । ଏହି ନିଷେଧାଦେଶ ଆସନ୍ତା ଡିସେମ୍ବର ୧୮ରୁ ଆରମ୍ଭ ହୋଇ ଆସନ୍ତା ବର୍ଷ ୨୦୨୬ ଫେବୃଆରୀ ୨୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏହି ଦିନ ମାନଙ୍କରେ ଦ୍ୱାରଶୁଣୀ ଘାଟିକୁ ଯୋଡୁଥିବା ଉଭୟ ବାଙ୍ଗିରିପୋଷି ଓ ବିଶୋଇ ପାଶ୍ୱର୍ରେ ଥିବା ପ୍ରବେଶ ପଥ ବନ୍ଦ ରହିବ । ଯେକୌଣସି ଯାନବାହାନ(ଦୁଇ ଚକିଆରୁ ଉର୍ଦ୍ଧ୍ୱର୍ ସମସ୍ତ ଯାନ) ଓ ପଥଚାରୀ ଏହି ସମୟରେ ଯାତାୟାତ କରି ପାରିବେ ନାହିଁ । ଏହାସହ ଘାଟୀ ଆଖପାଖରେ ଗାଇଛେଳି ଚାରଣ କରାଇବା ମଧ ବାରଣ କରାଯାଇଛି । ସେହିପରି ଆମ୍ବୁଲାନ୍ସ ଓ ଦମକଳବାହିନୀ ଯାନ ତଥା ବିଭିନ୍ନ ଜରୁରୀକାଳୀନ ଯାନ ରାସ୍ତା ନିର୍ମାଣକାରୀ ସଂସ୍ଥା ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ପାଖରୁ ଅନୁମତି ମିଳିବା ପରେ ହିଁ ଯାତାୟତ କରିପାରିବେ । କିନ୍ତୁ ସାଧାରଣ ଲୋକଙ୍କ ଯାନ ତଥା ପରିବହନକାରୀ ଯାନ କଟକଣା ସମୟରେ ଉପଯୁକ୍ତ ପାର୍କିଂ ସ୍ଥାନରେ ରହି ଅପେକ୍ଷା କରିବାକୁ ପଡିବ । କଟକଣା ସମାପ୍ତ ହେବା ପରେ ପ୍ରାଥମିକତା ଭିତ୍ତିରେ ପ୍ରଥମେ ସାଧାରଣ ଲୋକଙ୍କ ଯାନକୁ ଯାତାୟତ ପାଇଁ ଛଡାଯିବ । ତେବେ କ୍ଷୁଦ୍ର ଯାନ ବ୍ୟବହାରକାରୀ ସାଧାରଣ ଲୋକ ସୁଗମ ଯାତାୟାତ ପାଇଁ ବ୍ୟବସ୍ଥା ଅନୁଯାୟୀ ବିଶୋଇ-ଅର୍ଗଳବିନ୍ଧା-ଶଙ୍ଖାଭଙ୍ଗା-ଯୋକା-ଚନ୍ଦନପୁର-କତରା ଛକକୁ ବିକଳ୍ପ ରାସ୍ତା ଭାବରେ ବ୍ୟବହାର କରିପାରିବେ । ଯେକୌଣସି ଅପ୍ରିତିକର ପରିସ୍ଥିତିର ମୁକାବିଲା ପାଇଁ ବ୍ୟାପକ ପୋଲିସ ମୁତୟନ କରିବାକୁ ବିଶୋଇ ଓ ବାଙ୍ଗିରିପୋଷି ଥାନାକୁ ଜିଲ୍ଲା ପ୍ରଶାସନ ତରଫରୁ ଅବଗତ କରାଯାଇଛି ।

# ରାସ୍ତାରେ ଟଙ୍କା ପକାଇ ବୃଦ୍ଧଙ୍କ ୫ ଲକ୍ଷ ନେଇଗଲେ

ବ୍ରହ୍ମପୁର, (ସବ୍ୟୁ): ସୋମବାର ମଧ୍ୟାହ୍ନରେ ରାସ୍ତା ଉପରେ ଟଙ୍କା ପକାଇ ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ଗାଡ଼ିରେ ଲାଗିଥିବା ଟଙ୍କା ଭର୍ତ୍ତି ବ୍ୟାଗ ନେଇ ଯାଇଛନ୍ତି । ଲୁଟର ଶିକାର ହୋଇଥିବା ସୂର୍ଯ୍ୟ ନାରାୟଣ ସାହୁ ଏନେଇ ଗୋଶାଣି ନୁଆଗାଁ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ତଦନ୍ତରୁ ଦୁଇଜଣ ଯୁବକ ପଲସର ବାଇକରେ ଆସି ଏହି କାଣ୍ଡ ଘଟାଇଥିବା ଅନୁମାନ କରୁଛି । ଖୁବଶୀଘ୍ର ଅପରାଧୀ ମାନଙ୍କୁ ଧରାଯିବ ବୋଲି ପୋଲିସ କହିଛି ।

# ସଙ୍କୁରୁରେ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଶିବିର

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ବ୍ଲକର ସଙ୍କୁରୁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୂତିକୃଷ୍ଣ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁନିଲ୍ କେରେକେଟା, କେ.ନୀଳମାଧବ ଆଚାରୀ, ସରପଞ୍ଚ ସୁଶାନ୍ତ କୁମାର ରାଉତ, ଏବିଡିଓ ଧର୍ମରାଜ ପରିଡା, ତହସିଲଦାର ତାପସ ରାଉତ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ଜ୍ୟୋତି ରଞ୍ଜନ ସାହୁ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଶୁଭ୍ରାଂଶୁ ଶେଖର ରାଉତ, ସିଡିପିଓ ବବିତା କୁମାରୀ ପଣ୍ଡା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଏମ.ଦେବାଶିଷ ଦୋରା, ବ୍ଲକ କୃଷି ଅଧିକାରୀ ହରପ୍ରିୟା ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଜନ ଶୁଣାଣି ଶିବିରରେ ୨୯ଟି ବ୍ୟକ୍ତିଗତ ଓ ୫ଟି ଗୋଷ୍ଠୀଗତ ଅଭିଯୋଗ ଦାଖଲ ହୋଇଥିଲା ବେଳେ ସେଥି ମଧ୍ୟରୁ ୨୯ ବ୍ୟକ୍ତିଗତ ଅଭିଯୋଗର ତତକ୍ଷଣାତି ସମାଧାନ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ବ୍ଲକ ସ୍ତରୀୟ ଅଧିକାରୀଙ୍କ ସମେତ ପଞ୍ଚାୟତବାସୀ ଉପସ୍ଥିତ ରହିଥିଲେ ।


**କାମତା ଲ୍ୟାମ୍ପସ୍, କାମତା**

ଚାଷ ଓ ଚାଷୀର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ

୧. ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ।
୨. ୨% ସୁଧରେ ୧ ରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ।
୩. ଭୂମିହୀନ ତଥା ଭାଗଚାଷୀମାନଙ୍କ ପାଇଁ ମଧ ଏହି ସୁବିଧା ଉପଲବ୍ଧ ।

ଏହି ସୁବିଧା ପାଇବା ପାଇଁ ନିକଟସ୍ଥ କୃଷି ସମବାୟ ସମିତି ଅବା କାମତା ଲ୍ୟାମ୍ପସକୁ ଯୋଗାଯୋଗ କରନ୍ତୁ ।

ଶାଖା ପରିଚାଳିକା — ମାନସୀ ହୋତା
ଲ୍ୟାମ୍ପ ସଭାପତି — ଲକ୍ଷ୍ମଣ ଭାତଭୋଇ






**କୁମୁଳିପୁଟ ଲ୍ୟାମ୍ପସ୍, କୁମୁଳିପୁଟ**

ଚାଷ ଓ ଚାଷୀର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ

୧. ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ।
୨. ୨% ସୁଧରେ ୧ ରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ।
୩. ଭୂମିହୀନ ତଥା ଭାଗଚାଷୀମାନଙ୍କ ପାଇଁ ମଧ ଏହି ସୁବିଧା ଉପଲବ୍ଧ ।

ଏହି ସୁବିଧା ପାଇବା ପାଇଁ ନିକଟସ୍ଥ କୃଷି ସମବାୟ ସମିତି ଅବା କୁମୁଳିପୁଟ ଲ୍ୟାମ୍ପସକୁ ଯୋଗାଯୋଗ କରନ୍ତୁ ।






ଶାଖା ପରିଚାଳିକା — ମାନସୀ ପରିଚ୍ଛା
ସଭାପତି — ତ୍ରିନାଥ ମୁଦୁଲି

**ବୋରିଗୁମ୍ମା ଲ୍ୟାମ୍ପସ, ବୋରିଗୁମ୍ମା**

ଚାଷ ଓ ଚାଷୀର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ

୧. ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ।
୨. ୨% ସୁଧରେ ୧ ରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ।
୩. ଭୂମିହୀନ ତଥା ଭାଗଚାଷୀମାନଙ୍କ ପାଇଁ ମଧ ଏହି ସୁବିଧା ଉପଲବ୍ଧ ।





ଏହି ସୁବିଧା ପାଇବା ପାଇଁ ନିକଟସ୍ଥ କୃଷି ସମବାୟ ସମିତି ଅବା ବୋରିଗୁମ୍ମା ଲ୍ୟାମ୍ପସକୁ ଯୋଗାଯୋଗ କରନ୍ତୁ ।

ଲ୍ୟାମ୍ପ ସଭାନେତ୍ରୀ — ଲାଲୁମଣି ସିଂ

**କେନ୍ଦୁପତ୍ର ତୋଳାଳୀଙ୍କ ଆର୍ଥିକ ଓ ସାମାଜିକ ବିକାଶରେ ଜୟପୁର କେନ୍ଦୁପତ୍ର ଡିଭିଜନ ର ଭୂମିକା**
(୨୦୨୬ ଶସ୍ୟ ବର୍ଷ ନିମନ୍ତେ ପ୍ରସ୍ତାବିତ)

ଓଡ଼ିଶା କେନ୍ଦୁପତ୍ର ସଂସ୍ଥା, ସରକାରୀ ଧାର୍ଯ୍ୟ ମୂଲ୍ୟରେ କେନ୍ଦୁପତ୍ର ତୋଳାଳୀଙ୍କ ଠାରୁ କେନ୍ଦୁପତ୍ର କ୍ରୟ କରିବା ସହିତ ଅନେକ କଲ୍ୟାଣମୂଳକ କାର୍ଯ୍ୟ କରିଥାଏ । ଯଥା :

- ଆର୍ଥିକ ସହାୟତା — କେନ୍ଦୁପତ୍ର ତୋଳାଳୀମାନଙ୍କୁ ବୋନସ୍, ପ୍ରୋତ୍ସାହନ ଏବଂ ଅନ୍ୟାନ୍ୟ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ ।
- ଭତ୍ତା ପ୍ରଦାନ — କେନ୍ଦୁପତ୍ର ତୋଳାଳୀମାନେ ପାଣି ବୋତଲ, ମୁଣ୍ଡ ଟୋପି ଏବଂ ଚପଲ ସହିତ ମଶାରି ପରି ସାମଗ୍ରୀ ପାଇଁ ଭତ୍ତା ପାଆନ୍ତି
- ଅନୁକମ୍ପା ଅନୁଦାନ — ଉଭୟ କେନ୍ଦୁପତ୍ର ତୋଳାଳୀ ଏବଂ ଋତୁକାଳୀନ କର୍ମଚାରୀଙ୍କ ମୃତ୍ୟୁ କ୍ଷେତ୍ରରେ ୨ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି । ଏହି ସମସ୍ତ ଆର୍ଥିକ ଦେଣନେଣ, ସିଧା ସଳଖ ତୋଳାଳୀମାନଙ୍କର ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ହୋଇଥାଏ ।
- ସାମାଜିକ କଲ୍ୟାଣମୂଳକ କାର୍ଯ୍ୟକ୍ରମ — ଓଡ଼ିଶା କେନ୍ଦୁପତ୍ର ସଂସ୍ଥା ତୋଳାଳୀ, ଋତୁକାଳୀନ କର୍ମଚାରୀ ଏବଂ ଅନ୍ୟ ଜନସାଧାରଣଙ୍କ ପାଇଁ ଏହାର କଲ୍ୟାଣମୂଳକ କାର୍ଯ୍ୟକଳାପର ଅଂଶ ଭାବରେ ନିୟମିତ ଭାବରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିର ଓ ଚକ୍ଷୁ ଶିବିର ଆୟୋଜନ କରେ । ବିଶେଷ କରି ଦୁର୍ଗମ ଏବଂ ଆଦିବାସୀବହୁଳ ଅଞ୍ଚଳରେ ଯେଉଁଠାରେ କେନ୍ଦୁପତ୍ର ସଂଗ୍ରହ ହୁଏ, ସେଠି ସମସ୍ତଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇଦେବା ଏହି ପଦକ୍ଷେପର ଲକ୍ଷ୍ୟ ।
- ଦକ୍ଷତା ବିକାଶ — ଓଡ଼ିଶା କେନ୍ଦୁପତ୍ର ସଂସ୍ଥା, ସ୍ଥାନୀୟ ଯୁବକ-ଯୁବତୀମାନଙ୍କୁ ବିଭିନ୍ନ ଧନ୍ଦାମୂଳକ ତାଲିମ ପ୍ରଦାନ ଦିଗରେ ଏକ ପଦକ୍ଷେପ ନେଇଅଛି । କେବଳ ଶିକ୍ଷା ପ୍ରଦାନରେ ସୀମିତ ନରହି ସେମାନଙ୍କ ନିଯୁକ୍ତି ପ୍ରତି ମଧ ଦୃଷ୍ଟି ଦିଆଯିବାର ବ୍ୟବସ୍ଥା ଅଛି । ଏଥି ସହାଣେ ରାଜ୍ୟ ସରକାର ବିଭିନ୍ନ ଜିଲ୍ଲାରେ ଜିଲ୍ଲାସ୍ତରୀୟ ତାଲିମ କେନ୍ଦ୍ର ସ୍ଥାପନ ନିମନ୍ତେ ପଦକ୍ଷେପ ନେଇଅଛନ୍ତି ।

ଖଣ୍ଡିୟ ବନାଧିକାରୀ
କେନ୍ଦୁପତ୍ର, ଜୟପୁର

## କଲେଜ ପଡିଆରୁ ଠିକାଦାରଙ୍କ ମାଟି ଉଠାଣ
# ଅଧ୍ୟକ୍ଷ କହିଲେ ମୋତେ ଜଣାନାହିଁ

ମଙ୍ଗଳପୁର, (ସବ୍ୟୁ) : ଦଶରଥପୁର ବ୍ଲକ୍ ଅନ୍ତର୍ଗତ କୟାଁ ପଞ୍ଚାୟତ ଦୁବକଣ ଜୟଚଣ୍ଡୀ କଲେଜ ପଡ଼ିଆରୁ ବେଆଇନ୍ ଭାବେ ଜେସିବି ମେସିନରେ ମାଟି ଉତ୍ତୋଳନ କରାଯାଉଥିବା ଦେଖିବାକୁ ମିଳିଛି । ଏହି ମାଟି ଖୋଳାଯାଇ ପାର୍ଶ୍ୱରେ ବାତ୍ୟା ଆଶ୍ରୟସ୍ଥଳୀ ପାଇଁ ରାସ୍ତା ହେବାଲାଗି ପଡୁଥିବା ସୂଚନା ସୂଚନା ଥାଉକି ଦୁବକଣ ଛକ ନିକଟରେ ପ୍ରାୟ ୧ କୋଟି ଟଙ୍କାର ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଅନୁଦାନ ମିଳିଛି । ଏହାର ନିର୍ମାଣ କାର୍ଯ୍ୟ ୨୦୨୧ ଜୁନ୍ ୨୯ ତାରିଖରୁ ଆରମ୍ଭ ହୋଇ ୨୦୨୨ ମେ ୨୮ ତାରିଖରେ ସମ୍ପୂର୍ଣ୍ଣ ହେବାକଥା



ହେଲେ ଏପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଶେଷ ହୋଇନାହିଁ । ଏହି ବାତ୍ୟା ଆଶ୍ରୟସ୍ଥଳୀ ନିକଟରେ ଜୟଚଣ୍ଡୀ କଲେଜ ରହିଥିବାବେଳେ କଲେଜର ଯିବା ଆସିବା ରାସ୍ତା ସହ ବାତ୍ୟା ଆଶ୍ରୟସ୍ଥଳୀର ରାସ୍ତାଟି ସଲଗ୍ନ ଥିବାରୁ ଏହି ରାସ୍ତାଟି ଉକ୍ତ ଠିକାଦାର ନିର୍ମାଣ କରୁଥିବା ବେଳେ ସେହି ରାସ୍ତା କଡରେ ଗାର୍ଡୱାଲ କରାଯାଇଛି । ରାସ୍ତା ନିର୍ମାଣ ଏବଂ ଗାର୍ଡୱାଲ କଡ଼ରେ ମାଟି ପକାଇବା ନିମନ୍ତେ ମାଟି କିଣିବା ପାଇଁ ଅନୁଦାନ ଥିବାବେଳେ ଉକ୍ତ ଠିକାଦାର ମାଟି ନକିଣି କଲେଜ ପଡିଆକୁ ଖୋଳି ମାଟି ନେଇ ରାସ୍ତା କାର୍ଯ୍ୟରେ ଲଗାଉଥିବା ଓ ବେଣାମିଶା ମାଟି ରାସ୍ତାରେ ପଡୁଥିବା ଅଭିଯୋଗ ହେଉଛି । ଏସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ଜେନାଙ୍କୁ ପଚାରିବାରୁ କଲେଜ ପଡ଼ିଆରୁ ବେଆଇନ୍ ଭାବେ ମାଟି ଉତ୍ତୋଳନ ପାଇଁ ଠିକାଦାରଙ୍କୁ କୁହାଯାଇନାହିଁ ଏବଂ ବେଣା ଘାସ ମିଶା ମାଟି ପକାଇଥିବାରୁ ଏହାର ତଦନ୍ତ କରାଯିବ ବୋଲି କହିଥିଲେ । କାହାରି ଅନୁମତି ନଥାଇ କିଭଳି ଉକ୍ତ ଠିକା ସଂସ୍ଥା କଲେଜ ପଡିଆକୁ ଖୋଳି ମାଟି ରାସ୍ତା କାମରେ ଲଗାଉଛି ବୋଲି କଲେଜର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ପୋଥାଲଙ୍କୁ ପଚାରିବାରୁ ତାଙ୍କୁ ଏ ବିଷୟରେ ଜଣାନାହିଁ ବୋଲି କହିଛନ୍ତି ।

# ଜେନାପୁର ଥାନାରେ ହିମାଂଶୁଙ୍କ ସମର୍ଥକ ଓ ଭୁବନେଶ୍ୱର ଡିଜିପି ଅଫିସ ଆଗରେ ପ୍ରଣବଙ୍କ ସମର୍ଥକଙ୍କ ଧାରଣା

ଚଡେଇଧରା/ଚଣ୍ଡିଖୋଲ, (ସବ୍ୟୁ) : ଯାଜପୁର ଜିଲ୍ଲାର ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମଧୁପୁରଗଡ ପଞ୍ଚାୟତରେ ରବିବାର ଅପରାହ୍ନରେ ଘଟିଥିବା ରାଜନୈତିକ ଗୋଷ୍ଠୀ ସଂଘର୍ଷକୁ ନେଇ ଏବେ ଧର୍ମଶାଳାରେ ରାଜନୀତି ଓ ବୟାନବାଜୀ ବେସ ରୋଚକ ହୋଇଛି। ଧର୍ମଶାଳାର ନିର୍ବାଚନ ମଣ୍ଡଳୀର କେତେକ ବିଜେଡି ଯୁବ ଓ ଛାତ୍ର ସଂଗଠନର କର୍ମୀ ପ୍ରାକ୍ତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ମଧୁପୁରଗଡ ପଞ୍ଚାୟତର ପନ୍ତୁରୀ ସ୍ଥିତ ଫାର୍ମ ହାଉସରେ ବୈଠକ ଓ ବଣଭୋଜି କରୁଥିଲା ବେଳେ ସ୍ୱାଧିନ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଶତାଧିକ କର୍ମୀ ହଠାତ ସେଠାରେ ପହଞ୍ଚି ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ସେଠାରେ ଭୟଙ୍କର ଗୋଷ୍ଠୀ ସଂଘର୍ଷର ସୂତ୍ରପାତ ହୋଇଥିଲା। ଏହି ଗୋଷ୍ଠୀ ସଂଘର୍ଷରେ ୧୫ଜଣରୁ ଉର୍ଦ୍ଧ୍ୱ ଗୁରୁତର ଆହତ ହୋଇଥିଲା ବେଳେ ୬ଜଣଙ୍କ ଅବସ୍ଥା ସଂଙ୍କଟାପର୍ଣ୍ଣ ହୋଇଥିଲା। ଏଥିସହ ଗଣ୍ଡଗୋଳରେ କେତୋଟି କାର ଓ ଅନେକ ଗୁଡିଏ ମୋଟରସାଇକେଲ ସହ ପୂର୍ବତନ ବିଧାୟକ ପ୍ରଣବଙ୍କ ଘର ଭଙ୍ଗାରୁଜା ହୋଇଥିଲା। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଆତଙ୍କ ସୃଷ୍ଟି ହେବା ସହ ରିବାର ରାତିରୁ ସମଗ୍ର ଧର୍ମଶାଳା ଅଶାନ୍ତ ହୋଇପଡିଥିଲା। ଏହି ଘଟଣାର ପ୍ରତିବାଦ ଓ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ରବିବାର ରାତିରୁ ପ୍ରାକ୍ତନ ବିଧାୟକ ପ୍ରଣବକୁମାର ବଳବନ୍ତରାୟ ଓ ତାଙ୍କ ସମର୍ଥକ ମାନେ ଭୁବନେଶ୍ୱର ସ୍ଥିତ ରାଜ୍ୟ ପୋଲିସ ଡିଜିଙ୍କ କ୍ୟାମ୍ପ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲା ବେଳେ ସୋମବାର ସକାଳୁ ପାଲଟା ଅଭିଯୋଗ କରି ସ୍ୱାଧୀନ ବିଧାୟକ ହିମାଂଶୁଶେଖର ସାହୁଙ୍କ ସମର୍ଥକମାନେ ଯାଜପୁର ଜିଲ୍ଲାର ଜେନାପୁର ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି। ଶାନ୍ତ ଧର୍ମଶାଳା ଏବେ ଅଶାନ୍ତ ହୋଇପଡିଛି ଅଭିଯୋଗ କରିକରିଛନ୍ତି ପ୍ରାକ୍ତନ ବିଧାୟକ ପ୍ରଣବ। ହେଲେ ପ୍ରଣବଙ୍କ ଅଭିଯୋଗକୁ ବିଧାୟକ ହିମାଂଶୁ ଖଣ୍ଡନ କରିବା ସହ ପୂର୍ବତନ ବିଧାୟକ ପ୍ରଣବ ନିଜ ସ୍ଥିତି ରକ୍ଷା ପାଇଁ ଏପରି ଭିତିହୀନ ମନ୍ତବ୍ୟ ଦେଉଥିବା କହିବା ସହ ମୁଁ ଏସବୁ କୌଣସି ଗଣ୍ଡଗୋଳ ବିଷୟରେ ଜାଣିନାହିଁ ଓ ଆଇନ ତାବାଟରେ ଯାଉ ବୋଲି ମତ ରଖିଛନ୍ତି। ତେବେ ଧର୍ମଶାଳାରେ ବାରମ୍ବାର ଏପରି ରାଜନୈତିକ ହିଂସା, ଅରାଜକତା, ସଂଘର୍ଷ ଓ ଆତଙ୍କରାଜ ଘଟଣାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି। ତେବେ ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତ ମାନଙ୍କୁ ଠାବ କରାଯାଉଛି ଓ ସେମାନଙ୍କୁ ଧରିବା ପାଇଁ ଜିଲ୍ଲାର ବଛାବଛା ପୋଲିସ ଅଧିକାରୀ ମାନଙ୍କୁ ନେଇ ତିନୋଟି ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି ବୋଲି ଯାଜପୁର ଏସପିଏସ ପ୍ରତାପ ଶ୍ରୀମଲ ସୂଚନା ଦେଇଛନ୍ତି । ଏହି ଘଟଣାରେ ୪ ଜଣଙ୍କୁ ପୋଲିସ ଗିରଫ କରିଥିବା ଯାଜପୁର ରୋଡ ଏସଡିପିଓ ଲକ୍ଷ୍ମୀଧର ସ୍ୱାଇଁ ସୂଚନା ଦେଇଛନ୍ତି ।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି
### ୨୫ଟିର ତତ୍କାଳ ଫଇସଲା

ପାଣିକୋଇଲି, (ସବ୍ୟୁ) : ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର କୋରେଇ ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି।ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।ମୋଟ ୧୧୦ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୮୧ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ୦୬ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୩ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୫ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଉପ ଆରକ୍ଷୀ ଅଧିକ୍ଷକ ରତିକାନ୍ତ ଗିରି, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋରେଇ, ଅବନିକାନ୍ତ ସାହୁ, ତହସିଲଦାର, ବ୍ୟାସନଗର, ପ୍ରଶାନ୍ତ କୁମାର ପଣ୍ଡା ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

## ଶିଶୁ ଉତ୍ସବ ଉଦ୍‌ଯାପିତ

ରଘୁନାଥପୁର,(ସବ୍ୟୁ): ରଘୁନାଥପୁର ବ୍ଲକ ଓଷ୍ଟା ଆନୁକୂଲ୍ୟରେ ମଣ୍ଡଳ ସ୍ତରୀୟ ଶିଶୁ ଉତ୍ସବ ଚିକିଣିଆ ଏଚ୍‌ଏମ୍‌ଟି ବିଦ୍ୟାପୀଠ ପରିସରରେ ଆଜି ମହାସମାରୋହରେ ଅନୁଷ୍ଠିତ ହୋଇଥିଲା । ଏଥିରେ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତର୍କ, କଣ୍ଠ ସଂଗୀତ, ଚିତ୍ରାଙ୍କନ, ଆବୃତ୍ତି, ଗଳ୍ପଲିଖନ, କବିତା ରଚନା, ଏକକ ଅଭିନୟ, ଏକକ ନୃତ୍ୟ, ସାଧାରଣ ଜ୍ଞାନ, କୁଇଜ୍ ଇତ୍ୟାଦି ୧୦ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଉଦ୍‌ଘାଟନୀ ଉତ୍ସବରେ ଓଷ୍ଟା ବ୍ଲକ ସଭାପତି ଶରତ ଚନ୍ଦ୍ର ପଣ୍ଡା ପୌରହିତ୍ୟ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ରଘୁନାଥପୁର ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଆଶୁତୋଷ ବାନାର୍ଜୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ ।

## କୁଆଖିଆ ମହୋତ୍ସବ ୨୪ରୁ

କୁଆଖିଆ, (ସବ୍ୟୁ) : ରସୁଲପୁର ପଂଚାୟତ ସମିତି ସଭାଗୃହ ପରିସରରେ ଅଷ୍ଟାଦଶ ତମ କୁଆଖିଆ ମହୋତ୍ସବ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମହୋତ୍ସବ କମିଟିର ସ୍ଥାୟୀ ଅଧ୍ୟକ୍ଷ ତଥା ରସୁଲପୁର ବ୍ଲକ ବିଡିଓ ସତ୍ୟାନନ୍ଦ ଦାସ ଅଧ୍ୟକ୍ଷତା କରିଥିଲେ। କୁଆଖିଆ ମହୋତ୍ସବ କମିଟି ସଭାପତି ଶିଶିର କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରି ସଭା ପରିଚାଳନା କରିଥିଲେ। ଅତିଥି ଭାବେ କୋରେଇ ବିଧାୟକ ଆକାଶଦାସ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗ ଦେଇ କୁଆଖିଆ ମହୋତ୍ସବକୁ ସ୍ୱତନ୍ତ୍ରତା କରିବା ବିଗତ ବର୍ଷ ଠାରୁ ଅଧିକ ଆକର୍ଷଣୀୟ କରିବା ନେଇ ସବୁ ପ୍ରକାର ସହଯୋଗ ଯୋଗାଇ ଦେବାକୁ କହିଥିଲେ। ଏଥିରେ ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ ରାଉତ,ମହାସଚିବ ଅରୁଣ କୁମାର ସାହୁ,କୋରେଇ ବିଧାୟକ ଙ୍କ ପ୍ରତିନିଧି ପ୍ରହଲ୍ଲାଦ ପଣ୍ଡା,ମହୋତ୍ସବ କମିଟି ସମ୍ପାଦକ ସନ୍ତୋଷ କୁମାର ରାଉତ, କୁଆଖିଆ ଥାନା ଇନ୍ସପେକଟର ଜ୍ୟୋତିରଞ୍ଜନ ମହାପାତ୍ର ,ଯାଜପୁର ସଂସଦଙ୍କ ପ୍ରତିନିଧି ଲକ୍ଷ୍ମୀଧର ପତି, ରସୁଲପୁର ଦମକଳ ବିଭାଗ ଉପ କେନ୍ଦ୍ର ଅଧିକାରୀ ପ୍ରସନ୍ନ କୁମାର ପରିଡା ପ୍ରମୁଖ ଯୋଗ ଦେଇ ଚଳିତ ବର୍ଷ ମହୋତ୍ସବକୁ ଶାନ୍ତି ଶୃଙ୍ଖଳା ସହକାରେ ପାଳନ କରାଯିବା ଉପରେ ଗୁରୁତ୍ୱାରୋପ କରି ଆସନ୍ତା ୨୪ ତାରିଖରେ ମହୋତ୍ସବକୁ ଉଦଘାଟନ କରିବା ସହ ୫ ତାରିଖରେ ଉଦଯାପିତ କରାଯିବା ଉପରେ ନିଷ୍ପତି ନିଆଯାଇଥିଲା। ଶେଷରେ ଉମେଶ ପଳେଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ମହେଶ୍ୱର ସାହୁ, ଦିଲ୍ଲୀପ ସାମଲ, ଶଶାଙ୍କ ରାଉତ, ଦିଲ୍ଲୀପ ରାଉତ, ଓ ସମସ୍ତେ ସଭ୍ୟ ମିଶିକି ପରିଚାଳନା କରିଥିଲେ ।

# ଚୋରି କରି ଫେରାର ଥିବା ୫ ଅଭିଯୁକ୍ତ ଗିରଫ : ଗାଡି , ଅଳଙ୍କାର ଜବତ

ଧର୍ମଶାଳା, ( ସବ୍ୟୁ) : ବିଗତ ୬ ମାସ ହେବ ଧର୍ମଶାଳା ଓ ଏହାର ସୀମାବର୍ତୀ ଥାନା ଅଂଚଳରେ ସଙ୍ଗଠିତ ଘର ଚୋରୀ ଘଟଣାରେ ପୁର୍ବରୁ ୧୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଏହି ଘଟଣାରେ ଫେରାର ଥିବା ଅନ୍ୟ ୫ ଜଣ ଅଭିଯୁକ୍ତଙ୍କୁ ଧର୍ମଶାଳା ପୁଲିସ ଗିରଫ କରି ଆଜି କୋର୍ଟ ଚଲାଣ କରିଥିବା ଜଣାପଡିଛି। ସୂଚନା ମୁତାବକ ଧର୍ମଶାଳା ଥାନା ଓ ଏହାର ସୀମାବର୍ତୀ ଥାନା ଅଂଚଳରେ ବିଗତ ୬ ମାସ ହେଲା ବ୍ୟାପକ ଚୋରି ହେଉଥିଲା। ବାରମ୍ବାର ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁନଥିଲା। ଏହକୁ ନେଇ କେନ୍ଦ୍ରାଂଚଳ ଡିଆଇଜିଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଏସପିଏସପ୍ରତାମ ସିମଲଙ୍କ ଅଧକ୍ଷତାରେ ଏକ ପୁଲିସ ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଗତ ୪ ତାରିଖରେ ଚୋରି ଘଟଣାରେ ସମ୍ପୃକ୍ତ ୧୦ ଜଣ ଚୋର ସମେତ ୪ ଜଣ ରିସିଭରଙ୍କୁ ଗିରଫ କରାଯାଇ ସେମାନଙ୍କ ନିକଟରୁ ବିପୁଳ ପରିମାଣର ଚୋରି ଟଙ୍କା, ସୁନା ଓ



ରୁପା ଅଳଙ୍କାର ଜବତ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ତେବେ ଏହି ଚୋରି ଘଟଣାରେ ମୁଖ୍ୟ ଅଭିଯୁକ୍ତମାନେ ଫେରାର ରହିଥିଲେ। ଧର୍ମଶାଳା ପୁଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଫେରାର ୫ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୧୪ ଗ୍ରାମ ସୁନା ଅଳଙ୍କାର ସହ ଗୋଟିଏ ଟିଆଗୋ କାର, ଗୋଟିଏ ମାରୁତି ବାଲାନୋ , ଗୋଟିଏ ମାରୁତି ଇର୍ଟିକ. ଗୋଟିଏ ସ୍କୁଟି ବାଇକ ସହ ୫ଟି ମୋବାଇଲ ଫୋନ ଜବତ କରିଛି। ପୂର୍ବରୁ ଫେରାର ଥାଇ ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତମାନେ ବାଲିଚନ୍ଦ୍ରପୁର ଥାନା ଚାରିନଙ୍ଗଳ ଗ୍ରାମର ସେକ ଓ୍ୱାହିଦ(୨୫) , ବାଲିଚନ୍ଦ୍ରପୁର ଥାନା ଚାରିନଙ୍ଗଳ ଗ୍ରାମର ସେକ ଲାଲୁଦ୍ଦିନ(୨୩),କେନ୍ଦ୍ରାପଡା ସଦର ଥାନା ମିର୍ଜାପାଟଣା ଗ୍ରାମର ମିର୍ଜା ମେହେବୁବ ବେଗ (୩୦), ଜମ୍ମୁ ମେରାଇନ ଥାନା ବଡିଘର ଗ୍ରାମର ନାରାୟଣ ବାରିକ (୨୭),କେନ୍ଦ୍ରାପଡା ଟାଉନ ଥାନା ଅଧିନ ଜୟପୁର ଗ୍ରାମର ସେକ ରମଜାନ (୪୫) ବୋଲି ଜଣାପଡିଛି। ଆଜି ୫ ଜଣ ଅଭିଯୁକ୍ତଙ୍କୁ ଧର୍ମଶାଳା ପୁଲିସ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ନେଇ ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ରାସନ କାର୍ଡ ନେଇ ଚିନ୍ତାରେ ପିଏମକିଷାନ ହିତାଧିକାରୀ

ମହାକାଳପଡ଼ା,(ସବ୍ୟୁ ) : ମହାକାଳପଡ଼ା ବ୍ଲକ ର ୩୧ପଂଚାୟତରେ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୫୦, ୦୦୦ରୁ ଅଧିକ ହିତାଧିକାରୀ ରହିଛନ୍ତି । ସରକାର କେହି ଅନାହାରରେ ରହିବେନି ସ୍ଲୋଗାନ ଲକ୍ଷ୍ୟରେ ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟନ୍ୱୟନ କରିଛନ୍ତି । ପରବର୍ତ୍ତୀ ସମୟରେ ରାସନ କାର୍ଡ ଧାରୀ ପରିବାର ସ୍ୱାସ୍ଥ୍ୟ ବୀମା ଓ ପିଏମକିଷାନ ନିମନ୍ତେ ଯୋଗ୍ୟ ବିବେଚିତ ହେଉଥିଲେ ୯ ଦିନ ଥିଲା ଗୋଟିଏ କାର୍ଡ ଯୋଗେ ଉପରୋକ୍ତ ତିନିଗୋଟି ସରକାରୀ ସୁବିଧା ଉପଲବ୍ଧ ହେଉଥିଲା । ଗରିବ ପରିବାର ଲୋକେ ସରକାରୀ ସୁବିଧା ଉପଲବ୍ଧ ପାଇଁ ଏହାହିଁ ଥିଲା ଅମୋଘଅସ୍ତ୍ର । ପୂର୍ବର ବିଜେଡି ସରକାର ସମୟ ରେ ରାସନ ସାମଗ୍ରୀ ହାତଉଥିବା ଅନେକ ଭୁତ ହିତାଧିକାରୀଙ୍କୁ ତାଲିକାରୁ ବାଦ ଦେବା ପାଇଁ ଡବଲ ଇଂଜିନ ସରକାର ଇକେୱାଇସି ଜାରି ରଖିଥିଲେ । ଯାହାଫଳରେ ଅନେକ ଭୁତ ହିତାଧିକାରୀ ବାଦ ପଡିବା ପରେ ରାସନ କାର୍ଡରୁ ବଂଚିତ ଥିବା ଯୋଗ୍ୟ ହିତାଧିକାରୀ ରାସନ କାର୍ଡ ପାଇବାର ସୁଯୋଗ ପାଇଛନ୍ତି । କିନ୍ତୁ ଦୁଃଖର କଥା ନୂତନ ରାସନ କାର୍ଡ ନେଇ ପ୍ରକ୍ରିୟା ଜାରି ରହିଥିବା ବେଳେ ପ୍ରଶାସନ ରାସନ କାର୍ଡ ପରିବାର ରେ ଥିବା ପିଏମକିଷାନ ହିତାଧିକାରୀଙ୍କ ନାମ ତାଲିକା ପ୍ରକାଶନ ପରେ ଚିନ୍ତାରେ ଚାଷୀ ।୨. ୭ ଏକର ଚାଷ ଜମି ମାନ ଦଣ୍ଡ ଆଧାର ରେ ପିଏମକିଷାନ ସୁବିଧା ହାତଉଥିବା ରାସନ କାର୍ଡ ହିତାଧିକାରୀ ତାଲିକାକୁ ପୁନଃ ଗଣନା କରିବ ନା ଦୁଇଟିରୁ ଗୋଟିଏ ସୁବିଧା ଯୋଗାଇଦେବ ସେ ନେଇ ଚିତ୍ର ଅସ୍ପଷ୍ଟ ରହିଛି । ଯାହାକି ସାଧାରଣ ଚାଷୀ ପରିବାର ବଡ଼ ଚିନ୍ତାର କାରଣ ହୋଇଛି । ସେହିପରି ଆଗକୁ ସରକାର ମଣ୍ଡି ଯୋଗେ ଧାନ କ୍ରୟ କରିବାର ଥିବା ବେଳେ କେଉଁ ମାନ ଦଣ୍ଡ ରେ ରାସନ କାର୍ଡ ପରିବାରର ଚାଷୀ ମଣ୍ଡିରେ ଧାନ ବିକ୍ରୟ କରିବେ ସେ ନେଇ ମଧ ଚାଷୀ ମହଲରେ ଚିନ୍ତା ବୃଦ୍ଧିପାଉଛି । ସରକାରୀ /ଅର୍ଦ୍ଧସରକାରୀ କର୍ମଚାରୀ ସଙ୍ଘ ଯୋଗେ ନିଜର ପେଟ ପାଟଣା ପାଇଁ ଦାବି ଉପସ୍ଥାପନ କରୁଥିବା ବେଳେ ଅଣସଙ୍ଘଠିତ ଚାଷୀ ପ୍ରତି

## ଆରଆଇ ଅଫିସ ପରିସରରୁ ହଟାଯାଉନି ଜବରଦଖଲ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ତହସିଲ ଅଧିନରେ ଥିବା ବିଷ୍ଣୁପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଦୀର୍ଘ ବର୍ଷ ହେଲା ଜବରଦଖଲରେ ରହିଥିବାର ଅଭିଯୋଗ ହୋଇଛି । ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ଅସୁରେଶ୍ୱର ଗ୍ରାମପଂଚାୟତ ବିଷ୍ଣୁପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ବ୍ରିଟିଶ ଅମଳର ଅଟେ । ଦୀର୍ଘ ଦିନ ହେଲା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିଲା । ତେବେ ନିର୍ବାଚନ ପରେ ଏହି ଗୃହ ନିର୍ମାଣ ନିମନ୍ତେ ରାଜସ୍ୱ ମନ୍ତ୍ରୀ ସୁରେଶ ପୁଝାରୀଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିଲା । ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ନିର୍ମାଣ କାର୍ଯ୍ୟ ତଦାରଖ କରୁଛି । ତେବେ ଗ୍ରାମ୍ୟ ଉନ୍ନୟନ ବିଭାଗର ଦାୟୀତ୍ୱ ହୀନତା ଓ କର୍ତବ୍ୟରେ ଚରମ ଅବହେଳା କାରଣରୁ ଏହି କାର୍ଯ୍ୟାଳୟ ପରିସରରୁ ଜବରଦଖଲ ହଟାନଯାଇ ଅତ୍ୟନ୍ତ ତରବରିଆ ଭାବେ ସୀମିତ ସ୍ଥାନରେ ନିର୍ମାଣ କାର୍ଯ୍ୟ କରାଯିବା ନିମନ୍ତେ ମସୁଧା କରାଯାଉଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସ୍ଥାନୀୟ ଲୋକେ ତହସିଲ ପ୍ରଶାସନ ତରଫରୁ ଜବରଦଖଲ ଉଚ୍ଛେଦ କରାଯିବା ନିମନ୍ତେ ଦାବି କରିଛନ୍ତି ।

## ଷୋଳପୁଆ ମାଆ ଠାକୁରାଣୀ ପୀଠର ବିକାଶ ପାଇଁ ବିଧାୟକଙ୍କୁ ଦାବିପତ୍ର

ବାଲିଚନ୍ଦ୍ରପୁର, (ସବ୍ୟୁ) : ଯାଜପୁର ଜିଲ୍ଲାର ଐତିହ ସମ୍ପନ୍ନ ହୀରକତ୍ରୀଭୁଜ ମଧ୍ୟବର୍ତ୍ତୀ ଅଞ୍ଚଳରେ ରହିଛି ଷୋଳପୁଆ ମାଆ ଠାକୁରାଣୀଙ୍କ ପୀଠ । ଏହା ସହିତ ବଡ଼ଚଣା ବ୍ଲକର ଗୋପାଳପୁର ଗ୍ରାମର ଗ୍ରାମ ଦେବତୀ ମା'ଫୁଲଦେଇ ମନ୍ଦିର । ଏହି ଦୁଇ ଗୋଟି ଠାକୁରାଣୀ ପୀଠର ବିକାଶ ଧାରାକୁ ଆଗକୁ ନେବା ପାଇଁ ଜାରି ରହିଛି ପ୍ରୟାସ । ଉକ୍ତ ପାହାଡ଼ଟି ଲଣ୍ଡା ପାହାଡ଼ ଥିବା ବେଳେ ଷୋଳପୁଅ ମା' ବିକାଶ ମଂଚ ନାମରେ ଏକ ସାମାଜିକ ସଂଗଠନ ଗଠନ କରାଯାଇ ପାହାଡ଼ରେ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଜାରିରହିଛି । ବିଶିଷ୍ଟ ବରିବେଶ ବିତ୍ କ୍ଷୀରୋଦ ଜେନା ଉକ୍ତ ପାହାଡ଼ରେ ବିଭିନ୍ନ ପ୍ରକାର ଫଳ ଗଛ ଲଗାଇ ଲଣ୍ଡା ପାହାଡ଼କୁ ସବୁଜିମାରେ ପରିଣତ କଲେଣି । ଏଥି ସହିତ ଉକ୍ତ ପାହାଡ଼ର ମଧ୍ୟବର୍ତ୍ତି ସ୍ଥାନରେ ଆଶ୍ରୟସ୍ଥଳି ନିର୍ମାଣ, ବଣଭୋଜି ପାଇଁ ଅନେକ ସୁବିଧା କରିସାରିଲେଣି । ଷୋଳପୁଅ ମା' ବିକାଶ ମଂଚ ଏବଂ ଭାରତ ବିକାଶ ଫାଉଣ୍ଡେସନ ସହଯୋଗରେ ବିକାଶ ଧାରା ଜାରିରହିଛି । ମାତ୍ର ଏହି ସ୍ଥାନକୁ ଭଲ ରାସ୍ତା ନଥିବା ବେଳେ ଏଠାରେ ଆଲୋକ ଓ ପାଣିର କୌଣସି ବନ୍ଦୋବସ୍ତ ହୋଇପାରିନାହିଁ । ପୀଠର ବିକାଶ ନିମନ୍ତେ ଆଜି ଏକ ପ୍ରତିନିଧି ଦଳ ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କୁ ଭେଟି ମା'ଙ୍କ ପୀଠର ବିବିଧ ବିକାଶ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ଗୁଡ଼ିକ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଆଲୋକିକରଣ ବ୍ୟବସ୍ଥା କରିବା ପାଇଁ ବିଧାୟକ ଶ୍ରୀ ନାୟକ ବିଭାଗକୁ ନିର୍ଦ୍ଦେଶ ଦେବା ସହ କିପରି କାର୍ଯ୍ୟକାରୀ ହୋଇପାରିବ ସେ ନେଇ ବ୍ୟବସ୍ଥା କରିଛନ୍ତି । ପରବର୍ତ୍ତି ପର୍ଯ୍ୟାୟରେ ଅନ୍ୟ ଦାବି ଗୁଡ଼ିକ ପ୍ରତି ପଦକ୍ଷେପ ନିଆଯିବ ବୋଲି ବିଧାୟକ ପ୍ରତିଶୃତି ଦେଇଛନ୍ତି । ଷୋଳପୁଅ ମା' ବିକାଶ ମଂଚ ପକ୍ଷରୁ ସମ୍ପାଦକ ପରିବେଶ ବିତ୍ କ୍ଷୀରୋଦ ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପରିଡ଼ା, ଅବସରପ୍ରାପ୍ତ ସରକାରୀ ଅଧିକାରୀ ପ୍ରମୋଦ କୁମାର ପରିଡ଼ା, ସାମ୍ବାଦିକ ଉକିଲ କେଶରୀ ସାମଲ, ଯୁବ ସମାଜସେବୀ ଇଂ.ପ୍ରିୟବ୍ରତ ସାମଲ ପ୍ରମୁଖ ବିଧାୟକଙ୍କୁ ଭେଟି ସାକ୍ଷାତ ଆଲୋଚନା କରିଥିଲେ ।

## ସେଣ୍ଟ୍ ଜାଭିଅର ପବ୍ଲିକ ସ୍କୁଲରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା

ରାଜନଗର, (ସବ୍ୟୁ) : ରାଜନଗର ଠାରେ ଥିବା ସେଣ୍ଟ୍ ଜାଭିଅର ପବ୍ଲିକ ସ୍କୁଲ ପରିସରରେ ଦ୍ୱାଦଶତମ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ସୁବେଦାର ମେଜର ଗଗନ ବିହାରୀ ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ୧୩ ତାରିଖ ଠାରୁ ୧୫ ତାରିଖ ତିନି ଦିନ ଧରି ଏହି ବାର୍ଷିକ କ୍ରିଡା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଉତ୍ସବରେ ସୁବେଦାର ମେଜର ଗଗନ ବିହାରୀ ସ୍ୱାଇଁ, ଅବସରପ୍ରାପ୍ତ ସୈନିକ ଅଚ୍ୟୁତାନନ୍ଦ ସ୍ୱାଇଁ, ମାନଗୋବିନ୍ଦ ସ୍ୱାଇଁ ଓ ଇଂଲଣ୍ଡରେ କାର୍ଯ୍ୟରତ ବୈଜ୍ଞାନିକ ପ୍ରିୟବ୍ରତ ପ୍ରଧାନ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିମାନେ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିବା ସହିତ ସେମାନଙ୍କୁ କ୍ରୀଡାମନୋଭାବ, ଶିଷ୍ଟାଚାର ଓ ଶାରିରୀକ ସୁସ୍ଥତାର ଗୁରୁତ୍ୱ ସମ୍ପର୍କରେ ପ୍ରେରଣାଦାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ବିଦ୍ୟାଳୟର ଉଦ୍ୟୋକ୍ତା ଓ ପ୍ରତିଷ୍ଠାତା ଦୁର୍ଗାଚରଣ ପ୍ରଧାନ, ଟ୍ରଷ୍ଟି ଶ୍ରୀମତୀ କବିତା ପ୍ରଧାନ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁକଦେବ ପରିଡାଙ୍କ ସହ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ

## ପୁନର୍ବାସର ବାର୍ଷିକ ସାଧାରଣ ପରିଷଦ ବୈଠକ

କେନ୍ଦ୍ରାପଡା, (ସବ୍ୟୁ): କେନ୍ଦ୍ରାପଡ଼ା ଜିଲ୍ଲାରେ ଦୀର୍ଘ ଦେଢ଼ ଦଶନ୍ଧିରୁ ଉର୍ଦ୍ଧ୍ୱ କାଳ ଥେରାପି ସେବା ଓ ଭିନ୍ନକ୍ଷମଙ୍କ ସଚେତନତା ଓ ସଶକ୍ତିକରଣ ନିମନ୍ତେ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ତଥା ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ସର୍ବ ପ୍ରଥମେ ସହ ସମ୍ପାଦକ ବଂଶୀଧର ମହାନ୍ତି ୨୦୨୫-୨୬ ଆର୍ଥିକ ବର୍ଷରେ ଅନୁଷ୍ଠାନ ଦ୍ୱାରା କରାଯାଇଥିବା କାର୍ଯ୍ୟକ୍ରମଗୁଡିକ ଉପରେ ସଂକ୍ଷେପରେ ଆଲୋକପାତ କରିଥିଲେ । ଏହାପରେ କୋଷାଧକ୍ଷ ଶିବଚରଣ ସାମଲ ୨୦୨୪-୨୫ ଆର୍ଥିକ ବର୍ଷ ଆୟବ୍ୟୟର ଅଡିଟ୍ ରିପୋର୍ଟକୁ ଉପସ୍ଥାପିତ କରିଥିଲେ । ଆଲୋଚନା ମାଧ୍ୟମରେ ଉକ୍ତ ରିପୋର୍ଟଟିକୁ ଗୃହୀତ କରାଯାଇଥିଲା । ଏହାପରେ ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀ ରାଉତରାୟ ପୁନର୍ବାସ ଅନୁଷ୍ଠାନ ଅଜିମ୍ ପ୍ରେମ୍‌ଜୀ ଫାଉଣ୍ଡେସନର ସହଯୋଗିତା ପ୍ରାପ୍ତ ହେବା ଏବଂ ଅନୁଷ୍ଠାନ ଦ୍ୱାରା ପ୍ରକାଶିତ ହେଉଥିବା ଦ୍ୱି-ମାସିକ ଦ୍ୱି-ଭାଷିକ ଭିନ୍ନକ୍ଷମତା ସମ୍ପର୍କିତ ସ୍ୱତନ୍ତ୍ର ସମ୍ବାଦପତ୍ର ପୁନର୍ବାସ ସମାଚାରକୁ ଆଇଏସ୍‌ଏସ୍‌ଏନ୍ ଦ୍ୱାରା ସ୍ୱୀକୃତି ମିଳିବା ଚଳିତ ବର୍ଷର ଦୁଇଟି ଉଲ୍ଲେଖଯୋଗ୍ୟ ସଫଳତା ବୋଲି ମତ ପ୍ରକାଶ କରିଥିଲେ । ଏହି ବାର୍ଷିକ ବୈଠକରେ ସଭ୍ୟ ସ୍ୱପ୍ନାଂଶୁ କୁମାର ଦାସ, ସଂଗ୍ରାମ ଚୌଧୁରୀ, ପ୍ରଶାନ୍ତ କୁମାର ସିଂହ, ଶେଷଦେବ ପ୍ରସାଦ ଦାସ, ଜିତେନ୍ଦ୍ର କୁମାର ରାଉତ, କ୍ଷୀରୋଦ କୁମାର କର, ଅମରିନ୍ ସାହାଦତ୍, ସଞ୍ଜୟ କୁମାର ଜେନା, ମହମ୍ମଦ୍ ଜାହିଦ ଖାନ୍,ପ୍ରଫୁଲ୍ଲ କୁମାର ବେହେରା ଓ ଅନୁଷ୍ଠାନର ସଭାପତି ଓ





ସମ୍ପାଦିକା ପ୍ରମୁଖ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଅନ୍ୟତମ ଉପଦେଷ୍ଟା ତଥା ସଭ୍ୟ ପ୍ରଭାସ ଚନ୍ଦ୍ର ଦାସ ଓ ସାମାଜିକ ଅର୍ଥନୀତି ବିଶାରଦ ଶୁଭଙ୍କର ନାୟକ ସାମାଜିକ କ୍ଷେତ୍ରରେ ସଂଗଠିତ ହେଉଥିବା ପରିବର୍ତ୍ତନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପରିଶେଷରେ ଅନୁଷ୍ଠାନର ଉପସଭାପତି ଜ୍ୟୋତିରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ମେଗା ସ୍ୱାସ୍ଥ୍ୟ ଶିବିର

ବିଞ୍ଝାରପୁର,(ସବ୍ୟୁ) : ବିଞ୍ଝାରପୁର.ବ୍ଲକଅଧୀନ ପ୍ରୀତିପୁର ସ୍ଥିତ ବିନୋଦ ବିହାରୀ ଉଚ୍ଚ ବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ହେବାକୁ ଥିବା ପ୍ଲାଟିନମ୍ ଜୟନ୍ତୀ ପୂର୍ବରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଗତ ୧୪ ତାରିଖ ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରକୁ ମୁଖ୍ୟ ଅତିଥି ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଜୟ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ । ତାଙ୍କ ସହିତ ଅତିଥି ଭାବରେ ଆଇ ଆଇ ଜି ଏଚ କଟକର ମୁଖ୍ୟ ଡାକ୍ତର ସଂଜୀବ କର, ଭୁବନେଶ୍ୱର ସମ ହସ୍ପିଟାଲର ଡାକ୍ତରମାନଙ୍କ ସହ ଜନ ସମ୍ପର୍କ ଅଧିକାରୀ ସତ୍ୟବ୍ରତ ଦାସ ଓ ଖ୍ୟାତନାମା ଚିକିତ୍ସମାନଙ୍କ ସହ ପୁରାତନ ଛାତ୍ର ସଂସଦର ସଭାପତି ଡ଼ଃ କେଶବ ଚନ୍ଦ୍ର ସତପଥୀଙ୍କ ସମେତ ଛାତ୍ର ସଂସଦର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ଦୁଃଖିଶ୍ୟାମ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ଗହଣରେ ବନ୍ଧୁମିଳନ କାର୍ଯ୍ୟକ୍ରମ

ସାଲେପୁର, (ସବ୍ୟୁ) : ସାଲେପୁର ବ୍ଲକ ରାମକୃଷ୍ଣପୁର ପଂଚାୟତ ଏଲମାପୁର ସ୍ଥିତ ବୃଦ୍ଧାଶ୍ରମରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ଜଣାଶୁଣା ସମଜସେବୀ ଚିତ୍ତରଞ୍ଜନ ଶତପଥୀ ତାଙ୍କ ସପରିବାର ଓ ବନ୍ଧୁମାନଙ୍କୁ ନେଇ ଦୁଃଖିଶ୍ୟାମ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ଗହଣରେ ଭୋଜିର ଆୟୋଜନ କରିଥିଲେ। ଶ୍ରୀ ଶତପଥୀଙ୍କର ବିଭିନ୍ନ ଭଲମନ୍ଦ ପଚାରି ବୁଝିଥିଲେ। ଅନ୍ତେବାସୀ




ମଉସାମାଉସୀଙ୍କ ସହିତ ହସଖୁସିରେ ବହୁ ସମୟ ଅତିବାହିତ କରିବାପରେ ସମସ୍ତେ ଏକତ୍ରିତ ଭାବେ ମଧ୍ୟାହ୍ନ ଭୋଜନ କରିଥିଲେ। ଶ୍ରୀ ଶତପଥୀଙ୍କ ଜ୍ୟୋଇଁ ଡାକ୍ତର ପ୍ରିତମ ପ୍ରତୀକ ପ୍ରହରାଜ ପ୍ରତିମାସରେ ଅନ୍ତେବାସୀମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ପ୍ରତିଶୃତି ପ୍ରଦାନ କରିଛନ୍ତି। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଡାକ୍ତର ନିହାର ରଞ୍ଜନ ପ୍ରହରାଜ, କାମଦେବ କର, ବିରଞ୍ଚି ନାରାୟଣ କର, ସାମ୍ବାଦିକ ଶିଶିର କୁମାର ଦାଶ, ଚିତ୍ତରଞ୍ଜନ ମୁଦୁଲି, ଇଂ ସନ୍ତୋଷ ସ୍ୱାଇ, ଶର୍ମିଷ୍ଠା ଶତପଥୀ, ରଶ୍ମିତା କର, ମମତା ପଣ୍ଡା ଓ ସୁଲିପ୍ତା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

### ଜଗତସିଂହପୁର ଜିଲ୍ଲା ଖଣି ଅଧିକାରୀଙ୍କ ନାମରେ ଉପଜିଲ୍ଲାପାଳଙ୍କ ଏତଲା ଘଟଣା
# ସଦର ଥାନାରେ ଏତଲା ପରେ ଖଣି ଅଧିକାରୀଙ୍କ ଦର୍ଶନ ମିଳୁନି

ଜଗତସିଂହପୁର,(ସବ୍ୟୁ) :ବାଲି ମାଫିଆଙ୍କୁ ସାବାଡ଼ କରିବା ପାଇଁ ଜଗତସିଂହପୁର ଜିଲା ପ୍ରଶାସନ ଆରମ୍ଭ କରିଥିବା ବାଲୁ ବଜ୍ର ଅଭିଯାନରେ ଫସିଛନ୍ତି ଖୋଦ ଜିଲାର ଖଣି ଅଧିକାରୀ ସତୀଶ କୁମାର ତରାଇ । ତାଙ୍କ ନାଁ ରେ ସଦର ଥାନାରେ ଜିଲାପାଳ ଜେ ସୋନାଲଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଏତାଲା ଦେଇଛନ୍ତି । ବାଲି ମାଫିଆଙ୍କ ସହିତ ସମ୍ପର୍କ ସହ ଅପରାଧି ମାନଙ୍କୁ ନେଇ ବାଲିଘାଟରେ ସାମିଲ କରାଇବା ସହ ବହୁ ଦୁର୍ନୀତି ରେ ଜଡିତ ଥିବା ଅଭିଯୋଗକୁ ନେଇ ଖଣି ଅଧିକରୀଙ୍କ ନାଁରେ ଏତାଲା ହୋଇଥିବାର ଜଣାଯାଇଛି ।ଜଗତସିଂହପୁର ସଦର ଥାନାରେ ଏତଲା ହେବା ପରେ କେଶ ନମ୍ବର ୯୨/୨୦୨୫ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।ଅନ୍ୟ ପଟରେ ଗତକାଲି ଏତଲା ପରେ ଖଣୀ ଅଧିକାରୀ ନିଜ ଅଫିସରେ ନଥିବାରୁ ସେ ଫେରାର ଥିବା କୁହାଯାଉଛି।ଆଜି ସଦର ଠାରେ ଥିବା ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଗ୍ରିଭାନ୍ସ ଥିବା ବେଳେ ସେଠାରେ ମଧ ଉପସ୍ଥିତ ନଥିବା ଦେଖାଯାଇଥିଲା। ଜିଲାରେ ବାଲି ମାଫିଆଙ୍କୁ ସାବାଡ଼ କରିବା ପାଇଁ ପ୍ରଶାସନ ଗୋଟିକ ପରେ ଗୋଟିଏ ବାଲି ଘାଟ ଉପରେ ଛଡ଼ାଉ ଜାରି ରଖିଛି ।ଗତ ନଭେମ୍ବର ୨୫ ତାରିଖରେ ଜିଲ୍ଲା ପ୍ରଶାସନ ପକ୍ଷରୁ କିଲିପାଳ ବାଲିଘାଟ ଉପରେ ଚଢ଼ାଉ କରି ୪୮ ହାଇଓ୍ୱା ଓ ୩ ଏକ୍ସାଭେଟର ଜବତ କରିବା ପରେ ଗତ ଡିସେମ୍ବର ୧୧ ତାରିଖରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ନେତୃତ୍ୱରେ ଜଇପୁର ବାଲିଘାଟ ଚଢ଼ାଉ କରାଯାଇ ୨୨ ହାଇୱା ସହିତ ୨ ଏକ୍ସାଭେଟରକୁ ପୋଲିସ ଜବତ କରିଥିଲା ।ଏହି ବେଆଇନ ବାଲି ଚୋରି ଘଟଣାରର ଜିଲା ଖଣି ଅଧିକାରୀଙ୍କ କାର୍ଯ୍ୟକଳାପ କୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା ।ଫଳରେ ବାଲିଘାଟରେ ଚଢ଼ାଉ ବେଳେ ଖଣି ଅଧିକାରୀଙ୍କୁ ତଦନ୍ତ ପରିସର କୁ ଆଣିବା ପାଇଁ ସାଧାରଣ ରେ ଦାବି ହୋଇ ଆସୁଥିଲା । ଖଣି ଅଧିକାରୀ ବାଲି ଘାଟ ଲିଜ ନେଇଥିବା ଠିକାଦାରଙ୍କ ସହିତ କିଛି ଅପରାଧି ଓ ଅସାମାଜିକ ବ୍ୟକ୍ତିଙ୍କୁ ଯୋଗାଯୋଗ କରାଇବାରେ ପ୍ରମୁଖ ସହଯୋଗୀ ସାଜିଥିବା ସହିତ ବେଆଇନ ଭାବରେ ନିର୍ଦ୍ଧାରିତ ସ୍ତର ଠାରୁ ଅଧିକ ପରିମାଣର ବାଲି ଉଠାଇ ସେମାନଙ୍କ ମାଧ୍ୟମରେ କୋଟି କୋଟି ଟଙ୍କା ରାଜସ୍ୱ ଲୁଟି ନେଉଥିବାର ଅଭିଯୋଗ ହୋଇଛି ।ଏହାକୁ ଭିତି କରି ଖଣି ଅଧିକାରୀଙ୍କ ନାଁରେ ଏତାଲା ହୋଇଥିବା ସହ ପୋଲିସ ତଦନ୍ତ କରିବା ପରେ ଅଧିକ ତଥ୍ୟ ପଦାକୁ ଆସିବ ବୋଲି ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ କହିଛନ୍ତି ।ବେଆଇନ ବାଲି ଖନନ ଯୋଗୁ ପରିବେଶ ଅସନ୍ତୁଳିତ ହେବା ସହ ନଦୀ ବନ୍ଧ ପ୍ରତି ମଧ ବିପଦ ସୃଷ୍ଟି ହେଉଛି । ଯାହା ଫଳରେ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବା ସହ ରାସ୍ତାରେ ବାଲି ପଡି ବାରମ୍ବାର ଦୁର୍ଘଟଣା ମଧ ଘଟୁଛି ।ବେଆଇନ ଭାବରେ ଅଧିକ ପରିମାଣରେ ବାଲି ଉଠାଣ ଯୋଗୁ ନଦୀ ପଠା ଅଞ୍ଚଳରେ ବନ୍ୟା ସମୟରେ ଆସୁଥିବା ପଟୁ ନଆସିଲେ ଠିକ ଭାବରେ ଫସଲ କିମ୍ବାନ୍ୟାନ୍ୟ ବୃକ୍ଷରାଜି ଉପରେ ପ୍ରଭାବ ପକାଇବା ପ୍ରଶାସନ ର ଏହି ଅଭିଯାନକୁ ସାଧାରଣରେ ପ୍ରଶଂଶା କରାଯିବା ସହ ବାଲି ଚୋରା ଚାଲାଣ ରେ ସମ୍ପୃକ୍ତ ମାଫିଆ ମାନଙ୍କୁ ଧରିବା ସହ ପୋଲିସ ସଠିକ ତଦନ୍ତ କରି ଖଣି ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପରିବେଶବିତ ଉକିଳ ରଞ୍ଜନ ମହାନ୍ତି ଓ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ ଦାବୀ କରୁଛନ୍ତି ।

# ଦେବୀ ନଦୀରେ ଅଲିଭରିଡେଲ କଇଁଛଙ୍କ ମିଳନ ପ୍ରକ୍ରିୟା



ଅସ୍ତରଙ୍ଗ ,(ସବ୍ୟୁ): ଆମ ରାଜ୍ୟର ଗହୀରମଥା ,ରଷିକୁଲ୍ୟା ଏବଂ ଦେବୀ ମୁହାଣ ଅଞ୍ଚଳ ନଭେମ୍ବର ମାଷ ଠାରୁ ଜାନୁଆରୀ ମାଷ ପର୍ଜନ୍ତ ଅଲିଭରି କଇଁଛ ମାନଙ୍କର ଚାଲିଥାଏ ମିଳନ ପ୍ରକ୍ରିୟା । ମିଳନ ପ୍ରକ୍ରିୟାର ୫୦ ରୁ ୬୦ ଦିନ ପରେ ଏହି କଇଁଛମାନେ ସମୁଦ୍ର ଉପକୂଳକୁ ଆସି ବାଲୁକା ରାଶୀ ଉପରେ ଅଣ୍ଡାଦାନ କରିଥାନ୍ତି। ଅଣ୍ଡାଦାନ ସାରିବା ପରେ ସେମାନେ ସମୁଦ୍ର ମଧ୍ୟକୁ ଫେରି ଯାଇଥାନ୍ତି । ଏହି କଇଁଛ ମାନେ ବିଶେଷ ଭାବେ ସମୁଦ୍ର ମଧ୍ୟରେ ସେମାନଙ୍କ ମିଳନ ପ୍ରକ୍ରିୟା ଆରମ୍ଭ କରୁଥିବା ଦେଖିବାକୁ ମିଳିଥାଏ । କିନ୍ତୁ ଚଳିତ ବର୍ଷ ଦେବୀନଦୀ ମଧ୍ୟରେ ଏକାଧିକ ଅଲିଭରି କଇଁଛମାନଙ୍କର ମିଳନ ହେଉଥିବାର ଦୃଶ୍ୟ ଦେଖିବାକୁ ମିଳଛି। ଯାହା ଆମ ପରିବେଶ ପାଇଁ ଏକ ଭଲ ଖବର ବୋଲି କହିଛନ୍ତି କେତେକ ପରିବେଶ କର୍ମୀ । ଅଲିଭରି ସାମୁଦ୍ରିକ କଇଁଛମାନେ ଦେବୀମୁହାଣ ନିକଟ ସାମୁଦ୍ରିକ ଅଞ୍ଚଳ କୁ ସେମାନଙ୍କ ଅଣ୍ଡାଦାନ ପ୍ରକ୍ରିୟା ନିମନ୍ତେ ହଜାର ହଜାର କିଲୋମିଟର ସାମୁଦ୍ରିକ ପଥ ଅତିକ୍ରମ କରି ଓ ଗହୀରମଥା ,ରଷିକୁଲ୍ୟା ,ଏବଂ ଦେବୀମୁହାଣ ସାମୁଦ୍ରିକ ଉପକୂଳ ନିକଟକୁ ଚାଲିଆସିଥାନ୍ତି । ଏହି ସାମୁଦ୍ରିକ ଜୀବ ମାନେ ଉପକୂଳ ଠାରୁ ଦୁଇକିଲୋମିଟର ଦୂରତା ମଧ୍ୟରେ ସେମାନଙ୍କ ମିଳନ ପ୍ରକ୍ରିୟା ଆରମ୍ଭ କରିଥାନ୍ତି । କିନ୍ତୁ ଚଳିତବର୍ଷ ଏହି କଇଁଛ ମାନେ ଦେବୀନଦୀ ମୁହାଣ ଅତିକ୍ରମ କରି ଦେବୀନଦୀ ମଧ୍ୟରେ ସେମାନଙ୍କ ମିଳନ ପ୍ରକ୍ରିୟା ଆରମ୍ଭ କରୁଥିବାର ଦେଖିବାକୁ ମିଳିଛି ମଶ୍ଚଜୀବି ମାନେ ଦେବୀନଦୀ ମଧ୍ୟରେ ମାଛ ଧରିବାକୁ ଯାଉଥିବା ବେଳେ ଏହି କଇଁଛମାନଙ୍କ ମିଳନ ପ୍ରକ୍ରିୟା ଦେଖିବାକୁ ପାଇଥିଲେ। ଏବଂ ସେହି ସମୟର ଫଟୋ ଏବଂ ଭିଡିଓକୁ ନିଜ ମୋବାଇଲରେ ରେକର୍ଡ କରିଥିଲେ ଦେବୀନଦୀ ମଧ୍ୟରେ ଅଲିଭରି କଇଁଛ ମାନଙ୍କ ମିଳନ ପ୍ରକ୍ରିୟା ଦେଖିବା ପରେ ଏଠାରେ ସେମାନେ ସୁରକ୍ଷିତ ରହିବା ସହିତ ଅସ୍ତରଙ୍ଗ ଦେବୀମୁହାଣର ପରିବେଶ ସେମାନଙ୍କ ପାଇଁ ଉପଯୋଗୀ ହୋଇଥିବା କହିଛନ୍ତି ପରିବେଶବିତ ଶୋଭାକର ବେହେରା ।

# ୧୭ରେ ସ୍କୁଲ ଫାଟକରେ ତାଲା ପକାଇ ଧାରଣା ଦେବେ ଗ୍ରାମବାସୀ

ନିମାପଡା,(ସବ୍ୟୁ): ନିମାପଡା ବ୍ଲକ ଛଣିଜଙ୍ଗ ପଞ୍ଚାୟତର ଅଳକୁଣ୍ଡ ଠାରେ ଥିବା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କ ବିଶୃଙ୍ଖଳିତ ଅଚରଣରେ ଅତିଷ୍ଠ ହୋଇ ଉକ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କ ବଦଳୀ ଦାବୀ କରାଯାଇଛି । ନଚେତ ଆସନ୍ତା ୧୭ ତାରିଖରେ ଗ୍ରାମବାସୀ,ଅଭିଭାବକ,ବିଦ୍ୟାଳୟ ପରିଚାଳନା କମିଟୀ ସଦସ୍ୟଛାତ୍ରଛାତ୍ରୀ ପ୍ରମୁଖ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିବେ ବୋଲି କହିଛନ୍ତି । ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କ ମନମୁଖୀ କାର୍ଯ୍ୟ ଓ ବିଶୃଙ୍ଖଳିତ ଆଚରଣ ଯୋଗୁଁ ପରିଚାଳନା କମିଟୀ ସଭ୍ୟ,ଅଭିଭାବକ,ଛାତ୍ରଛାତ୍ରୀଙ୍କୁ ଅତିଷ୍ଠ କରିଛି । ଦୀର୍ଘ ବର୍ଷ ଧରି ଉକ୍ତ ବିଦ୍ୟାଳୟରେ ରହିଥିବା ଉକ୍ତ ଶିକ୍ଷୟତ୍ରୀଙ୍କ ଅନ୍ୟତ୍ର ବଦଳୀ କରାଯିବା ସହିତ ବିଦ୍ୟାଳୟରେ ଖାଲି ପଡିଥିବା ଶିକ୍ଷକ ପଦବୀକୁ ତୁରନ୍ତ ପୁରଣ କରିବା ପାଇଁ ଦାବୀ ହୋଇଛି । ଏସଂକ୍ରାନ୍ତରେ ଗ୍ରାମବାସୀ,ପରିଚାଳନା କମିଟୀ, ଅଭିଭାବକ, ଛାତ୍ରଛାତ୍ରୀ ପ୍ରମୁଖ ପୁରୀ ଜିଲ୍ଲା ଶିକ୍ଷାଧିକାରୀ,ଜିଲ୍ଲାପାଳ ଓ ସ୍ଥାନୀୟ ବିଧାୟିକାଙ୍କୁ ଲିଖିତ ଓ ସାକ୍ଷାତ କରି ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି । ଆସନ୍ତା ୧୭ ତାରିଖରେ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଗ୍ରାମବାସୀ,ଅଭିଭାବକ ପ୍ରମୁଖ ଦାବୀ ପୁରଣ ନହେବା ପର୍ଯ୍ୟନ୍ତ ଧାରଣା ଦେବେ ବୋଲି ଚାରିଛକ ଥାନାରେ ଲିଖିତ ଭାବେ ଜଣାଇଥିବା ଜଣାପଡିଛି । ଏ ସଂପର୍କରେ ଉକ୍ତ ବିଦ୍ୟାଳୟର ସଂପୃକ୍ତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ପଚାରିବାରେ ମୋର କୌଣସି ତ୍ରୁଟି ନାହିଁ,ମୋତେ ବଦନାମ କରିବାକୁ ଏହା ଏକ ଷଡଯନ୍ତ୍ର ଥାଇପାରେ ବୋଲି ସେ କହିଛନ୍ତି ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଔଷଧ ଭଣ୍ଡାରରେ ଜିଲ୍ଲା ଡଗ୍ସ ଇନ୍ସପେକ୍ଟର ନମୁନା ପରୀକ୍ଷା ପାଇଁ ଜବତ ହେଲା ତିନି ପ୍ରକାରର ଔଷଧ

ଗୋପ,(ସବ୍ୟୁ): ସୋମବାର ପୂର୍ବାହ୍ନରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ସରକାରୀ ଔଷଧ ଭଣ୍ଡାରରେ ଜିଲ୍ଲା ଡଗ୍ସ ଇନ୍ସପେକ୍ଟର ଜ୍ଞାନଦା ଶୁଭଦର୍ଶନୀ ନନ୍ଦ ଅଚାନକ ପରିଦର୍ଶନ କରିଥିଲେ। ଏହି ସମୟରେ ଔଷଧ ଭଣ୍ଡାରକୁ ସରକାରଙ୍କ ପକ୍ଷରୁ ଆସୁଥିବା ୨୪୬ ପ୍ରକାରର ଔଷଧ ମଧ୍ୟ ତନ୍ନତନ୍ନ କରି ଯାଞ୍ଚ କରିବା ପରେ ଦୁଇ ପ୍ରକାରର ଔଷଧ ସହିତ ଆଖି ଡ୍ରପ ଯାଞ୍ଚ କରିବା ଲାଗି ଜବତ କରିଥିବା ଜଣା ପଡିଛି। ପ୍ରକାଶ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବା କୁ ଘରେ ଘରେ ପହଞ୍ଚାଇବା ସହିତ ସାଧାରଣ ଲୋକ ମାନଙ୍କ ପାଇଁ ମାଗଣାରେ ଔଷଧ ଯୋଗାଇ ଦେବା ସହିତ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର ରେ ନିରାମୟ ଖୋଲିଛନ୍ତି। ଏପରି କି ସରକାରୀ ସ୍ତରରେ ଡାକ୍ତରଖାନାରେ ଥିବା ଡ଼ାକ୍ତର ମାନେ ରୋଗି ମାନଙ୍କୁ ଚିକିତ୍ସା କରିବା ସରକାର ପକ୍ଷରୁ ଆସୁଥିବା ମାଗଣା ଔଷଧ ଲେଖିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ସରକାର ସବୁ ସମୟରେ ଗୋପ ଡାକ୍ତରଖାନା କୁ ଆବଶ୍ୟକତା ଅନୁସାରେ ମଧ୍ୟ ମାଗଣା ଔଷଧ ଯୋଗାଇ ଦେଉଛନ୍ତି।ଏହି ମାଗଣା ଔଷଧ ଠିକ ଭାବରେ ସାଧାରଣ ଲୋକମାନେ ପାଉଛନ୍ତି କି ନାହିଁ। କର୍ତ୍ତବ୍ୟରତ ଡାକ୍ତରମାନେ ସବୁ ସମୟରେ ରୋଗି ମାନଙ୍କୁ ମାଗଣା ଔଷଧ ଲେଖୁଛନ୍ତି କି ନାହିଁ ଓ ବିଭିନ୍ନ ସମୟରେ ଗୋପ ଡାକ୍ତରଖାନା ପକ୍ଷରୁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ଥିବା ୮ ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ୨୯ ଗୋପ ଉପ ସ୍ୱାସ୍ଥ୍ୟ କେନ୍ଦ୍ର କୁ ମାଗଣା ଔଷଧ ଦିଆଯିବା ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ଔଷଧ ଭଣ୍ଡାରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡ଼ଃ ଜସ୍ମିନୀ ଆଫ୍ରୋଜ ସମୀକ୍ଷା କରିଥାନ୍ତି। ମାତ୍ର ସରକାରୀ ସ୍ତରରେ ଏହି ଔଷଧ ଭଣ୍ଡାର କିପରି ଚାଲିଛି ସରକାରୀ ଔଷଧ ମାନ ଠିକ ଅଛି କି ନାହିଁ ଏହାକୁ ନେଇ ଜିଲ୍ଲା ଡଗ୍ସ ଇନ୍ସପେକ୍ଟର ଶ୍ରୀମତୀ ନନ୍ଦ ପରିଦର୍ଶନ କରିଥିବା ଜଣା ପଡିଛି। ଏହି ଔଷଧ ଭଣ୍ଡାରକୁ ଯାଞ୍ଚ ସମୟରେ ଔଷଧ ଭଣ୍ଡାରର ସିନିଅର ଫାର୍ମାସିଷ୍ଟ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିବା ବେଳେ ଜିଲ୍ଲା ଡଗ୍ସ ଇନ୍ସପେକ୍ଟର ଶ୍ରୀମତୀ ନନ୍ଦ ସନ୍ତୋଷ ପ୍ରକାଶ କରିଥିବା ଜଣା ପଡିଛି।

# ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଖଣ୍ଡପଡ଼ା ,(ସବ୍ୟୁ): ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଭାବେ ଅଭିଳାଷ ପଣ୍ଡା(ଶିବା) ପୁର୍ନବାର ଦାୟିତ୍ୱ ଗ୍ରହଣ କରିବା ପରେ ନିଜମାଟି ଖଣ୍ଡପଡ଼ା ଅଞ୍ଚଳବାସୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି । ରାଜ୍ୟ ଯୁବମୋର୍ଚ୍ଚା ସଭାପତିଙ୍କୁ ଶ୍ରୀପଣ୍ଡାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇବା ପାଇଁ ଏକ ବିଶାଳ ବାଇକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା।ଖଣ୍ଡପଡ଼ା ସହରର ମଧୁବନ ମିନି ଷ୍ଟାଡିୟମ ପରିସରରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଖଳିସାହି,ମର୍ଦ୍ଦରାଜପୁର ଓ ବେଣାଗାଡିଆ ଗ୍ରାମ ଦେଇ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋ ଯାଇଥିଲା । ସେଠାରୁ ଏହି ଶୋଭାଯାତ୍ରା ଅଭିଳାଷ ପଣ୍ଡାଙ୍କ ନିଜ ଜନ୍ମମାଟି ଭାପୁର ବ୍ଲକ ପଥରଚକଡ଼ା ଗ୍ରାମ ପରିକ୍ରମଣ କରି ଗ୍ରାମର ମାଆ ନାରାୟଣୀଙ୍କ ପୀଠରେ ଶେଷ ହୋଇଥିଲା। ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଶ୍ରୀଯୁକ୍ତ ପଣ୍ଡାଙ୍କୁ ସବୁଠି ସ୍ୱାଗତ କରାଯିବା ସହ ଶହଶହ ଶୁଭେଚ୍ଛୁ ,ଦଳୀୟ କର୍ମୀ ଓ ସଂଗଠକମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ଅନ୍ୟ ମାନଙ୍କ ମଧ୍ୟରେ ନୟାଗଡ ଜିଲ୍ଲା ଭାଜପା ସଭାପତି ତାପସ ରଞ୍ଜନ ମାର୍ଥା, ବରିଷ୍ଠ ନେତା ସନ୍ତୋଷ କୁମାର ପ୍ରଧାନ ,ଭରତ ବେହେରା,ଜିତେନ୍ଦ୍ର କୁମାର କାଟିଆ,ପରମେଶ୍ୱର ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।କଣ୍ଟିଲୋ ଠାରେ ପ୍ରଭୁ ଶ୍ରୀନୀଳମାଧବଙ୍କ ପୂଜକ ସମାଜ ପକ୍ଷରୁ ଶ୍ରୀଯୁକ୍ତ ପଣ୍ଡାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରକାଶଥାଉକି ଶ୍ରୀଯୁକ୍ତ ପଣ୍ଡା ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଭାବେ ୨ ୟ ଥର ପାଇଁ ଦାୟିତ୍ୱ ଗ୍ରହଣ କରିଥିବା ଜଣାଯାଇଛି।

## ପାଣି ଲାଇନ କାଟି ଦେବାରୁ ଲୋକେ ହନ୍ତସନ୍ତ

ବଳଙ୍ଗା, (ସବ୍ୟୁ) ରାସ୍ତା ସମ୍ପ୍ରସାରଣ ପାଇଁ ବିଭିନ୍ନ ସ୍ଥାନରେ କଲଭଟ କାମ ଆରମ୍ଭ କରି ଅଧାପନ୍ତରିଆ ଅବସ୍ଥାରେ କାମ ବନ୍ଦ କରିଛି ଠିକାଦାର।ସୁଚନା ମୁତାବକ ହରିପୁର ଠାରୁ ବାମନାଳ ଭାୟା ବଳଙ୍ଗା ଦେଇ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଛି।ରାସ୍ତା କାର୍ଯ୍ୟ କରୁଥିବା ଠିକାଦାର ଜଣକ ଏହି ରାସ୍ତାର ଗଡଚାନ୍ଦପୁର ଠାରେ ଦୀର୍ଘ ଦଶଦିନ ହେବ ବସୁଧା ପାଣି ଲାଇନ କାଟିବା ହେତୁ ଅରେଇସାହି,ମେଳକ ସାହି,ସୁନିନ୍ଦା,ସୁନିନ୍ଦା ମଳିକ ସାହି,ଉତ୍ତରଗଡ଼ ,ମଳିକ ସାହି ଆଦି ଗ୍ରାମବାସୀ ମାନେ ପାଣି ବିନା ହନ୍ତସନ୍ତ ହୋଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ରାସ୍ତା କାର୍ଯ୍ୟ ସହିତ ପାଣି କାମ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବା ସହିତ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ



ବାଙ୍କୀ, (ସବ୍ୟୁ): ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ ପୁରୋଧା, ପ୍ରବୀଣ ସାମ୍ବାଦିକ ତଥା ବାଙ୍କୀର ବରପୁତ୍ର ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଜନ୍ମ ଜୟନ୍ତୀ ନିଜସ୍ୱ ଜନ୍ମଭୂମି ବାଙ୍କୀ ଉପଖଣ୍ଡର ବୈଦ୍ୟେଶ୍ୱର ଗ୍ରାମରେ ପାଳିତ ହୋଇଯାଇଛି । ପ୍ରତ୍ୟୁଷରୁ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ପ୍ରଭାତ ଫେରିରେ ଆସି ସ୍ଥାନୀୟ ବିଦ୍ୟାରତ୍ନ ଛକ ସ୍ଥିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ନିକଟରେ ଏକତ୍ରିତ ହୋଇଥିଲେ। ପରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଦାରା ମାଲ୍ୟାର୍ପଣ କରାଯିବା ପରେ ଛାତ୍ରଛାତ୍ରୀ ମାନେ ଶୋଭାଯାତ୍ରାରେ ବୈଦ୍ୟେଶ୍ୱର ଗ୍ରାମ ପରିକ୍ରମା କରି ପଣ୍ଡିତ ବିଦ୍ୟାରତ୍ନଙ୍କ ଜନ୍ମ ସ୍ଥାନ ବ୍ରଜବିହାରିପୁର ଠାରେ ସମ୍ମିଳିତ ହୋଇଥିଲେ। ଉକ୍ତ ସ୍ଥାନରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ପଣ୍ଡିତ ବିଦ୍ୟାରତ୍ନଙ୍କ ସ୍ତୁତିଚାରଣ କରାଯାଇଥିଲା। ଏହି ଅବସରରେ ବୈଦ୍ୟେଶ୍ୱର ଯୁକ୍ତ ୨ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ବାଙ୍କୀ ଭାରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାଳି ଚରଣ ତ୍ରିପାଠୀଙ୍କ ସଂଚାଳନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ସୁରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, କଟକ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଜୟନ୍ତୀ ସଭାରେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଉପଜିଲ୍ଲାପାଳ ଜେ. କଳ୍ପନା , ଜିଲ୍ଲା ପରିଷଦ ସଦସ୍ୟା ରଶ୍ମିତା ସାହୁ, ସଭାପତି ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଶ୍ରୀ ସୁଭାଷ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଭାଷା ସାହିତ୍ୟ ଏବଂ ସମ୍ବାଦିକତାର ପ୍ରତୀକ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ କ୍ରାନ୍ତିକାରୀ ଜୀବନ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ ଅନ୍ୟତମ ସଂମାନିତ ଅତିଥି ଭାବରେ ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର ବାଙ୍କୀର ଅସ୍ମିତ ପ୍ରତିଭା ନୀଳମଣି ବିଦ୍ୟାରତ୍ନଙ୍କ ଜିଲ୍ଲା ସ୍ତରୀୟ ଜୟନ୍ତୀ ଜନ୍ମ ମାଟି ବୈଦେଶ୍ୱରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ସୌଜନ୍ୟତାରେ କରାଯାଇଥିବାରୁ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ। ବରିଷ୍ଠ ସାମ୍ବାଦିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର ଗୌରାଙ୍ଗ ବେହେରା , ବିଭୁ ପ୍ରସାଦ ସାମଲ , ପୂର୍ଣ୍ଣଚନ୍ଦ୍ର ସାହୁ, ମନୋଜ ଦଳେଇ , ଅଶୋକ ରଣା, ଅନନ୍ତ ରଣା,ମାନସ ରଞ୍ଜନ ସାହୁ, ପ୍ରତାପ ଚନ୍ଦ୍ର ନାୟକ,ରାଜେଶ କୁମାର ସାହୁଙ୍କ ସମେତ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ଓ ବହୁ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ



ଦଶପଲ୍ଲା , (ସବ୍ୟୁ): ଦଶପଲ୍ଲା ବ୍ଲକ କାଚପଲ୍ଲୀ ସ୍ଥିତ ଲକ୍ଷ୍ମୀ ନାରାୟଣ ଉଚ୍ଚ ବିଦ୍ୟାଳୟ ରୌପ୍ୟ ଜୟନ୍ତି ଉତ୍ସବ ଉଦଯାପିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା ସମିତି ସଭାପତି ବାମନ ଚରଣ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ .ମୁଖ୍ୟବକ୍ତା ଭାବେ ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ,ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁ ଓ ଏନ ଏ ସି ଅଧ୍ୟକ୍ଷା ଇଂ ପୁନମ ପ୍ରିୟଦର୍ଶନୀ,ସାଂସଦ ପ୍ରତିନିଧି କିଶୋର ଦଳବେହେରା, ଘୁଗୁଡିପଡା ପଂଚାୟତ ସମିତିସଭ୍ୟ ମାମି ପ୍ରଧାନ, ସରପଞ୍ଚ ରମେଶ ଚନ୍ଦ୍ର ସାହୁ, ରୌପ୍ୟ ଜୟନ୍ତୀ କମିଟି ସଭାପତି ବିଦୀପ୍ତ ରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଉପେନ୍ଦ୍ର ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।ଏହି ଅବସରରେ ବିଦ୍ୟାଳୟ ରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ର ଛାତ୍ରୀମାନଙ୍କୁ ଅଟ୍ରଫି ସହ ପ୍ରମାଣପତ୍ର ପ୍ରଦାନ କରାଯିବା ସହ ବିଭିନ୍ନ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବ ରେ ପ୍ରଧାନ ଶିକ୍ଷକ ହୃଷିକେଶ ବାରିକ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ସାମରିକ, ଅର୍ଦ୍ଧ ସାମରିକ ଯୁବକ ଯୁବତୀଙ୍କୁ ସମ୍ବର୍ଦ୍ଧନା

ଆଠଗଡ ,(ସବ୍ୟୁ): ଆଠଗଡ ଅଂଚଳରେ ଗଢି ଉଠିଥିବା ସଉରୀ ଚରଣ ପି ଆଣ୍ଡ ଟି ପକ୍ଷରୁ ଗତ କିଛି ମାସ ହେବ ଓଡିଶା ର ବିଭିନ୍ନ ଶିକ୍ଷିତ ଯୁବକ ଯୁବତୀ ମାନଙ୍କୁ ନେଇ ନିଶୁଳ୍କ ସାମରିକ ଓ ଅର୍ଦ୍ଧ ସାମରିକ ବାହିନୀର ବିଭିନ୍ନ ପଦରେ ନିଯୁକ୍ତି ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ ଦିଆଯାଉଛି। ଯାହାକି ଉକ୍ତ ଟ୍ରଷ୍ଟ ରେ ପ୍ରାୟ ୧ଶହ ରୁ ଉର୍ଦ୍ଧ ଯୁବକ ଯୁବତୀ ପ୍ରଶିକ୍ଷଣ ନେଉଛନ୍ତି। ଏଥି ମଧ୍ୟରୁ ୧୩ଜଣ ତାଲିମ ପ୍ରାପ୍ତ ଯୁବକ ଯୁବତୀ ଭାରତ ସେନା ବାହିନୀରେ ନିଯୁକ୍ତି ହେବା ପାଇଁ ପରୀକ୍ଷାରେ ଉନ୍ନତି ଲାଭକରିଛନ୍ତି। ସେଥିମଧ୍ୟରୁ ୧୧ ଜଣ ଅଗ୍ନିବୀର ଓ ଜଣେ ଜୁନିୟର କମିଶନ୍ଡ ଅଫିସର୍ ଏବଂ ଜଣେ ଯୁବତୀ ସେନା ସନିକ ଭାବେ ପୋଲିସ ଭାବେ ଭର୍ତ୍ତିହୋଇଛନ୍ତି ୀ ସୋମବାର ଦିନ ଟ୍ରଷ୍ଟ ପକ୍ଷରୁ ଏକ ବିଜୟ ଉତ୍ସବ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ନିଧିପୁର ଖେଳ ପଡିଆ ଠାରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ଟ୍ରଷ୍ଟର ଯୁବକ ଯୁବତୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ଟ୍ରଷ୍ଟ ସଭାପତୀ ସୌରୀ ଚରଣ ପ୍ରଧାନଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ବିଜୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ , ମୁଖ୍ୟବକ୍ତା ଭାବେ ଡାକ୍ତର ଦେବାଶିଷ ଜେଷ୍ଠୀ ଓ ସମ୍ମାନିତ ଅତିଥି ଭାବେ ଡାକ୍ତର ରାଜେଶ ଦେଝରା, ସହିଦ ଜଗନ୍ନାଥ ବେହେରା ଙ୍କ ମା ରମା ବେହେରା, ନେଡାଲ ଅଫିସର ରଜନୀକାନ୍ତ,ଘଣ୍ଟିଖାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ହରେ କୃଷ୍ଣ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସାମରିକ ଓ ଅର୍ଦ୍ଧ ସାମରିକ ବାହିନୀରେ ନିଯୁକ୍ତି ପାଇଥିବା ଯୁବକ ଓ ଯୁବତୀମାନଙ୍କୁ ସମ୍ମାନିତ କରିଥିଲେ । ଏଥି ସହ ଆଠଗଡ ନିର୍ବାଚନ ମଣ୍ଡଳୀ ରେ ଥିବା ପୂର୍ବତନ ସେନା ଅଧିକାରୀ ସଂଘ ସହ ବରିଷ୍ଠ ସେନା ଅଧିକାରୀମାନଙ୍କୁ ସମ୍ମାନିତ କରାଯାଇଥିଲା । ଟ୍ରଷ୍ଟ ସାଧାରଣ ସଂପାଦକ ଶୁଭେନ୍ଦୁ ପ୍ରଧାନ ଟ୍ରଷ୍ଟ ବିବରଣୀ ପାଠ କରିଥିଲେ। ଟ୍ରଷ୍ଟ ର ସହ–ସଂପାଦକ ପ୍ରଦିପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିବା ସହ ପ୍ରଶିକ୍ଷଣ ନେଉଥିବା ଯୁବକ ଯୁବତୀ ମାନଙ୍କ ପାଇଁ ଏକ ଚିରସ୍ଥାୟୀ ପଡିଆ ଓ ଲିଖିତ ପ୍ରଶିକ୍ଷଣ ପାଇଁ ଏକ କନଫରେନ୍ସ ହଲ ଯୋଗାଇଦେବା ପାଇଁ ଅନୁରୋଧ କରିଥିଲେ ।

# ସୁକାନ୍ତ ଦଳେଇ ବୋଲଗଡ ଥାନା ନୂତନ ଅଧିକାରୀ



ବୋଲ ଗଡ଼ ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନାରେ ନୂତନ ଥାନା ଅଧିକାରୀ ଭାବେ ସୋମବାର ଦିନ ଯୋଗଦେଇଛନ୍ତି ସୁକାନ୍ତ କୁମାର ଦଳେଇ । ସେ ଏହା ପୂର୍ବରୁ ଖୋର୍ଦ୍ଧା ମୁଖ୍ୟ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଅପରାଧ ଓ ସାଇବର ୟୁନିଟରେ କାର୍ଯ୍ୟରତ ଥିଲେ । ଏଠାରେ ପୂର୍ବରୁ ଅଧିକାରୀ ଥିବା ସ୍ନିଗ୍ଧା ମୟୀ ବରାଳ ଖୋର୍ଦ୍ଧା ପୋଲିସ ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ନୂତନ ଥାନା ଅଧିକାରୀ ଶ୍ରୀଦଳେଇଙ୍କୁ ବୋଲଗଡ଼ ସାମ୍ବାଦିକ ଗଙ୍ଗାଧର ଦାଶ , ପ୍ରଦୀପ କୁମାର ପ୍ରଧାନ ସମେତ ବହୁ ସାମ୍ବାଦିକ ଫୁଲତୋଡା ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ବୋଲ ଗଡ଼ ଥାନା ଅଞ୍ଚଳରେ ବେଆଇନି ଗୋଚାଲାଣ, ଅବାଧ ନିଶା କାରବାର ,ଚୋରାମଦ କାରବାର,ଆଇନିଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱ ଦେବେ ବୋଲି ମତ୍ତ ପ୍ରକାଶ କରିଥିଲେ।

# ବିଜୟଙ୍କ ଉଦ୍ଦେଶ୍ୟରେ ସମୂହ ଦୀପ ଦାନ



ବାଲିପାଟଣା ,(ସବ୍ୟୁ): ବାଲିପାଟଣା ବାରିଲୋ ଗାଁ ର ସଫଳ ଚାଷୀ ବିଜୟ କୁମାର ଜେନା ଙ୍କ ଆକସ୍ମିକ ବିୟୋଗ ସ୍ଥାନୀୟ ଅଞ୍ଚଳକୁ ସ୍ତବ୍ଧ କରିଦେଇଛି ସେ ଜଣେ ସଫଳ ଚାଷୀ ନ ଥିଲେ ବରଂ ବିଭିନ୍ନ ଆଧ୍ୟାତ୍ମିକ, ସାମଜିକ ଓ ସାଂସ୍କୃତିକ ପରିଷଦ ସହ ଜଡିତ ଥିଲେ । ସୋମବାର ସନ୍ଧ୍ୟାରେ ବାଲିପାଟଣା ମହାବୀର ସାଂସ୍କୃତିକ ପରିଷଦ ତରଫରୁ ବଜାର ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବିଜୟ ଙ୍କ ଉଦେଶ୍ୟ ରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ଓ ସମୂହ ଦୀପ ଦାନ କରାଯାଇଛି । ଏହି ଅବସରରେ ନୀରବ ପ୍ରାର୍ଥନା କରାଯାଇଥିଲା । ମହାବୀର ସାଂସ୍କୃତିକ ପରିଷଦ ସଭାପତି ଖିରୋଦ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ଶିକ୍ଷାବିତ ନାରାୟଣ ବେହେରା , ଅକ୍ଷୟ କୁମାର ସାହୁ , ଜୟନ୍ତ ଓଝା , ସମ୍ପାଦକ ଆଲୋକ ଆଚାର୍ଯ୍ୟ , ବସନ୍ତ କୁମାର ଦାଶ , ରଞ୍ଜନ ପ୍ରଧାନ , ପୂର୍ଣ୍ଣ ଚନ୍ଦ୍ର ମାହୁନ୍ତ , ସନ୍ତୋଷ ଭୋଳ , ଚିନ୍ତାମଣି କାଶ୍ୟପ , ସୂର୍ଯ୍ୟକାନ୍ତ ମୁଖୀ , ବିଶ୍ୱଜିତ ସାହୁ , ବିବେକାନନ୍ଦ ସାହୁ , ଦିଗବିଜୟ ପରିଡା, ଶିଶୁ ଅନନ୍ତ ମହାବିଦ୍ୟାଳୟ ଅବସର ପ୍ରାପ୍ତ ଅଧ୍ୟାପକ ରାଧାକାନ୍ତ ମହାନ୍ତି , ଅଶୋକ ସାହୁ , ଘନଶ୍ୟାମ ଭୋଳ , ରାକେଶ କୁମାର ମିଶ୍ର , ସୁବୋଧ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଜଗନ୍ନାଥ ଙ୍କ ନିକଟରେ ଅମର ଆତ୍ମା ଙ୍କ ସଦଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାଇ ପ୍ରତି ସମବେଦନା ଜ୍ଞାପନ କରାଯାଇଛି ।

# ଠିକାଦାର ସଂଘ ଗଠନ

## ପ୍ରମୋଦ –ସଭାପତି, ସମରେନ୍ଦ୍ର – ସମ୍ପାଦକ

ଫୁଲନଖରା , (ସବ୍ୟ): : କଟକ ସଦର ଥାନା ଅନ୍ତର୍ଗତ ମା ଧାକୁଲେଇ ପିଠର ସମ୍ମିଳନୀ ଗୃହରେ କଟକ ସଦର ନିର୍ବାଚନ ମଣ୍ଡଳୀ ଓ ବାରଙ୍ଗ ବ୍ଲକ ଠିକାଦାର ସଂଘର ପ୍ରଥମ ଅଧିବେଶନ ସହ କର୍ମକର୍ତ୍ତା ଚୟନ ହୋଇଯାଇଛି । ବେଶେଷକରି ପ୍ରାଚୀ ଜଳ ସମ୍ପଦ ବିଭାଗ ଅନ୍ତର୍ଗତ ପ୍ରତାପନଗରୀ ଓ ମୁଣ୍ଡଳି ଜଳ ସମ୍ପଦ ଉପଖଣ୍ଡ ଅଧୀନସ୍ଥ କଟକ ସଦର ଓ ବାରଙ୍ଗ ବ୍ଲକର ସମସ୍ତ ଠିକାଦାର ଭାଇ ମାନେ ଯୋଗ ଦେଇଥିଲେ ।ସର୍ବ ସମ୍ମତି କ୍ରମେ ପ୍ରମୋଦ କୁମାର ବେହେରା ସଭାପତି, ଅଶୋକ କୁମାର ରାଉତ କାର୍ଯ୍ୟକାରୀ ସଭାପତି, ସମରେନ୍ଦ୍ର ହାତୀ ସାଧାରଣ ସମ୍ପାଦକ, ବାଇଧର ସାହୁ ଓ ପ୍ରଶାନ୍ତ ମହାନ୍ତି ଉପ–ସଭାପତି, ପ୍ରଶାନ୍ତ ମାଝୀ ସହ ସମ୍ପାଦକ ଓ ବିକ୍ରମ ଶତପଥୀଙ୍କୁ କୋଷାଧ୍ୟକ୍ଷ ଚୟନ କରାଯାଇଛି । ସମସ୍ତ ଠିକାଦାର ସରକାରୀ ଧାର୍ଯ୍ୟ ମୂଲ୍ୟରେ ଟେଣ୍ଡରରେ ଅଂଶ ଗ୍ରହଣ କରିବେ ଓ ଅନୁସୂଚିତ ଜାତି ଓ ଜନଜାତିର ଠିକାଦାର ଭାଇ ମାନେ ୧୦ ପ୍ରତିଶତ ଅତ୍ୟାଧିକ ରେଟରେ ଅଂଶ ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ସମସ୍ତ ଠିକାଦାର ଭାଇ ମାନେ ନିଜ ନିଜ ମଧ୍ୟରେ ମତ ବିନିମୟ କରି ଟେଣ୍ଡର ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବେ ଏବଂ ଆବଶ୍ୟକ ସ୍ଥଳେ ସଂଗଠନର ଆଶ୍ରୟ ନେଇପାରିବେ ବୋଲି ସଭାପତି ବେହେରା ମତ ପ୍ରକାଶ କରିଛନ୍ତି ।ଆୟୋଜିତ ସଭାରେ ୫୮ ନମ୍ବର ୱାର୍ଡର କର୍ପୋରେଟର ଜନାର୍ଦ୍ଦନ ପରିଡା ଯୋଗ ଦେଇ ଠିକାଦାର ମାନଙ୍କ ସମସ୍ୟା ସରକାରଙ୍କ ନିକଟରେ ଉପସ୍ଥାପନ କରିବେ ବୋଲି ଦୃଢୋକ୍ତି ଦେଇଛନ୍ତି ୀ ଯଦି କେହି ଠିକାଦାର ଭାଇ ସଂଘ ନିଷ୍ପତ୍ତି ଉଲ୍ଲଘଂନ କରନ୍ତି ତେବେ ସେହି ଠିକାଦାର ଭାଇ ତାଙ୍କ ଟେଣ୍ଡର ପ୍ରକ୍ରିୟାକୁ ନିଜ ଦାୟିତ୍ୱରେ ରଦ୍ଦ କରିବେ ନଚେତ୍ ଉକ୍ତ ଟେଣ୍ଡର ଅଂଶ ଗ୍ରହଣ କରିଥିବା ସମସ୍ତ ଠିକାଦାରଙ୍କର ଟେଣ୍ଡର ପ୍ରକ୍ରିୟାର ସମସ୍ତ ଖର୍ଚ୍ଚ ୨୦ ପ୍ରତିଶତ ସହ ଭରଣ କରିବେ ବୋଲି ନିଷ୍ପତ୍ତି କରାଯାଇଛି । କାର୍ଯ୍ୟକ୍ରମକୁ ଶଶିଭୂଷଣ ଦାଶ, ସୁଧୀର ବେହେରା, ଚନ୍ଦ୍ରଶେଖର ରାଉତ, ଅତୁଲ୍ୟ ରାଉତ, ବିଶ ଭୂଷଣ ଜେନା, ସୁଜନ ବେହେରା, ନିରଞ୍ଜନ ରାଉତ, ଦୀପକ ରାଉତରାୟ, ଆକାଶ ସାମନ୍ତରାୟ, ଶୁଭାଶିଷ ନାୟକ, ସୌମ୍ୟଶ୍ରୀ ଦାସ, ପ୍ରସନ୍ନଜିତ ମହାନ୍ତି ପ୍ରମୂଖ ସଞ୍ଚାଳନ କରିଥିବା ବେଳେ ଶତାଧିକ ଠିକାଦାର ଭାଇ ମାନେ ଯୋଗ ଦେଇଥିଲେ ।

# ଅର୍ଥନୀତି ବିଭାଗର ଆଲୋଚନାଚକ୍ର



ସାକ୍ଷୀଗୋପାଳ , (ସବ୍ୟୁ): ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସାକ୍ଷୀଗୋପାଳରେ ଅର୍ଥନୀତି ବିଭାଗ ଉଦ୍ୟମରେ ଆଜି ଅନୁଷ୍ଠାନର ସଭାଗୃହରେ ଏକ ପାଠଚକ୍ର ଆଲୋଚନା ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଭୁ ଜଗନ୍ନାଥ ଏବଂ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ରେ ଧୂପ, ଦୀପ ଓ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପ୍ରଫେସର ପଟ୍ଟନାୟକ ନିଜ ସଭାପତିତ୍ୱ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କୁ ପାଠଚକ୍ର ର ମହତ୍ତ୍ୱ ସମ୍ବନ୍ଧରେ ଅବଗତ କରାଇଥିଲେ।ଗଣିତ ବିଭାଗରେ ମୁଖ୍ୟ ପ୍ରଫେସର ଧନୁର୍ଦ୍ଧର ମୁଦୁଲି ଗଣିତ ଓ ଅର୍ଥନୀତି ପରସ୍ପର ସହିତ କିପରି ଜଡିତ ସେ ବିଷୟରେ ସତ୍ତ୍ୱମତ ଉପସ୍ଥାପନ କରିଥିଲେ। ପରିବେଶ ସୁରକ୍ଷା କଣ, ଏହାର ଜଳବାୟୁ ଉପରେ ଓ ମଣିଷ ସମାଜ ଉପରେ କି ପ୍ରଭାବ ପକାଇଥାଏ ସେ ବିଷୟରେ ଅର୍ଥନୀତି ବିଭାଗର ଅଧ୍ୟାପକ ଜିତେନ କୁମାର ଦାସ ଅବଗତ କରାଇଥିଲେ। ସ୍ଥାନୀୟ ପ୍ରତିଷ୍ଠାନ ଏବଂ ଜଙ୍ଗଲ ସଂରକ୍ଷଣ ମଧ୍ୟରେ ସମ୍ପର୍କ ଓ ଏହାର ଫଳାଫଳ ସମ୍ବନ୍ଧରେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡକ୍ଟର ରୁପେଶ ମହାରଣା ଫୁଙ୍ଖାନୁପୁଙ୍ଖ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିଥିଲେ । ଏହି ପରିପ୍ରେକ୍ଷୀରେ, ପ୍ରଥମ, ଦିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀ ମାନେ ସଂଦର୍ଭ ପାଠ କରିଥିଲେ ଔ ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଅର୍ଥନୀତି ବିଭାଗର ମୁଖ୍ୟା ଅଧ୍ୟାପିକା ସଂଘମିତ୍ରା ମିଶ୍ର କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ । ଶେଷରେ ଅର୍ଥନୀତି ବିଭାଗର ଅଧ୍ୟାପକ ପ୍ରକାଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ଶକ୍ତି ସଂରକ୍ଷଣ ଦିବସ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ବ୍ଲକର ରମାବିଳିର ରାମଚନ୍ଦ୍ର ବିଦ୍ୟାନିକେତନ ପ୍ରାଙ୍ଗଣରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି. ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶ୍ରୀଯୁକ୍ତ ମୁରଲୀଧର ହରିଚନ୍ଦନ ଶକ୍ତି କ୍ଲବ '' ମାଧ୍ୟମରେ ୩୦ ଜଣ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା କରିଥିଲେ ଆଗାମୀ ପିଢ଼ି ପାଇଁ ଶକ୍ତିର ଆବଶ୍ୟତା ଅଛି କି...? ତତ ସହିତ ପିଲାମାନଙ୍କୁ ନେଇ ଏକ ସାଧାରଣ ଜ୍ଞାନ ଲିଖିତ ପରୀକ୍ଷା କରିଥିଲେ। ବିଚାରକ ଭାବରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଟୁଲୁ ମାଝୀ, ସହକାରୀ ଶିକ୍ଷୟିତ୍ରୀ ମିନତି ଶ୍ରୀଚନ୍ଦନ ଓ ସୁକାନ୍ତି ବିଶୋଇ ଥିଲେ. ଶିକ୍ଷକ ଶ୍ରୀ ହଇଚନ୍ଦନ ପିଲାମାନଙ୍କୁ ଶକ୍ତିର ସଂରକ୍ଷଣ ବିଷୟରେ ସୂଚନା ଦେଇଥିଲେ. ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପାଇକରାୟ ଶକ୍ତି ଅପଚୟ ବିଷୟରେ ଆଲୋକପାତ କରିଥିଲେ।ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗୋଦାବରୀଶ ସାମନ୍ତସିଂହାର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।ସମସ୍ତ ଶିକ୍ଷକ –ଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ. କୃତି ଛାତଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ ସହିତ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।ପରିଶେଷରେ ଶିକ୍ଷକ ଗୋଦାବରୀଶ ସାମନ୍ତସିଂହାର ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରହ୍ମ ଚେତନା ପରିଷଦର ଶୀତବସ୍ତ୍ର ବଣ୍ଟନ

ନିରାକାରପୁର ,(ସବ୍ୟୁ): ଓଡିଶାର ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବ୍ରହ୍ମ ଚେତନା ପରିଷଦ ଆନୁକୂଲ୍ୟରେ ରବିବାର ଦିନ ନିକଟସ୍ଥ ପଞ୍ଚାୟତ ର ବିଭିନ୍ନ ଗ୍ରାମରୁ ଆସିଥିବା ୫୦ ଜଣ ଅସହାୟ ବୃଦ୍ଧ, ବୃଦ୍ଧାଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପରିଷଦର କୋଷାଧ୍ୟକ୍ଷ ହୃଷିକେଶ ନନ୍ଦ, ସଭ୍ୟ ବିଶ୍ୱନାଥ ପ୍ରଧାନ, ସଭ୍ୟ ଲଳିତ ମୋହନ ଗୁମାନସିଂହ, କୁମାର ଜନ୍ମେଜୟ ସୁମିତ୍ରା ଗୁମାନସିଂହ ଓ ସଭ୍ୟ ଅଭିମନ୍ୟୁ ମାର୍ଥା, ମନୋଜ କୁମାର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

## ଅର୍ଜ୍ଜୁନ-ବିଷାଦଯୋଗଃ

ଅର୍ଜ୍ଜୁନ ଉବାଚ

**ଯଦ୍ୟପ୍ୟେତେ ନ ପଶ୍ୟନ୍ତି ଲୋଭୋପହତଚେତସଃ ।**
**କୁଳକ୍ଷୟକୃତଂ ଦୋଷଂ ମିତ୍ରଦ୍ରୋହେ ଚ ପାତକମ୍ ।। ୩୮।।**

ଯଦ୍ୟପି ଏତେ ଲୋଭୋପହତଚେତସଃ (ଲୋଭେନ ଉପହତଂ ଭ୍ରଷ୍ଟଂ ଚେତଃ ବିବେକଃ ଯେଷାଂ ତେ ) (ସନ୍ତଃ) କୁଳକ୍ଷୟକୃତଂ ଦୋଷଂ ମିତ୍ରଦ୍ରୋହେ (ମିତ୍ରଜିଘାଂସାୟାଂ) ପାତକଂ ଚ ନ ପଶ୍ୟନ୍ତି ।। ୩୮ ।।

**(ଶ୍ରୀମଦ୍ଭଗବଦ୍ ଗୀତା ୧/୩୮)**

# ବିନା ଦରମାରେ ମନ୍ତ୍ରୀ ଥିବା ମଧୁବାବୁଙ୍କୁ ଏ ଜାତି ଭୁଲିଗଲା


ମୁଖ୍ୟମନ୍ତ୍ରୀ, ମନ୍ତ୍ରିଗଣ, ବାଚସ୍ପତି ଓ ରାଜ୍ୟର ସମସ୍ତ ବିଧାୟକଙ୍କ ଲାଗି ବର୍ଦ୍ଧିତ ମାସିକ ଦରମା ଓ ଅନ୍ୟାନ୍ୟ ଭତ୍ତା ବୃଦ୍ଧି କରାଯିବାକୁ ଓଡ଼ିଶା ବିଧାନ ସଭାର ଶୀତକଳୀନ ଅଧିବେଶନର ଅନ୍ତିମ ଦିବସରେ, ଏକ ବିଧେୟକ ପାରିତ ହୋଇଛି । ଉଭୟ ଶାସକ ଓ ବିରୋଧୀ ଦଳର ସମ୍ମତିରେ ଏହା ପାରିତ ହୋଇ ରାଜ୍ୟପାଳନଙ୍କ ସମ୍ମତି ନିମନ୍ତେ ପଠାଯାଇଛି । ରାଜ୍ୟପାଳ ସମ୍ମତି ଦେବା ପରେ ତାହା ଆଇନରେ ପରିଣତ ହେବ । ଆଇନରେ ପରିଣତ ହେବା ପରେ ତାହାର ନିୟମାବଳି ମଧ୍ୟ ପ୍ରସ୍ତୁତ କରାଯିବ । ଓଡ଼ିଶାର ବିରୋଧୀ ଦଳର ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଧାନସଭାରେ ଏହି ବିଧେୟକଟି ପାରିତ ହେବା ବେଳେ ତାହାର ପ୍ରତିବାଦ କରି ନ ଥିଲେ ମଧ୍ୟ ପରେ ସେ ବର୍ଦ୍ଧିତ ମାସିକ ବେତନ ଓ ଭତ୍ତା ନେବେ ନାହିଁ ବୋଲି ଏକ ଚିଠିରେ ଉଲ୍ଲେଖ କରି ସେହି ବର୍ଦ୍ଧିତ ଦରମା ଓ ଭତ୍ତାକୁ ଓଡ଼ିଶାର ଗରିବ ଲୋକଙ୍କ କାମରେ ଲଗାଇବାକୁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଛନ୍ତି । ଅନ୍ୟାନ୍ୟ ବିଧାୟକଙ୍କଠାରୁ ତାଙ୍କର ବର୍ଦ୍ଧିତ ଦରମା ଓ ଭତ୍ତା ଅଧିକ । କାରଣ ବିରୋଧୀ ଦଳର ନେତା ଭାବେ ଜଣେ କ୍ୟାବିନେଟ ପାହ୍ୟାର ମନ୍ତ୍ରୀଙ୍କ ସହିତ ତାଙ୍କର ଦରମା ହାର ଓ ଭତ୍ତା ସମାନ ।

ଏବେ ବିଧାୟକମାନଙ୍କର ଏହି ବେତନ ବୃଦ୍ଧି ଭାରତରେ ସର୍ବାଧିକ ବୋଲି ସୂଚନା ମିଳୁଛି । ପୁଣି ବିଦ୍ୟାଳୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ବିଧାନସଭା ନିକଟରେ ବହୁସଂଖ୍ୟାରେ ଧାରଣା ଦେଇ ବସିଥିବା ବେଳେ ବିଧାନସଭାର ଅଧିବେଶନ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ ହୋଇଗଲା ଏବଂ ଧାରଣାରତ ଶିକ୍ଷକ ବା ଶିକ୍ଷୟିତ୍ରୀମାନେ ବାଧ ହୋଇ ଧାରଣାକୁ ପ୍ରତ୍ୟାହାର କରିଥିଲେ ବୋଲି କୁହାଯାଉଛି । ଅବଶ୍ୟ ବିଭାଗୀୟ ସ୍କୁଲ ବିଭାଗର ମନ୍ତ୍ରୀ ସେମାନଙ୍କୁ ବୁଝାସୁଝା କରିବାରୁ ସାମୟିକ ଭାବେ ସେମାନେ ଧାରଣା ପ୍ରତ୍ୟାହାର କରିଥିବା କଥା ମଧ୍ୟ କୁହାଯାଉଛି । ସେ ଯାହା ହେଉ, ଏହାକୁ ସାଧାରଣରେ ପସନ୍ଦ କରାଯାଉ ନାହିଁ । ପୂର୍ବରୁ ଦ୍ୱିତୀୟ ଥର କ୍ଷମତାସୀନ ହେବା ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ମଧ୍ୟ ନବେ ଦଶକରେ ଟଙ୍କାଏ ମାତ୍ର ଦରମା ନେଉଥିଲେ । ତାଙ୍କର ସୁପୁତ୍ର ନବୀନ ବାବୁ ଘରସଂସାର କରି ନାହାନ୍ତି । ତାଙ୍କ ସମ୍ପତ୍ତିର ମଧ୍ୟ ଅଭାବ ନାହିଁ । କଟକରେ ଥିବା ବିଜୁ ବାବୁଙ୍କ ଘର 'ଆନନ୍ଦ ଭବନ'କୁ ସେ ରାଜ୍ୟ ସରକାରଙ୍କୁ ଦାନ କରିଦେଇଛନ୍ତି । ସେ ପିତାଙ୍କ ପରି ଟଙ୍କାଟିଏ ଦରମା ନେଇ ପାରିଥାନ୍ତେ କିମ୍ବା ସାଂସଦ ବା ମୁଖ୍ୟମନ୍ତ୍ରୀ ଭାବେ ତାଙ୍କର ପେନ୍ସନର ସମୁଦାୟ ପରିମାଣକୁ ସେ ଅଭାବୀ ଲୋକଙ୍କୁ ଇଚ୍ଛା କରିଥିଲେ ଦେଇ ପାରିଥାନ୍ତେ । ସେହି ବିଜୁ ବାବୁଙ୍କ ସମୟରେ ଜଣେ ପଦସ୍ଥ ଆଇ.ଏ.ଏସ୍. ଅଫିସର ପ୍ରସନ୍ନ କୁମାର ମିଶ୍ର ଏବେ ବି ଆମ ଗହଣରେ ଅଛନ୍ତି । 'ସମୟ'ର ବାର୍ଷିକୋତ୍ସବରେ ତାଙ୍କୁ ଆମେ ସମ୍ବର୍ଦ୍ଧିତ ମଧ୍ୟ କରିଥିଲୁ- ଏଇ କେତେ ମାସ ତଳେ । ସେ ମଧ୍ୟ ତାଙ୍କ ଚାକିରି କାଳରେ ଦୁଇ ବର୍ଷ ପାଇଁ ଦୈନିକ ଭତ୍ତା (ଡିଏ)ର ବର୍ଦ୍ଧିତ ଅଂଶ ନ ନେଇ ତାହା ଗରିବ ଲୋକଙ୍କ ପାଇଁ ଦାନ କରିବାକୁ ଚାହିଁଥିଲେ । ତାଙ୍କର ଯୁକ୍ତି ଥିଲା, ମୂଲ୍ୟ ବୃଦ୍ଧି ହେଲେ ସରକାରୀ କର୍ମଚାରୀମାନଙ୍କ ଡିଏ ବୃଦ୍ଧି କରାଯାଏ । ଅଥଚ ଅନ୍ୟାନ୍ୟ ବେସରକାରୀ ସଂସ୍ଥା ତାହା କରନ୍ତି ନାହିଁ । ତେଣୁ ପ୍ରତୀକାତ୍ମକ ଭାବେ ଡିଏ ବୃଦ୍ଧିର ଅର୍ଥ ସେ ନେଉ ନ ଥିଲେ, ଯାହାକୁ ବିଜୁ ବାବୁ ଓ ଉପ-ମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳ ମଧ୍ୟ ପସନ୍ଦ କରିଥିଲେ ।

ଅତୀତରେ ଚବିଶ ବର୍ଷ କାଳ ଶାସନରେ ଥିଲେ ମଧ୍ୟ ନବୀନ ବାବୁ ବିଧାୟକମାନଙ୍କର ମାସିକ ବେତନ ଓ ଭତ୍ତା ବୃଦ୍ଧିକୁ କେତେଥର ପ୍ରଶ୍ରୟ ମଧ୍ୟ ଦେଇ ସାରିଥିଲେ । କେବଳ ରାଜନୀତିକ କାରଣରୁ ସେ ଏହା କରୁଛନ୍ତି ବୋଲି ଯାହା ରାଜ୍ୟର ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ଶାସକ ଦଳର ବିଧାୟକ ଜୟନାରାୟଣ ମିଶ୍ର ବି ନବୀନ ବାବୁଙ୍କ ଏପରି ବର୍ଦ୍ଧିତ ବେତନ ଓ ଭତ୍ତା ନ ନେବା ନିଷ୍ପତ୍ତିର ପରିହାସ କରିଛନ୍ତି । ଜଣେ ଗାନ୍ଧିବାଦୀ ଲେଖକ ଓ ଆଇନଜୀବୀ ପ୍ରହ୍ଲାଦ କୁମାର ସିଂ ମଧ୍ୟ ଅତୀତର ଦୃଷ୍ଟାନ୍ତ ଦେଇ ଉଲ୍ଲେଖ କରିଛନ୍ତି ଯେ ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି ଓ ତାଙ୍କ ପତ୍ନୀ କିରଣବାଳା ମହାନ୍ତି ମଧ୍ୟ ଅତୀତରେ ବିଧାୟକଙ୍କ ବେତନ ଓ ଭତ୍ତା ବୃଦ୍ଧିକୁ ବର୍ଜନ କରିଥିଲେ । ବଣାଇର ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ସେ'ଦିନ ଗୃହରେ ଉପସ୍ଥିତ ନ ଥିଲେ । ତେଣୁ ପରେ ଏହି ବେତନ ଓ ଭତ୍ତା ବୃଦ୍ଧିକୁ ସେ ବିରୋଧ କରିଛନ୍ତି । ସ୍ଥାନୀୟ ଏକାମ୍ର ବିଧାୟକ ବାବୁ ସିଂ ମଧ୍ୟ ଏହି ବେତନ ଓ ଭତ୍ତା ବୃଦ୍ଧିକୁ ନାପସନ୍ଦ କରି ତାହା ସେ ଗରିବ ଲୋକଙ୍କ ସକାଶେ ଦେବେ ବୋଲି କହିଛନ୍ତି ।

ସେ ଯାହା ହେଉ, ବିହାର-ଓଡ଼ିଶା ବିଧାନସଭାରେ ଉତ୍କଳ ଗୌରବ ମଧୁସୂଦନ ଦାସ ସ୍ୱାୟତ୍ତ ଶାସନ ବିଭାଗର ମନ୍ତ୍ରୀ ଥିଲାବେଳେ ମନ୍ତ୍ରୀ ଭାବେ ସେ ମାସିକ ବେତନ ନେବେ ନାହିଁ ବୋଲି ଯୁକ୍ତି କରିଥିଲେ । କାରଣ ମନ୍ତ୍ରୀମାନେ ସେବକ ବୋଲି ସେ ମନେକରୁଥିଲେ । ଅନ୍ୟ ମନ୍ତ୍ରୀମାନଙ୍କୁ ମଧ୍ୟ ମାସିକ ବେତନ ନ ନେବାକୁ ସେ ପ୍ରବର୍ତ୍ତାଇ ଥିଲେ । ମାତ୍ର ତାହା ଫଳପ୍ରଦ ନ ହେବାରୁ ସେ ମନ୍ତ୍ରୀ ପଦ ତ୍ୟାଗ କରି କେବଳ ଓଡ଼ିଶାର ନୁହେଁ, ସମଗ୍ର ଭାରତରେ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସୃଷ୍ଟି କରିଗଲେ । ମାତ୍ର ଏ ଜାତି ତାଙ୍କୁ ଭୁଲିଗଲା, ତାଙ୍କ କାର୍ଯ୍ୟକୁ ମଧ୍ୟ ଭୁଲିଗଲା । ଏହା ଆମର ଦୁର୍ଭାଗ୍ୟ ନୁହେଁ ତ ଆଉ କ'ଣ ?

## ସାବିତ୍ରୀ ଏକ କିମ୍ବଦନ୍ତୀ ଏବଂ ପ୍ରତୀକ



ଆତ୍ମାଠାରୁ ଆତ୍ମାର ତହିଁ ଥିଲା ଏକ ବିଚ୍ଛିନ୍ନତା:
(ତହିଁ) ଗଢ଼ା ହୋଇପାରେ ନିରବତାର ଏକ ଆନ୍ତଃପ୍ରାକାର,
ଏକ ସଚେତନ ପରାକ୍ରମର ବର୍ମ ଦେଇପାରେ ନିରାପତ୍ତା ଓ ଆରକ୍ଷୀ
ସତ୍ତା ରହିପାରେ ପ୍ରକାରବଦ୍ଧ ଏବଂ ନିଃସଙ୍ଗ
ଜଣେ ରହିପାରେ ଆତ୍ମସ୍ଥ ସ୍ୱତନ୍ତ୍ର, ଏକାକୀ ।।

**(ଶ୍ରୀ ଅରବିନ୍ଦଙ୍କ ରଚିତ ସାବିତ୍ରୀ ମହାକାବ୍ୟର ଏକ ପଂକ୍ତି ବିଶିଷ୍ଟ ଓଡ଼ିଆ ସାହିତ୍ୟିକ ଶ୍ରୀ ମନୋଜ ଦାସଙ୍କ ଦ୍ୱାରା ଓଡ଼ିଆ ପଦ୍ୟାନୁବାଦ)**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବିବାଦରୁ ଊର୍ଦ୍ଧ୍ୱରେ 'ବନ୍ଦେ ମାତରମ' ଓ 'ବନ୍ଦେ ଉତ୍କଳ ଜନନୀ'




## ପ୍ରହଲାଦ କୁମାର ସିଂହ

ଜାତୀୟ ପତାକା, ଜାତୀୟ ସଙ୍ଗୀତ, ରାଷ୍ଟ୍ରଗାନ, ରାଜଗାନ, ଜାତୀୟ ଚିହ୍ନ ଆଦି ବିବାଦ ଓ ବିତର୍କରୁ ଊର୍ଦ୍ଧ୍ୱରେ । ଏସବୁ ହେଉଛନ୍ତି ରାଷ୍ଟ୍ର ଜୀବନରେ ଅମ୍ଳଜାନ ଓ ଶିରା ପ୍ରଶିରାରେ ପ୍ରବାହିତ ଶୋଣିତ ଭଳି । ଏହାର ଉପଯୋଗ କରିବା ପାଇଁ କେହି କାହାକୁ ବାଧ କରେ ନାହିଁ । କିନ୍ତୁ ଆମ ସମ୍ବିଧାନ ଓ ଆଇନ ଏହାର ଦୁରୁପଯୋଗ କରିବା ଲାଗି କାହାକୁ ଲାଇସେନ୍ସ ଦେଇନାହାନ୍ତି । ବ୍ୟକ୍ତି ସ୍ୱାଧୀନତାର ଅର୍ଥ ନୁହେଁ ସ୍ୱୈରାଚର ଓ ବିଶୃଙ୍ଖଳା ।


ଆମ ଜାତୀୟ ପତାକାର ରହିଛି ସୁଦୀର୍ଘ ଇତିହାସ । ଏହା ଦିନକରେ ତିଆରି ହୋଇଯାଇ ନାହିଁ । ଭିନ୍ନଭିନ୍ନ ସ୍ତର ଦେଇ ସ୍ୱାଧୀନତା ଆନ୍ଦୋଳନ କାଳରେ ଏହା ବିକଶିତ ହୋଇଛି ଏବଂ ସମ୍ବିଧାନ ପ୍ରଣୟନ ସଭାରେ ଏହାର ବର୍ତ୍ତମାନର ସ୍ୱରୂପକୁ ସମ୍ମାନର ସହ ସ୍ୱୀକୃତି ଦିଆଯାଇଛି । ସମ୍ବିଧାନର ୫୧(କ) ଧାରାରେ ଥିବା ନାଗରିକଙ୍କ କର୍ତ୍ତବ୍ୟ ଆମମାନଙ୍କୁ ବାରମ୍ବାର ଚେତାଇଦିଏ ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ଦେବାପାଇଁ । ଏହାର ଉଲ୍ଲଂଘନ ଆଇନାନୁଯାୟୀ ସାଙ୍ଘାତିକ ଅପରାଧ ।

ଆମ ଜାତୀୟ ସଙ୍ଗୀତ 'ଜନ-ଗଣ-ମନ'ର ସ୍ରଷ୍ଟା ହେଉଛନ୍ତି ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର । ଏହା ଏକ ସୁଦୀର୍ଘ ସଙ୍ଗୀତ ହୋଇଥିବା ବେଳେ ଜାତୀୟ ସଙ୍ଗୀତ ଭାବେ ବ୍ୟବହାର କରିବା ଲାଗି ଏହାର କେତୋଟି ମାତ୍ର ପଂକ୍ତିକୁ ଚୟନ କରାଯାଇଛି । ଏହି ସୁଲଳିତ ଜାତୀୟ ସଙ୍ଗୀତ ସାରା ଦେଶର ଚିତ୍ର ଆମ ଆଗରେ ରଖିଥାଏ । ଏହାର ପ୍ରଥମ ସ୍ୱର ବି ଦେଇଥିଲେ ରବି ଠାକୁର । ମିଳିତ ଜାତିସଂଘରେ ଯେତେବେଳେ ଜନ-ଗଣ-ମନର ଯନ୍ତ୍ରସଙ୍ଗୀତ ପ୍ରଥମଥର ପାଇଁ ପରିବେଷିତ ହୋଇଥିଲା ସେତେବେଳେ ବିଶ୍ୱର ପ୍ରାୟ ସବୁ ରାଷ୍ଟ୍ରର ପ୍ରତିନିଧିମାନେ ଅଭିଭୂତ ହୋଇପଡିଥିଲେ ।

ଜନ-ଗଣ-ମନ ରଚନାର ବହୁ ପୂର୍ବରୁ ସେତେବେଳର ଇଂରେଜ ସରକାର ଅଧୀନରେ କାର୍ଯ୍ୟରତ ଜଣେ ସ୍ୱାଧୀନଚେତା ଯୁବ ପ୍ରଶାସନିକ ଅଧିକାରୀ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ 'ବନ୍ଦେ ମାତରମ'ର ରଚନା କରିଥିଲେ । ବଙ୍କିମଚନ୍ଦ୍ର କିଛିଦିନ ପାଇଁ ଓଡ଼ିଶାର ଯାଜପୁର ଅଞ୍ଚଳରେ ବି କାର୍ଯ୍ୟ କରୁଥିଲେ । ପରବର୍ତ୍ତୀ ସମୟରେ ୧୮୮୨ ମସିହାରେ ତାଙ୍କ ରଚିତ ଅନନ୍ୟ ଉପନ୍ୟାସ 'ଆନନ୍ଦ ମଠ'ରେ ବନ୍ଦେ ମାତରମର ସୁଦୀର୍ଘ ପ୍ରେରଣାଦାୟୀ ସଙ୍ଗୀତ ସ୍ଥାନ ପାଇଥିଲା । ବଙ୍କିମଚନ୍ଦ୍ର ପୂର୍ବରୁ ବିଭିନ୍ନ ସ୍ଥାନରେ ତାଙ୍କର ଅସଂପୂର୍ଣ୍ଣ ବନ୍ଦେ ମାତରମ ସଙ୍ଗୀତ ଗାନ କରୁଥିଲେ । ତେବେ ତାଙ୍କ ଦେହାନ୍ତ ପରେ ବନ୍ଦେ ମାତରମର ଲୋକପ୍ରିୟତା ଓ ଗ୍ରହଣୀୟତା ଢେର ବଢ଼ିଥିଲା । ୧୮୯୬ର କଲିକତା କଂଗ୍ରେସ ଅଧିବେଶନରେ ରହିମତୁଲ୍ଲା ଏମ. ସାୟାନୀ ସଭାପତିତ୍ୱ କରିଥିଲେ । ଏଥିରେ ନିଜେ ରବୀନ୍ଦ୍ରନାଥ ସ୍ୱର ଦେଇ ବନ୍ଦେ ମାତରମକୁ ଏଭଳି ଭାବେ ଗାନ କଲେ ଯେ ତାହା ଉପସ୍ଥିତ ପ୍ରତିନିଧି ଓ ଦର୍ଶକମାନଙ୍କୁ ରୋମାଞ୍ଚିତ କରିଥିଲା । ବଙ୍ଗ-ଭଙ୍ଗ ଆନ୍ଦୋଳନ ସମୟରେ ବନ୍ଦେ ମାତରମ ଚାରିଆଡ଼େ ଝଙ୍କୃତ ହେଲା । ୧୯୦୬ର ବେଙ୍ଗଲ ପ୍ରୋଭିନ୍ସିଆଲ କନଫରେନ୍ସରେ ବି ଏହା ଉନ୍ମାଦନାର ସହ ଗାନ କରାଯାଇଥିଲା । ଖୁଦିରାମଙ୍କଠାରୁ ଚନ୍ଦ୍ରଶେଖର ଆଜାଦଙ୍କ ପର୍ଯ୍ୟନ୍ତ ବହୁ ଶହୀଦଙ୍କର ବନ୍ଦେ ମାତରମ ଥିଲା ଅତି ପ୍ରିୟ । ସଙ୍ଗୀତ ସହିତ ବନ୍ଦେ ମାତରମ ବି ସ୍ୱାଧୀନତା ଆନ୍ଦୋଳନ କାଳରେ ରାଷ୍ଟ୍ର ଧ୍ୱନିରେ







ପରିଣତ ହୋଇଥିଲା । ବିଭିନ୍ନ ସଭା ସମିତିରେ ସତ୍ୟାଗ୍ରହୀମାନେ ବନ୍ଦେ ମାତରମ ଗାନ କରୁଥିଲେ ।

ମହାତ୍ମା ଗାନ୍ଧୀ ବିଭିନ୍ନ ପତ୍ରପତ୍ରିକାରେ ବନ୍ଦେ ମାତରମ ସଂକ୍ରାନ୍ତରେ ଅନେକ ପ୍ରେରଣାଦାୟୀ ଲେଖା ଲେଖିଯାଇଛନ୍ତି । ତାଙ୍କ ସ୍ୱୀକାରୋକ୍ତି ଅନୁଯାୟୀ ବନ୍ଦେ ମାତରମ କ'ଣ ବୁଝିବାର ଢେର ପୂର୍ବରୁ ଶୈଶବରୁ ଏହା ତାଙ୍କ ଉପରେ ବିଶେଷ ପ୍ରଭାବ ପକାଇଥିଲା । ବନ୍ଦେ ମାତରମ ଗାନ କରି ଲକ୍ଷ ଲକ୍ଷ ସତ୍ୟାଗ୍ରହୀ କାରା ଓ ନିର୍ଯ୍ୟାତନା ବରଣ କରିଛନ୍ତି ଓ ହଜାର ହଜାର ସଂଗ୍ରାମୀ ଶହୀଦ ହୋଇଛନ୍ତି । ମହାଯୋଗୀ ଶ୍ରୀଅରବିନ୍ଦଙ୍କ ପାଇଁ ବନ୍ଦେ ମାତରମ ଥିଲା ଶରୀର ଭିତରେ ପ୍ରାଣ ସ୍ୱରୂପ । ତେବେ ବନ୍ଦେ ମାତରମ ସଙ୍ଗୀତଟିର ମୂଳ ରଚନା ସଂକ୍ଷିପ୍ତ ଥିବାବେଳେ ପରବର୍ତ୍ତୀ ସମୟରେ ବଙ୍କିମଚନ୍ଦ୍ର ଏଥିରେ ଆଉ କେତେକ ଦେଶ ବନ୍ଦନା ପଦ ଯୋଡ଼ି ତାହାକୁ ସୁଦୀର୍ଘ କରିଥିଲେ । ଏହାର ମର୍ଯ୍ୟାଦାଜନକ ବ୍ୟବହାର ଲାଗି ସଙ୍ଗୀତଟିକୁ ସଂକ୍ଷିପ୍ତ କରିବା ପାଇଁ ବିଭିନ୍ନ ମହଲରୁ ମତ ପ୍ରକାଶ ପାଇବାରେ ସୁଭାଷ ଚନ୍ଦ୍ର ବୋଷ, ଆଚାର୍ଯ୍ୟ ନରେନ୍ଦ୍ର ଦେବ, ଜବାହରଲାଲ ନେହରୁ ଓ ମୌଲାନା ଅବଦୁଲ୍ଲ କାଲାମ ଆଜାଦଙ୍କୁ ନେଇ କଂଗ୍ରେସ ଏକ ଉପସମିତି ଗଠନ କରିଥିଲା । ଏହି ଉପସମିତି ରବୀନ୍ଦ୍ରନାଥ ଠାକୁରଙ୍କ ସହ ଆଲୋଚନା କରି ବନ୍ଦେ ମାତରମ ଗାନରେ ପ୍ରଥମ ଦୁଇଟି ପଦକୁ ରାଷ୍ଟ୍ର ଗାନରେ ରଖିବା ପାଇଁ ମତ ଦେଇଥିଲେ। ରବୀନ୍ଦ୍ରନାଥଙ୍କ ଜନ-ଗଣ-ମନ ଜାତୀୟ ସଙ୍ଗୀତର ମାନ୍ୟତା ପାଇଲା । ତେବେ ରାଜେନ୍ଦ୍ର ପ୍ରସାଦଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ପ୍ରଣୟନ ସଭା ବନ୍ଦେ ମାତରମକୁ ରାଷ୍ଟ୍ରଗାନ ଭାବେ ମର୍ଯ୍ୟାଦା ଦେବାକୁ ନିଷ୍ପତ୍ତି ନେଲେ । ବଙ୍କିମଚନ୍ଦ୍ରଙ୍କ 'ବନ୍ଦେ ମାତରମ' ସୁଭାଷବାବୁଙ୍କ 'ଜୟ ହିନ୍ଦ' ଭଳି ରାଷ୍ଟ୍ରର ନାରା ହୋଇ ଆସିଛି । ଏଠାରେ ଉଲ୍ଲେଖନୀୟ ଯେ ୧୯୦୫ରେ ଭଗିନୀ ନିବେଦିତା ପ୍ରସ୍ତୁତ କରିଥିବା ଭାରତର ପତାକାରେ ବନ୍ଦେ ମାତରମ ଲେଖା ଥିଲା । ୧୯୦୬ରେ ବଙ୍ଗର ବିପ୍ଳବୀମାନେ ଯେଉଁ ନୂଆ ପତାକା ପ୍ରସ୍ତୁତ କରି ପାର୍ସୀ ବାଗାନ ଛକରେ ଉତ୍ତୋଳିତ କଲେ ସେଥିରେ ବି ଲେଖା ଥିଲା ବନ୍ଦେ ମାତରମ । ମାଡାମ ଭିକାଜି ରୁସ୍ତମ କାମା ୧୯୦୭ ମସିହାରେ ଜର୍ମାନୀର ଷ୍ଟାର୍ଟଗାର୍ଟ ସହରରେ ଅନୁଷ୍ଠିତ ଏକ ଆନ୍ତର୍ଜାତିକ ସମ୍ମିଳନୀରେ ଭାରତର ଯେଉଁ ଝଣ୍ଡା ଉଡ଼ାଇଥିଲେ ସେଥିରେ ବି ଲେଖା ଯାଇଥିଲା ବନ୍ଦେ ମାତରମ । ବସ୍ତୁତଃ ବନ୍ଦେ ମାତରମ ହେଉଛି ଭାରତ ମାତାଙ୍କ ବନ୍ଦନା । ବିଶେଷକରି ପ୍ରତି ଭାରତୀୟଙ୍କ ପାଇଁ ଜନ-ଗଣ-ମନ ଓ ବନ୍ଦେ ମାତରମ ଗର୍ବ, ଗୌରବ ଓ ଅସ୍ମିତାର ପ୍ରତୀକ । ବନ୍ଦେ ମାତରମ ଓ ଜନ-ଗଣ-ମନକୁ ଯେଭଳି ସଂକ୍ଷିପ୍ତ କରି ବ୍ୟବହାର କରାଯାଉଛି ସେହିଭଳି ଏକଦା ଉତ୍କଳ ସମ୍ମିଳନୀ ମଞ୍ଚରେ ରୋମାଞ୍ଚ ସୃଷ୍ଟି କରିଥିବା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଅମର ଲେଖନୀରୁ ଝରିପଡ଼ିଥିବା 'ବନ୍ଦେ ଉତ୍କଳ ଜନନୀ'କୁ ଓଡ଼ିଶାର ରାଜ୍ୟଗାନ ଭାବେ ଘୋଷଣା କରାଯିବା ବେଳେ ମଧ୍ୟ ଅଳ୍ପ ଦିନ ପାଇଁ ଚର୍ଚ୍ଚା କରି ଏହାକୁ ସଂକ୍ଷିପ୍ତ କରାଯାଇଥିଲା । ଏବେ କିନ୍ତୁ ପୂରା ସଙ୍ଗୀତଟି ବୋଲାଯିବାକୁ ନିୟମ ରହିଛି । ଏହିସବୁ ଜାତୀୟ ସଙ୍ଗୀତ, ରାଷ୍ଟ୍ରଗାନ ଓ ରାଜ୍ୟଗାନ ବୋଲାଯିବା ବେଳେ କିମ୍ବା ଏହାର ଯନ୍ତ୍ର ସଙ୍ଗୀତ ଶୁଣାଯିବା ବେଳେ ଉପସ୍ଥିତ ଲୋକେ ଦଣ୍ଡାୟମାନ ରହି ରାଷ୍ଟ୍ର ଓ ରାଜ୍ୟ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ମାଟି ମା'ପାଇଁ ନିଜନିଜର ସଂକଳ୍ପ ଦୋହରାଇଥାନ୍ତି ।

> **ବନ୍ଦେ ମାତରମ ଗାନ କରି ଲକ୍ଷ ଲକ୍ଷ ସତ୍ୟାଗ୍ରହୀ କାରା ଓ ନିର୍ଯ୍ୟାତନା ବରଣ କରିଛନ୍ତି ଓ ହଜାର ହଜାର ସଂଗ୍ରାମୀ ଶହୀଦ ହୋଇଛନ୍ତି । ମହାଯୋଗୀ ଶ୍ରୀଅରବିନ୍ଦଙ୍କ ପାଇଁ ବନ୍ଦେ ମାତରମ ଥିଲା ଶରୀର ଭିତରେ ପ୍ରାଣ ସ୍ୱରୂପ ।**

ସ୍ୱାଧୀନତା ଆନ୍ଦୋଳନ ସମୟରେ ଆହୁରି ଅନେକ ଦେଶାତ୍ମବୋଧକ ସଙ୍ଗୀତ ବୋଲାଯାଉଥିଲା । ଏହାର ଚୁମ୍ବକୀୟ ଶକ୍ତି ଲୋକଙ୍କୁ ଆନ୍ଦୋଳନର ମୈଦାନକୁ ଟାଣିଆଣୁଥିଲା । ଦେଶାତ୍ମବୋଧର ମହାମନ୍ତ୍ର ସବୁ ଏବେବି ସଂଗଠିତ ଓ ସୁରକ୍ଷିତ ହୋଇ ରହିଛି । କୃଷ୍ଣମୋହନ ପଟ୍ଟନାୟକଙ୍କ 'ଆଜି ସାଗରେ ଭୂଧରେ', ମଧୁବାବୁଙ୍କ 'ଉଠରେ ଉଠରେ ଉତ୍କଳ ସନ୍ତାନ', ରାଧାନାଥଙ୍କ 'ସର୍ବେସାଂ ନୋ ଜନନୀ ଭାରତ', ମହମ୍ମଦ ଇକବାଲଙ୍କ 'ସାରେ ଜାହାଁସେ ଆଚ୍ଛା' ଆଜିର ଦିନରେ ବି ଅମର ସଙ୍ଗୀତ ହୋଇ ରହିଛି । ସେହିଭଳି 'କଦମ କଦମ ବଢ଼ାଏ ଯା' ଆମକୁ ଆଗକୁ ଯିବାକୁ ପ୍ରେରଣା ଦିଏ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, କବିଶେଖର ଚିନ୍ତାମଣି ମହାନ୍ତି, ଜାତୀୟ କବି ବାଞ୍ଛାନିଧି ମହାନ୍ତି, ବୀରକିଶୋର ଦାସ ଓ ବାଞ୍ଛାନିଧି ଦାସ, ଗଣକବି ବୈଷ୍ଣବ ପାଣି, ନାରୀକବି ଡାକ୍ତର କୁନ୍ତଳା କୁମାରୀ ସାବତ ଆଦିଙ୍କ ପ୍ରେରଣାଦାୟୀ ଦେଶାତ୍ମବୋଧକ ସଙ୍ଗୀତ ଏବେ ବି ଅମ୍ଳାନ ହୋଇ ରହିଛି । ସଚ୍ଚି ରାଉତରାୟ, ନିତ୍ୟାନନ୍ଦ ମହାପାତ୍ର, ଅନନ୍ତ ପଟ୍ଟନାୟକ, ରାଧାମୋହନ ଗଡ଼ନାୟକ, ବୈକୁଣ୍ଠନାଥ ମହାନ୍ତି, ମନମୋହନ ମିଶ୍ର ପ୍ରମୁଖ ଉତ୍କଳ ଜନନୀର ସୁସନ୍ତାନମାନେ ସେମାନଙ୍କ ଦେଶାତ୍ମବୋଧର ଯେଉଁ ଅମର କୀର୍ତ୍ତିମାନ କାବ୍ୟ କବିତା ମାଧ୍ୟମରେ ଉତ୍ତରପିଢ଼ି ପାଇଁ ଛାଡ଼ି ଯାଇଛନ୍ତି ତାହା ସମସ୍ୟାର ଅଥଳ ସାଗର ବକ୍ଷରେ ପଥହରା ଜାତି ପାଇଁ ବତିଘର ଭଳି ଦଣ୍ଡାୟମାନ ହୋଇ ରହିଛି । ଓଡ଼ିଶା ସମେତ ଆମ ଦେଶର ବିଭିନ୍ନ ରାଜ୍ୟରେ ବହୁ କ୍ରାନ୍ତିକାରୀ କବିଙ୍କ ଲିଖିତ ଦେଶାତ୍ମବୋଧକ ସଂଗୀତ ଦେଶର ମୁକ୍ତି ଆନ୍ଦୋଳନ ସମୟରେ ଏବଂ ସ୍ୱାଧୀନୋତ୍ତର ଭାରତବର୍ଷରେ ଲୋକଙ୍କ ଚିନ୍ତା ଚେତନାରେ ଛାଇ ହୋଇ ରହିଛି ଏବଂ ଅନନ୍ତକାଳ ପାଇଁ ରହିଥିବ ମଧ୍ୟ । ସେମାନଙ୍କ ଅମର କୀର୍ତ୍ତିକୁ ସୁରକ୍ଷିତ ରଖିବା ସହିତ ସାମ୍ପ୍ରତିକ ସମସ୍ୟାକୁ ନେଇ ଜନମାନସରେ ଉଦ୍‌ବେଳନ ସୃଷ୍ଟି ଲାଗି ଦେଶାତ୍ମବୋଧକ ସଙ୍ଗୀତ ସୃଷ୍ଟିର ଢ଼େର ଆବଶକତା ରହିଛି । ବ୍ୟକ୍ତି ଜୀବନରୁ ରାଷ୍ଟ୍ର ଓ ସମାଜ ଜୀବନକୁ ସଂସ୍କାରିତ କରିବା ପାଇଁ ଏଭଳି ସଂଗୀତର କାଳେ କାଳେ ଆବଶକତା ଥିଲା, ରହିଛି ଓ ରହିଥିବ ମଧ୍ୟ । କାରଣ- 'ଅରି ଫେରି ନାହିଁ/ ଯୁଦ୍ଧ ସରିନାହିଁ/ ଆସ ମୋ ଶିବିରେ ଆସ ଭାଇ/ ଭକତ କେ ଅଛ ଦେବୀ ପୂଜା କର ରକତ ମନ୍ଦାର ଢାଳିଦେଇ/ ତରୁଣ କେ ଅଛ ମରଣକୁ ଦଳି ଦେବତା ପରାଏ ଉଠ ଚେଇଁ/ ଅରି ଫେରି ନାହିଁ ଯୁଦ୍ଧ ସରିନାହିଁ...'।

**(ଲେଖକ ଜଣେ ଗାନ୍ଧିବାଦୀ ଓ ଆଇନଜୀବୀ)**
**ମୋ: ୯୪୩୭୦୧୭୩୯୫**
*-prahalladsinha@gmail.com*

# ସହରାଞ୍ଚଳ ଭବିଷ୍ୟତର ପୁନଃପରିକଳ୍ପନା



## ପ୍ରଭାକର ସାହୁ

ଭାରତରେ ସହରୀକରଣ ଏକ ନିର୍ଣ୍ଣାୟକ ପରିବର୍ତ୍ତନ ବିନ୍ଦୁରେ ପହଞ୍ଚିଛି । ଦେଶ ଆଜି ବିଶ୍ୱର ସବୁଠାରୁ ଦ୍ରୁତ ଏବଂ ଜଟିଳ ସହରାଞ୍ଚଳ ପରିବର୍ତ୍ତନ ମଧ୍ୟରେ ଅବସ୍ଥିତ ଯେଉଁଠାରେ ସହରଗୁଡ଼ିକ କେବଳ ଭୌଗୋଳିକ ଭାବେ ବିସ୍ତାର ଲାଭ କରିନାହିଁ, ବରଂ ଜ୍ଞାନ, ବାଣିଜ୍ୟ, ସଂସ୍କୃତି ଏବଂ ମାନବ ଆକାଂକ୍ଷାର ଶକ୍ତିକେନ୍ଦ୍ର ଭାବେ ବିକଶିତ ହେଉଛି । ଏହି ଜାତୀୟ ପରିବର୍ତ୍ତନ ଦୃଶ୍ୟପଟରେ, ଓଡ଼ିଶା ଏକ ନୂତନ ଏବଂ ଆକର୍ଷଣୀୟ ସହରାଞ୍ଚଳ କାହାଣୀ ରଚି ଚାଲିଛି, ସେହି କାହାଣୀ ।

ଗୃହ ନିର୍ମାଣ ଓ ନଗରଉନ୍ନୟନ ବିଭାଗ ଅଧୀନରେ ଓଡ଼ିଶା ସରକାରଙ୍କ ପ୍ରମୁଖ ସହରାଞ୍ଚଳ ରୂପାନ୍ତରଣ କାର୍ଯ୍ୟକ୍ରମ ସମୃଦ୍ଧ ସହର ମାଧ୍ୟମରେ ଏହି ନୂତନ ଅଧ୍ୟାୟ ଲେଖାଯାଉଛି । ଏହି ଯୋଜନା କେବଳ ଏକ ସରକାରୀ ପଦକ୍ଷେପ ନୁହେଁ, ବରଂ ଏହା ଏକ ଗଭୀର ଅଭିପ୍ରାୟର ପ୍ରକାଶ, ଯାହା ଏକ ସେହିପରି ଓଡ଼ିଶା ଗଢ଼ିବାର ଶପଥ ନେଉଛି- ଯେଉଁଠି ସହରଗୁଡ଼ିକ ଭବିଷ୍ୟତ ପାଇଁ ପ୍ରସ୍ତୁତ ହୋଇ ପ୍ରତିଯୋଗିତାମୂଳକ ।

ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗର ମନ୍ତ୍ରୀ ଡ଼. କୃଷ୍ଣ ଚନ୍ଦ୍ର ମହାପାତ୍ର ଏହି ମିଶନକୁ ବର୍ଣ୍ଣନା କରି କରିଛନ୍ତି, ''ଆମ ସହରଗୁଡ଼ିକ ବିଶ୍ୱସ୍ତରୀୟ ସେବା ପ୍ରଦାନ କରିବା, ଅର୍ଥନୈତିକ ଗତି ସୃଷ୍ଟି କରିବା ଏବଂ ଲୋକମାନଙ୍କ ଦୈନନ୍ଦିନ ଅଭିଜ୍ଞତାକୁ ଉନ୍ନତ କରିବା ଆବଶ୍ୟକ । 'ସମୃଦ୍ଧ ସହର' ହେଉଛି ଆମର ପ୍ରତିବଦ୍ଧତା ପରବର୍ତ୍ତୀ ପିଢ଼ି ପାଇଁ ଭବିଷ୍ୟତ ପାଇଁ ପ୍ରସ୍ତୁତ, 'ନମନୀୟ ଏବଂ ସୁଯୋଗରେ ସମୃଦ୍ଧ' ସହରୀୟ କେନ୍ଦ୍ର ଗଢ଼ିବା ପାଇଁ ।''

ଏଥିରେ 'ସମୃଦ୍ଧ ସହର' ଦୃଷ୍ଟିକୋଣ, ଏହାର ଉପାଦାନ, ଆହ୍ୱାନଗୁଡ଼ିକ ଏବଂ ପରିବର୍ତ୍ତନଶୀଳ ସମ୍ଭାବନାକୁ ଅନୁଧ୍ୟାନ କରାଯାଇଛି ଏବଂ ଏହା ଆଗାମୀ ତିନି ଦଶନ୍ଧି ପାଇଁ ଓଡ଼ିଶାର ସହରଗୁଡ଼ିକୁ କିପରି ପୁନଃଅବସ୍ଥାପିତ କରିପାରେ, ତାହାର ଏକ ଭବିଷ୍ୟତମୁଖୀ ବିଷୟବସ୍ତୁ ଦିଆଯାଇଛି ।

ଓଡ଼ିଶାର ସହରୀକରଣ ଭାରତର ଅନ୍ୟ ଅଞ୍ଚଳଗୁଡ଼ିକ ପରି ପୁରାତନ କିମ୍ବା ବ୍ୟାପକ ନଥିଲେ ମଧ୍ୟ, ଗତ ଦଶନ୍ଧିରେ ଏକ ସୁଦୃଢ଼ ସହରାଞ୍ଚଳ ପରିବର୍ତ୍ତନ ସ୍ପଷ୍ଟ ଭାବେ ଦୃଶ୍ୟମାନ ହୋଇଛି ଯଥା: ଛୋଟ ସହରମାନେ ବାଣିଜ୍ୟିକ କେନ୍ଦ୍ର ରୂପେ ଉଠୁଥିବା, ଜିଲ୍ଲାମୁଖ୍ୟାଳୟ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରୁଛି, ଯୁବକମାନେ ସୁଯୋଗ ପାଇଁ ସ୍ଥାନାନ୍ତର କରୁଛନ୍ତି, ପର୍ଯ୍ୟଟନର ନୂତନ ଚଟାଣ ବିକଶିତ ହେଉଛି ଏବଂ ଶିଳ୍ପ ପୁଞ୍ଜିଗୁଡ଼ିକ କୁଶଳୀ ଶ୍ରମିକଙ୍କୁ ଆକର୍ଷିତ କରୁଛି ।

ଏହି ପରିବର୍ତ୍ତନ ଏପରି ଏକ ସହରାଞ୍ଚଳ ବ୍ୟବସ୍ଥାର ଆବଶ୍ୟକ କରେ, ଯାହା କେବଳ ବୃଦ୍ଧି ନୁହେଁ, ବରଂ ଦୂରଦର୍ଶୀ ମଧ୍ୟ ଅଟେ । 'ସମୃଦ୍ଧ ସହର' ଚାରିଟି ମୂଳଭୂତ ବାସ୍ତବତାର ପ୍ରତିକ୍ରିୟା ଭାବରେ ଉଦୟ ହୋଇଛି । ଅର୍ଥନୈତିକ ଇଞ୍ଜିନ୍ ଭାବରେ ସହରଗୁଡ଼ିକ ମୋଟ ଅର୍ଥନୈତିକ ଉତ୍ପାଦନର ୮୦%ରୁ ଅଧିକ ଯୋଗାଣ କରନ୍ତି । ସୁପରିଚାଳିତ ସହର ବିନା ଦୀର୍ଘକାଳୀନ ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ନୁହେଁ । ଜନସଂଖ୍ୟା ବିଭାଜନ ଅନୁଯାୟୀ ଯୁବକମାନେ ଜନସଂଖ୍ୟାର ଏକ ବଡ଼ ଅଂଶ ହୋଇଥିବାରୁ, ଏକ ବଡ଼ ଅଂଶ ଗଠନ କରୁଛନ୍ତି ତେଣୁ ସହରମାନେ ଦକ୍ଷତା, ଉଦ୍ୟମ ସହିତ ନବସୃଜନ ପାଇଁ ଆକର୍ଷଣୀୟ ସ୍ଥାନ ହେବା ଆବଶ୍ୟକ ।

ଲୋକମାନେ ଆଜି କେବଳ ମୌଳିକ ସେବା ନୁହେଁ, ଗୁଣାତ୍ମକ ସାର୍ବଜନୀନ ସ୍ଥାନ, ନିରବଚ୍ଛିନ୍ନ ଡିଜିଟାଲ୍ ପ୍ରଶାସନ, ସ୍ୱଚ୍ଛ ପରିବେଶ ଏବଂ କାର୍ଯ୍ୟକ୍ଷମ ଗତିଶୀଳତା ଚାହୁଁଛନ୍ତି । ଜଳବାୟୁ ଚ୍ୟାଲେଞ୍ଜରେ ଓଡ଼ିଶା ଅଗ୍ରସର ଏବଂ ସ୍ଥାୟିତ୍ୱ ଏଠାରେ ଏକ ବିକଳ୍ପ ନୁହେଁ, ଏହା ଏକ ଆବଶ୍ୟକତା । ଏହି ବାସ୍ତବତାକୁ ଧ୍ୟାନରେ ରଖି 'ସମୃଦ୍ଧ ସହର'ର ସକ୍ସା ପ୍ରସ୍ତୁତ କରାଯାଇଛି ।

ସାଧାରଣତଃ ଅନ୍ୟାନ୍ୟ ମିଶନଗୁଡ଼ିକ ଭିତ୍ତିଭୂମିକୁ କେନ୍ଦ୍ର କରନ୍ତି କିନ୍ତୁ 'ସମୃଦ୍ଧ ସହର' ଏକ ବ୍ୟାପକ ଏବଂ ଗଭୀର ଦୃଷ୍ଟିକୋଣ ଧାରଣ କରେ ଏବଂ ଅନ୍ତର୍ଭୁକ୍ତି, ସୁରକ୍ଷିତ ଏବଂ ଅର୍ଥନୈତିକ ଭାବରେ ଅର୍ଥପୂର୍ଣ୍ଣ ସହରଗୁଡ଼ିକ ଗଢ଼ିବାରେ ଗୁରୁତ୍ୱ ଦିଏ । ଗୃହ ନିର୍ମାଣ ଓ ନଗରଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଦୃଢ଼ ବିଶ୍ୱାସ ସହିତ ଏହି ଦୃଷ୍ଟିକୋଣକୁ ବ୍ୟକ୍ତ କରିଛନ୍ତି ।

> **'ସମୃଦ୍ଧ ସହର'ର ସ୍ତମ୍ଭଗୁଡ଼ିକ ହେଉଛି ଆଧୁନିକ ନାଗରିକଙ୍କ ପାଇଁ ଆଧୁନିକ ଭିତ୍ତିଭୂମି । ସହରଗୁଡ଼ିକ ସେତେବେଳେ ସମୃଦ୍ଧ ହୁଏ ଯେତେବେଳେ ତା'ର ଭିତ୍ତିଭୂମି ଗତିଶୀଳତା, ସାର୍ବଜନୀନ ଜୀବନ ଏବଂ ଅର୍ଥନୈତିକ ବିନିମୟକୁ ଦୃଢ଼ ଭାବରେ ସମର୍ଥନ କରେ ।**

ସମୃଦ୍ଧ ସହର କେବଳ ଏକ ସହରାଞ୍ଚଳ କାର୍ଯ୍ୟକ୍ରମ ନୁହେଁ ଏହା ଏପରି ସହର ନିର୍ମାଣ ପାଇଁ ଏକ ପ୍ରତିବଦ୍ଧତା, ଯେଉଁଠାରେ ପ୍ରତ୍ୟେକ ନାଗରିକ ନିଜକୁ ଅନ୍ତର୍ଭୁକ୍ତ, ସମର୍ଥିତ ଏବଂ ସଶକ୍ତ ଅନୁଭବ କରିପାରନ୍ତି । ସ୍ୱଚ୍ଛ ପରିବେଶ, ସୁଲଭ ସେବା, ଜଳବାୟୁ ସ୍ଥିରତା ଏବଂ ଡିଜିଟାଲ୍ ପ୍ରଶାସନ ଏହି ସବୁକୁ ଆମେ ଗଢ଼ିବାକୁ ଚାହୁଁଥିବା ସହରାଞ୍ଚଳ ଅନୁଭବର ମେରୁଦଣ୍ଡ ।

'ସମୃଦ୍ଧ ସହର'ର ସ୍ତମ୍ଭଗୁଡ଼ିକ ହେଉଛି ଆଧୁନିକ ନାଗରିକଙ୍କ ପାଇଁ ଆଧୁନିକ ଭିତ୍ତିଭୂମି । ସହରଗୁଡ଼ିକ ସେତେବେଳେ ସମୃଦ୍ଧ ହୁଏ ଯେତେବେଳେ ତା'ର ଭିତ୍ତିଭୂମି ଗତିଶୀଳତା, ସାର୍ବଜନୀନ ଜୀବନ ଏବଂ ଅର୍ଥନୈତିକ ବିନିମୟକୁ ଦୃଢ଼ ଭାବରେ ସମର୍ଥନ କରେ । 'ସମୃଦ୍ଧ ସହର' ଅଧୀନରେ ସ୍ୱଚ୍ଛ, ଉନ୍ନତ ଏବଂ ଜଳବାୟୁ-ନମନୀୟ ରାସ୍ତା, ସ୍ୱଚ୍ଛ ଏବଂ ସବୁଜ ସୁନ୍ଦର ପରିବେଶ, ଉନ୍ନତ ଜଳ ଯୋଗାଣ, ପରିମଳ ବ୍ୟବସ୍ଥା ଏବଂ ସ୍ୱେରେଜ୍ ନେଟୱାର୍କ, ସମନ୍ୱିତ ସାର୍ବଜନୀନ ପରିବହନ ବ୍ୟବସ୍ଥା, ପଥଚାରୀ ଓ ସାଇକେଲ ଆରୋହୀଙ୍କ ପାଇଁ ନିରାପଦ ପଥ, ଅନ୍ତର୍ଭୁକ୍ତ ସ୍ଥାନ ଉପରେ ଧ୍ୟାନ ଦିଆଯାଇଛି । ଏହି ପଦକ୍ଷେପଗୁଡ଼ିକ ସ୍ୱତନ୍ତ୍ର ନୁହେଁ, ସେଗୁଡିକ ମିଶି ସହରାଞ୍ଚଳ ଦକ୍ଷତାର ଏକ ଶକ୍ତିଶାଳୀ ନେଟୱାର୍କ ଗଢ଼ି ତୋଳନ୍ତି, ଯାହା ଦୈନନ୍ଦିନ ଜୀବନର ଗୁଣବତ୍ତାକୁ ଉନ୍ନତ କରେ ।

ଜୀବିକା ସହରାଞ୍ଚଳ ସ୍ଥାୟୀତ୍ୱର ମେରୁଦଣ୍ଡ । ଏହି କାର୍ଯ୍ୟକ୍ରମ ସମନ୍ୱିତ ଭାବରେ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କ୍ଷୁଦ୍ର ଉଦ୍ୟୋଗୀମାନଙ୍କ ସୁଦୃଢ଼ୀକରଣ, ବିକ୍ରେତା-ଅନୁକୂଳ ସାର୍ବଜନୀନ ସ୍ଥାନ ଓ ନୂତନ ବଜାର ବିକାଶ, ସହରାଞ୍ଚଳ ଉତ୍ପାଦନ ସାମଗ୍ରୀ, ଏମଏସଏମଇ ସହାୟତା, ଋଣ ଓ ଡିଜିଟାଲ୍ ସେବା, ବଜାର ସଂଯୋଗ, ବିଶେଷତଃ ମହିଳା ନେତୃତ୍ୱାଧୀନ ଜୀବିକା ଉପରେ ଧ୍ୟାନ ଦେଇ ସହରୀ ଆର୍ଥିକ ଭିତ୍ତିକୁ ସୁଦୃଢ଼ କରୁଛି । ସହରାଞ୍ଚଳ ଦାରିଦ୍ର୍ୟ କେବଳ ଆୟର ଅଭାବ ନୁହେଁ ଏହା ପରିବେଶର ଗୁଣବତ୍ତା, ସୁରକ୍ଷା, ଆବାସ ଓ ମର୍ଯ୍ୟାଦା ସହ ସିଧାସଳଖ ସମ୍ପର୍କିତ । 'ସମୃଦ୍ଧ ସହର' ଏହି ସମସ୍ତ ଉପାଦାନକୁ ଏକାଠି କରି ସମ୍ପୂର୍ଣ୍ଣ ସହରାଞ୍ଚଳ ସମୃଦ୍ଧିକୁ ପ୍ରୋତ୍ସାହନ ଦେଉଛି ।

ସହରଗୁଡ଼ିକୁ ଆଧୁନିକୀକରଣ କରାଯିବା ସହିତ ସେମାନଙ୍କ ସାଂସ୍କୃତିକ ପରିଚୟ ଓ ସ୍ୱତ୍ୱକୁ ସୁରକ୍ଷିତ ରଖାଯିବା ଅତ୍ୟାବଶ୍ୟକ । ଐତିହ୍ୟରେ ସମୃଦ୍ଧ ଓଡ଼ିଶା ମନ୍ଦିର, ସ୍ମାରକ, ହସ୍ତଶିଳ୍ପ ପରମ୍ପରା ସହିତ ଯୋଡିହୋଇଥିବା ଐତିହ୍ୟ ଚଟାଣ, ପୁନଃଜୀବିତ ୱାଟରଫ୍ରଣ୍ଟ ଓ ରିଭରଫ୍ରଣ୍ଟ, ସହରାଞ୍ଚଳ ମନୋରଞ୍ଜନ ହବ୍, ସାର୍ବଜନୀନ ପ୍ଲାଜା, ସାଂସ୍କୃତିକ ମଣ୍ଡପ, ଚାଲିବାଯୋଗ୍ୟ ଏବଂ ସୌନ୍ଦର୍ଯ୍ୟପୂର୍ଣ୍ଣ ସହରୀ ପରିବେଶ ଏସବୁ ମିଶି ନା କେବଳ ପର୍ଯ୍ୟଟନକୁ କେବଳ ଉନ୍ନତ କରିଛି ବରଂ ସହରର ପରିଚୟକୁ ଗଣମାଧ୍ୟମ ଜରିଆରେ ସୁଦୃଢ଼ କରୁଛି । (କ୍ରମଶଃ...)

**ମୋ: ୯୪୩୭୬୫୪୨୨୨**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଏମ୍‌ଜିନରେଗା...

ଯୋଜନା ଗେମ୍ ଚେଞ୍ଜର ଭାବେ ସାବ୍ୟସ୍ତ ହୋଇଥିଲା । ତେବେ ନୂଆ ବିଲ୍‌ରେ ୧୦୦ ଦିନ କାର୍ଯ୍ୟ ବଦଳରେ ୧୨୫ ଦିନ କରାଯାଇଛି । ଏଥିରେ ହିତାଧିକାରୀଙ୍କୁ କାର୍ଯ୍ୟ ସମାପ୍ତ ହେବାର ସପ୍ତାହେ କିମ୍ବା ୧୫ ଦିନ ମଧ୍ୟରେ ତାଙ୍କ ଅର୍ଥ ପ୍ରଦାନ କରାଯିବ । ଯଦି ଧାର୍ଯ୍ୟ ସମୟରେ ଅର୍ଥ ନ ଦିଆଯାଏ ତେବେ ବେକାରୀ ଭତ୍ତା ଦେବାପାଇଁ ବ୍ୟବସ୍ଥା ରହିଛି । ନୂଆ ବିଲ୍ ୪ ପର୍ଯ୍ୟାୟରେ କାର୍ଯ୍ୟ କରିବ । ବିଶେଷକରି ଜଳ ସୁରକ୍ଷା, ଗ୍ରାମିଣ ଭିତ୍ତିଭୂମି, ଜୀବନ ଜୀବିକା ଭିତ୍ତିଭୂମି ଓ ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି । ଏହି କାର୍ଯ୍ୟଗୁଡ଼ିକ ଗ୍ରାମାଞ୍ଚଳରେ କୃଷି ବା ଚାଷବାଷ ସମୟରେ କାର୍ଯ୍ୟକାରୀ ହେବନାହିଁ । ଏଥିରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ବାୟୋମେଟ୍ରିକ୍ ବ୍ୟବସ୍ଥା କରାଯାଇଛି । ଏହା କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା । ଏଥିରେ ଶତ ପ୍ରତିଶତ ଅଣକୁଶଳୀ ଶ୍ରମିକ କାର୍ଯ୍ୟ କରିବେ । ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ଆର୍ଥିକ ଅନୁଦାନର ରାଶି ୬୦ : ୪୦ ରହିବ । ତେବେ ଉତ୍ତରପୂର୍ବ ରାଜ୍ୟଗୁଡ଼ିକରେ ଏହି ଅନୁପାତ ୯୦:୧୦ ଏବଂ ହିମାଳୟନ୍ ରାଜ୍ୟଗୁଡ଼ିକରେ ଶତ ପ୍ରତିଶତ ରହିବ । ଏଥିରେ ବାର୍ଷିକ ୧.୫୧ ଲକ୍ଷ କୋଟି ଖର୍ଚ୍ଚ କରାଯିବ । କେନ୍ଦ୍ର ସରକାର ୯୫,୬୯୨ କୋଟି ଟଙ୍କା ଖର୍ଚ୍ଚ କରିବେ । କଂଗ୍ରେସ ସାଂସଦ ରଣଜିତ୍ ରଞ୍ଜନ କହିଛନ୍ତି ଯେ ପୂର୍ବରୁ ବିଜେପିର ଜବାହାରଲାଲ ନେହରୁ ଓ ଇନ୍ଦିରା ଗାନ୍ଧିଙ୍କୁ ନେଇ ସମସ୍ୟା ଥିଲା । ଏବେ ଦେଶ ଦେଖୁଛି ବାପୁଙ୍କୁ ନେଇ ମଧ୍ୟ ସେମାନଙ୍କର ଅସୁବିଧା ହେଉଛି । ଏମ୍‌ଜି ନରେଗାରେ ଆମେ ସମୟସୀମା ମଧ୍ୟରେ ଟଙ୍କା ଦେଉଥିଲୁ । ଏହାର ଉନ୍ନତିକରଣ ପାଇଁ ୧୦୦ ଦିନର କାର୍ଯ୍ୟ ବଦଳରେ ୧୫୦ ଦିନ କରାଯାଉ ।

## ଜୋର୍ଡାନରେ...

ସାକ୍ଷାତ କରିବେ । ଭାରତ -ଜୋର୍ଡାନ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିବା ସ୍ପନ୍ଦନଶୀଳ ଭାରତୀୟ ସମ୍ପ୍ରଦାୟକୁ ଭେଟି ପ୍ରଧାନମନ୍ତ୍ରୀ ମୋଦୀ ଭାବପ୍ରବଣ ହୋଇପଡିଛନ୍ତି ।

ଇଥିଓପିଆର ପ୍ରଧାନମନ୍ତ୍ରୀ ଡକ୍ଟର ଆବି ଅହମ୍ମଦ ଅଲ୍ଲୀଙ୍କ ନିମନ୍ତ୍ରଣରେ, ପ୍ରଧାନମନ୍ତ୍ରୀ ଅମ୍ମାନରୁ ଇଥିଓପିଆକୁ ଗସ୍ତ କରିବେ । ଏହା ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଅମାନ ଗସ୍ତ ହେବ । ଅଦିସ୍ ଅବାବା ଆଫ୍ରିକୀୟ ସଂଘର ମୁଖ୍ୟାଳୟ ମଧ୍ୟ । ୨୦୨୩ ମସିହାରେ, ଭାରତର ଜି୨୦ ଅଧ୍ୟକ୍ଷତା ସମୟରେ, ଆଫ୍ରିକୀୟ ସଂଘକୁ ଜି୨୦ର ସ୍ଥାୟୀ ସଦସ୍ୟ ଭାବରେ ଗ୍ରହଣ କରାଯାଇଥିଲା । ଅଦିସ୍ ଅବାବାରେ, ପ୍ରଧାନମନ୍ତ୍ରୀ ଆବି ଅହମ୍ମଦ ଅଲ୍ଲୀଙ୍କ ସହିତ ବିସ୍ତୃତ ଆଲୋଚନା କରିବେ ଏବଂ ସେଠାରେ ରହୁଥିବା ପ୍ରବାସୀ ଭାରତୀୟଙ୍କୁ ଭେଟିବାର ସୁଯୋଗ ମଧ୍ୟ ମିଳିବ । ତାଙ୍କୁ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧିତ କରିବାର ସୌଭାଗ୍ୟ ମଧ୍ୟ ମିଳିବ, ଯେଉଁଠାରେ ମୁଁ "ଗଣତନ୍ତ୍ରର ଜନନୀ" ଭାବରେ ଭାରତର ଯାତ୍ରା ଏବଂ ଭାରତ-ଇଥିଓପିଆ ସହଭାଗୀତା ଗ୍ଲୋବାଲ ସାଉଥ ପାଇଁ କିପରି ଗୁରୁତ୍ୱପୂର୍ଣ୍ଣ ସେ ବିଷୟରେ ମୋର ଚିନ୍ତାଧାରା ଶେୟାର କରିବାକୁ ଉତ୍ସାହର ସହିତ ଅପେକ୍ଷା କରିଛି । ଯାତ୍ରାର ଶେଷ ପର୍ଯ୍ୟାୟରେ, ପ୍ରଧାନମନ୍ତ୍ରୀ ସୁଲତାନତ ଅଫ୍ ଓମାନ ପରିଦର୍ଶନ କରିବେ । ଏହି ଗସ୍ତ ଭାରତ ଏବଂ ଓମାନ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ୭୦ ବର୍ଷ ପୂର୍ତ୍ତିର ପ୍ରତୀକ । ମସ୍କଟରେ, ପ୍ରଧାନମନ୍ତ୍ରୀ ଓମାନର ସୁଲତାନଙ୍କ ସହ ଆଲୋଚନା ପାଇଁ ଉତ୍ସାହିତ ଏବଂ ଆମର ରଣନୈତିକ ସହଭାଗୀତା ସହିତ ଦୃଢ଼ ବାଣିଜ୍ୟିକ ତଥା ଆର୍ଥିକ ସମ୍ପର୍କକୁ ଅଧିକ ମଜବୁତ କରିବାକୁ ଆଗ୍ରହୀ ରହିଛି । ପ୍ରଧାନମନ୍ତ୍ରୀ ଓମାନରେ ପ୍ରବାସୀ ଭରାତୀୟମାନଙ୍କୁ ମଧ୍ୟ ସମ୍ବୋଧିତ କରିବେ, ଯେଉଁମାନେ ଦେଶର ବିକାଶ ଏବଂ ଆମର ସହଭାଗୀତାକୁ ବୃଦ୍ଧି କରିବାରେ ପ୍ରମୁଖ ଯୋଗଦାନ ଦେଇଛନ୍ତି ।

## କେନାଲ...

ମାନେ କଡ଼ା ବିରୋଧ କରି ଥିଲେ । ଯାହାକୁ ନେଇ ସେଠାରେ ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ହୋଇ ଥିଲା । ପରେ ପ୍ରଶାସନ ପକ୍ଷରୁ ପୋଲିସ ସୁରକ୍ଷା ବଳୟ ମଧ୍ୟରେ କେନାଲ ଖୋଲା ଆରମ୍ଭ ହୋଇ ଥିଲା । ଯାହାଦ୍ୱାରା ସେଠାରେ ଦୀର୍ଘ ଦିନ ଧରି ଜମି ରହି ଥିବା ଜଳ ନିଷ୍କାସନ ହୋଇଛି । ପୂର୍ବରୁ ଏହି ନାଳ ଦେଇ ଚିଲିକାକୁ ସ୍ଥାନୀୟ ଅଂଚଳର ଜଳ ନିଷ୍କାସନ ହୋଇ ଥାଏ । ଦୀର୍ଘ ବର୍ଷ ହେବ କୁସୁବେଣ୍ଟି ଓ ହରିଦାସ ଗ୍ରାମ ମଧ୍ୟରେ ବିବାଦ ଲାଗି ରହିଥିଲା । ହରିଦାସ ଗ୍ରାମ ଲୋକ ମାନେ ଏହି ନାଳରେ ଏକ ବନ୍ଧ ପକାଇ ପାଣି ଛାଡୁ ନଥିଲେ । କୁସୁବେଣ୍ଟ ଗ୍ରାମବାସୀମାନେ ଦାବି କରି ଆସୁଥିଲେ ସେହି ବାଟ ଦେଇ ପାଣି ଗଲେ ସେମାନଙ୍କ ଜୀବିକା ବୁଡି ଯିବ । ସେମାନଙ୍କ ଚିଙ୍ଗୁଡ଼ି ପୋଖରୀ ବୁଡି ଯିବ । ତେଣୁ ମରିବୁ ପଛେ ଚଡ଼ିବୁ ନାହିଁ ବୋଲି ଅଡି ବସି ଥିଲେ । ଦୀର୍ଘ କୋଡ଼ିଏ ବର୍ଷ ଧରି ଏହି ବିବାଦ ଲାଗି ରହି ଥିବା ବେଳେ ଏହାର ସମାଧାନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ଗ୍ରାମବାସିଙ୍କ ସହ ବହୁବାର ଆଲୋଚନା କରି ବିଫଳ ହୋଇଥିଲା । ଗ୍ରାମବାସୀ ପ୍ରଶାସନ କଥାରେ ସହମତି ହୋଇ ନଥିଲେ । ଶେଷରେ ପ୍ରଶାସନ ବିଫଳ ହେବା ପରେ ଗତ କାଲି ଜିଲ୍ଲା ପ୍ରଶାସନ ପକ୍ଷରୁ ବିଏନ୍‌ଏସ ଆଇନର ଧାରା ୧୬୩ ଲାଗୁ କରା ଯାଇ ଥିଲା । ଆଜି ପ୍ରଶାସନ ବନ୍ଧ କରିବାକୁ ଆସୁଥିବା ଜାଣି ଶତାଧିକ ମହିଳା ଓ ପୁରୁଷ ରାସ୍ତା ଉପରେ ବସି ରହି ପ୍ରତିବାଦ କରି ଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମ ବାସୀଙ୍କୁ ବୁଝା ସୁଝା କରି ଥିଲେ ମଧ୍ୟ ଗ୍ରାମବାସୀ ରାସ୍ତା ଛାଡ଼ି ନଥିଲେ । ଶେଷରେ ପୋଲିସ ରାସ୍ତାରୁ 50 ଉର୍ଦ୍ଧ ମହିଳା ଓ ପୁରୁଷ ଙ୍କୁ ଉଠାଇ ନେଇ ଥିଲା । ଗ୍ରାମବାସୀ ଓ ପୋଲିସ ମଧ୍ୟରେ ଧସ୍ତା ଧାଷ୍ଟି ଭଳି ପରିସ୍ଥିତି ଉପୁଜି ଥିଲା । ରାସ୍ତାରେ ଗ୍ରାମବାସି ଶୋଇ ରହି ପ୍ରତିବାଦ କରି ଥିଲେ । ପରେ ବନ୍ଧ ନିକଟରେ ସୃଷ୍ଟି ହୋଇ ଥିଲା ଭୟଙ୍କର ପରିସ୍ଥିତି । ପାଣି ଭିତରକୁ ପଶି ମହିଳା ମାନେ ବନ୍ଧ କଟାଇ ଦେବେ ନାହିଁ ବୋଲି ପ୍ରତିବାଦ କରି ଥିଲେ । ଜେସିବି ମେସିନକୁ ଚଢ଼ିଲେ ନାହିଁ । ପରେ ପୋଲିସ ପ୍ରଶାସନ ପାଣି ଭିତରେ ପଶି ମହିଳାଙ୍କୁ ଉଠାଇବାକୁ ଚେଷ୍ଟା କରି ଥିଲେ । ମହିଳା ମାନେ ପାଣି ଭିତରୁ କାଦୁଅ କାଢି ପୋଲିସ କୁ ଫିଙ୍ଗିଥିଲେ । ଘଟଣା ସ୍ଥଳରେ ମୁହାଁ ମୁହିଁ ପରିସ୍ଥିତି ସୃଷ୍ଟି ହୋଇ ଥିଲା । ପୋଲିସ ସହ ଠେଲା ପେଲା ଓ ଟେକା ମାଡ଼ ମଧ୍ୟ ହୋଇ ଥିଲା । ପୋଲିସ ଶେଷରେ ସବୁ ମହିଳା ମାନଙ୍କୁ ଘଟଣା ସ୍ଥଳରୁ ଉଠାଇ ନେବା ପରେ ବନ୍ଧ କାଟିବାରେ ସଫଳ ହୋଇ ଥିଲା । ଏହି କାର୍ଯ୍ୟକ୍ରମରେ ପୁରୀ ଅତିରିକ୍ତ ଏସପି ଏସ ପି ଶୁଶିଲ କୁମାର ମିଶ୍ର, ଉପଜିଲ୍ଲାପାଳ ରାଜ କିଶୋର ଜେନା, ତହସିଲଦାରଙ୍କ ସମେତ ପ୍ରାୟ ପନ୍ଦର ଅଫିସର ଦଶ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।

## ଡଲାର...

ଭାରତୀୟ ଷ୍ଟକ୍ ଏକ୍ସଚେଞ୍ଜରେ ଲଗାଇଥିବା ଅର୍ଥ ନେଇଯିବାରେ ଲାଗିଛନ୍ତି । ୨୦୨୫ ସୁଦ୍ଧା ସେମାନେ ୧୮ ବିଲିୟନ୍ ଡଲାର ଅର୍ଥ ଫେରାଇ ନେଲେଣି । ବିଦେଶୀ ନିବେଶକମାନେ ମଧ୍ୟ ଡିସେମ୍ବର ମାସରେ ୫୦୦ ନିୟୁତ ଡଲାରର ବଣ୍ଡକୁ ବିକ୍ରି କରିଦେଇଛନ୍ତି । ଆମଦାନୀ ବଢ଼ିବା ଓ ରପ୍ତାନୀ କମିବା ଯୋଗୁ ଏହି ସ୍ଥିତି ଆହୁରି ଖରାପ ହେଉଛି । ଅର୍ଥନୀତିଜ୍ଞମାନେ କହିଛନ୍ତି ଯଦି ଚୁକ୍ତି ଶୀଘ୍ର ନ ହୁଏ ତେବେ ଟଙ୍କା ଆହୁରି ଦୁର୍ବଳ ହେବା ଓ ଏହାର ପ୍ରଭାବରେ ଆମଦାନୀ ଜିନିଷର ମୂଲ୍ୟ ବଢ଼ିବ ବୋଲି କୁହାଯାଉଛି । ବିଦେଶୀ ନିବେଶକମାନେ ଭାରତୀୟ ବଜାରରୁ ମୁହଁ ଫେରାଉଛନ୍ତି । ଏହାର ପ୍ରଭାବରେ ଆମଦାନୀ ଜିନିଷ ମହଙ୍ଗା ହେବ ଓ ମୁଦ୍ରାସ୍ଫିତି ବଢ଼ିବ । ଡଲାର ମୁକାବିଲାରେ ଟଙ୍କା ଦିନକୁ ଦିନ ଦୁର୍ବଳ ହେଉଥିବା ଯୋଗୁ ଏହାର ପ୍ରଭାବ ଷ୍ଟକ୍ ଏକ୍ସଚେଞ୍ଜରେ ଦେଖିବାକୁ ମିଳିଛି ।

## ବଢ଼ିଲା...

ଏହି ନିଷ୍ପତ୍ତି ଅନୁଯାୟୀ ପିଜି ପ୍ରଥମ ବର୍ଷର ଛାତ୍ରଛାତ୍ରୀ ମାନଙ୍କ ଷ୍ଟାଇପେଣ୍ଡରେ ୫୫ ପ୍ରତିଶତ ବୃଦ୍ଧି କରାଯାଇଛି । ପୂର୍ବରୁ ସେମାନଙ୍କ ମାସିକ ଷ୍ଟାଇପେଣ୍ଡ ୩୧ ହଜାର ଟଙ୍କା ଥିବାବେଳେ, ବର୍ତ୍ତମାନ ଏହା ୪୮ ହଜାର ଟଙ୍କାକୁ ବୃଦ୍ଧି ପାଇଛି । ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କ ପାଇଁ ଏହା ୩୨ ହଜାରରୁ ୫୨ ହଜାରକୁ ବୃଦ୍ଧି ପାଇଛି । ଏହା ହେଉଛି ୬୨ ପ୍ରତିଶତ ବୃଦ୍ଧି । ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଷ୍ଟାଇପେଣ୍ଡ ପରିମାଣ ମାସକୁ ୩୩ ହଜାରରୁ ୫୫ ହଜାରକୁ ବୃଦ୍ଧି ପାଇଛି । ଏହି ବୃଦ୍ଧି ୬୭ ପ୍ରତିଶତ । ସେହିପରି ସରକାରୀ ଆୟୁର୍ବେଦିକ ଓ ହୋମିଓପାଥିକ ମେଡିକାଲ କଲେଜର ହାଉସ୍ ସର୍ଜନ ମାନଙ୍କ ଷ୍ଟାଇପେଣ୍ଡ ୧୭ ହଜାରରୁ ୩୦ ହଜାରକୁ ବୃଦ୍ଧି କରାଯାଇଛି । ଏହା ଚଳିତ ବର୍ଷ ଅଗଷ୍ଟ ପହିଲାରୁ ଲାଗୁହେବ । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଶିକ୍ଷା ଓ ରୋଗୀ ସେବାରେ ଅଧିକ ମନୋନିବେଶ କରି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

## ପହଲଗାମ୍...

ଏହି ଦୁଇଜଣ ଅନ୍ୟ ୩ ଆତଙ୍କବାଦୀଙ୍କ ସମ୍ପୃକ୍ତି ନେଇ ଚିହ୍ନଟ କରିଥିଲେ । ଏନ୍‌ଆଇଏ ପକ୍ଷରୁ ଚାର୍ଜସିଟ୍‌କୁ ଜମ୍ମୁରେ ଥିବା ଏକ ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟରେ ଦାଖଲ କରାଯାଇଛି । ସାଜିଦ୍ ସମ୍ପର୍କରେ ସୂଚନା ଦେଲେ ୧୦ ଲକ୍ଷ ଟଙ୍କା ପୁରସ୍କାର ମିଳିବ ବୋଲି କୁହାଯାଇଛି ।

## ଘଟଣାକୁ...

ଓ ପ୍ରୀତିରଞ୍ଜନ ଘଡାଇ ମଧ୍ୟ ଭେଟିଛନ୍ତି । ଭେଟିଲା ପରେ ଗଣମାଧ୍ୟମକୁ ଏମାନେ କହିଛନ୍ତି ଯେ ପ୍ରଶାସନ ପକ୍ଷରୁ ୨୪ ଘଣ୍ଟା ମଗାଯାଇଛି । ତେବେ ଯେ ପର୍ଯ୍ୟନ୍ତ ଦୋଷୀମାନଙ୍କୁ ଗିରଫ କରାଯାଇନାହିଁ ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ଦଳ ନିଷ୍ପତ୍ତି ନେଇଛି । ଦୁର୍ବୃତ୍ତଙ୍କ ଆକ୍ରମଣରେ ଆହତ ହୋଇଥିବା ଲୋକଙ୍କ ପାଖରୁ କେନ୍ଦ୍ରାଞ୍ଚଳ ଡିଆଇଜି ଏତଲା ଗ୍ରହଣ କରିଛନ୍ତି ।

## ମୋକିମ...

ପାଇଁ ଦଳରୁ ସସ୍ପେଣ୍ଡ ହୋଇଥିଲେ । ୨୦୨୪ ନିର୍ବାଚନରେ କାହିଁକି ଲଢ଼ିପାରିଲେ ନାହିଁ । ଓଡ଼ିଶା ହାଉସିଂ ଆଣ୍ଡ ଡେଭେଲପମେଣ୍ଟ କର୍ପୋରେସନ ଲୋନ୍ ଫ୍ରଡ ମାମଲା । ତେଣୁ କଂଗ୍ରେସ ଦଳ ଏବଂ ଏହାର ସର୍ବମାନ୍ୟ ନେତାଙ୍କ ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରିବା ଆଗରୁ ନିଜର ରାଜନୈତିକ ବିଶ୍ଳେଷଣ କରିବା ଉଚିତ ବୋଲି ଗଣମାଧ୍ୟମ ବିଭା ଅଧ୍ୟକ୍ଷ ଶ୍ରୀ ଦାସ କହିଛନ୍ତି ।

## ଚାକିରି...

ବିଜ୍ଞାପନ ବୋଲି ବିଶ୍ୱାସ କରି ଠକେଇର ଶିକାର ହୋଇଛନ୍ତି । ଓଡ଼ିଶାର ମାଲକାନଗିରି ଠାରୁ ପୁରୀ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାର ଯୁବକ-ଯୁବତୀଙ୍କ ଠାରୁ ୧୭୦ ଓ ୩୨୦ କରି ଫିସ୍ ବାବଦରେ ଟଙ୍କା ନେଇଛନ୍ତି । କେବଳ ଓଡ଼ିଶା ନୁହେଁ ଦିଲ୍ଲୀ ସମେତ ୧୦ରାଜ୍ୟର ପିଲାଙ୍କ ଠାରୁ ଏହିପରି ଫିସ୍ ବାବଦକୁ କୋଟି କୋଟି ଟଙ୍କା ଠକି ନେଇଛନ୍ତି । ଜିଲ୍ଲା ଓ ବ୍ଲକ୍ କୋ-ଅଡିନେଟର, କମ୍ପ୍ୟୁଟର ଅପରେଟର, ବ୍ଲକ୍ ସର୍ଭେୟର ପଦବୀ ପାଇଁ ପ୍ରାର୍ଥୀ ଆବଶ୍ୟକ ବୋଲି ୱେବ୍‌ସାଇଟ୍‌ରେ ଦର୍ଶାଉଥିଲେ । ଏହି ଠକେଇ ସମ୍ପର୍କରେ ୨୦୨୩ ମସିହାରେ ଅର୍ଥନୈତିକ ଅପରାଧ ଶାଖାରେ ମାମଲା ରୁଜୁ କରାଯାଇଥିଲା । ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ କରାଯିବା ସହ ପ୍ରଥମେ ଧର୍ମପାଲ, ଅମିତ୍ ଓ ଜଇରାମଙ୍କୁ ଗିରଫ କରାଯାଇଥିଲା । ତଦନ୍ତ ଜାରି ରହିଥିବାରୁ ଦିଲ୍ଲୀ ରୋହିଣୀନଗରରୁ ଗୌତମ କୁମାରକୁ ଗିରଫ କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯିବା ପରେ କଟକର ଠକେଇ ସମ୍ପର୍କିତ ଅଦାଲତରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଭୁବନେଶ୍ୱରରେ...

ରାଜ୍ୟବାସୀଙ୍କୁ କୋଲକତା, ଦିଲ୍ଲୀ, ହାଇଦ୍ରାବାଦ ଭଳି ଦେଶର ଅନ୍ୟ ସହରକୁ ଯିବା ପାଇଁ ପଡୁଥିଲା । ଭୁବନେଶ୍ୱରରେ ଏକ ଭିସା ସେଣ୍ଟର ପ୍ରତିଷ୍ଠା କରିବା ପାଇଁ ରାଜ୍ୟବାସୀଙ୍କ ପକ୍ଷରୁ ବହୁ ଦିନରୁ ଦାବି ରହିଆସୁଥିଲା । ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ।


**ଚକ୍ରଧରପୁର ଡିଭିଜନରେ ବିଭିନ୍ନ ଆସେଟ୍ସ ପାଇଁ ଇ-ନିଲାମ ବିଜ୍ଞପ୍ତି**

ଭାରତର ରାଷ୍ଟ୍ରପତି, ଭାରତୀୟ ସଂଘ ପାଇଁ ଏବଂ ତାଙ୍କ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନର ବରିଷ୍ଠ ବାଣିଜ୍ୟିକ ପରିଚାଳକ ଚକ୍ରଧରପୁର ଡିଭିଜନରେ ନିମ୍ନଲିଖିତ ସମ୍ପତ୍ତି ବର୍ଗ ପାଇଁ ଇ-ନିଲାମ ଆମନ୍ତ୍ରଣ କରୁଛନ୍ତି, ଯାହା ଏଚଟିଟିପିଏସ://www.ireps.gov.in/ ୱେବସାଇଟରେ ସୂଚିତ ।କ୍ ନଂ , ବର୍ଗ, ତାଲିକା ନମ୍ବର .ନିଲାମ ତାରିଖ, ନିଲାମ ଆରମ୍ଭ ସମୟ ଏବଂ ନିଲାମ ବନ୍ଦ ସମୟ ନିମ୍ନରେ ଦିଆଯାଇଛି : – ଦେୟ ଏବଂ ବ୍ୟବହାର, PnU-CKPDIV-DEC, ୧୯.୧୨.୨୦୨୫, ୧୨:୩୦ ଘଟିକା ଏବଂ ୧୩:୦୦ ଘଟିକା – ବିଜ୍ଞାପନ, ଷ୍ଟେସନ-ଓ-୨୫,୨୨.୧୨.୨୦୨୫, ୧୨:୦୦ ଘଟିକା ଏବଂ ୧୨:୪୦ ଘଟିକା– ପାର୍କିଂ,ପାର୍କିଂ–ସିକେପି–ଡିସେମ୍ବର ୨୬.୧୨.୨୦୨୫, ୧୨:୦୦ ଘଟିକା ଏବଂ ୧୨:୩୦ ଘଟିକା । –ବିଜ୍ଞାପନ, ଅକ୍ସିସ୍–ଲଇ–ସ୍ଥ–୨୫, ୨୬.୧୨.୨୦୨୫, ୧୨:୦୦ ଘଟିକା ଏବଂ ୧୨:୩୦ ଘଟିକା ।– ଦେୟ ଏବଂ ବ୍ୟବହାର, PnU-lounge-CKP, ୨୬.୧୨.୨୦୨୫, ୧୨:୩୦ ଘଟିକା ଏବଂ ୧୩:୦୦ ଘଟିକା । ପାର୍ସଲ, ପାର୍ସଲଏସଏଲଆର–୧୮୧୦୧, ୨୬.୧୨.୨୦୨୫, ୧୨:୩୦ ଘଟିକା ଏବଂ ୧୩:୦୦ ଘଟିକା ।–ବିବିଧ, MISC-PS-TATA, ୨୭.୧୨.୨୦୨୫, ୧୧:୩୦ ଘଟିକା ଏବଂ ୧୨:୦୦ ଘଟିକା । ଆଗ୍ରହୀ ପକ୍ଷମାନେ ଏହା ଉପରେ ଧ୍ୟାନ ଦିଅନ୍ତୁ ଏବଂ ସାଇଟର ବିବରଣୀ ଏବଂ ଇ-ନିଲାମ ନୋଟିସ୍ ବିଷୟରେ ସମ୍ବନ୍ଧିତ ସୂଚନା ପାଇଁ ଉପରେ ଉଲ୍ଲେଖିତ ୱେବସାଇଟ୍ ଦେଖନ୍ତୁ । ଯଦି କୌଣସି ପ୍ରଶ୍ନ / ସ୍ପଷ୍ଟୀକରଣ ପାଇଁ, ଦୟାକରି ନିମ୍ନସ୍ୱାକ୍ଷରିତଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ ।

(PR-960) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳପଥ

ଆମେ ହାସ୍ୟ ସହ ସେବା ପ୍ରଦାନ କରୁଛୁ



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**KEONJHAR (R&B) CIRCLE, KEONJHAR**

B-848

No. 6246 dt. 15.12.2025

**1st Corrigendum to EOI Identification No. CCEKC-02/2025-26**

**Expression of Interest**

The following changes are made to EOI Identification No CCEKC - 02/2025-26 vide No. 6075 dt. 05.12.2025.

1. Letter of Invitation of the Authority along with all other relevant details of Expression of Interest (EOI) will be available in the website: www.tendersodisha.gov.in from 10:30 A.M of 23.12.2025 to 4:00 P.M of 18.01.2026. Further details with any addendum, corrigendum and cancellation can be seen from www.tendersodisha.gov.in.
2. Expression of Interest (EOI) shall be received only "On-line" latest by 4:00 P.M. on 18.01.2026.
3. Proposals received "On-line" shall be opened at 11:00 A.M. on 19.01.2026 in the Office of the Chief Construction Engineer, Keonjhar (R&B) Circle, Keonjhar-758001 in the presence of bidders who wish to attend. Bidders who participated in the bid can witness the opening of bids after logging on the site through their DSC.
4. If the office happens to be closed on the stipulated date of opening of Bids as specified, the bids will be opened on the next working day at the same time and venue.

All other terms & conditions remained unchanged.

Sd/- Chief Construction Engineer, Keonjhar (R&B) Circle, Keonjhar

OIPR : 34033/11/0103/2526



**OFFICE OF THE SUPERINTENDING ENGINEER, RWS & S DIVISION, BARGARH**

O-1792

Email:- eerwss bgh@nic.in, Ph (O):-06646 233220, FAX : 06646 234626

No. 4566/05/12/25 Dt.

**GOVERNMENT OF ODISHA "e" PROCUREMENT NOTICE**

Bid Identification No 08 Dt of 2025-26

The Superintending Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of class 'C or B' registered with any department of State Government or equivalent class of Central Govt etc. to be eventually drawn up in P1 Contract Form for the below work as per terms and condition noted below.

1. Name of the work:. Construction of Govt. Quarter for Assistant Engineer, RWS&S Section-I at Bijepur, under RWS&S Division Bargarh.
2. Approx. Estimated cost: - Rs 30.01 lakh.
3. Date and time of availability of document in the portal:- Dt 15.12.2025 to Dt 02.01.2026 up to 5.00 P.M
4. Last date/ time for receipt of bids in the portal:- Dt 02.01.2026 up to 5.00 P.M
5. Date & time of Opening of Tender: - Dt 03.01.2026 at 11.00 A.M.
6. Name and address of the Officer Inviting Bid : Superintending Engineer, RWS&S Division, Bargarh, District:- Bargarh

Further details can be seen from the e-procurement portal "http// tendersorissa.gov.in". The authority reserves the right to reject any or all the tenders without assigning any reason thereof.

Superintending Engineer, RWS&S Division, Bargarh

OIPR : 25018/11/0008/2526



**Government of Odisha "e" Procurement Notice**
**WORKS DEPARTMENT**

B-821

**Bid Identification No. CCEKC -17 / 2025-26**

e-mail : ccekeonjharpwdcircle@gmail.com / sekcpwd_keonjhar@yahoo.com

Letter No. 6118 dt. 08.12.2025

| | | |
|---|---|---|
| 1. | Name of the work | Construction of Boxcell Culvert over local nallah at 49/150 km on Nudurpada - Kaliahata road in the district of Keonjhar under State Plan for the year 2025-26 |
| 2. | Estimated cost | Rs. 151.68 Lakhs |
| 3. | Class of Contractor | "B" & "A" Class |
| 4. | Period of completion | 08 (Eight) Calendar Months |
| 5. | Date and Time of availability of Bid document in the portal | From 11.00 Hours of 18.12.2025 to 16.00 Hours of 01.01.2026 |
| 6. | Last date / Time for receipt of bids in the portal | 16.00 Hours of 01.01.2026 |
| 7. | Date of opening of Bid from Portal | 11.30 Hours on 02.01.2026 |
| 8. | Name and address of the officer inviting Bid | Chief Construction Engineer, Keonjhar (R&B) Circle, Keonjhar-758001. |

Further details can be seen from the e-procurement portal "http:// tendersodisha.gov.in"

Sd/- Chief Construction Engineer Keonjhar (R&B) Circle, Keonjhar

OIPR : 34033/11/0101/2526



E-Mail I.D.-eernbkdp@gmail.com
Tel.(06727)-220268
Fax No.(06727)-220862

**OFFICE OF THE SUPERINTENDING ENGINEER KENDRAPARA (R&B) DIVISION-I, KENDRAPARA**
**GOVERNMENT OF ODISHA "e" procurement Notice (Short Notice)**

B-849

**e-procurement Notice for Road works**

**Bid Identification No. S.E., R&B KDP- 12/ 2025-26**

| | | |
|---|---|---|
| 29. | No of work | 02 nos. of Road works |
| 30. | Estimated Cost | Rs.14.00 lakhs to Rs. 22.00 lakhs (Approximately) |
| 31. | Period of completion | 1 (One) Month |
| 32. | Date and time of sale and receipt of bid document | From 11:00 AM of 16/12/2025 to 5:30 PM of 27/12/2025 |
| 33. | Last date / time of receipt of bids | 5:30 PM of 27/12/2025 |
| 34. | Date and time of Opening of Bids | 11.00 AM of 29/12/2025 |
| 35. | Name and address of the Officer Inviting Bid | Superintending Engineer, Kendrapara (R&B) Division-I, Kendrapara |

Further details with any addendum, corrigendum, cancellation can be seen from the State Govt. portal "https://tendersorissa.gov.in

Sd/- Superintending Engineer, Kendrapara (R&B) Division-I

OIPR : 34097/11/0012/2526



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR (TB WING)**

E-587

Advt. No.: 764 Dated. 11.12.2025

**Expression of interest for Empanelment of X-Ray Services**

Sealed proposal are invited from interested eligible agencies/ vendors for empanelment to provide X-Ray services for Intensified TB Elimination Campaign in Keonjhar District. The eligible criteria, the details requirement and the formats for submission of proposals are set forth in the following RFP document which can be downloaded from the website: **www.keonjhar.odisha.gov.in.**

Interest agency fulfilling the eligibility criteria may submit their proposal(s) separately as per application format. The details-of proposal (s) completed in all respect & super scribed with "Expression of interest for empanelment to provide X-Ray services for Intensified TB Elimination Campaign in Keonjhar District". The agencies have to submit their proposals to the office of the CDM&PHO, Keonjhar which should reach on or before 05.01.2026 till 05.00 P.M. through Speed Post/Regd. Post/ Courier only. Incomplete application in any form is liable for rejection. The undersigned reserves the right to reject any or all the proposals without assigning any reason thereof.

CDM&PHO-CUM-DMD, Keonjhar

OIPR : 10033/11/0055/2526



A-1119

E-mail : eemijharsuguda@gmail.com

GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, JHARSUGUDA.
**'e' Procurement Notice**
**Bid Identification No. SE MID JSD 12/2025-26**
**eemijharsuguda@gmail.com**
**No. 3237 // MID // date. 12.12.2025**

The Superintending Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1. | Name of the works | Civil Construction work |
| 2. | Total No. of works | 02 (Two) No. |
| 3. | Estimated Cost (Detail list of work annexed) | Rs.44.72 Lakh to Rs.49.46 Lakh |
| 4. | Class of Contractor | As mentioned against work |
| 5. | Period of completion | As mentioned against work |
| 6. | Date & time of Availability of Bid Document in the Portal | 17.12.2025 to 29.12.2025 during office hours |
| 7. | Last date/Time for receipt of Bid in the Portal: | 29.12.2025 during office hours |
| 8. | Date/Time of Opening of Bid | 30.12.2025 at 10.00 AM at Office of the S.E., MI Divn. Jharsuguda. |
| 9. | Lottery Date (if necessary) | 03.01.2026 at 11.30 A.M. at O/o the Superintending Engineer M.I. Division, Jharsuguda |
| 10. | Name & Address of the Officer Invitins the Bid. | Superintending Engineer, M.I. Division, Jharsuguda |
| 11. | Mode of Payment of Bid Cost & Bid Security | Online |

Sd/- Superintending Engineer M.I. Division, Jharsuguda

OIPR : 32291/11/0026/2526



**AFFIDAVIT**

By virtue of an affidavit sworn before the Executive Magistrate/Notary Public, Paradeep, I Smt. Eripili Lachhami, W/o-Eripil Nages of At- Vadamusleiapeta, Po./Ps.- Ontimamudi, Dist.- Kakinada, A.P. state that, my son's actual name is **ERIPIL ANJI** but in his Aadhaar Card his name has been wrongly reflected as ARIPELI ANJI. That **ERIPIL ANJI** and **ARIPELI ANJI**, S/o-Eripil Lachhami & Eripil Nages is one and same person.



**AFFIDAVIT**

By virtue of an affidavit sworn before the Executive Magistrate Kujanga, vide no.4003 dtd.15.12.2025, I Ranjita Das, D/o- Lachhaman Das of Vill.-Gobindapur, Po.- Dhinkia, Ps.-Abhayachandpur, Dist.- Jagatsinghpur state that, my minor son's actual name is **Kanha Behera**. But in his new Aadhaar Card his name has been wronly mentioned as Kanha Das. That, I want to correct my son's name from **Kanha Das** to **Kanha Behera** in his new Aadhaar Card.



O-1779

Email: rd_bgh@yahoo.co.in
Gmail : rwd.bgh@gmail.com

**OFFICE OF THE EXECUTIVE ENGINEER**
**RURAL WORKS DIVISION, BARGARH**

**e Procurement Notice No. ONLINE-BGH-21 OF 2025-26**

| | | |
|---|---|---|
| 1. | Name of the work | Road work during 2025-26 in the district of Bargarh. |
| 2. | EMD | @ 1% of the estimated cost put to tender |
| 3. | Other details | As per DTCN |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-21 OF 2025-26 | 16.12.2025 at 11.00 AM | 22.12.2025 upto 5.00 PM | 22.12.2025 upto 4.00 PM | 23.12.2025 at 11.00 A.M. |

Further details can be seen from the **website www.tendersorissa.gov.in**

Sd/- Executive Engineer R.W. Divisjon, Bargarh

OIPR : 25062/11/0043/2526



O-1772

Email: rd_bgh@yahoo.co.in
Gmail : rwd.bgh@gmail.com

**OFFICE OF THE EXECUTIVE ENGINEER**
**RURAL WORKS DIVISION, BARGARH**

**e Procurement Notice No. ONLINE-BGH-20 OF 2025-26**

| | | |
|---|---|---|
| 1. | Name of the work | Road work during 2025-26 in the district of Bargarh. |
| 2. | EMD | @ 1% of the estimated cost put to tender |
| 3. | Other details | As per DTCN |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-20 OF 2025-26 | 16.12.2025 at 11.00 AM | 22.12.2025 upto 5.00 PM | 22.12.2025 upto 4.00 PM | 23.12.2025 at 11.00 A.M. |

Further details can be seen from the **website www.tendersorissa.gov.in**

Sd/- Executive Engineer R.W. Divisjon, Bargarh

OIPR : 25062/11/0044/2526



**GOVERNMENT OF ODISHA : e-Procurement Notice**
**OFFICE OF THE ADDITIONAL CHIEF ENGINEER : PHULBANI MINOR IRRIGATION CIRCLE: PHULBANI**
e-mail id: micirclephulbani@gmail.com, Letter No. 1033/WE Dt. 12.12.2025

A-1126

**e-Procurement Notice**
**BID ID NO. ACEPMIC-01/2025-26**

| | | |
|---|---|---|
| 1. | Name of the Work | As per Annexure to this bid notice. |
| 2. | No. of Works | 012 (twelve) Nos. |
| 3. | Estimated Cost | Approximate cost varies from Rs. 101.75 Lakh to Rs.203.37 Lakh |
| 4. | Class of Contractor | 'B'&'A' class |
| 5. | Period of Completion | 03(three) and 06 (six) Calendar Months respectively. |
| 6. | Date and Time of Availability of Bid Documents and Receipt of Bid Cost on online Payment mode in Portal | From 17.12.2025 (10.00 Hrs) to 28.12.2025 (17.30 Hrs) in Website(www.tendersodisha.gov.in) |
| 7. | Last Date/Time for receipt of Bids in the Portal | 28.12.2025 (Upto 17.30 Hrs.) through online only. |
| 8. | Date of Opening of Technical Bid | 11.00 Hrs Onwards on 29.12.2025 in the O/o- Additional Chief Engineer, Phulbani M.I. Circle, Phulbani |
| 9. | Name and Address of OIT | Additional Chief Engineer, Phulbani M.I. Circle, Phulbani Madikunda Square, Near Panchayat Bhawan, PIN: 762001 Dist: Kandhamal. |

Further details can be seen from the e-procurement market place **http.//tendersodisha.gov.in.**

Sd/- Additional Chief Engineer, Phulbani M.I. Circle, Phulbani

OIPR : 32521/11/0011/2526



**GOVERNMENT OF ODISHA : OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, RAYAGADA**
**Email ID-ccerwcrayagada@gmail.com**

Letter No. 3601 Date: 12.12.2025

O-1793

**1st Corrigendum**

In Continuation to this office bid identification No. NCB-24/ RWCRGDA/2025-26 invited vide this office letter No-3311 dated. 17.11.2025 partial modification of TCN has been made as follows :

| Sl. No. | Item | Time schedule as per Original TCN | Time schedule as per Corrigendum Notice |
|---|---|---|---|
| 1 | Availability of tender online for bidding | Dt.01.12.2025 at 11.00 A.M. to . Dt. 18.12.2025 Up to 5.00 P.M | Extended from Dt. 18.12.2025 at 5.00 P.M. up to 5.00 PM of Dt 13.01.2026 |
| 2 | Date & time of seeking tender clarification if any | Dt.17.12.2025 Up to 5.00 P.M. | Dt. 12.01.2026 Up to 5.00 P.M. |
| 3 | Date & time of opening of tender (Technical Bid) | Dt.19.12.2025 At 11.00 A.M. | Dt. 15.01.2026 At 11.00 A.M. |
| 5 | Date & time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms & conditions will remain unchanged.

Sd/- Chief Construction Engineer R.W. Circle, Rayagada

OIPR : 25196/11/0043/2526



**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION, KHARIAR**

Phone No. 06671-224074
e-mail: eerwkhariar@gmail.com

**e-Procurement Notice**

O-1762

**BID IDENTIFICATION NO:- RWKHR-05/2025-26 (Online)**

Bid documents consisting of Work, Estimated Cost, EMD, Cost of tender Paper, Class of Contractor, Time of Completion and the set of terms and conditions of contract and other necessary documents can be seen in Govt, website i.e. www.tendersodisha.gov.in.

| | | |
|---|---|---|
| 1 | Name of the Work | Building Works |
| 2 | Total No of Works | 4 nos. |
| 3 | Estimated Cost | 38.63 to 87.88 lakhs |
| 4 | Period of Completion | 6 (Six) Calendar Months |
| 5 | Other details | |

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & time of Opening of Technical Bid | Date & time of Opening of Financial Bid |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | | 6 |
| Executive Engineer R.W. Division, Khariar | RWKHR-05/2025-26 (Online) | 16.12.2025 At 10.00 AM | 24.12.2025 Up to 5.00 PM | 24.12.2025 Up to 11.00 AM | 26.12.2025 at 11.30 AM | 05.01.2026 at 11.00 AM |

**Further details can be seen from the website www.tendersodisha.gov.in**

Sd/- Superintending Engineer Rural Works Division, Khariar

OIPR : 25152/11/0009/2526



**GOVERNMENT OF ODISHA**

Email: sernbphulbani@gmail.com

**OFFICE OF THE CHIEF CONSTRUCTION ENGINEER**
**PHULBANI (R&B) CIRCLE, PHULBANI.**

Letter No. 2037 Dated. 10.12.2025

B-834

**EOI Identification No. CCEPLBC-01/2025-26**

**Expression of Interest**

The Chief Construction Engineer, Phulbani (R&B) Circle, Phulbani (the "Authority") on behalf of the Works Department, Government of Odisha invite Expression of Interest (EOI) from Registered firms for the following works.

| Sl No. | Name of the work | EOI invitation for | Cost of EOI document | Period of engagement |
|---|---|---|---|---|
| 1 | Arrangement of Venue set-up Logistics and other allied activities associated with state level function at different locations under Phulbani (R&B) Circle. | Non-Consultancy Services | INR 10, 000/- | 36 Months |

1. In accordance with the provisions under the Guidelines for Engagement of Non-Consultancy Services issued in the Office Memorandum No. 7460/F Dt. 04.03.2025, No. 16832 dtd. 04.06.2025 & No. 21619 dtd. 23.07.2025 of the Finance Department, Government of Odisha & Odisha General Finance Rule-2023. the Authority now invites eligible registered service provider to apply for above assignments.
2. Letter of Invitation of the Authority along with all other relevant details of Expression of Interest (EOI) will be available in the website: www.tendersodisha.gov.in from 10:30 A.M of 22.12.2025 to 4:00 P.M of 19.01.2026. Further details with any addendum, corrigendum and cancellation can be seen from www.tendersodisha.gov.in.
3. Expression of Interest (EOI) shall be received only "On-line" latest by 4:00 P.M. on 19.01.2026.
4. Proposal received "On-line" shall be opened at 11:00 A.M. on 20.01.2026 in the Office of the Chief Construction Engineer, Phulbani (R&B) Circle, Phulbani- 762001 in the presence of bidders who wish to attend. Bidders who participated in the bid can witness the opening of bids after logging on the site through their DSC. If the office happens to be closed on the stipulated date of opening of Bids as specified, the bids will be opened on the next working day at the same time and venue.
5. Other details can be seen in the EOI documents.
6. The Authority reserves all rights to cancel any or all proposals without assigning any reason.
7. The Addendum/Corrigendum if any will be hoisted in the website only.

Sd/- Chief Construction Engineer Phulbani (R&B) Circle, Phulbani

OIPR : 34129/11/0032/2526



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି




କଟକ, (ସବ୍ୟୁ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସୱାନ୍ ସମ୍ମିଳନୀ କକ୍ଷଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି ।ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶିବ ଟପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୯୫ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୮୪ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୧ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୪ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି କାଳରେ ଉପ ଆୟୁକ୍ତ କମିଶନରେଟ୍ ପୁଲିସ୍, ଶ୍ରୀ ଋଷିକେଶ ଖିଲାରୀ ଦ୍ୟାନଦେଓ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ କଟକ ସଦର ଶ୍ରୀ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ ଆସନ୍ତା ୨୨ ତାରିଖରେ ମାହାଙ୍ଗା ବ୍ଲକ୍‌ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

# ଖୋର୍ଦ୍ଧା ପୁଲିସର ମାସିକ ଅପରାଧ ସମୀକ୍ଷା ବୈଠକ

ଖୋର୍ଦ୍ଧା, (ସବ୍ୟୁ): ନଭେମ୍ବର ମାସ ପାଇଁ ଖୋର୍ଦ୍ଧା ଜିଲ୍ଲା ପୋଲିସର ମାସିକ ଅପରାଧ ସମୀକ୍ଷା ବୈଠକ ଆଜି ଖୋର୍ଦ୍ଧା ଏସପି କାର୍ଯ୍ୟାଳୟରେ ଆୟୋଜିତ ହୋଇଥିଲା। ଏହି ବୈଠକର ଏସପି ବିବେକାନନ୍ଦ ଶର୍ମା ଅଧ୍ୟକ୍ଷତା କରିଥିଲେ। ବୈଠକରେ ଅତିରିକ୍ତ ଏସ୍‌ପି, ଏସଡିପିଓମାନେ, ବରିଷ୍ଠ ଅଧିକାରୀମାନେ ଓ ଜିଲ୍ଲାର ସମସ୍ତ ଥାନାର ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ରେ ଏସପି ଜିଲ୍ଲାର ସମଗ୍ର ଅପରାଧ ପରିସ୍ଥିତି ଉପରେ ସମୀକ୍ଷା କରିଥିଲେ। ବିଶେଷକରି ମହିଳା ସମ୍ବନ୍ଧୀୟ ମାମଲାଗୁଡ଼ିକ ସହିତ ଜଡିତ ମାମଲାର ଶୀଘ୍ର ନିଷ୍ପତି, ପିଓ ପ୍ରକ୍ରିୟା, ଏନଡିପିଏସ ମାମଲା, ଅବକାରୀ ମାମଲା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ତଦନ୍ତର ଅଗ୍ରଗତି ଉପରେ ସେ ବିଶେଷ ଗୁରୁତ୍ୱ ଦେଇଥିଲେ। ମହିଳା ସୁରକ୍ଷା ସହ ଜଡିତ ମାମଲାରେ ସମୟୋଚିତ ତଦନ୍ତ, ଶୀଘ୍ର ଚାର୍ଜସିଟ ଦାଖଲ ଓ ମଜବୁତ ଦସ୍ତାବିଜ୍ ଉପରେ ସେ ଜୋର ଦେଇଥିଲେ।



ଅଭ୍ୟାସଗତ ଅପରାଧୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ଉତମ ଗୁପ୍ତ ସୂଚନା ସଂଗ୍ରହ ଓ ଶକ୍ତିଶାଳୀ କ୍ଷେତ୍ର ସୁପରଭିଜନ ମାଧ୍ୟମରେ ଅପରାଧ ଏବଂ ଅପରାଧୀ ଚିହ୍ନଟକୁ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଥାନା ଅଧିକାରୀମାନଙ୍କୁ ଜନସାଧାରଣଙ୍କ ସହ ଅଧିକ ସମ୍ପର୍କ ମଜବୁତ କରିବା, "ଆମ ପୋଲିସ" ପଦକ୍ଷେପକୁ ପ୍ରୋତ୍ସାହନ ଦେବା, ସାଇବର ସୁରକ୍ଷା ସଚେତନତା ବୃଦ୍ଧି କରିବା କୁ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ଖୋର୍ଦ୍ଧା ଜିଲ୍ଲାରେ ଶାନ୍ତି, ସୁରକ୍ଷା ଓ ସାର୍ବଜନୀନ ଶୃଙ୍ଖଳା ବଜାୟ ରଖିବା ପାଇଁ ସମସ୍ତ ଅଧିକାରୀମାନଙ୍କୁ ଅଧିକ ସକ୍ରିୟ, ପେଶାଦାର ଓ ଜନମୁଖୀ ପୋଲିସିଂ ପଦ୍ଧତି ଅପଣାଇବାକୁ ଏସପି ଆହ୍ୱାନ ଦେଇଥିଲେ। ବୈଠକର ଶେଷରେ ବିଭିନ୍ନ ଶ୍ରେଣୀରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପାଇଁ ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରି ଏସପି ସେମାନଙ୍କୁ ସମ୍ମାନିତ କରିଥିଲେ। ଆଗାମୀ ଦିନରେ ମଧ୍ୟ ଜନମୁଖୀ ଓ ନିଷ୍ଠାପୂର୍ଣ୍ଣ ପୋଲିସିଂ ମାଧ୍ୟମରେ ଜିଲ୍ଲାରେ ଶାନ୍ତି ଓ ସାର୍ବଜନୀନ ଶୃଙ୍ଖଳା ରକ୍ଷା କରିବାକୁ ସେ ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

### ଭୁବନେଶ୍ୱରରେ ହାଉସ୍ ଅଫ୍ ମ୍ୟାକଡୋୱେଲ୍ ସୋଡ଼ା ୟାରି ଜାମ୍ ଶୋ'

# ପ୍ରତୀକ କୁହାଡ ଏବଂ କିଙ୍ଗଙ୍କ ଗୀତରେ ବିଭୋର ଦର୍ଶକ

ଭୁବନେଶ୍ୱର, (ସବ୍ୟୁ): ଟ୍ରାଇବଭାଇବ୍ ଏଣ୍ଟରଟେନମେଣ୍ଟ ଦ୍ୱାରା ପ୍ରଯୋଜିତ ଏବଂ ପ୍ରୋତ୍ସାହିତ ହାଉସ୍ ଅଫ୍ ମ୍ୟାକଡୋୱେଲଙ୍କ ସୋଡ଼ା ୟାରି ଜାମ୍‌ର ଏକ ଚମତ୍କାର ସଂସ୍କରଣରେ ପ୍ରଦର୍ଶନ କରିବା ପାଇଁ ଚାର୍ଟ-ଟପ୍ ପପ୍ ଆଇକନ୍ କିଙ୍ଗ ଏବଂ ବିଶ୍ୱ-ପ୍ରସିଦ୍ଧ ଇଣ୍ଡି ସେନସେସନ୍ ପ୍ରତୀକ କୁହାଡ ମଞ୍ଚ ଉପରକୁ ଉଠିଲେ, ଯେତେବେଳେ ଭୁବନେଶ୍ୱର ସହର ଏକ ଐତିହାସିକ ସଙ୍ଗୀତ ଉତ୍ସବର ସାକ୍ଷୀ ହେଲା। ଦୁଇଟି ଚମତ୍କାର ଲାଇଭ୍ ପ୍ରଦର୍ଶନ ମାଧ୍ୟମରେ ହଜାର ହଜାର ଲୋକ ସଂଗୀତ, ବନ୍ଧୁତା ଏବଂ ୟାରିର ଭାବନାକୁ ପାଳନ କରିବା ପାଇଁ ଏକାଠି ହୋଇଥିଲେ, ଯାହା ଫଳରେ ସହର ଉତ୍ସାହ ଏବଂ ସୌହାର୍ଦ୍ଦ୍ୟରେ ପରିପୂର୍ଣ୍ଣ ହୋଇଯାଇଥିଲା। ସନ୍ଧ୍ୟାଟି କୁହାଡଙ୍କ ସହିତ ଆରମ୍ଭ ହୋଇଥିଲା, ଯିଏ ତାଙ୍କର ସୁମଧୁର କଣ୍ଠସ୍ୱରରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ, "ଉଡଂ୨," "ମୁଲାକତ," "ଅଲ୍ ଆଇ ନିଡ୍," ଏବଂ "ତେରି ହି ହମ୍" ଭଳି ପ୍ରିୟ ଗୀତ ଗାଇ ସନ୍ଧ୍ୟାକୁ ପ୍ରେମ, ସ୍ମୃତି ଏବଂ ସଂଯୋଗର ଏକ ହୃଦୟସ୍ପର୍ଶୀ ଯାତ୍ରାରେ ପରିଣତ କରିଥିଲେ। ତାଙ୍କ ପରେ, କିଙ୍ଗ ତାଙ୍କର ସ୍ୱାକ୍ଷରିତ ଉଚ୍ଚ-ଉର୍ଜା କରିସ୍ମା ଏବଂ ବିଦ୍ୟୁତ୍ ପ୍ରଦର୍ଶନ ସହିତ "ମାନ ମେରି ଜାନ୍," "ତୁ ଆକେ ଦେଖ୍ ଲେ," ଏବଂ "ତେରି ହୋ ନା ସାକି" ଭଳି ଚାର୍ଟ-ଟପର୍ ଗାଇ ସମସ୍ତଙ୍କୁ ବିମୋହିତ କରିଥିଲେ। କୁହାଡର କୋମଳ ସ୍ୱର ଏବଂ କିଙ୍ଗଙ୍କ ଉର୍ଜାଳୁ ଶକ୍ତିର ମିଶ୍ରଣ ଭୁବନେଶ୍ୱରକୁ ଭାବପ୍ରବଣତା ଏବଂ ଆନନ୍ଦର ଏକ ଅନନ୍ୟ ଉତ୍ସବ ପ୍ରଦର୍ଶନ କରିଥିଲା।

### ବଢ଼ିଲା କୃଷି ବିଦ୍ୟାନିଧି ଯୋଜନାର ଆବେଦନ ଅବଧି

# ଅନଲାଇନ୍ ଆବେଦନର ଶେଷ ତାରିଖ ୨୦ ଡିସେମ୍ବର

ଭୁବନେଶ୍ୱର, (ସବ୍ୟୁ): କୃଷି ବିଦ୍ୟାନିଧି ଯୋଜନା ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ଛାତ୍ରବୃତ୍ତି ଯୋଜନା ଅଟେ। ଓଡ଼ିଶା ସରକାରଙ୍କ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ସିଏମ୍-କିସାନ୍ ଯୋଜନା ଅଧୀନରେ ଥିବା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ସନ୍ତାନସନ୍ତତିଙ୍କ ଉଚ୍ଚଶିକ୍ଷା ସ୍ୱପ୍ନକୁ ସୁଗମ କରିବା ପାଇଁ କୃଷି ବିଦ୍ୟାନିଧି ଯୋଜନାରେ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି ଏବଂ ଏହା ସେମାନଙ୍କ ଉଚ୍ଚଶିକ୍ଷା ପାଇଁ ବରଦାନ ସାଜିଛି। ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରେ କୃଷି ବିଦ୍ୟାନିଧି ଯୋଜନାର ଅନଲାଇନ୍ ଆବେଦନ ସମୟସୀମା ଅକ୍ଟୋବର ୧୫ ଠାରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ରଖାଯାଇଥିଲା। କିନ୍ତୁ, ଆବେଦନ ସମୟସୀମା ଅତିକ୍ରାନ୍ତ ପରେ ମଧ୍ୟ ବହୁ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ଅନୁରୋଧକ୍ରମେ, ବିଭାଗ ତରଫରୁ ଅନଲାଇନ୍ ଆବେଦନ ଏବଂ ଯାଞ୍ଚ ପ୍ରକ୍ରିୟର ଅବଧିକୁ ବୃଦ୍ଧି କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଭାଗୀୟ ନିଷ୍ପତ୍ତି ଅନୁଯାୟୀ, ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନଲାଇନ୍ ଆବେଦନ ଶେଷ ତାରିଖ ୨୦ /୧୨/୨୦୨୫ ରହିଛି। ସେହିଭଳି, ଶିକ୍ଷାନୁଷ୍ଠାନସ୍ତରରେ ଆବେଦନ ପତ୍ରର ଯାଞ୍ଚ ଶେଷ ତାରିଖ ୨୫/୧୨/୨୦୨୫ ରହିଛି। ଜିଲ୍ଲାସ୍ତରରେ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀମାନେ ୨୫/୦୧/୨୦୨୬ ସୁଦ୍ଧା ଆବେଦନ ଗୁଡିକର ଅନୁମୋଦନ କରି ରାଜ୍ୟସ୍ତରରେ ଛାତ୍ରବୃତ୍ତି ପ୍ରଦାନ ନିମନ୍ତେ ଉପସ୍ଥାପନ କରିବେ। ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ କୃଷି ବିଦ୍ୟାନିଧି ଯୋଜନାର ସୁଯୋଗ ନେବା ପାଇଁ ବିଭାଗ ତରଫରୁ ଅନୁରୋଧ କରାଯାଉଛି।

### ଜିନ୍ଦଲ ଷ୍ଟିଲ୍ ଲିମିଟେଡ୍ ଠାରୁ ପ୍ରାୟ ୯ କୋଟି ଟଙ୍କାର

# ପରିମଳ ସେବା ଚୁକ୍ତିନାମା ହାସଲ କରିଛି କ୍ରିଷ୍ଟାଲ ଇଣ୍ଟିଗ୍ରେଟେଡ୍ ସର୍ଭିସେସ୍

ଭୁବନେଶ୍ୱର (ସବ୍ୟୁ): ସମନ୍ୱିତ ସୁବିଧା ପରିଚାଳନା ସମାଧାନର ଏକ ଅଗ୍ରଣୀ ପ୍ରଦାନକାରୀ କ୍ରିଷ୍ଟାଲ ଇଣ୍ଟିଗ୍ରେଟେଡ୍ ସର୍ଭିସେସ୍ ଲିମିଟେଡ୍, ଜିନ୍ଦଲ ଷ୍ଟିଲ୍ ଲିମିଟେଡ୍ ଠାରୁ ପ୍ରାୟ ୯ କୋଟି ମୂଲ୍ୟର ଏକ ବର୍ଷର ଚୁକ୍ତି ହାସଲ କରିଛି। ଏହି ନିର୍ଦ୍ଦେଶନାମାରେ ଓଡ଼ିଶାର ଜିନ୍ଦଲ ନଗରରେ ଥିବା ପ୍ଲାଣ୍ଟ ଶୌଚାଳୟଗୁଡ଼ିକର ବ୍ୟାପକ ସଫାସୁତୁରା ଏବଂ ରକ୍ଷଣାବେକ୍ଷଣ ଅନ୍ତର୍ଭୁକ୍ତ, ଯାହାର ଲକ୍ଷ୍ୟ ସ୍ୱଚ୍ଛତା ମାନଦଣ୍ଡରେ ଉନ୍ନତି ଆଣିବା ଏବଂ ଶିଳ୍ପ କ୍ୟାମ୍ପସ ମଧ୍ୟରେ ଉଚ୍ଚ-ପଦର ପରିମଳ ସୁବିଧାଗୁଡ଼ିକରେ ସ୍ଥିର ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବା।

ଏହି ଚୁକ୍ତିନାମା ଅନୁଯାୟୀ, କ୍ରିଷ୍ଟାଲ ଇଣ୍ଟିଗ୍ରେଟେଡ୍ ସର୍ଭିସେସ୍ ଲିମିଟେଡ୍ ବ୍ୟାପକ ଯାନ୍ତ୍ରିକୀକରଣ ଗୃହରକ୍ଷା ସେବା ପ୍ରଦାନ କରିବ, ଯେଉଁଥିରେ ଶୌଚାଳୟ ପରିସର ସଫା କରିବା ଏବଂ ପୋଛିବା, କାନ୍ଥ ଏବଂ ଛାତ ସଫା କରିବା, ପରିସ୍ରାବଗାର, ୱାଶବେସିନ୍ ଏବଂ ସାୱାର କ୍ଷେତ୍ର ସଫା କରିବା, ଉପଭୋଗ୍ୟ ସାମଗ୍ରୀର ପୁନଃପୂରଣ, ଡ୍ରେନେଜ୍ ଲାଇନର ରକ୍ଷଣାବେକ୍ଷଣ ଏବଂ ଆଖପାଖ ଶୌଚାଳୟ ଜୋନ୍ ରକ୍ଷଣାବେକ୍ଷଣ ଅନ୍ତର୍ଭୁକ୍ତ। ନିରନ୍ତର ସେବା ପ୍ରଦାନ ସୁନିଶ୍ଚିତ କରିବା ପାଇଁ ପ୍ରଶିକ୍ଷିତ ମାନବଶକ୍ତି, ଉଚ୍ଚମାନର ସଫାକାରୀ ଏଜେଣ୍ଟ, ପରିଷ୍କାରୀକରଣ ଉପକରଣ ଏବଂ ଗୃହରକ୍ଷା ଉପକରଣ ନିୟୋଜନ ମଧ୍ୟ ଅନ୍ତର୍ଭୁକ୍ତ। ବିଏହି ବିଷୟରେ କ୍ରିଷ୍ଟାଲ ଇଣ୍ଟିଗ୍ରେଟେଡ୍ ସର୍ଭିସେସ୍ ଲିମିଟେଡ୍‌ର ସିଇଓ ଏବଂ ନିର୍ଦ୍ଦେଶକ ସଞ୍ଜୟ ଦିଘେ କହିଛନ୍ତି, "ଜିନ୍ଦଲ ଷ୍ଟିଲ୍ ସହିତ ଏହି ସମ୍ପର୍କ ବଡ଼ ଧରଣର ଶିଳ୍ପ ସ୍ୱଚ୍ଛତା ଏବଂ କର୍ମଚାରୀ କଲ୍ୟାଣକୁ ସମର୍ଥନ କରିବାରେ କ୍ରିଷ୍ଟାଲର ବର୍ଦ୍ଧିତ ଭୂମିକାକୁ ପୁନରାବୃତ୍ତି କରେ। ଉଚ୍ଚ-ଯାତାୟତ ଉତ୍ପାଦନ ପରିବେଶରେ ପରିମଳ ସୁବିଧାଗୁଡ଼ିକ ପ୍ରତ୍ୟେକ ସ୍ତରରେ ଶୃଙ୍ଖଳା, ନିର୍ଭରଯୋଗ୍ୟତା ଏବଂ ପ୍ରକ୍ରିୟା ଉତ୍କର୍ଷତାଆବଶ୍ୟକ କରିଥାଏ । ଜଟିଳ ସୁବିଧା କାର୍ଯ୍ୟ ପରିଚାଳନାରେ ଆମର ବିଶେଷଜ୍ଞତା ସହିତ, ଆମେ ସ୍ୱଚ୍ଛ, ନିରାପଦ ଏବଂ ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନ ସୃଷ୍ଟି କରିବାକୁ ପ୍ରତିବଦ୍ଧ ଅଟୁ ଯାହା ସୁସ୍ଥ କର୍ମକ୍ଷେତ୍ର ଏବଂ କାର୍ଯ୍ୟକ୍ଷମ ଦକ୍ଷତାରେ ସିଧାସଳଖ ଯୋଗଦାନ କରେ।

# ସୃଜନୀ ଅନୁକୂଲ୍ୟରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୮ ତମ ଜୟନ୍ତୀ

ଭୁବନେଶ୍ୱର (ସବ୍ୟୁ): ରବିବାର ସନ୍ଧ୍ୟାରେ ସ୍ୱାଧୀନତା ସଂଗ୍ରାମୀ ତଥା ସାହିତ୍ୟ ସାଧକ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୮ ତମ ଜୟନ୍ତୀ ଅବସରରେ ସମର୍ପିତ ଅନୁପମ କାର୍ଯ୍ୟକ୍ରମ ବହୁ ଗଣ୍ୟମାନ୍ୟ ବ୍ୟକ୍ତିତ୍ୱ ତଥା ବରେଣ୍ୟ ଅତିଥିଙ୍କ ଉପସ୍ଥିତିରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରାକ୍ତନ) ତଥା ସାହିତ୍ୟିକ ଡକ୍ଟର ରବିନାରାୟଣ ସେନାପତି ସଭାର ବରେଣ୍ୟ ମୁଖ୍ୟ ବକ୍ତା ରୂପେ ସଭା ମଣ୍ଡନ କରିଥିଲେ ଏବଂ ସମ୍ପାଦକ,ସରଳା ଦେବୀ ସ୍ମାରକୀ ଟ୍ରଷ୍ଟ, ଦୈନିକ ସମ୍ବାଦପତ୍ର-"ସମୟ" ର ମୁଖ୍ୟ ସମ୍ପାଦକ ତଥା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପୌତ୍ର ଗୁରୁକଲ୍ୟାଣ ମହାପାତ୍ର ବରେଣ୍ୟ ମୁଖ୍ୟ ବକ୍ତା ରୂପେ ସଭା ମଣ୍ଡନ କରିବା ସହ ଉଭୟ ବରେଣ୍ୟ ଅତିଥି ନିଜସ୍ୱ ବକ୍ତବ୍ୟ ମାଧ୍ୟମରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଓଡ଼ିଆ ସାହିତ୍ୟର ନବଜାଗରଣରେ ନିଜର ଅବଦାନ ସହ ସାହିତ୍ୟ ପ୍ରତି ଥିବା ପ୍ରତିବଦ୍ଧତା ପ୍ରସଙ୍ଗରେ ଆଲୋକପାତ କରିଥିଲେ ଓ ଜାତୀୟ ଜାଗରଣ ସହ ସ୍ୱାଧୀନତା ପ୍ରତି କାନ୍ତକବିଙ୍କ ସମ୍ପୂର୍ଣ୍ଣ ପରିବାରର ଜଳାଞ୍ଜଳି ପ୍ରସଙ୍ଗରେ ଉଭୟ ବକ୍ତା ଦୃଷ୍ଟିପାତ କରିଥିଲେ ।

ପ୍ରମୁଖ ବକ୍ତା ତଥା ଆଲୋଚିକା ରୂପେ ପ୍ରାଧ୍ୟାପିକା ଡ. ହେନେରିତା ମିଶ୍ର କାନ୍ତକବିଙ୍କ ଜୀବନ ଓ ଚିନ୍ତନରେ ଐଶ୍ୱୀ ଚେତନା ପ୍ରସଙ୍ଗରେ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ। ସୃଜନୀ ପରିବାର ର ଉପଦେଷ୍ଟା ତଥା ସାହିତ୍ୟ ସାଧିକା ଡକ୍ଟର ବାସନ୍ତୀ ମହାନ୍ତି କାନ୍ତକବିଙ୍କ କଥାସାହିତ୍ୟ ଓ ଉପନ୍ୟାସ କଣାମାମୁ ପ୍ରସଙ୍ଗରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ଅବସରପ୍ରାପ୍ତ ଅଧ୍ୟାପକ ତଥା ସାହିତ୍ୟିକ କୈଳାଶ ଚନ୍ଦ୍ର ସାହାଣୀ କାନ୍ତକବିଙ୍କ କାବ୍ୟ ମାନସରେ ଜାତୀୟ ସଂପ୍ରୀତି ପ୍ରସଙ୍ଗରେ ଆଲୋଚନା କରିଥିଲେ ଓ ଡକ୍ଟର କମଳାକୃଷ୍ଣ ତ୍ରିପାଠୀ କାନ୍ତକବି ଲକ୍ଷ୍ମୀକାନ୍ତ ଓ ବ୍ୟାସକବି ଫକୀରମୋହନଙ୍କ ସାରସ୍ୱତ ସୃଷ୍ଟି ରେ ସାମଞ୍ଜସ୍ୟତା ପ୍ରସଙ୍ଗରେ ଆଲୋଚନା କରିଥିଲେ। କାନ୍ତକବିଙ୍କ ସାରସ୍ୱତ ସୃଷ୍ଟି ସମ୍ଭାର ଓ ସମକାଳୀନ ଓଡ଼ିଆ ସାହିତ୍ୟର ଉନ୍ମେଷରେ ସାରସ୍ୱତ ସାଧକ ଲକ୍ଷ୍ମୀକାନ୍ତଙ୍କ ଅବଦାନ ପ୍ରସଙ୍ଗରେ ରେ ବକ୍ତା ପ୍ରମୁଖ ତଥା ନିମନ୍ତ୍ରିତ ବୁଦ୍ଧିଜୀବୀ ଶ୍ରୋତା ନିଜସ୍ୱ ଅଭିମତ ସହ ସ୍ମୃତି-ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ଏହି ଅବସରରେ ଆୟୋଜିତ ସଭାରେ ସୃଜନୀ ପରିବାରର ମୁଖ୍ୟ ଉପଦେଷ୍ଟା ଆଶୁତୋଷ ସାମନ୍ତସିଂହ, ନାଳନ୍ଦା ବିଶ୍ୱବିଦ୍ୟାଳୟର ଡିନ ପ୍ର.ଗୋଦାବରୀଶ ମିଶ୍ର, ସଂପାଦକ ଅଶୋକ ସାମନ୍ତ ,କାର୍ଯ୍ୟକ୍ରମ ନିର୍ଦ୍ଦେଶକ ବିଘ୍ନେଶ୍ୱର ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ । ସଭାର ଉପସ୍ଥାପିକା ସୁମତି ମୁଣ୍ଡ ଏବଂ ପ୍ରସାରଭାରତୀର କଣ୍ଠଶିଳ୍ପୀ ବିଦ୍ୟୁତପ୍ରଭା ପଟ୍ଟନାୟକଙ୍କ କଣ୍ଠରେ କାନ୍ତକବିଙ୍କ ଲିଖିତ ଦେଶାତ୍ମବୋଧ ଗୀତରେ ସଭା ସଂଗୀତମୟ ହୋଇଥିଲା ଏବଂ ଦେଶ ତଥା ବିଦେଶରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସଭାରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# "ଦେଖାଯାଉ" ପତ୍ରିକାର ସମୀକ୍ଷା ପର୍ବ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଆ ପତ୍ରିକା ଜଗତ ରେ ଏକ ଭିନ୍ନ ଧରଣର ପତ୍ରିକା ',ଦେଖାଯାଉ ' ର ଶୀତ ସହିତ ଆସିଥିବା ସଂଖ୍ୟା ର ଏକ ନିଛକ ସମୀକ୍ଷା ଲୋହିଆ ଏକାଡେମୀ ସଭାକକ୍ଷ ରେ ଅନୁଷ୍ଠିତ ହୋଇଯାଇଅଛି ।ଏହି କାର୍ଯ୍ୟକ୍ରମ ରେ ସଭାପତିତ୍ୱ କରିଥିଲେ "ଦେଖାଯାଉ " ର ସମ୍ପାଦକ ପ୍ରବୀର ମହାନ୍ତି। ଅତିଥି ମାନଙ୍କ ର ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ ପତ୍ରିକା ର ସହସମ୍ପାଦକ ଗୋପାଳ ଚନ୍ଦ୍ର ମିଶ୍ର। ସମୀକ୍ଷା କୁ ଆରମ୍ଭ କରି ସାହିତ୍ୟିକ ଡକ୍ଟର ଗୋବିନ୍ଦ ଚାନ୍ଦ ଏହାର ପ୍ରତି ବିଷୟ ର ନିର୍ବାଚନ ଓ ବାର୍ତ୍ତା କିଭଳି ସ୍ୱତନ୍ତ୍ର ବୋଲି ବର୍ଣ୍ଣନା କରିଥିଲେ। ସମୀକ୍ଷା ରେ ଅଂଶ ଗ୍ରହଣ କରି ବରିଷ୍ଠ ପତ୍ରକାର ଉମାପଦ ବୋଷ ପତ୍ରିକା ର ପରିପାଟି ଓ ସମ୍ପାଦନା କ୍ଷେତ୍ର ରେ ଆଉ କଣ କଲେ ଅଧିକା ଜନାଦୃତ ହୋଇପାରିବ ତାହାର ପ୍ରସ୍ତାବ ଦେଇଥିଲେ । ଡାକ୍ତର ଇନ୍ଦ୍ରମଣି ଜେନା ପତ୍ରିକା ସମ୍ବନ୍ଧରେ ନିଜସ୍ୱ ମତ ରଖି କହିଲେ ଯେ ଏହି ପତ୍ରିକା ର ପ୍ରକାଶନ ଏକ ସାହସିକ ପଦକ୍ଷେପ। ଏହା ଅନ୍ୟ ମାନଙ୍କ ଠାରୁ ନିଶ୍ଚିତ ରୂପେ ଅଲଗା। ବରିଷ୍ଠ ପ୍ରଶାସକ ତଥା ଲେଖକ ସରୋଜ କୁମାର ସାମଲ



କହିଥିଲେ ଏହା ପାରମ୍ପରିକ ଧାରାରେ ନ ଚାଲି ପତ୍ରିକା ପ୍ରକାଶନ କ୍ଷେତ୍ର ରେ ଏକ ନୂତନ ଧାରା ସୃଷ୍ଟି କରି ଏକ ଅଭିନବ ସନ୍ଦେଶ ଦେଇଛି। ସଂସ୍କୃତି ଗବେଷକ ବିଜୟ ମହାନ୍ତି ଏହି ପତ୍ରିକା ରେ କିଭଳି ସମୟପୋଯୋଗୀ ତଥା ସବୁ ଦୃଷ୍ଟି ରୁ ଉପାଦେୟ ତଥ୍ୟ ମାନ ରହିଛି ତାର ବିଶଦ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ ମହେନ୍ଦ୍ର କୁମାର ମଲ୍ଲିକ, ରବି ନାରାୟଣ ନନ୍ଦ, ସୁକାନ୍ତ ପଣ୍ଡା, ଓ ବେଣୁ ପ୍ରତିହାରୀ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲା ବେଳେ" ଦୂରଦର୍ଶୀ "ର ସମ୍ପାଦକ ଦୁର୍ଗାଶିଷ ସାମନ୍ତରାୟ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷ ରେ ଡକ୍ଟର ମିହିର ରଂଜନ ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ଭତରା ଗ୍ରାମରେ ଆଇନ ସଚେତନତା ଶିବିର

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଭତରା ଗାନ୍ଧୀ ମନ୍ଦିର ପ୍ରାଙ୍ଗଣରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଲାଲା ଲଜପତ୍ ରାୟ ଆଇନ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଫେସର ଡ. ବିଜୟାନନ୍ଦ ବେହେରା ଅଧ୍ୟକ୍ଷତା କରିଥିଲେ। ସହକାରୀ ଅଧ୍ୟାପକ ଡ. ଲକ୍ଷ୍ମୀକାନ୍ତ ଦାସ, ଡ. ଅଙ୍କିତ ସୌରଭ ସାହୁ, ଡ. ସ୍ୱାଗତିକା ବିଶ୍ୱାଳ, ଆଇନଜୀବୀ କବିତା ପଣ୍ଡା ଓ ପ୍ରମୋଦ ସରାଫ ଯୋଗ ଦେଇ ଅପରାଧିକ ଆଇନ, ଶିଳ୍ପ ଓ ମଜୁରୀ ଆଇନ, ପରିବେଶ, ସମ୍ପତ୍ତିଗତ, ଯାନବାହାନ, ଶିକ୍ଷା ଅଧିକାର, ଭୋଟ ଅଧିକାର, ବୟୋଜ୍ୟେଷ୍ଠ ପିତାମାତାଙ୍କ ଅଧିକାର ଏବଂ ପ୍ରବୃତ୍ତି ଆଇନ ସମ୍ପର୍କରେଆଲୋଚନାକରିଥିଲେ।

# ସୋଆ ପକ୍ଷରୁ ପଠାଣି ସାମନ୍ତଙ୍କ ୧୯୦ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କର ୧୯୦ ତମ ଜନ୍ମଜୟନ୍ତୀ ସୋମବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ମହାସମାରୋହରେ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର ଶୁଭେନ୍ଦୁ ପଟ୍ଟନାୟକ ଯୋଗ ଦେଇ



ପଠାଣିଙ୍କ ଜ୍ୟୋତିର୍ବିଜ୍ଞାନ ଓ ଗାଣିତ୍ୟିକ ଗବେଷଣା ଏବଂ ତାଙ୍କର ସଫଳତା ଯାହାକି ସାରା ବିଶ୍ୱକୁ ଅଭିଭୂତ କରିଥିଲା ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କୁ ଡକ୍ଟର ପଟ୍ଟନାୟକ ତିଥି, ବାର, ପଞ୍ଜିକା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ପରିଚାଳନା କରିଥିଲେ।

ଏହି ଅବସରରେ ସୋଆ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମଞ୍ଜୁଳା ଦାସ, କୁଳପତି ପ୍ରଦୀପ୍ତ କୁମାର ନନ୍ଦ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସୋଆ ଇଣ୍ଡିଆନ୍ ନଲେଜ ସିଷ୍ଟମ (ଭାରତୀୟ ଜ୍ଞାନ ପରମ୍ପରା) କେନ୍ଦ୍ରର ମୁଖ୍ୟ ତଥା ସୋଆ ଆଉଟରିଚ ଓ ଆନ୍ତର୍ଜାତିକ ସମ୍ପର୍କର ନିର୍ଦ୍ଦେଶକ ପ୍ରଫେସର ନଚିକେତା କେ. ଶର୍ମା ଆଇକେଏସ୍ ପ୍ରକଳ୍ପ ଅନ୍ତର୍ଗତ ପଠାଣିଙ୍କ ଜ୍ୟୋତିର୍ଯନ୍ତ୍ରର ଏଥିରେ ତାଙ୍କୁ ସାହାଯ୍ୟ କରିଥିଲେ ସୋଆର କର୍ମରତ ଅନୁବାଦ ଓ ଗବେଷଣା ପ୍ରବନ୍ଧକ ଡ. ଦୀପକ କୁମାର ପଟ୍ଟନାୟକ। ବହୁ ସ୍କୁଲ କଲେଜରେ ଏଭଳି ଯନ୍ତ୍ର ତିଆରି କର୍ମଶାଳାମାନ ସୋଆ ପକ୍ଷରୁ ଆୟୋଜିତ ହେଉଛି। କିଛି ଦିନ ତଳେ ଏଭଳି ଏକ ଦୁଇ ଦିନିଆ ଶିକ୍ଷକ କର୍ମଶାଳା ଆଇଆଇଟି ଇନ୍ଦୋରର ପ୍ରଫେସର ଶର୍ମା ଆଇକେଏସ୍ ଡିଭିଜନ୍‌ର ମୁଖ୍ୟ ପ୍ରଫେସର ଗଂଟି ଏସ୍ ମୂର୍ତ୍ତିଙ୍କ ଉପସ୍ଥିତିରେ ଆୟୋଜନ କରିଥିଲେ ବୋଲି ପ୍ରକାଶ କରିଥିଲେ।

# ଓଡ଼ିଶାରେ ପଡିରହିଥିବା ବକ୍ସାଇଟ୍ ଖଣିର ବିଶ୍ୱ ଚାହିଦା ବୃଦ୍ଧି ପାଇବା ସହିତ ନିଷ୍କ୍ରିୟତାର ଏକ ଆର୍ଥିକ ମୂଲ୍ୟ ଅଟେ

ଭୁବନେଶ୍ୱର, (ସବ୍ୟୁ): ତ୍ୱରାନ୍ୱିତ ସବୁଜ ଶକ୍ତି ପରିବର୍ତ୍ତନ ଦ୍ୱାରା ପରିଚାଳିତ ବିଶ୍ୱ ଆଲୁମିନିୟମ୍ ଶିଳ୍ପ ଏକ ଅଭୂତପୂର୍ବ ସୁପରସାଇକ୍ଲ ଅନୁଭବ କରୁଥିବା ବେଳେ, ଓଡ଼ିଶା ଅପାର ସମ୍ଭାବନା ଏବଂ ଅସ୍ଥିରତାର ଏକ ବିରୋଧାଭାସ ଉପରେ ଛିଡାହୋଇଛି। ଭାରତର ୧.୯ ବିଲିୟନ ଟନ୍ ବକ୍ସାଇଟ୍ ରିଜର୍ଭର ଅଧାରୁ ଅଧିକ ସହିତ ସମ୍ପନ୍ନ ରାଜ୍ୟ, ଏହାର ଖଣି ଲିଜ୍ ନିୟାମକ ଏବଂ ପରିବେଶଗତ ଅନିଶ୍ଚିତତାରେ ଆବଦ୍ଧ ଥିବା ବେଳେ, ଏହା କେବଳ ପାଖରେ ପଡିରହିଛି। ଭାରତରେ ଏକ ବୃହତ କମ୍-କାର୍ବନ ଆଲୁମିନିୟମ୍ (ଏବଂ ଆଲୁମିନା) ସ୍ମେଲ୍ଟର ନିର୍ମାଣ ମୂଲ୍ୟାଙ୍କନ କରିବା ପାଇଁ ରିଓ ଟିଂଟୋ - ଏକ ଆନ୍ତର୍ଜାତୀୟ ଖଣି ମହାରଥୀ ଦ୍ୱାରା ଏପ୍ରିଲ ୨୦୨୫ ରେ ମହେଶ କୋଲିଙ୍କ ନେତୃତ୍ୱାଧୀନ ଭାରତୀୟ ଫାର୍ମ ଏଏମଜି ମେଟାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ (ଏଏମଜି ଏମଏଣ୍ଡଏମ, ଏକ ନବୀକରଣୀୟ-ଶକ୍ତି ଗୋଷ୍ଠୀର ଅଂଶ) ସହିତ ସ୍ୱାକ୍ଷରିତ ବୁଝାମଣାପତ୍ର ବର୍ତ୍ତମାନ ଏହି ମହଙ୍ଗା ନିଷ୍କ୍ରିୟତା ଉପରେ ଏକ ସ୍ପଷ୍ଟ ଆଲୋକପାତ କରିଛି, ଯାହା ରାଜ୍ୟର ଶିଳ୍ପ ଏବଂ ଆର୍ଥିକ ଭବିଷ୍ୟତର ଏକ ଜରୁରୀ ପୁନଃମୂଲ୍ୟାୟନ କରିବାକୁ ସ୍ଥିର କରିଛି। ବୈଦ୍ୟୁତିକ ଯାନବାହାନ ପାଇଁ ଏକ ସବୁଜ ଯୋଗାଣ ଶୃଙ୍ଖଳା ସୁରକ୍ଷିତ କରିବାର ସମ୍ଭାବ୍ୟତା ଅନୁସନ୍ଧାନ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଏହି ମେଗା-ଡିଲ୍, ବିଶ୍ୱ ବଜାରରେ ଏକ ଭୂକମ୍ପୀୟ ପରିବର୍ତ୍ତନକୁ ସୂଚିତ କରେ। ଏଥିରେ ବାର୍ଷିକ ୧ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏକ ଆଲୁମିନିୟମ୍ ସ୍ମେଲ୍ଟର ସ୍ଥାପନ କରିବା ସହିତ ୨ଏମଟିପିଏ ଆଲୁମିନା ଉତ୍ପାଦନ ସହିତ ଯୋଡ଼ି ହୋଇଛି ଏବଂ ଲଜିଷ୍ଟିକ୍ ସୁବିଧା ପାଇଁ ଦକ୍ଷିଣ ଭାରତର ଏକ ବନ୍ଦର ନିକଟରେ ଅବସ୍ଥିତ ହେବାର ଯୋଜନା କରାଯାଇଛି। ଏହି ସୁବିଧା ସମ୍ପୂର୍ଣ୍ଣ ନବୀକରଣୀୟ ଶକ୍ତି ଉତ୍ସ ଦ୍ୱାରା ପରିଚାଳିତ ହେବ। ବିଶ୍ୱ ଆଉ କେବଳ ଆଲୁମିନିୟମ୍ ପାଇଁ ନୁହେଁ ବରଂ ଏହା ଦାୟିତ୍ୱପୂର୍ଣ୍ଣ ଆଲୁମିନିୟମ୍ ପାଇଁ ହତାଶ ହୋଇଛି। ଓଡ଼ିଶା, ଏହାର ବିଶାଳ ବକ୍ସାଇଟ୍ ଗଚ୍ଛିତ ଏବଂ ଏକ ସୁପ୍ରତିଷ୍ଠିତ ଡାଉନଷ୍ଟ୍ରିମ୍ ଆଲୁମିନା-ଆଲୁମିନିୟମ୍ ଶିଳ୍ପ ସହିତ, ଏହି ସବୁଜ ଧାତୁ ବିପ୍ଳବର କେନ୍ଦ୍ରସ୍ଥଳ ହେବା ପାଇଁ ଅନନ୍ୟ ଭାବରେ ଅବସ୍ଥିତ। ତଥାପି, ମୁଖ୍ୟ କଂଚାମାଲ, ବକ୍ସାଇଟ୍ ଭୂମିତଳେରେ ଫସି ରହିଛି।

ଆଲୁମିନିୟମ୍ ହେଉଛି ଡିକାର୍ବୋନାଇଜେସନ୍‌ର ମେରୁଦଣ୍ଡ। ଏହା ସୌର ପ୍ୟାନେଲ୍, ପବନ ଟର୍ବାଇନ୍, ବିଦ୍ୟୁତ୍ ପରିବହନ ଲାଇନ ଏବଂ ହାଲୁକା ବୈଦ୍ୟୁତିକ ଯାନ ପାଇଁ ଅତ୍ୟାବଶ୍ୟକ। ଆନ୍ତର୍ଜାତୀୟ ଆଲୁମିନିୟମ୍ ପ୍ରତିଷ୍ଠାନ (ଆଇଏଆଇ) ଜଳବାୟୁ ଲକ୍ଷ୍ୟ ପୂରଣ କରିବା ପାଇଁ ୨୦୫୦ ସୁଦ୍ଧା ଚାହିଦାରେ ପ୍ରାୟ ୮୦% ବୃଦ୍ଧି ପାଇବାର ପୂର୍ବାନୁମାନ କରିଛି। "ସବୁଜ ଆଲୁମିନିୟମ" ଉତ୍ପାଦନ ଦୁଇଟି କାରଣ ଉପରେ ନିର୍ଭର କରେ: ତରଳାଇବା ପାଇଁ ନବୀକରଣୀୟ ଶକ୍ତି ଏବଂ ସ୍ଥାୟୀ ଭାବରେ ଉତ୍ସରୁ ପ୍ରାପ୍ତ ବକ୍ସାଇଟ୍। ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣର ନିର୍ଦ୍ଦେଶକ (ଅବସରପ୍ରାପ୍ତ) ଡକ୍ଟର ସିବ ମହାକୁଡ ଦୃଢ଼ ଭାବରେ କହିଛନ୍ତି, "ବିଶ୍ୱସ୍ତରୀୟ ଖେଳାଳିମାନେ ଦୀର୍ଘକାଳୀନ, ନୈତିକ ଭାବରେ ଉତ୍ସରୁ ପ୍ରାପ୍ତ ସହଭାଗୀତା ଖୋଜୁଛନ୍ତି। ଆମର ସଂରକ୍ଷଣ କେବଳ ଭୂତାତ୍ତ୍ୱିକ ତଥ୍ୟ ନୁହେଁ; ଏହା ଉଚ୍ଚ-ମୂଲ୍ୟ, ଭବିଷ୍ୟତ-ପ୍ରମାଣ ନିବେଶ ଏବଂ ହଜାର ହଜାର ଦକ୍ଷ ଚାକିରି ପାଇଁ ଟିକେଟ ମଧ୍ୟ ଅଟେ। ଆମେ ଅଷ୍ଟ୍ରେଲିଆ ଏବଂ ଗିନି ଭଳି ଦେଶଗୁଡ଼ିକୁ ବଜାର ଅଂଶ ହସ୍ତାନ୍ତର କରୁ, ଯେଉଁମାନେ ଏହି ଚାହିଦା ପୂରଣ କରିବା ପାଇଁ ସେମାନଙ୍କର ବକ୍ସାଇଟ୍ କାର୍ଯ୍ୟକୁ ଦ୍ରୁତ ଗତିରେ ବିସ୍ତାର କରୁଛନ୍ତି। କଳାହାଣ୍ଡି ଏବଂ ରାୟଗଡ଼ାରେ ବକ୍ସାଇଟ୍ ଖଣିର ଦୀର୍ଘକାଳୀନ କାର୍ଯ୍ୟକ୍ଷମତା, ପରିବେଶଗତ ବିତର୍କ ଅପେକ୍ଷା ଅଧିକ ପ୍ରତିନିଧିତ୍ୱ କରେ - ଏହା ଅଟକି ରହିଥିବା ଭବିଷ୍ୟତକୁ ପ୍ରତିନିଧିତ୍ୱ କରେ।

ଆନ୍ଧ୍ର ପ୍ରଦେଶର ପୂର୍ବଘାଟ ବକ୍ସାଇଟ୍ ପ୍ରକଳ୍ପର ମାମଲା ନିଅନ୍ତୁ ଯେପରିକି ବ୍ୟାପକ ହ୍ରାସ ଏବଂ ସମ୍ପ୍ରଦାୟ ଲାଭ ଯୋଜନା ପ୍ରସ୍ତାବିତ ଏକ କଠୋର ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ ପରେ ସଫା ହୋଇଛି, ଏହା ଏକ ପ୍ରଶାସନିକ ଧରି ରଖିବା ଢାଂଚାରେ ରହିଛି। ହଜାର ହଜାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତିର ପ୍ରତିଶ୍ରୁତି, ସ୍ଥାନୀୟ ବିକାଶ ପାଣ୍ଠି ଏବଂ ଏହା ଚାରିପାଖରେ ଗଢ଼ି ଉଠିବା ପାଇଁ ଶିଳ୍ପ ପରିବେଶ ଏକ ନିଲମ୍ବିତ ଅବସ୍ଥାରେ ଅଛି। ଶିଳ୍ପ ସଂସ୍ଥାଗୁଡ଼ିକ ସତର୍କବାଣୀ ଶୁଣାଉଛନ୍ତି। ଭାରତୀୟ ଖଣିଜ ଶିଳ୍ପ ମହାସଂଘ ବାରମ୍ବାର ଓଡ଼ିଶାରେ ଆଲୁମିନା ରିଫାଇନାରୀଗୁଡ଼ିକର ବିଡ଼ମ୍ବନାକୁ ଉଜାଗର କରିଛି ଯାହା ଅତି କମ କ୍ଷମତାରେ କାର୍ଯ୍ୟ କରୁଛି, ପ୍ରାୟତଃ ମହଙ୍ଗା ବକ୍ସାଇଟ୍ ଆମଦାନି କରିବାକୁ ବାଧ୍ୟ ହେଉଛନ୍ତି, ଯେତେବେଳେ ଘରୋଇ ଭଣ୍ଡାର ଅବ୍ୟବସ୍ଥିତ ରହିଛି। ଏହି ଆମଦାନୀ ନିର୍ଭରଶୀଳତା ଖର୍ଚ୍ଚ ବୃଦ୍ଧି କରେ, ଲଜିଷ୍ଟିକ୍ସର କାର୍ବନ ଫୁଟପ୍ରିଂଟକୁ ବୃଦ୍ଧି କରେ ଏବଂ ବିଶ୍ୱ ସ୍ତରରେ ଭାରତୀୟ ଆଲୁମିନିୟମକୁ କମ୍ ପ୍ରତିଯୋଗିତାମୂଳକ କରିଥାଏ।

ଆଗକୁ ବଢ଼ିବା ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କଠାରୁ ଏକ ନିର୍ଣ୍ଣାୟକ, ଦ୍ୱି-ମୁଖୀ ଆଭିମୁଖ୍ୟ ଆବଶ୍ୟକ - କ୍ଲିୟରାନ୍ସକୁ ତ୍ୱରାନ୍ୱିତ କରିବା ଏବଂ ଓଡ଼ିଶାକୁ କେବଳ ଏକ ଖଣି ହବ୍ ଭାବରେ ନୁହେଁ, ବରଂ ସ୍ଥାୟୀ ବକ୍ସାଇଟ୍ ଖଣି ପାଇଁ ବିଶ୍ୱ ମାନଦଣ୍ଡ ଭାବରେ ସ୍ଥାନିତ କରିବା ପାଇଁ ଜରୁରି ଅଟେ। ୪ ବିଲିୟନ ଡଲାରର ଏହି ଚୁକ୍ତି କେବଳ ଏକ ଖବରର ଶିରୋନାମା ନୁହେଁ; ଏହା ଏକ ସତର୍କ ଘଣ୍ଟି। ଏହା ଓଡ଼ିଶାର ଦ୍ୱାରରେ ଆଘାତ କରୁଥିବା ବିଶାଳ ଆର୍ଥିକ ସୁଯୋଗର ଏକ ସ୍ପଷ୍ଟ ପ୍ରମାଣ। ବିକଳ୍ପ ସ୍ପଷ୍ଟ: ମୂଲ୍ୟବାନ ସମ୍ବଳକୁ ଅନ୍ୟତ୍ର ଆର୍ଥିକ ଅଭିବୃଦ୍ଧିକୁ ଇନ୍ଧନ ଦେବା ଜାରି ରଖନ୍ତୁ କିମ୍ବା ଏକ ସମୃଦ୍ଧ, ସବୁଜ ଭବିଷ୍ୟତ ଆଡ଼କୁ ଓଡ଼ିଶାର ନିଜସ୍ୱ ଯାତ୍ରାକୁ ଶକ୍ତି ଦେବା ପାଇଁ ସ୍ଥାୟୀତ୍ୱର ସର୍ବୋଚ୍ଚ ମାନଦଣ୍ଡ ସହିତ ସେଗୁଡ଼ିକୁ ବ୍ୟବହାର କରନ୍ତୁ। ନିର୍ଣ୍ଣାୟକ ପଦକ୍ଷେପ ନେବାର ସମୟ ଏବେ ଆସିଛି। ବିଶ୍ୱ କିଣୁଛି, ଏବଂ ଓଡ଼ିଶା ବିକ୍ରୟ କରିବାକୁ ପ୍ରସ୍ତୁତ ରହିବା ଉଚିତ।

# ଦିଲ୍ଲୀ -ମୁମ୍ବାଇ ଏକ୍ସପ୍ରେସରେ ସିରିଜ ଦୁର୍ଘଟଣା

## ପଛକୁ ପଛ ପିଟି ହେଲା ୨୫ ଗାଡ଼ି, ୪ ମୃତ



ନୂଆଦିଲ୍ଲୀ: ପଛକୁ ପଛ ପିଟି ହେଲା ୨୫ଟି ଗାଡ଼ି। ଚାଲିଗଲା ୪ଜଣଙ୍କ ଜୀବନ। ଆଜି ସକାଳେ ଉତ୍ତର ଭାରତର ଅଧିକାଂଶ ଅଞ୍ଚଳକୁ ଢ଼ାଙ୍କି ଦେଇଥିଲା ଘନ କୁହୁଡ଼ି। ଦୃଶ୍ୟମାନ୍ୟତା କମ୍ ହେବା ସହ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। କୁହୁଡ଼ି ଯୋଗୁଁ ସୋମବାର ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେରେ ୨୫ଟି ଗାଡ଼ି ପରସ୍ପର ସହିତ ଧକ୍କା ଖାଇଥିଲା ବୋଲି ଜଣାପଡ଼ିଛି। ଏହି ଦୁର୍ଘଟଣାରେ ପ୍ରଥମେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏବେ ମୃତ୍ୟୁସଂଖ୍ୟା ୪କୁ ବୃଦ୍ଧି ପାଇଛି। ଏହା ସହିତ ପ୍ରାୟ ୨୦ଜଣ ଆହତ ହୋଇଛନ୍ତି। କୁହାଯାଉଛି ଯେ, ଏହି ଦୁର୍ଘଟଣାରେ ପିଜୁଳି ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏକ ପିଜୁଳି ବୋଝେଇ ଟ୍ରକ୍ ଓଲଟି ପଡ଼ିବାରୁ ରାସ୍ତାରେ ଏଣେତେଣେ ପିଜୁଳି ପଡ଼ିଯାଇଥିଲା।

ସୋମବାର ସକାଳ ପ୍ରାୟ ୫ଟାରେ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେରେ ଘନ କୁହୁଡ଼ି ଦେଖିବାକୁ ମିଳିଥିଲା, ଯାହା ଦୁର୍ଘଟଣା ପଛର ବଡ଼ କାରଣ। ଘନ କୁହୁଡ଼ି ଯୋଗୁଁ ଏକ୍ସପ୍ରେସୱେରେ ଦୃଶ୍ୟମାନତା ହ୍ରାସ ପାଇଥିଲା, ଯାହା ଫଳରେ ପ୍ରାୟ ୨୫ଟି ଗାଡ଼ି ପରସ୍ପର ସହିତ ଧକ୍କା ହୋଇଥିଲେ। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଦୁଇ ପୁଲିସ କର୍ମଚାରୀଙ୍କ ସମେତ ଚାରିଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଦୁଇଟି ଓଭରଲୋଡେଡ୍ ଡମ୍ପର ପରସ୍ପର ମଧ୍ୟରେ ଧକ୍କା ଖାଇବା ପରେ ସିରିଜ୍ ଦୁର୍ଘଟଣା ଆରମ୍ଭ ହୋଇଥିଲା। ଡମ୍ପର ଧକ୍କା ହେବା ପରେ ପଛରୁ ଆସୁଥିବା ପିଜୁଳି ବୋଝେଇ ଟ୍ରକ୍ ଆସି ଡମ୍ପର ସହିତ ଧକ୍କା ଖାଇ ଓଲଟି ପଡ଼ିଥିଲା। ଟ୍ରକ୍ ଓଲଟି ପଡ଼ିବାରୁ ବହୁ ପରିମାଣର ପିଜୁଳି ରାସ୍ତାରେ ପଡ଼ିଯାଇଥିଲା, ଯାହା ଫଳରେ ରାସ୍ତା ଖସଡ଼ା ହେବା ସହ ଗାଡ଼ିର ଚକ ଖସିବା ଆରମ୍ଭ ହୋଇଥିଲା। ଖସଡ଼ା ପାଇଁ ଗାଡ଼ିର ବ୍ରେକ୍ ନଧରିବାରୁ ପଛକୁ ପଛ ପିଟି ହୋଇଥିଲା ୨୫ଟି ଗାଡ଼ି।

# ଘନକୁହୁଡି : ଦିଲ୍ଲୀରୁ ୪୦ ବିମାନ ଉଡ଼ାଣ ବାତିଲ୍

ନୂଆଦିଲ୍ଲୀ : ରାଜଧାନୀରେ ଏବେ ବାୟୁ ଗୁଣବତ୍ତା ବିପଦ ସୀମା ଟପିଥିବା ବେଳେ ଦୃଶ୍ୟମାନ୍ୟତା ଶୂନ ହୋଇଯାଇଛି। ଦିଲ୍ଲୀ ଏନସିଆରରେ ଘନ କୁହୁଡ଼ି ଯାନବାହାନ ସହ ବିମାନ ଚଳାଚଳକୁ ମଧ୍ୟ ପ୍ରଭାବିତ କରିଛି। କୁହୁଡ଼ି ଯୋଗୁଁ ଦିଲ୍ଲୀ ବିମାନବନ୍ଦରରେ ବିମାନ ଚଳାଚଳ ବିଳମ୍ବିତ ହୋଇଛି। ଘନ କୁହୁଡ଼ି ଯୋଗୁଁ ବିମାନ ଅବତରଣ ମଧ୍ୟ ବାଧାପ୍ରାପ୍ତ ହୋଇଛି। ସକାଳ ୯ଟା ୩୦ ସୁଦ୍ଧା ୪୦ଟି ବିମାନ ଉଡ଼ାଣ ବାତିଲ କରାଯାଇଛି ଏବଂ ୪ଟି ବିମାନକୁ ଅନ୍ୟ ବିମାନବନ୍ଦରକୁ ସ୍ଥାନାନ୍ତର କରାଯାଇଛି।

ଏହାକୁ ଦୃଷ୍ଟିରେ ରଖି, ଇଣ୍ଡିଗୋ, ସ୍ପାଇସଜେଟ୍ ଏବଂ ଏୟାର ଇଣ୍ଡିଆ ଆଡଭାଇଜରୀ ଜାରି କରିଛନ୍ତି। ତିନୋଟି ପ୍ରମୁଖ ବିମାନ କମ୍ପାନି ସେମାନଙ୍କ ଆଡଭାଇଜରୀରେ କହିଛନ୍ତି ଯେ, "କୁହୁଡ଼ି ଯୋଗୁଁ ବିମାନ ଚଳାଚଳ ପ୍ରଭାବିତ ହୋଇଛି। ଆମେ ପାଗ ଉପରେ ନଜର ରଖିଛୁ ଏବଂ ସୁରକ୍ଷିତ ବିମାନ ଚଳାଚଳ ସୁନିଶ୍ଚିତ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେଉଛୁ।" ଦିଲ୍ଲୀ ବିମାନବନ୍ଦର ବ୍ୟତୀତ, ଜୟପୁର, ହିଣ୍ଡନ ବିମାନବନ୍ଦର ଏବଂ ସିମଲା ସମେତ ଉତ୍ତର ଭାରତର ଅଧିକାଂଶ ବିମାନବନ୍ଦର କୁହୁଡ଼ି ଦ୍ୱାରା ପ୍ରଭାବିତ ହୋଇପାରେ ବୋଲି ଆଶଙ୍କା କରାଯାଉଛି।

ଘରୁ ବାହାରିବା ପୂର୍ବରୁ ବିମାନ ଉଡ଼ାଣର ଷ୍ଟାଟସ ଦେଖି ବାହାରିବା ପାଇଁ ଯାତ୍ରୀଙ୍କୁ କହିଛି ବିମାନ କମ୍ପାନି।

ପାଣିପାଗ ବିଭାଗ କହିଛି ଯେ, ଆଗାମୀ ଦୁଇ ଦିନ ପାଇଁ ଦିଲ୍ଲୀ, ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼ ଏବଂ ପୂର୍ବ ଉତ୍ତର ପ୍ରଦେଶ, ଉତ୍ତର ପୂର୍ବ ମଧ୍ୟପ୍ରଦେଶରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ସେହିପରି ଦିଲ୍ଲୀ-ଏନସିଆରରେ ଘନ କୁହୁଡ଼ି ପାଇଁ ଦୃଶ୍ୟମାନତା ଶୂନ୍ୟ ହୋଇଯାଇଛି। ଏହା ଯୋଗୁଁ ରାସ୍ତାରେ ଯାନବାହାନ ଧୀରେ ଧୀରେ ଚଳାଚଳ କରୁଛି। ସହରର ଅନେକ ପ୍ରମୁଖ ଅଞ୍ଚଳରେ ବାୟୁ ଗୁଣବତ୍ତା ସୂଚକାଙ୍କ 'ଗମ୍ଭୀର' ବର୍ଗରେ ପହଞ୍ଚିଛି, ଯାହା ଏକ ଗମ୍ଭୀର ସ୍ୱାସ୍ଥ୍ୟ ବିପଦ ସୃଷ୍ଟି କରୁଛି। ଦିଲ୍ଲୀରେ ଅନେକ ସ୍ଥାନରେ ଏକ୍ୟୁଆଇ ୪୮୩ ପାର୍ କରିବା ପରେ ଏଠାରେ ବସବାସ କରୁଥିବା ଲୋକଙ୍କ ଉପରେ ଖରାପ ପ୍ରଭାବ ପକାଇବ ବୋଲି କୁହାଯାଉଛି।

# ଭାରତର ସବୁଜ ସାମୁଦ୍ରିକ ଯାତ୍ରା

## ସ୍ଥାୟୀ ସାମୁଦ୍ରିକ ଅର୍ଥନୀତି ପାଇଁ ସାମୁଦ୍ରିକ ଏଜେଣ୍ଡା

ନୂଆଦିଲ୍ଲୀ : ଭାରତରେ ବନ୍ଦର ପରିଚାଳନାକୁ ସୁରକ୍ଷିତ, ସ୍ୱଚ୍ଛ ଏବଂ ଅଧିକ ସ୍ଥାୟୀ କରିବାର ଆବଶ୍ୟକତାରୁ ସୃଷ୍ଟି ହୋଇଥିଲା ସବୁଜ ସାମୁଦ୍ରିକତାର ଅବଧାରଣା। ସମଗ୍ର ବିଶ୍ୱରେ ଏଚଏସଇ ବା ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ପରିବେଶ ମାନକଗୁଡ଼ିକର ଗୁରୁତ୍ୱ ବୃଦ୍ଧି ପାଇବା ସହିତ, ଭାରତୀୟ ବନ୍ଦରମାନେ ଅନୁଭବ କରିଥିଲେ ଯେ, ପରିଚାଳନାଗତ ଦକ୍ଷତା ସହ ପରିବେଶ ସୁରକ୍ଷା ଓ ଶ୍ରମିକ କଲ୍ୟାଣ ଜରୁରୀ। ଭାରତରେ ଏକ ସୁଦୀର୍ଘ ଉପକୂଳ ରହିଛି, ଯେଉଁଥିରେ ଅଛି ଏକ ବିଶାଳ ଜୈବବିବିଧତା ଓ ସାମୁଦ୍ରିକ ଜୀବନ। କିନ୍ତୁ ବଢିଚାଲିଥିବା ବାଣିଜ୍ୟ ଓ ବିକାଶ ଯୋଗୁଁ ଏସବୁ ଉପରେ ଚାପ ବଢିଚାଲିଛି।

ନବୀକରଣୀୟ କ୍ରୟ ଦାୟିତ୍ୱ (ପିଆରଓ) ଦ୍ୱାରା ଆବଦ୍ଧ ସଂସ୍ଥା ଭାବରେ ଏସବୁର ଦାୟିତ୍ୱପୂର୍ଣ୍ଣ ପରିଚାଳନା କରିବା ପାଇଁ, ଭାରତୀୟ ବନ୍ଦରଗୁଡ଼ିକ, ନବୀକରଣୀୟ ଶକ୍ତି ଉପରେ ଧ୍ୟାନ ଦେବା ଉଚିତ ଏବଂ ନିରାପଦ, ଦକ୍ଷ ଏବଂ ସ୍ଥାୟୀ ବନ୍ଦର ପାଇଁ ୯ଟି ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ସହିତ ଅନ୍ତର୍ଜାତୀୟ ସାମୁଦ୍ରିକ ସଂଗଠନର ସମନ୍ୱୟ ପାଳନ କରିବାର ଆବଶ୍ୟକତା ରହିଛି। ଏହି ପରିବର୍ତ୍ତନ ଫଳରେ ବନ୍ଦରଗୁଡ଼ିକ ଲାଗି ନବୀକରଣୀୟ ଶକ୍ତି ଗ୍ରହଣ, ବାୟୁ ଏବଂ ଜଳ ଗୁଣବତ୍ତାକୁ ଉନ୍ନତିକରଣ, ସବୁଜ ଆବରଣର ବିସ୍ତାର ଏବଂ ଉନ୍ନତ ବର୍ଜ୍ୟ ପରିଚାଳନା କରିବା ଅତ୍ୟାବଶ୍ୟକ ହୋଇପଡ଼ିଛି। ପରିବେଶ ସୁରକ୍ଷା ସହିତ ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ଭାରତର ପ୍ରୟାସର କେନ୍ଦ୍ରରେ ରହିଛି ସୁରକ୍ଷିତ, ସ୍ଥାୟୀ ଏବଂ ସବୁଜ ବନ୍ଦର ନିର୍ମାଣ କରିବା।

ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଭାରତର ସାମୁଦ୍ରିକ କ୍ଷେତ୍ରକୁ ସଶକ୍ତ କରିବା ଏବଂ ଏହାକୁ ସବୁଜ, ସ୍ୱଚ୍ଛ ଏବଂ ସ୍ଥାୟୀ କରିବା ପାଇଁ ଏକ ବ୍ଲୁପ୍ରିଣ୍ଟ, ସାମୁଦ୍ରିକ ଭାରତ ଭିଜନ ୨୦୩୦ ପ୍ରସ୍ତୁତ କରିଛି।

ସାମୁଦ୍ରିକ ପରିବହନର ଭବିଷ୍ୟତ ସବୁଜ ହାଇଡ୍ରୋଜେନ, ଆମୋନିଆ, ଜୈବ ଇନ୍ଧନ ଏବଂ ଏଲଏନଜି ପରି ସ୍ୱଚ୍ଛ ଇନ୍ଧନରେ ନିହିତ। ଏହି ଦିଗରେ, ଭାରତର ଜାତୀୟ ଗ୍ରୀନ ହାଇଡ୍ରୋଜେନ ମିଶନ ଶୂନ୍ୟ-ନିର୍ଗମନ ଇନ୍ଧନ ପାଇଁ ପଥ ପ୍ରଶସ୍ତ କରୁଛି, ଯାହା ନିଶ୍ଚିତ କରୁଛି ଯେ, ଆମର ବନ୍ଦରଗୁଡ଼ିକ କେବଳ ବାଣିଜ୍ୟକୁ ପ୍ରୋତ୍ସାହିତ କରିବ ନାହିଁ ବରଂ ଏକ ସ୍ଥାୟୀ ଭବିଷ୍ୟତକୁ ମଧ୍ୟ ପ୍ରୋତ୍ସାହିତ କରିବ।

# ବିଦେଶରେ ଚମକିଲା ଭାରତର ଐତିହ୍ୟ

ୟାଙ୍ଗୁନ : ବିଦେଶରେ ଚମକିଲା ଭାରତର ଐତିହ୍ୟ। ବିଦେଶୀ ଦେଖିଲେ ଚାରିଧାମ ଓ ବୋଧଗୟାର ଝଲକ। ଓଡ଼ିଆ ପୁଅ ଡ଼ା. ସିତଳ କୁମାର ପାଲବାବୁଙ୍କ ନେତୃତ୍ୱରେ ସଫଳ ଭାବେ ଆୟୋଜିତ ହେଲା କାର୍ଯ୍ୟକ୍ରମ। ଭାରତ ଓ ମ୍ୟାମାର ମଧ୍ୟରେ ଦୀର୍ଘକାଳୀନ ସଭ୍ୟତାମୂଳକ, ସାମାଜିକ ଓ ସାଂସ୍କୃତିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ସହ ଉଭୟ ଦେଶର ଗଭୀର ଆଧ୍ୟାତ୍ମିକ ବନ୍ଧନକୁ ପୁନର୍ଜୀବନ ଦେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମ୍ୟାମାରରେ ଥିବା ଇଣ୍ଡିଆ ସମାଜ, ସ୍ୱାମୀ ବିବେକାନନ୍ଦ କଲଚରାଲ ସେଣ୍ଟର, ମିଆମାରରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ୟାଙ୍ଗୁନରେ ଚାରିଧାମ ଦର୍ଶନ ଓ ବୋଧଗୟା ଦର୍ଶନ ୨୦୨୫" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଭାବେ ଭାରତର ପଞ୍ଚ ପବିତ୍ର ତୀର୍ଥକ୍ଷେତ୍ରର ପ୍ରତୀକାତ୍ମକ ମନ୍ଦିର ସ୍ଥାପନା କରାଯାଇଥିଲା। ପୁରୀର ଜଗନ୍ନାଥ ଧାମ, ଗୁଜରାଟର ଦ୍ୱାରକା



ଧାମ, ତମିଲନାଡୁର ରାମେଶ୍ୱରମ୍ ଧାମ, ଉତ୍ତରାଖଣ୍ଡର ବଦ୍ରିନାଥ ଧାମ ଏବଂ ବିହାରରେ ଥିବା ଭଗବାନ ବୁଦ୍ଧଙ୍କ ଜ୍ଞାନୋଦୟ ସ୍ଥଳ ବୋଧଗୟାର ପ୍ରତୀକାତ୍ମକ ମନ୍ଦିର ସ୍ଥାପନା କରାଯାଇଥିଲା।

ମ୍ୟାମାରର ୟାଙ୍ଗୁନରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ସ୍ୱାମୀ ବିବେକାନନ୍ଦ ସାଂସ୍କୃତିକ କେନ୍ଦ୍ର (ଏସଭିସିସି) ରେ, ଭାରତୀୟ ଦୂତାବାସ ଓ ଭାରତୀୟ ପ୍ରବାସୀଙ୍କ ସହଯୋଗରେ ଆୟୋଜିତ ହୋଇଥିଲା। ମ୍ୟାମାରରେ ବସବାସ କରୁଥିବା ପ୍ରବାସୀ ଭାରତୀୟମାନଙ୍କ ପାଇଁ ଏଭଳି କାର୍ଯ୍ୟକ୍ରମ ପ୍ରଥମ ଥର ଆୟୋଜନ କରାଯାଇଛି।

ମ୍ୟାମାରରେ ଭାରତର ରାଷ୍ଟ୍ରଦୂତ ଅଭୟ ଠାକୁର ଓ ତାଙ୍କ ସହଧର୍ମିଣୀ ଡ଼ା. ସୁରଭି ଠାକୁର କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିବା ବେଳେ ମ୍ୟାମାରରେ ଅବସ୍ଥାପିତ ଶ୍ରୀଲଙ୍କାର ରାଷ୍ଟ୍ରଦୂତ ପ୍ରଭାସିନୀ ପୋନ୍ନମ୍ପେରୁମା ଅତିଥି ଭାବେ ଯୋଗ ଦେଇଥିଲେ।

ମ୍ୟାମାରରେ ଥିବା ଇଣ୍ଡିଆ ସମାଜର ଅଧ୍ୟକ୍ଷ ଡ଼ା. ସିତଳ କୁମାର ପାଲବାବୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ସମୁଦାୟ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

ଉଦଘାଟନ ସମାରୋହରେ ରାଷ୍ଟ୍ରଦୂତ ଅଭୟ ଠାକୁର କହିଥିଲେ ଯେ, "ଚାରିଧାମ ଦର୍ଶନ ଏକ ଅତ୍ୟନ୍ତ ପ୍ରଶଂସନୀୟ ଆଧ୍ୟାତ୍ମିକ ଓ ସାଂସ୍କୃତିକ ପ୍ରୟାସ। ଏପରି ପଦକ୍ଷେପ ଭାରତ-ମ୍ୟାନମାର ସମ୍ପର୍କକୁ ଆହୁରି ମଜବୁତ କରିବ।"

## ରେଳବାଇର ସାର ଲୋଡିଂରେ ୧୧.୭% ବୃଦ୍ଧି

ନୂଆଦିଲ୍ଲୀ : ଭାରତୀୟ ରେଳବାଇ ଭାରତର କୃଷି ଅର୍ଥନୀତିକୁ ସମର୍ଥନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହା ଦେଶବ୍ୟାପୀ ସାରର ସୁଗମ ଏବଂ ସମୟୋଚିତ ପରିବହନ ସୁନିଶ୍ଚିତ କରେ। ଚଳିତ ବର୍ଷ ନଭେମ୍ବର ୩୦ ସୁଦ୍ଧା ସାର ଲୋଡିଂ ୧୭,୧୬୮ ରେକରେ ପହଞ୍ଚିଛି। ଗତ ବର୍ଷର ସମାନ ସମୟରେ ୧୫,୩୬୯ ରେକ ତୁଳନାରେ ଏହା ୧୧.୭ ପ୍ରତିଶତ ବୃଦ୍ଧି ପାଇଛି। ଏହି ବୃଦ୍ଧି ରେଳ ନେଟୱାର୍କର ଦକ୍ଷ ପରିଚାଳନାକୁ ଦର୍ଶାଉଛି। କୃଷି ହେଉଛି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ। ଚାଷୀମାନଙ୍କୁ ବିହନ ଏବଂ ଅମଳ ପାଇଁ ସମୟରେ ସାର ଆବଶ୍ୟକ। ଏହାକୁ ଧ୍ୟାନରେ ରଖି, ଭାରତୀୟ ରେଳବାଇ ସାର ଏବଂ ଖାଦ୍ୟଶସ୍ୟ ଟ୍ରେନଗୁଡ଼ିକୁ ପ୍ରାଥମିକତା ଦେଇଛି। ଏହା ସମଗ୍ର ଦେଶରେ ରାଜ୍ୟଗୁଡ଼ିକୁ ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିଛି। ଅତ୍ୟାବଶ୍ୟକ ମାଲ ପରିବହନ ସେବାକୁ ସୁଦୃଢ଼ କରି, ରେଳବାଇ ଲକ୍ଷ ଲକ୍ଷ ଚାଷୀଙ୍କୁ ସାହାଯ୍ୟ କରୁଛି। ଏହା ଗ୍ରାମୀଣ ଜୀବିକା, ଖାଦ୍ୟ ସୁରକ୍ଷା ଏବଂ ସାମଗ୍ରିକ ଆର୍ଥିକ ସ୍ଥିରତାକୁ ମଧ୍ୟ ସମର୍ଥନ କରୁଛି। ଏହି ପ୍ରଦର୍ଶନ ରାଷ୍ଟ୍ର ନିର୍ମାଣ ପ୍ରତି ଭାରତୀୟ ରେଳବାଇର ପ୍ରତିବଦ୍ଧତା ଏବଂ ଭାରତର କୃଷି ଯୋଗାଣ ଶୃଙ୍ଖଳାକୁ ସମର୍ଥନ କରିବାରେ ଏହାର ପ୍ରମୁଖ ଭୂମିକାକୁ ରେଖାଙ୍କିତ କରୁଛି। ଭାରତୀୟ ରେଳପଥ ନିର୍ଭରଯୋଗ୍ୟ, ବ୍ୟାପକ ଏବଂ ଦକ୍ଷ ପରିବହନ ଯୋଗାଇ ସମଗ୍ର ଦେଶରେ ସାରର ସମୟାନୁସାରେ ଉପଲବ୍ଧତା ସୁନିଶ୍ଚିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

# ୫ ସନ୍ତାନଙ୍କୁ ହତ୍ୟା ଉଦ୍ୟମ ପରେ ଜୀବନ ହାରିଲେ ବାପା

ବିହାର : ସାମ୍ନାକୁ ଆସିଛି ଅତ୍ୟନ୍ତ ବିଚଳିତ କରିବା ଭଳି ଘଟଣା। ନିଜର ୫ ପିଲାଙ୍କୁ ମାରିବାକୁ ଚେଷ୍ଟା କରିଛନ୍ତି ଜନ୍ମ କଲା ବାପା। ସେ ୫ ପିଲାଙ୍କୁ ମାରିବାକୁ ଉଦ୍ୟମ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୫ ପିଲାଙ୍କୁ ମାରିବାକୁ ଉଦ୍ୟମ କରିବା ପରେ ବାପା ଜଣଙ୍କ ନିଜେ ମଧ୍ୟ ଆତ୍ମହତ୍ୟା କରିଛନ୍ତି। ବିହାରର ମୁଜାଫ୍ଫରପୁରରେ ଏପରି ହୃଦୟ ବିଦାରକ ଘଟଣା ଘଟିଛି।

ଏତେ ବଡ଼ ଘଟଣା ଘଟାଇଥିବା ବ୍ୟକ୍ତି ଜଣଙ୍କ ହେଲେ ୩୫ ବର୍ଷୀୟ ଅମରନାଥ ରାମ। ସେ ନିଜର ୫ ପିଲା- ଅନୁରାଧା କୁମାରୀ(୧୨), ଶିବାନୀ କୁମାରୀ(୧୧), ରାଧିକା କୁମାରୀ(୭), ଶିବମ କୁମାର(୬) ଓ ଚନ୍ଦନ କୁମାର(୫) ଙ୍କ ବେକରେ ଦଉଡ଼ି ବାନ୍ଧି ଝୁଲାଇ ମାରିବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ମଧ୍ୟରୁ ୩ ଝିଅ ପ୍ରାଣ ହରାଇଥିବା ବେଳେ ୨ ପୁଅ ବର୍ତ୍ତି ଯାଇଛନ୍ତି।

ଅଧିକାରୀମାନେ କହିଛନ୍ତି ଯେ ଅମରନାଥ ନିଜର ୫ ପିଲାଙ୍କୁ ଧାଡ଼ିରେ ଟ୍ରଙ୍କ ଉପରେ ଛିଡ଼ା ହେବାକୁ କହିଥିଲେ। ସେମାନେ ଛିଡ଼ା ହେବା ପରେ ସମସ୍ତଙ୍କ ବେକରେ ଦଉଡ଼ି ବାନ୍ଧି ଦେଇଥିଲେ। ଏହାପରେ ସମସ୍ତଙ୍କୁ ଟ୍ରଙ୍କରୁ ଡେଇଁବାକୁ କହିଥିଲେ। ୩ ଝିଅ ବାପାଙ୍କ କଥାରେ ଡେଇଁ ପଡ଼ିବାରୁ ସେମାନଙ୍କ ମୃତ୍ୟୁ ହୋଇଛି। ୨ ପୁଅ ବାପାଙ୍କ କଥା ନ ଶୁଣିବାରୁ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି। ଅମରନାଥ ନିଜେ ମଧ୍ୟ ସମାନ ଶୈଳୀରେ ଜୀବନ ହାରିଛନ୍ତି।

ଅମରନାଥଙ୍କ ପୁଅ ଶିବମ କହିଛନ୍ତି, "ମୁଁ ଘରେ ମୋ ବାପା ଓ ଭାଇଭଉଣୀଙ୍କ ସହ ରହିଥିଲି। ମୁଁ ଫୋନ ବ୍ୟବହାର କରୁଥିବେ ବେଳେ ମୋ ବାପା ବାଥରୁମ ଯାଇଥିଲେ। ସେଠାରୁ ଫେରିବା ପରେ ସେ ଆମ ସମସ୍ତଙ୍କୁ ଜଣଙ୍କ ପରେ ଜଣେ ଟାଙ୍ଗି ଦେଇଥିଲେ। ମୁଁ ବେକରେ ଲାଗିଥିବା ଦଉଡ଼ିକୁ ଖୋଲିବାକୁ ସକ୍ଷମ ହେବାରୁ ବର୍ତ୍ତି ଯାଇଛି।" ଏବେ ଅମରନାଥଙ୍କ ଦୁଇ ପୁଅଙ୍କୁ ମେଡିକାଲ ସୁବିଧା ଯୋଗାଇ ଦିଆଯାଉଛି।

ଗତବର୍ଷ ଅମରନାଥଙ୍କ ପତ୍ନୀ ପ୍ରାଣ ହରାଇଥିଲେ। ସେବେଠାରୁ ସେ ୫ ପିଲାଙ୍କ ସହ ରହୁଥିଲେ ହେଁ ତାଙ୍କ ମାନସିକ ସ୍ଥିତି ଠିକ ନଥିଲା। ଆର୍ଥିକ ଅନଟନ ଯୋଗୁ ସେ ପିଲାମାନଙ୍କ ଦେଖାଶୁଣା ଠିକ ଭାବେ କରିପାରୁ ନଥିଲେ। ଏଥିଯୋଗୁ ସେ ସବୁବେଳେ ଚିନ୍ତାରେ ରହୁଥିଲେ। କିନ୍ତୁ ହଠାତ୍ ସେ କାହିଁକି ଏପରି ପଦକ୍ଷେପ ନେଲେ, ସେକଥା ସ୍ପଷ୍ଟ ଭାବେ ଜଣେପଡ଼ିନି। ସକରା ପୁଲିସ୍ ଏନେଇ ଗୋଟିଏ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି।

# ଭାରତୀୟ ଜେଲରେ ଦଣ୍ଡ ଭୁଲି ପାରିନି ମାସୁଦ

ନୂଆଦିଲ୍ଲୀ : କୁଖ୍ୟାତ ଆତଙ୍କବାଦୀ ମାସୁଦ ଆଝାର ଜମ୍ମୁର କୋଟ ବଲୱାଲ ଜେଲରେ ଥିଲା। ୧୯୯୪ରେ ସେ ଗିରଫ ହେବା ପରେ ତାକୁ ଶ୍ରୀନଗର ଜେଲରେ ରଖା ନଯାଇ ଉଚ୍ଚ ସୁରକ୍ଷା ବିଶିଷ୍ଟ କୋଟ ବଲୱାଲ ଜେଲରେ ରଖାଯାଇଥିଲା। ଏହି ଜେଲରେ ଥିବା ବେଳେ ସେ ଆଉ ଜଣେ ଆତଙ୍କବାଦୀ ସଜ୍ଜାଦ ଆଫଗାନି ସହ ମିଶି ଜେଲ ଭିତରେ ଏକ ସୁଡ଼ଙ୍ଗ ଖୋଳି ଫେରାର ହେବାକୁ ଉଦ୍ୟମ କରିଥିଲା। କିନ୍ତୁ ଏହି ସୁଡ଼ଙ୍ଗ ଦେଇ ଫେରାର ହେବା ସମୟରେ ଜେଲର ସୁରକ୍ଷା ଦାୟିତ୍ୱରେ ଥିବା ସିଆରପିଏଫ ଯବାନମାନେ ଉଭୟଙ୍କୁ ଦେଖି ପକାଇଥିଲେ। ସୁଡ଼ଙ୍ଗର ଆଗେ ଆଗେ ଆଫଗାନି ଯାଉଥିଲା ଓ ତା ପଛରେ ଥିଲା ଆଝାର। ସୁଡ଼ଙ୍ଗର ବାହାର ପଟେ ଯେତେବେଳେ ଆଫଗାନିର ମୁଣ୍ଡ ବାହାରକୁ ବାହାରିଲା ସେତେବେଳେ ପ୍ରହରା ଦେଉଥିବା ଜଣେ ସିଆରପିଏଫ ଯବାନ ତାକୁ ଦେଖିପକାଇଥିଲେ। ହଠାତ ଏକ ଗୁଳି ଯବାନଙ୍କ ବନ୍ଧୁକରୁ ବାହାରି ଆଫଗାନିର ମୁଣ୍ଡରେ ବାଜିଥିଲା। ସେ ସେହିଠାରେ ହିଁ ଟଳିପଡ଼ିଥିଲା। ଏହି



ଅଣଓସାରିଆ ସୁଡ଼ଙ୍ଗର ମୁହଁ ପାଖରେ ତାହାର ମୃତଦେହ ପଡିରହିଥଲା। ପଛେ ପଛେ ଆସୁଥିବା ମାସୁଦ ଆଝାର ନା ଆଗକୁ ଯାଇପାରିଲା ନା ପଛକୁ ଫେରିପାରିଲା। ସେହିଠାରେ ହିଁ ଧରାପଡ଼ିଲା। ଯବାନ ଜଣକ ତାକୁ ମଜାରେ କହିଲେ "ମୌଲାନା ସାହେବ.. ଯଦି ଫେରାର ହେବାର ଅଛି, ତେବେ ସୁଡ଼ଙ୍ଗକୁ ଚଉଡ଼ା କର ନଚେତ୍ ନିଜର ପେଟ କମାଅ"। ଆଝାରକୁ ପୁଣି ଗିରଫ କରି ଜେଲର ସବୁଠାରୁ କଷ୍ଟକର ସେଲକୁ ନିଆଗଲା। ଏହା ପରେ ତାଉପରେ ଅତ୍ୟାଚାର ଆରମ୍ଭ ହୋଇଗଲା। ତାକୁ ବାନ୍ଧି ଦିଆଯାଇ ଲୁହା ଶିଙ୍କୁଳିରେ ନିର୍ମମଭାବେ ମାଡ଼ ମରାଗଲା। ଏତେ ମାଡ଼ ମରାଗଲା ଯେ ତାହାର ଶରୀର ଫାଟିରକ୍ତ ବାହାରିଲା, ମୁହଁରୁ ବି ରକ୍ତ ବାହାରିଲା। ତାପରଦିନ ତାକୁ ଜେରା କରାଗଲା ବେଳେ ବି ସମାନ ପ୍ରକାରର ମାଡ଼ ମରାଗଲା। କିଏ ଫେରାର ହେବାରେ ସାହାଯ୍ୟ କରିଥିଲା ? ଜେଲ ଭିତରକୁ ସୁଡ଼ଙ୍ଗ ଖୋଳିବା ସାମଗ୍ରୀ କିପରି ଆସିଲା ? ଏପରି ପ୍ରଶ୍ନ ପଚାରି ତା ଉପରେ ମାଡ଼ ହେଉଥାଏ। ଖାଲି ମାଡ଼ ମରାଯାଉନଥିଲା, ତାକୁ ଖାଇବାକୁ ଦିଆଯାଉନଥିଲା, ଏପରିକି ପରିସ୍ରା କରିବା ବି ମନା ଥିଲା। ଏ ସଂପର୍କରେ ସେ କହିଛି, "ମାରି ମାରି ମୋତେ ଓ ମୋ ସାଥୀମାନଙ୍କୁ ଡବଲ ରୋଟି ପରି ଫୁଲେଇ ଦେଇଥିଲେ। ତା ସହିତ ଗାଳି ଦେଉଥିଲେ।"ପରେ ୧୯୯୯ ମସିହାରେ ଏୟାରଇଣ୍ଡିଆ ବିମାନ ଅପହରଣ ମାଧ୍ୟମରେ ତାକୁ ଭାରତ ସରକାର ମୁକ୍ତ କରିଥିଲେ। କିନ୍ତୁ ସେଦିନର ନିଷ୍ଠୁର ମାଡ଼ କଥା ମନେପକାଇ ଏବେ ବି ଆଖିରୁ ଲୁହ ଝରାଉଛି ଆଝାର। ଏବେ ବି ଆତଙ୍କରେ ଶିହିରି ଉଠୁଛି ଭାରତରେ ଆତଙ୍କ ଖେଳାଉଥିବା ଏହି ଆତଙ୍କବାଦୀ।

# ୟୁପିଆଇ କ୍ଷେତ୍ରରେ ୧୨ ଦେଶ ସହ ଚୁକ୍ତି

ନୂଆଦିଲ୍ଲୀ: ୟୁପିଆଇ କ୍ଷେତ୍ରରେ ୧୨ଟି ଦେଶ ସହିତ ଚୁକ୍ତି ସ୍ୱାକ୍ଷର ହୋଇଛି। ଭାରତୀୟ ତ୍ରିରଙ୍ଗା ସାରା ବିଶ୍ୱରେ ବ୍ୟାପିଛି। କେନ୍ଦ୍ର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି, "ମୁଁ ରାଜନୀତି ନୁହେଁ, ଜନସେବାରେ ଅଛି। ଜୀବନରେ ଅନେକ ଥର ଲକ୍ଷ୍ୟ ନିଜେ ରାଜନୀତି ହୋଇଯାଏ, କିନ୍ତୁ ତାହା ମୋର ଲକ୍ଷ୍ୟ ନୁହେଁ। ମୁଁ ସେବା କରିବାର ସୌଭାଗ୍ୟ ପାଇଛି। ମୁଁ ବିଶ୍ୱାସ କରେ ଯେ ଏହାଠାରୁ ସେବା କରିବାର ଆଉ କୌଣସି ଭଲ ଉପାୟ ନାହିଁ।" ବିରୋଧୀଙ୍କୁ ଟାର୍ଗେଟ କରି କେନ୍ଦ୍ର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି ଯେ ସେମାନେ ଦେଶକୁ ବିରୋଧ କରନ୍ତି। ସେ କହିଛନ୍ତି, "ସଞ୍ଚାର ସାଥୀ ଆପ୍ ଫୋନ୍ ଚୋରି ହୋଇଛି କି ନାହିଁ ତାହା ନିର୍ଣ୍ଣୟ କରିବାରେ ସାହାଯ୍ୟ କରେ। ଦେଢ଼ କୋଟି ଲୋକ ଏହି ଆପ୍ ପାଇଁ ପଞ୍ଜିକରଣ କରିଛନ୍ତି। ଯଦି ପ୍ରଶ୍ନ ଉଠେ, ଆମର କୌଣସି ସମସ୍ୟା ନାହିଁ। ଯଦି ଲୋକଙ୍କର କୌଣସି ଦ୍ୱିଧା ଅଛି, ତେବେ ଆମେ ଏହାର ସମୀକ୍ଷା କରିବୁ। ଆମେ ଏକ ସକାରାତ୍ମକ ପଦକ୍ଷେପ ନେଇଛୁ। ଯଦି ଲୋକମାନେ ବିକଳ୍ପ ଚାହାଁନ୍ତି, ତେବେ ମୋର କୌଣସି ସମସ୍ୟା ନାହିଁ। ମାତ୍ର ୧୦ ଦିନ ପୂର୍ବେ, ଆମେ ସଞ୍ଚାର ସାଥୀ ଆପ୍ ସମ୍ପର୍କରେ ଏକ ବିକଳ୍ପ ପ୍ରଦାନ କରିଥିଲୁ।" କେନ୍ଦ୍ର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି ଯେ ଭାରତ ଭବିଷ୍ୟତରେ 6G ରେ ନେତୃତ୍ୱ ନେବ। କେନ୍ଦ୍ର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ପଚରାଯାଇଥିଲା ଯେ ସେ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ହେବାକୁ ଚାହାଁନ୍ତି କି? ସେ କହିଥିଲେ, "ମୁଁ କେବଳ ଲୋକଙ୍କ ସେବା କରିବାକୁ ଚାହୁଁଛି। ମୁଁ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବାକୁ ଚାହୁଁଛି।" କଂଗ୍ରେସକୁ ଫେରିବା ସମ୍ପର୍କରେ ସିନ୍ଧିଆ କୌଣସି ଉତ୍ତର ଦେଇ ନଥିଲେ। ରାହୁଲ ଗାନ୍ଧୀଙ୍କୁ ସେ କେଉଁ ଭୂମିକାରେ ଦେଖନ୍ତି ବୋଲି ପ୍ରଶ୍ନରେ କେନ୍ଦ୍ରମନ୍ତ୍ରୀ ସିନ୍ଧିଆ ଉତ୍ତର ଦେଇଥିଲେ, "ମୁଁ ଯାହା ଦେଖୁଛି ସେଥିରେ କଣ ଫରକ ପଡେ? ଜନତା ନିଜର ନିଷ୍ପତ୍ତି ନେଇସାରିଛନ୍ତି।"

# ମେସି କାର୍ଯ୍ୟକ୍ରମର ଆୟୋଜକଙ୍କ ଜାମିନ ଆବେଦନ ଖାରଜ

କୋଲକାତା : ଆର୍ଜେଣ୍ଟିନା ଫୁଟବଲ ସୁପର୍ଷ୍ଟାର ଲିଓନେଲ୍ ମେସିଙ୍କ କୋଲକାତା ସଲ୍ଟ ଲେକ୍ କାର୍ଯ୍ୟକ୍ରମରେ ଘଟିଥିବା ବ୍ୟାପକ ଭଙ୍ଗାରୁଜା ମାମଲାରେ ଆୟୋଜକ ଶତଦ୍ରୁ ଦତ୍ତଙ୍କ ଜାମିନ ଆବେଦନ ଖାରଜ ହୋଇଛି। ଆଜି ତାଙ୍କୁ ୧୪ ଦିନ ପାଇଁ ପୁଲିସ ହାଜତକୁ ପଠାଇ ଦିଆଯାଇଛି। ମେସିଙ୍କ ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଭୀଷଣ ବିଭ୍ରାଟ ନେଇ ଶନିବାର ଦତ୍ତଙ୍କୁ ବିମାନବନ୍ଦରରୁ ଗିରଫ କରାଯାଇଥିଲା ଏବଂ ବିଧାନନଗର ଅତିରିକ୍ତ ମୁଖ୍ୟ ବିଚାରବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ଜାମିନ ଆବେଦନକୁ ଖାରଜ କରିବା ସହ କୌଣସି ଆଶ୍ୱସ୍ତି ଦେବାକୁ ମନା କରିଦେଇଛନ୍ତି। ପ୍ରାଥମିକ ତଦନ୍ତରୁ ପରିଚାଳନାଗତ ତ୍ରୁଟି ସାମ୍ନାକୁ ଆସିଥିବା ପୁଲିସ ଦର୍ଶାଇ ଅଧିକ ତଦନ୍ତ ପାଇଁ ଦତ୍ତଙ୍କୁ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରିଥିଲା।

ମେସିଙ୍କ ଜି.ଓ.ଏ.ଟି ଇଣ୍ଡିଆ କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ଥିଲେ ଦତ୍ତ। ଭାରତକୁ ମେସିଙ୍କୁ ଆଣିବାରେ ତାଙ୍କର ବହୁତ ବଡ଼ ଭୂମିକା ରହିଥିଲା। ୧୪ ବର୍ଷ ପରେ ମେସି ଭାରତ ଆସୁଥିବାରୁ ତାଙ୍କୁ ନେଇ ପ୍ରଶଂସକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଥିବା ବେଳେ ଶନିବାର ତାଙ୍କୁ ଦେଖିବାକୁ ଭିଆଇପିମାନଙ୍କ ଭିଡ଼ ଲାଗି ଯାଇଥିଲା। ରାଜନେତା, ପୋଲିସ ଅଧିକାରୀ, ଅନ୍ୟ ଭିଆଇପି ଓ ସେମାନଙ୍କ ସହାୟକ ଏପରି ଭାବେ ମେସିଙ୍କୁ ଘେରି ଯାଇଥିଲେ ଯେ, ୪ ହଜାରରୁ ୨୦ ହଜାର ଟଙ୍କା ଦେଇ ଟିକେଟ କରିଥିବା ପ୍ରଶଂସକଙ୍କୁ ମେସିଙ୍କୁ ଦେଖିବା ସମ୍ଭବ ହୋଇନଥିଲା। ମେସି ଏଭଳି ସ୍ଥିତି ଦେଖି ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ।

ଲୋକେ ମେସିଙ୍କୁ ଦେଖିବାକୁ ପଡ଼ିଆ ଭିତରକୁ ଧସେଇ ପଶିଥିଲେ ଏବଂ ବ୍ୟାପକ ଭଙ୍ଗାରୁଜା କରିଥିଲେ। ଦତ୍ତ ବାରମ୍ବାର ଲୋକଙ୍କୁ ଏପରି ନ କରିବାକୁ ଅନୁରୋଧ କରିଥିଲେ ମଧ୍ୟ ଉତ୍କ୍ଷିପ୍ତ ପ୍ରଶଂସକ କିଛି ଶୁଣିନଥିଲେ। ଫଳରେ ଏକ ବିରାଟ ଆୟୋଜନ ସଂପୂର୍ଣ୍ଣ ଭଣ୍ଡୁର ହୋଇଥିଲା। ବିଜେପି ଏପରି କାର୍ଯ୍ୟକ୍ରମ ପରିଚାଳନାକୁ ନେଇ ତୃଣମୂଳ କଂଗ୍ରେସ ନେତୃତ୍ୱାଧୀନ ସରକାରର କଡ଼ା ସମାଲୋଚନା କରିଛି। ବିଜେପି ନେତା ଅମିତ ମାଲବ୍ୟ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏହି କାର୍ଯ୍ୟକ୍ରମକୁ ସମାଲୋଚନା କରିକହିଥିଲେ, ସାଧାରଣ ପ୍ରଶଂସକଙ୍କୁ ପଛକୁ ଠେଲି ଦେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ କ୍ରୀଡ଼ାମନ୍ତ୍ରୀ ଅରୁପ ବାନାର୍ଜୀଙ୍କ ପରିବାର ଲୋକେ ମେସିଙ୍କୁ ଘେରି ରହିଥିଲେ। ପ୍ରଶଂସକଙ୍କ ଭାବନାକୁ ଅଣଦେଖା କରାଯାଇଥିଲା। ଷ୍ଟାଡିୟମର ଦୃଶ୍ୟ ଅତ୍ୟନ୍ତ ଦୁଃଖଦ ଥିଲା ଏବଂ କୋଲକାତା ସହରର ଛବିକୁ ଏହି କାର୍ଯ୍ୟକ୍ରମ ଖରାପ କରିଛି।

# ସିଡ୍‌ନୀ ହମଲା : ଆତଙ୍କୀକୁ ଧରିଲେ ଅହମ୍ମଦ

## ବଞ୍ଚିଗଲା ଶହ ଶହ ଜୀବନ

ସିଡନୀ: ଧଡ଼ାଧଡ଼ ଫୁଟୁଥିଲା ଗୁଳି। ନରସଂହାର କରୁଥିଲେ ୨ଆତଙ୍କବାଦୀ। ସାମ୍ନାକୁ ଯିଏ ଆସୁଥିଲା ସିଏ ମରୁଥିଲା। ୧୦୦୦ଲୋକଙ୍କ ସମାଗମ ଭିତରେ ମୃତ୍ୟୁର ତାଣ୍ଡବ ରଚୁଥିଲେ ଆତଙ୍କୀ ବାପ-ପୁଅ। ଦେଖୁ ଦେଖୁ ୧୨ଜଣ ଆତଙ୍କବାଦୀଙ୍କ ଗୁଳିରେ ଟଳି ପଡ଼ିଥିଲେ। କ'ଣ ଘଟୁଛି ବୋଲି କିଛି ବୁଝିବା ପୂର୍ବରୁ ଲୋକଙ୍କ ଜୀବନ ଚାଲିଯାଇଥିଲା। ହାତରେ ବଡ଼ ବଡ଼ ରାଇଫଲ ଧରିଥିବା ଆତଙ୍କୀଙ୍କୁ ଧରିବା ଥିଲା କଷ୍ଟ। କେମିତି ସେମାନଙ୍କୁ କାବୁ କରାଯିବ ତାହା ଭାବୁଥିଲେ ଲୋକେ। ଏହି ସମୟରେ ରକ୍ଷକ ସାଜି ପହଞ୍ଚିଥିଲେ ଅହମଦ ଅଲ୍ ଅହମଦ।

ନିଜ ଜୀବନକୁ ଖାତିର୍ ନକରି ସେ ମୃତ୍ୟୁକୁ ଜାବୁଡ଼ି ଧରିଥିଲେ। ଆଉ ବଞ୍ଚିଯାଇଥିଲା ଶହ ଶହ ଲୋକଙ୍କ ଜୀବନ। ଘଟଣାଟି ଅଷ୍ଟ୍ରେଲିଆର। ରବିବାର ସନ୍ଧ୍ୟା ସମୟରେ ଅଷ୍ଟ୍ରେଲିଆର ବଣ୍ଡି ବିଚରେ ଆରମ୍ଭ ହୋଇଥିଲା ରକ୍ତର ଖେଳ। ଇହୁଦୀମାନଙ୍କ ହନୁକ୍କା ଉତ୍ସବରେ ପହଞ୍ଚି ଆଖିବୁଜା ଗୁଳିଚାଳନା କରିଥିଲେ ୨ଆତଙ୍କବାଦୀ। ଉତ୍ସବ ପାଇଁ ପ୍ରାୟ ହଜାର ଲୋକ ଏକତ୍ରିତ ହୋଇଥିବା ବେଳେ କିଏ କୁଆଡେ ଯିବ କେହି ବୁଝିପାରୁନଥିଲେ। କେଇ ସେକେଣ୍ଡ ମଧ୍ୟରେ ଉତ୍ସବ ମୁଖର ବଣ୍ଡି ବିଚ୍



ପାଲଟିଥିଲା ଶ୍ମଶାନ। ଭୟରେ ଚିତ୍କାର କରୁଥିଲେ ଲୋକେ। କାନ୍ଦ ବୋବାଳିରେ ଫାଟି ପଡୁଥିଲା ବଣ୍ଡି ବିଚ୍। ଏହି ସମୟରେ ହଠାତ୍ ଗୁଳି ଫୁଟିବା ବନ୍ଦ ହୋଇଯାଇଥିଲା। ଆଖି ବନ୍ଦ କରି ଡରରେ ବସିପଡ଼ିଥିବା ଲୋକେ ଆଖି ଖୋଲିବା ବେଳକୁ ଅହମଦ ଅଲ୍ ଅହମଦ ଆତଙ୍କବାଦୀ ହାତରୁ ବନ୍ଧୁକ ଛଡ଼ାଇ ଆଣିଥିବା ଦେଖିଥିଲେ, ଯାହାର ଭିଡିଓ ଏବେ ଖୁବ ଭାଇରାଲ ହେଉଛି।

ଭାଇରାଲ ଭିଡିଓରେ ଦେଖାଯାଇଛି ଯେ, ଅହମଦ ଅଲ୍ ଅହମଦ ଆତଙ୍କବାଦୀର ପଛପଟୁ ଯାଇ ତାକୁ ଜାବୁଡ଼ି ଧରୁଛନ୍ତି। ଦୁହିଁଙ୍କ ମଧ୍ୟରେ କିଛି ସମୟ ଧସ୍ତାଧସ୍ତି ଚାଲିବା ପରେ ଅହମଦ ଆତଙ୍କବାଦୀ ହାତରୁ ରାଇଫଲ ଛଡ଼ାଇ ଆଣୁଛନ୍ତି। ଏହା ପରେ ଆତଙ୍କବାଦୀଜଣଙ୍କ ପଡ଼ି ଉଠି ସେଠାରୁ ଖସିଯିବାକୁ ଚେଷ୍ଟା କରୁଛି। ଅହମଦଙ୍କ ଏହି ସାହସିକତା ପାଇଁ ଆଜି ଅନେକଙ୍କ ଜୀବନ ବଞ୍ଚିପାରିଛି। ଭିଡିଓ ଭାଇରାଲ ହେବା ପରେ ତାଙ୍କ ସାହସକୁ ସଲାମ କରୁଛି ସାରା ବିଶ୍ୱ।

# ଦିଲ୍ଲୀରେ ଲିଓନେଲ୍ ମେସି

## ଷ୍ଟାଡ଼ିୟମରେ ଭରପୂର ଫ୍ୟାନ

ନୂଆଦିଲ୍ଲୀ: କୋଲକାତା, ହାଇଦ୍ରାବାଦ, ମୁମ୍ବାଇ ପରେ ଆଜି ଦିଲ୍ଲୀରେ ପହଞ୍ଚିଛନ୍ତି ଆର୍ଜେଣ୍ଟିନାର କିମ୍ବଦନ୍ତୀ ଫୁଟବଲ୍ ଖେଳାଳି ଲିଓନେଲ୍ ମେସି। ଆଜି ତାଙ୍କର "ଗୋଟ ଟୁର ଇଣ୍ଡିଆ ୨୦୨୫"ର ଶେଷ ପର୍ଯ୍ୟାୟ ପାଇଁ ସେ ଦିଲ୍ଲୀ ଯାଇଛନ୍ତି।

ଖରାପ ପାଗ ଯୋଗୁଁ ମୁମ୍ବାଇରୁ ତାଙ୍କର ବିମାନ ଦିଲ୍ଲୀରେ ପହଞ୍ଚିବାକୁ ବିଳମ୍ବ ହୋଇଥିଲା। ସକାଳ ୧୦ଟା ୪୫ରେ ଦିଲ୍ଲୀରେ ପହଞ୍ଚିବାର କାର୍ଯ୍ୟକ୍ରମ ଥିଲା।କିନ୍ତୁ କୁହୁଡ଼ି ଯୋଗୁଁ ତାଙ୍କର ଚାର୍ଟର୍ଡ ବିମାନ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅପରାହ୍ନ ୨ଟା ୩୦ରେ ପହଞ୍ଚିବା ପରେ, ସେ ସିଧା ଲୀଲା ପ୍ୟାଲେସ୍ ହୋଟେଲକୁ ଯାଇଥିଲେ। ସେଠାରେ କିଛି ବଛା ବଛା ବ୍ୟକ୍ତିଙ୍କୁ ଭେଟିବା ପାଇଁ ପ୍ରାୟ ଏକ ଘଣ୍ଟା ସମୟ ବିତାଇବା ପରେ କିଛି ସମୟ ମଧ୍ୟରେ



ସେ ଫିରୋଜ ଶାହ କୋଟଲା ଷ୍ଟାଡିୟମରେ ଏକ କାର୍ଯ୍ୟକ୍ରମରେ ଯୋଗଦେବେ, ଯାହାର ଟିକେଟ୍ ବିକ୍ରି ହୋଇସାରିଛି। ସେ ମିଆମି ଫେରିବା ପାଇଁ ବିମାନବନ୍ଦରକୁ ଯିବା ପୂର୍ବରୁ ପୁରୁଣା କିଲାରେ ଏକ ଫଟୋ ସୁଟରେ ମଧ୍ୟ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି।

ତେବେ ମେସିଙ୍କୁ ଅପେକ୍ଷା କରି ହଜାର ହଜାର ପ୍ରଶଂସକ ତାଙ୍କୁ ଫିରୋଜ ଶାହ କୋଟଲା ଷ୍ଟାଡିୟମରେ ଅପେକ୍ଷା କରି ରହିଛନ୍ତି।

ଫୁଟବଲ୍ ସୁପରଷ୍ଟାରଙ୍କୁ ଦେଖିବା ପାଇଁ ପ୍ରଶଂସକଙ୍କ ମନରେ ଥିବା ଉତ୍ସାହ ସ୍ପଷ୍ଟ ବାରି ହୋଇପଡୁଛି। ଲୋକଙ୍କ ଗହଳିରେ ଷ୍ଟାଡ଼ିୟମ ଫାଟି ପଡୁଛି।

### ମୁମ୍ବାଇରେ ସଫଳତାର ମନ୍ତ୍ର ବାଣ୍ଟିଥିଲେ ମେସି

ରବିବାର ମୁମ୍ବାଇରେ ମାଷ୍ଟର୍ ବ୍ଲାଷ୍ଟର୍ ସଚିନ ତେନ୍ଦୁଲକର, ଆଇଏସ୍ଏଲ୍ ଦଳ ବେଙ୍ଗାଲୁରୁ ଏଫ୍ସି ଏବଂ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଦିଲ୍ଲୀ କ୍ୟାପିଟାଲ୍ସର ଅନ୍ୟତମ ମାଲିକ ପାର୍ଥ ଜିନ୍ଦଲଙ୍କ ଭଳି ମାନ୍ୟଗଣ୍ୟଙ୍କୁ ଭେଟିଥିଲେ ମେସି। ଭାରତର କିଛି ପ୍ରତିଭାବାନ ତଥା ଉଦୀୟମାନ ଫୁଟ୍ବଲ୍ ତାରକାଙ୍କୁ ସଫଳତାର ମନ୍ତ୍ର ବି ବାଣ୍ଟିଥିଲେ। ରବିବାର ପୁରା ମୁମ୍ବାଇକୁ ଯେମିତି ମେସି ମାନିଆ ଗ୍ରାସିଥିଲା। ସହର ସାରା ମେସିଙ୍କ ବଡ଼ ବଡ଼ ପୋଷ୍ଟର୍ ଦେଖିବାକୁ ମିଳିଥିଲା। ୱାଙ୍ଖେଡ଼େ ଷ୍ଟାଡିୟମ୍ରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଚିନ ତାଙ୍କୁ ନିଜ ଦସ୍ତଖତ ସମ୍ବଳିତ ଜର୍ସି ଉପହାର ସ୍ୱରୂପ ଦେଇଥିଲେ। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ, ବଲିଉଡ୍ ଅଭିନେତା ଅଜୟ ଦେବଗନ, ଟାଇଗର ଶ୍ରଫ୍ଙ୍କ ସହ ହଜାର ହଜାର ଫୁଟ୍ବଲ୍ପ୍ରେମୀ ମେସିଙ୍କୁ ପ୍ରତ୍ୟକ୍ଷରେ ଦେଖିବାର ସୁଯୋଗ ପାଇଥିଲେ। ତେବେ ସବୁଠୁ ମୂଲ୍ୟବାନ ଉପହାର ସମ୍ଭବତଃ ଭାରତୀୟ ଫୁଟ୍ବଲ୍ ଦଳର ପୂର୍ବତନ ଅଧିନାୟକ ସୁନୀଲ ଛେତ୍ରୀ ପାଇଥିଲେ।

# ବନତାରା ଯିବେ ଫୁଟବଲ ତାରକା

ମୁମ୍ବାଇ : ଫୁଟବଲ ତାରକା ଲିଓନେଲ୍ ମେସି ଜାମନଗରର ବନ୍ୟପ୍ରାଣୀ ଉଦ୍ଧାର କେନ୍ଦ୍ର ବନତାରାରେ ଗୋଟିଏ ରାତି ରହଣି ପାଇଁ ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି। ସେଠାରେ ଅନନ୍ତ ଅମ୍ବାନୀ ଗୋଟ ଇଣ୍ଡିଆ ଟୁରର ଅଂଶ ଭାବରେ ଫୁଟବଲ୍ ତାରକାଙ୍କୁ ଆତିଥ୍ୟ ଦେବେ।

ଲିଓନେଲ୍ ମେସିଙ୍କ ଗୋଟ୍ ଇଣ୍ଡିଆ ଟୁର୍ ପରବର୍ତ୍ତୀ ସମୟରେ ଏକ ଅନନ୍ୟ ଏବଂ ନୀରବ ପରିବେଶକୁ ସ୍ଥାନାନ୍ତରିତ ହେବାକୁ ଯାଉଛି। ଆର୍ଜେଣ୍ଟିନା ତାରକା ଜାମନଗରର ବନ୍ୟପ୍ରାଣୀ ଉଦ୍ଧାର ଏବଂ ସଂରକ୍ଷଣ କେନ୍ଦ୍ର ଭାନ୍ତରା ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପରିକଳ୍ପିତ ବନତାରା, ରିଲାଏନ୍ସର ଜାମନଗର ରିଫାଇନାରୀ କମ୍ପ୍ଲେକ୍ସ ମଧ୍ୟରେ ପ୍ରାୟ ୩୦୦୦ ଏକର ଜମିରେ ବ୍ୟାପିଛି ଏବଂ ଏହାକୁ ବିଶ୍ୱର ସର୍ବବୃହତ ପଶୁ ଉଦ୍ଧାର ଏବଂ ପୁନର୍ବାସ ପ୍ରକଳ୍ପ ମଧ୍ୟରୁ ଗୋଟିଏ ଭାବରେ ବିବେଚନା କରାଯାଏ। ଏହି କେନ୍ଦ୍ରରେ ୨୦୦ ରୁ ଅଧିକ ହାତୀ, ୩୦୦ ରୁ ଅଧିକ ବଡ଼ ବିଲେଇ - ସିଂହ, ବାଘ, ଚିତାବାଘ ଏବଂ ଜାଗୁଆର ସମେତ ଶହ ଶହ ହରିଣ ଏବଂ ମୃଗ ରହିଛନ୍ତି।ଇଣ୍ଟର ମିଆମି ସାଥୀ ଖେଳାଳି ଲୁଇସ୍ ସୁରେଜ୍ ଏବଂ ରୋଡ୍ରିଗୋ ଡି ପାଉଲଙ୍କ ସହ




ମେସି ପ୍ରଶଂସକଙ୍କ ସହ ଆଲୋଚନା କରିଥିଲେ। ଫୁଟବଲ୍ ଷ୍ଟାଣ୍ଡକୁ କିକ୍ କରିଥିଲେ ଏବଂ ପ୍ରାୟ ୨୫,୦୦୦ ଦର୍ଶକଙ୍କ ଉପସ୍ଥିତିରେ ଏକ ସ୍ଥାନରେ ପରିବେଶରେ ଭିଜି ଯାଇଥିଲେ। ସେ ଏହି କାର୍ଯ୍ୟକ୍ରମ ସମୟରେ ମିନର୍ଭା ଏକାଡେମୀ ଫୁଟବଲ୍ ଦଳ ମଧ୍ୟ ସମ୍ମାନିତ କରିଥିଲେ। ସ୍ପାନିସ୍ ଭାଷାରେ ସଂକ୍ଷିପ୍ତ ଭାବରେ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ମେସି ଦିଲ୍ଲୀକୁ ଉଷ୍ମ ସ୍ୱାଗତ ପାଇଁ ଧନ୍ୟବାଦ ଦେଇଥିଲେ। ଆର୍ଜେଣ୍ଟିନାର ପ୍ରତୀକାତ୍ମକ ନୀଳ-ଧଳା ନମ୍ବର ୧୦ ଜର୍ସି ପିନ୍ଧିଥିବା ପ୍ରଶଂସକମାନେ ଜୋରଦାର ପ୍ରଶଂସା କରିଥିଲେ।

## ଜାନକୀ ପାଢ଼ୀମେମୋରିଆଲ୍ ଫୁଟବଲ, ବାଇଗୁଣିଆ ବିଜୟୀ

ବୋଲଗଡ଼, ୧୫/୧୨(ସବ୍ୟୁ) : ବୋଲଗଡ଼ ସଦରମହକୁମାରେ ଚାଲିଥିବା ଜାନକୀ ପାଢ଼ୀମେମୋରିଆଲ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜିର ମ୍ୟାଚରେ ନୟାଗଡ଼ ଜିଲ୍ଲାର ବାଇଗୁଣିଆ ୟୁଥ୍ ସ୍ପୋର୍ଟସ କ୍ଲବ ଓ ଜଟଣୀକ୍ଲବ୍‌ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ତୀବ୍ର ପ୍ରତିଦ୍ୱନ୍ଦିତା ମଧ୍ୟରେ ଏହି ମ୍ୟାଚରେ ବାଇ ଗୁଣିଆ ଦଳ ୨-୧ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ଉତୀର୍ଣ୍ଣ ହୋଇଛି। ଖେଳର ପ୍ରଥମାର୍ଦ୍ଧରେ ବାଇଗୁଣିଆ ଦଳ ୨-୦ରେ ଆଗୁଆ



ଥିଲାବେଳେ ଦ୍ୱିତୀୟାର୍ଦ୍ଧରେ ଜଟଣୀ ଦଳ ଗୋଟିଏ ଗୋଲ ପରିଶୋଧ କରିବାକୁ ସକ୍ଷମ ହୋଇଥିଲା । ଆଜିର ଖେଳକୁ ପରିଚାଳନା କରିଥିଲେ,ସୁସାନ୍ତ କୁମାର ମିଶ୍ର,ଲାଇନରେ ସହାୟତା କରିଥିଲେ ମିର୍ଜା ଅଲ୍ଲି ବେଗ୍ ଓ ଲକ୍ଷ୍ମୀଧରଚୌଧୁରୀ, । ଆଜିର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ବାମନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୀତବାସଲେଙ୍କା ଓ କ୍ରୀଡ଼ାଶିକ୍ଷକ ଅଭିଳାସ କୁମାର ମହାନ୍ତି। ସ୍ଥାନୀୟ ଫ୍ରେଣ୍ଡସ କ୍ଲବ ସହଯୋଗରେ ବାମନଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ ଏହା ୭ଦିନ ଧରି ଚାଲିବ। ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟ ବୋଲଗଡ଼ ମହୋତ୍ସବର ଅଂଶବିଶେଷ ଅଟେ। ଗତ ୨୪ ବର୍ଷ ଧରି ଏହା ଅନୁଷ୍ଠିତ ହେଉଛି।

# ଧର୍ମଶାଳା ବିଜୟ : ଶ୍ରେୟ ନେଲେ ବୋଲର

ଧର୍ମଶାଳା : ଧର୍ମଶାଳାରେ ବୋଲରମାନେ ଭାରତକୁ ଧମାକାଦାର ବିଜୟ ଉପହାର ଦେଇଛନ୍ତି। ଶାଣିତ ବୋଲିଂ କରି ସେମାନେ ଦକ୍ଷିଣ ଆଫ୍ରିକାକୁ ମାତ୍ର ୧୧୭ ରନ୍‌ରେ ଅଟକାଇବା ପରେ ଦୁଇ ଯୁବ ଓପନର୍ ଅଭିଷେକ ଶର୍ମା ଓ ଶୁଭମନ୍ ଗିଲ୍ ପ୍ରଥମ ୱିକେଟରେ ୬୦ ରନ୍ (୫.୨ ଓଭର) ଯୋଡ଼ି ଭାରତ ବିଜୟକୁ ସହଜ କରିଥିଲେ। ଉଭୟ ଫର୍ମକୁ ଫେରିବାର ସଙ୍କେତ ଦେବା ପରେ ଟିମ୍ ଇଣ୍ଡିଆ ୧୫.୫ ଓଭରରେ ମାତ୍ର ୩ ୱିକେଟ୍ ହରାଇ ୧୧୮ ରନରେ ଲକ୍ଷ୍ୟ ହାସଲ କରି ନେଇଥିଲା। ତିଳକ ବର୍ମା ଓ ଶିବମ୍ ଦୁବେ ବିଜୟ ମୁଣ୍ଡି ମାରିଥିଲେ ମଧ୍ୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସଂଘର୍ଷ ପୂର୍ବବତ୍ ଜାରି ରହିଥିଲା। ବିଜୟ ସହ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ୨-୧ରେ ଆଗୁଆ ହୋଇଛି। ଲକ୍ଷ୍ନୌରେ ବୁଧବାର ଚତୁର୍ଥ ଟ୍ୱେଣ୍ଟି-୨୦ ଖେଳାଯିବ।

ଅଧିନାୟକ ସୂର୍ଯ୍ୟକୁମାର



ଯାଦବ ଟସ୍ ଜିତି ଦକ୍ଷିଣ ଆଫ୍ରିକାକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିବା ପରଠାରୁ ହିଁ ଭାରତୀୟ ବୋଲର ନିଜ ଯାଦୁ ଦେଖାଇଥିଲେ। ଦୁଇ ଯୁବ ଦ୍ରୁତ ବୋଲର ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ନିଜ ସିମ୍ ଓ ସୁଇଂରେ ପ୍ରତିପକ୍ଷ ବ୍ୟାଟରଙ୍କୁ ପୂରା ଘାଇଲା କରିଥିଲେ। ପ୍ରଥମ ସ୍ପେଲରେ ପ୍ରତିପକ୍ଷ ଦଳର ଶୀର୍ଷ ୪ ବ୍ୟାଟର୍ଙ୍କୁ ୩୦ ରନ୍ ଭିତରେ ପ୍ୟାଭିଲିୟନ ଫେରାଇ ଦେଇଥିଲେ। ଫଳରେ ଦକ୍ଷିଣ ଆଫ୍ରିକାର ମେରୁଦଣ୍ଡ ପ୍ରଥମ ୭ ଓଭର ଭିତରେ ହିଁ ଭାଙ୍ଗି ଯାଇଥିଲା। ଐଡେନ ମାର୍କରାମଙ୍କ ଲଢୁଆ ଅର୍ଦ୍ଧଶତକ ସତ୍ତ୍ୱେ ୧୦ ଓଭର ଭିତରେ ଅଧା ଦଳକୁ ହରାଇବାର ଝଟକାରୁ ବାହାରିବାର କୌଣସି ସୁଯୋଗ ଦକ୍ଷିଣ ଆଫ୍ରିକା ସୃଷ୍ଟି କରିପାରିନଥିଲା। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ଦୁଇ ସ୍ପିନର୍ ବରୁଣ ଚକ୍ରବର୍ତ୍ତୀ ଓ କୁଲଦୀପ ଯାଦବ ଚମତ୍କାର ଢଙ୍ଗରେ ଦକ୍ଷିଣ ଆଫ୍ରିକା ବ୍ୟାଟରଙ୍କୁ ବାନ୍ଧି ରଖିଥିଲେ। କୁଲଦୀପ ବିଳମ୍ବରେ ଦୁଇଟି ୱିକେଟ୍ କରାୟତ୍ତ କରିଥିଲେ। ପାଣ୍ଡ୍ୟା କିନ୍ତୁ ବିପଜ୍ଜନକ ଟ୍ରିଷ୍ଟନ ଷ୍ଟବ୍ସଙ୍କୁ ଆଉଟ୍ କରି ଟ୍ୱେଣ୍ଟି-୨୦ରେ ୧,୦୦୦ ରନ୍ ଏବଂ ୧୦୦ ୱିକେଟ୍ ନେବାର ମାଇଲଖୁଣ୍ଟ ଛୁଇଁଥିଲେ। ବରୁଣ ବି ଡୋନୋଭାନ ଫେରେରା ଓ ମାର୍କୋ ୟାନ୍ସେନଙ୍କୁ ବୋଲ୍ଡ କରି ନିଜ ବିସ୍ମୟ ବୋଲର ଉପାଧିର ଯଥାର୍ଥ ସମ୍ମାନ ରଖିଥିଲେ।

## ଭାରତକୁ ପ୍ରଥମ ଥର ସ୍କ୍ୱାସ୍ ବିଶ୍ୱକପ୍

ଚେନ୍ନାଇ : ଭାରତୀୟ ସ୍କ୍ୱାସ୍ ଇତିହାସରେ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ପ୍ରଥମ ଥର ପାଇଁ ଭାରତୀୟ ଦଳ ସ୍କ୍ୱାସ୍ ବିଶ୍ୱକପ୍ ଜିତି ଐତିହାସିକ ସଫଳତା ପାଇଛି। ଭାରତ ଫାଇନାଲରେ ହଂକଂ ଚୀନକୁ ହରାଇ ଏହି ଗୌରବ ଅର୍ଜନ କରିଛି। ଚେନ୍ନାଇରେ ଖେଳାଥିବା ଏହି ପ୍ରତିଯୋଗିତାରେ ଭାରତ ସେମିଫାଇନାଲରେ ଦୁଇ ଥର ବିଜେତା ଇଜିପ୍ଟକୁ ୩-୦ରେ ହରାଇଥିଲା। ଅନ୍ୟ ସେମିଫାଇନାଲରେ ହଂକଂ ଚୀନ୍ ଅନ୍ୟତମ ଏସୀୟ ଦେଶ ଜାପାନକୁ ପରାସ୍ତ କରିଥିଲା। ଫାଇନାଲରେ ବିଶ୍ୱର ପୂର୍ବତନ ୧୦ ନମ୍ବର ଭାରତୀୟ ଖେଳାଳି ଜ୍ୟୋସ୍ନା ଚିନ୍ନାପ୍ପା ପ୍ରତିପକ୍ଷ କା ୟି ଲିଙ୍କୁ ୭-୩, ୨-୭, ୭-୫, ୭-୧ରେ ପରାସ୍ତ କରିବା ପରେ ଅଭୟ ସିଂହ ମାତ୍ର ୧୯ ମିନିଟ୍‌ରେ ଆଲେକ୍ସ ଲିଯୁଙ୍କୁ ୭-୧, ୭-୪, ୭-୪ରେ ହରାଇଦେଇଥିଲେ।

ଏହା ପରେ ୧୭ ବର୍ଷୀୟା ଅନାହତ ସିଂହ ମଧ୍ୟ ୩ ଗେମରେ (୭-୨, ୭-୨, ୭-୫) ତୋମାତୋ ହୋଙ୍କୁ ମାତ୍ ଦେଇଥିଲେ। ଏଥି ସହିତ ଅଷ୍ଟ୍ରେଲିଆ, ଇଜିପ୍ଟ, ଇଂଲଣ୍ଡ ଓ ପାକିସ୍ତାନ ପରେ ଭାରତ ବିଶ୍ୱର ପଞ୍ଚମ ରାଷ୍ଟ୍ର ଭାବେ ବିଶ୍ୱ ଦଳଗତ ପ୍ରତିଯୋଗିତା ଜିତିଛି। ପୂର୍ବରୁ ଭାରତ ଗ୍ରୁପ୍ ପର୍ଯ୍ୟାୟରେ ସ୍ୱିଜରଲାଣ୍ଡ ଓ ବ୍ରାଜିଲକୁ ହରାଇବା ପରେ କ୍ୱାର୍ଟରଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୩-୦ରେ ମାତ୍ ଦେଇଥିଲା। ସ୍କ୍ୱାସ୍ ବିଶ୍ୱକପ୍ ଇତିହାସରେ ଭାରତର ପୂର୍ବ ଶ୍ରେଷ୍ଠ ପ୍ରଦର୍ଶନ ୨୦୨୩ରେ ଆସିଥିଲା। ସେହି ଚେନ୍ନାଇରେ ଅନୁଷ୍ଠିତ ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାର ସେମିଫାଇନାଲରେ ମାଲେସିଆଠାରୁ ହାରି କାଂସ୍ୟରେ ସନ୍ତୁଷ୍ଟ ହୋଇଥିଲା ଭାରତ। ରବିବାରର ବିଜୟ ପରେ ଜ୍ୟୋସ୍ନା ଏହାକୁ 'ବଡ଼ ଉପଲବ୍ଧି ଓ ସ୍ୱତନ୍ତ୍ର' ଦର୍ଶାଇଥିବାବେଳେ ଅଭୟ କହିଛନ୍ତି 'ଅବିଶ୍ୱସନୀୟ'।

# ଗଣ୍ଡରପୁର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ବାରଙ୍ଗ, ୧୫/୧୨(ସବ୍ୟୁ) : ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଆରମ୍ଭ ହୋଇଥିବା ୨୨ତମ ସର୍ବ ଭାରତୀୟ ଗଣ୍ଡରପୁର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ସୋମବାର ଥିଲା ଦ୍ୱିତୀୟଦିବସ। ଦ୍ୱିତୀୟ ଦିବସର ଟୁର୍ଣ୍ଣାମେଣ୍ଟକୁ ବିଶିଷ୍ଟ ସମାଜସେବୀ ବିନୋଦ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ବିକାଶ ଅଗ୍ରୱାଲ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।



ଗ୍ରାମାଞ୍ଚଳ ବିଭାଗର ବି ଡିଭିଜନର ପ୍ରଥମମ୍ୟାଚ ସାଇଁଶୋ ଫୁଟବଲ କ୍ଲବ ଓ ଅଡଶପୁରର ଜୟଦେବ କ୍ଲବ ମଧ୍ୟରେ ହୋଇଥିଲା ।ଏଥିରେ ସାଇଁଶୋ ଫୁଟବଲ କ୍ଲବ ୫-୪ ଟ୍ରାଇବ୍ରେକରରେ ଜୟଦେବ କ୍ଲବକୁ ପରାସ୍ତ କରି ଥିଲା ।ସେହିଭଳି ଗ୍ରାମାଞ୍ଚଳର ଦ୍ୱିତୀୟ ମ୍ୟାଚ ଉତ୍ତମପୁର ଫୁଟବଲ କ୍ଲବ ଓ ନରିଶୋ କଣ୍ଟାପଡ଼ା ମଧ୍ୟରେ ହୋଇଥିଲା ।ଏଥିରେ ଉତ୍ତମପୁର ୬-୫ ଟ୍ରାଇବ୍ରେକରରେ କଣ୍ଟାପଡାକୁ ପରାସ୍ତ କରି କ୍ୱାଟର ଫାଇନାଲ ପହଞ୍ଚିଛି । ସେହିପରି ଗ୍ରାମାଞ୍ଚଳ ବିଭାଗର ଏ ଡିଭିଜନର ପ୍ରଥମ୍ ମ୍ୟାଚ ଗୋଠପୁରର ମଙ୍ଗଳା କ୍ଲବ୫-୪ ଟ୍ରାଇବ୍ରେକରରେ ଇଉନିଭରସାଲ କ୍ଲବ କୁରଙ୍ଗକୁ ପରାସ୍ତ କରି କ୍ୱାଟରଫାଇନାଲକୁ ପ୍ରବେଶ କରିଥିଲା ।ଦଳପକ୍ଷରୁ ଖେଳାଳି ଅଜିତ ରାଉତଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।ଦ୍ୱିତୀୟମ୍ୟାଚ ସ୍ୱର୍ଣ୍ଣଦେବୀ କ୍ଲବ ବାଉଳକୁଦ ୪-୦ ଗୋଲରେ କୁଜିମହଲକୁ ପରାସ୍ତ କରି କ୍ୱାଟର ଫାଇନାଲକୁ ପ୍ରବେଶ କରିଥିଲା। ଦଳପକ୍ଷରୁ ଦୀନବନ୍ଧୁ ଦାସଙ୍କୁ ମ୍ୟାନଅଫଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସେହିପରି ସହରାଞ୍ଚଳ ବିଭାଗ ତରଫରୁ ଓଡ଼ିଶା ପୋଲିସ ଦଳ ସହ ସନରାଇଜ କ୍ଲବ୍ ମଧ୍ୟରେ ଖେଳ ହୋଇଥିଲା । ଓଡ଼ିଶା ପୋଲିସ ଦଳ ପକ୍ଷରୁ ଖେଳ ର ୨୫ ମିନିଟ୍ ରେ ଜର୍ସି ନମ୍ବର ୯ ଗୁରୁସେନ୍ ଟୁଡୁ ଏକ ଗୋଲ ଦେଇଥିବା ବେଳେ ଦିତୀୟର୍ଦ୍ଧରେ ୭୪ ତମ ମିନିଟ୍ ରେ ସନରାଇଜ କ୍ଲବ୍ ପକ୍ଷରୁ ଜର୍ସି ନମ୍ବର ୧୦ ବିଷ୍ଣୁ ପ୍ରଧାନ ଏକ ଗୋଲ ଦେଇ ଖେଳକୁ ସମାନ ସ୍ତରକୁ ଆଣିଥିଲେ । ଫଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ ଦେଇ ପାରି ନଥିଲେ । ଟ୍ରାଇବ୍ରେକର ଜରିଆରେ ଓଡ଼ିଶା ପୋଲିସ ୮- ୭ ଗୋଲରେ ସନରାଇଜ କ୍ଲବ୍ କୁ ପରାସ୍ତ କରି ସେମି ଫାଇନାଲ ରେ ପହଞ୍ଚିଛନ୍ତି । ୟୁନାଇଟେଡ ୟୁଥ୍ ସ୍ପୋର୍ଟସ କ୍ଲବର ସଦସ୍ୟମାନେ ଏହାକୁ ପରିଚାଳନା କରିଥିଲେ

### ଆଇଟିଆଇ ଫେଷ୍ଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

## ବାଲକାଟି ଅରଟେକ ଆଇଟିଆଇ ଚମ୍ପିଅନ

ବାଲକାଟି,୧୫।୧୨ (ସବ୍ୟୁ) : ଭୁବନେଶ୍ୱର ଷ୍ଟେଟ ପ୍ରାଇଭେଟ ଆଇଟିଆଇ ଆନୁକୂଲ୍ୟରେ ତମାଣ୍ଡୋ ଖେଳପଡିଆରେ ୩ ଦିନ ଧରି ଚାଲିଥିବା ଆଇଟିଆଇ ଫେଷ୍ଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ -୨୦୨୫ ରବିବାର ଉଦଯାପିତ ହୋଇଯାଇଛି । ଏଥିରେ ମୋଟ ୧୬ ଟି ଆଇଟିଆଇ ଛାତ୍ର(ଦଳ)ଙ୍କ ମଧ୍ୟରେ କ୍ରିକେଟ ଖେଳା ଯାଇଥିଲା। ଫାଇନାଲରେ ବାଲକାଟି ଓ ସୁନ୍ଦରପଦା ଆଇଟିଆଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଥମେ ବାଲକାଟି ଅରଟେକ ଆଇଟିଆଇ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ମୁକେଶ ସାମନ୍ତରାୟଙ୍କ ୫୪ ଓ ଅରବିନ୍ଦ ବାରିକଙ୍କ ୩୦ ଧୂଆଁଧାର ବ୍ୟାଟିଂ ବଳରେ ୧୪୪ ରନ କରିଥିଲା । ଜବାବରେ ସୁନ୍ଦରପଦା ଆଇଟିଆଇ ସମସ୍ତ ଓଭର ଖେଳି ମାତ୍ର ୮୯ ରନ କରିଥିଲା । ବାଲକାଟି ଅରଟେକ ଆଇଟିଆଇ ଏହି ମ୍ୟାଚକୁ ୫୫ ରନରେ ଜିତି ଚମ୍ପିୟାନ ହୋଇଥିଲା । ଏଥିରେ ବାଲକାଟି ଅରଟେକ ଆଇଟିଆଇର ବିଶ୍ୱଜିତ ସେଠି ୪ ୱିକେଟ ନେଇଥିଲେ । ଏଥିରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ଅଭିଷେକ ଦାଶ ଏବଂ ଜିତେନ୍ଦ୍ର ବେଉରିଆଙ୍କ ଧୂଆଁଧାର ବ୍ୟାଟିଂ ବଳରେ ୮୩ ରନ କରିଥିଲେ । ଜବାବରେ ସ୍ୱିଟିଆ ଏକାଦଶ ମୋଟ ୭୦ ରନ କରିଥିଲେ । ମେ ଏକାଦଶ ଏହି ମ୍ୟାଚଟିକୁ ଜିତି ନେଇଥିଲା । ମେ ଏକାଦଶରେ ବାଲିଅନ୍ତା, ବାଲକାଟି, ବାଲିପାଟଣା, ଧଉଳି ଅଞ୍ଚଳର ସାମ୍ବାଦିକ ମାନେ ଖେଳିଥିଲେ । ଆଇଟିଆଇ ଫେଷ୍ଟର ଅଧ୍ୟକ୍ଷ ସିଦ୍ଧେଶର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ଏହି ଉଦଯାପନୀ ଉତ୍ସବରେ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଡ଼. ଅରବିନ୍ଦ ଢ଼ାଲି, ତେଲେଙ୍ଗାନା ପ୍ରାଇଭେଟ ଆଇଟିଆଇ ସଂଘର ସାଧାରଣ ସମ୍ପାଦକ ତୋହଡା ଗଣେଶ, ଡିଟିଇଟି(କଟକ)ର ଯୁଗ୍ମ ନିର୍ଦ୍ଦେଶକ ବିଷ୍ଣୁ ଚରଣ ସାହୁ, ବରିଷ୍ଠ ଶିକ୍ଷାବିତ ତଥା ରାଜଧାନୀ ପୁସ୍ତକମେଳାର ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ, ସ୍ୱିଟିଆର ସଭାପତି ଅରୁଣ କୁମାର ନାୟକ ଯୋଗଦେଇ ବିଜୟୀ ବାଲକାଟି ଅରଟେକ ଆଇଟିଆଇ ଏବଂ ମେ ଏକାଦଶକୁ ବିଜୟୀ ଟ୍ରଫି ପ୍ରଦାନ କରିଥିଲେ । ଶେଷରେ ଅରଟେକ ଆଇଟିଆଇ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଅନଗୁଳ କ୍ରିକେଟ କ୍ଲବକୁ ପରାସ୍ତ କରି କେନ୍ଦୁଝର ୟୁନିକ କ୍ଲବ ସେମିରେ

ପାଲଲହଡା,୧୫/୧୨(ସବ୍ୟୁ) : ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପାଲଲହଡା ଷ୍ଟାଡିଅମରେ ପାଲଲହଡା କପ କ୍ରିକେଟ ଟୁର୍ନାମେଣ୍ଟ ୨୦୨୫ଆଜିଠାରୁ ଆରମ୍ଭ ହୋଇଯାଇଛି !ଦୀର୍ଘ ପଚିଶ ବର୍ଷ ହେଲା ଅନବରତ ଭାବେ ପାଲଲହଡା କବସ କ୍ଲବ ଦ୍ୱାରା ଆୟୋଜିତ ରୋପ୍ୟ ଜୟନ୍ତୀ ପାଳନ ଅବସରରେ ଆଜି ପାଲଲହଡା ଷ୍ଟାଡିୟମ ରେ ଅନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଅଛି । ଆଜିର ଏହି ଉଦଘାଟନୀ ମ୍ୟାଚ କ୍ଲବର ସଭାପତି ସନ୍ତୋଷ କୁମାର ଗଡ଼ନାୟକଙ୍କ ଅଧ୍ୟକ୍ଷତାରେ ବିଶିଷ୍ଟ ଯୁବ ଶିଳ୍ପ ଉଦଯୋଗୀ ତଥା ବରିଷ୍ଠ ବିଜେପି ନେତା ଇଂ ଭରତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଆଦଘାଟନ କରିଥିଲେ । ଆଜିର ଉଦଘାଟନୀ ମ୍ୟାଚ ଅନୁଗୁଳ କ୍ରିକେଟ କ୍ଲବ ଓ କେନ୍ଦୁଝର ୟୁନିକ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେଇଥିଲା । କେନ୍ଦୁଝର କ୍ଲବ ପ୍ରଥମେ ଟସ ଜିଣି ଅନଗୁଳ ଦଳକୁ ବ୍ୟାଟିଂ କରିବା ପାଇଁ ଆମନ୍ତ୍ରଣ କରିଥିଲା। ଅନଗୁଳ କ୍ଲବ ୨୧ ଓଭର ରେ ସମସ୍ତ ଉଇକେଟ ହରେଇ ୧୨୪ ରନ ସଂଗ୍ରହ କରିଥିଲା ତାର ଜବାବରେ କେନ୍ଦୁଝର ଦଳ ୩ ଉଇକେଟ ହରେଇ ୧୨୭ ରନ କରି ବିଜୟୀ ହେଇଥିଲେ । ପୁଲ ଏ ର ପ୍ରଥମ ଦଳ ଭାବେ କେନ୍ଦୁଝର ସେମିଫାଇନାଲରେ ପ୍ରବେଶ କରିଛି । ଆଜିର ଖେଳକୁ ଅଂପେୟାର ଭାବେ ପରିଚାଳନା କରିଥିଲେ ଅଭିଷେକ ସାହୁ ଓ କରୁଣା କର ଜେନା । ସ୍କୋରର ଭାବେ ଭୂପେନ କୁମାର ନାଏକ, ଶିବ ପ୍ରସାଦ ସାମଲ, ଶୋଭାଶିଷ ଜିତ ଦାୟିତ୍ୱ ତୁଲାଇ ଥିବାବେଳେ ଅଭୟ କୁମାର ନାଏକ ଓ ସଞ୍ଜୟ କୁମାର ସାହୁ ଧାରା ବିବରଣୀ କରିଥିଲେ !ଆଜି ଖେଳରେ ଉତ୍ତମ ଖେଳ ପ୍ରଦର୍ଶନ କରି ମ୍ୟାନ ଅଫ ଦି ମ୍ୟାଚ ଭାବେ କେନ୍ଦୁଝରର ତାପସ କୁମାର ରାଉତଙ୍କୁ ପୁରସ୍କୃତ କରାଯାଇଥିଲା । ଖେଳ ପ୍ରାରମ୍ଭରେ କବ୍ସ କ୍ଲବର ପ୍ରତିଷ୍ଠାତା ସଦସ୍ୟ ତଥା ପ୍ରାକ୍ତନ ସଭାପତି ସ୍ୱର୍ଗତ ଅଜିତ କୁମାର ପ୍ରଧାନ (ଅମୁଲ )ଙ୍କ ଫୋଟୋ ଚିତ୍ରରେ ସମସ୍ତ



ସଦସ୍ୟ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଟୁର୍ଣ୍ଣାମେଣ୍ଟକୁ କ୍ଲବର ସମ୍ପାଦକ ସୁବ୍ରତ କୁମାର ମହାନ୍ତି ସମେତ ଚିତ୍ତରଞ୍ଜନ ପ୍ରଧାନ, ହରିହର ପାଣି, ଆଡ଼ଭୋକେଟ ବିଷ୍ଣୁ ପ୍ରସାଦ ଦାସ, ମନୋରଞ୍ଜନ ପ୍ରଧାନ, ପ୍ରଶାନ୍ତ ଦାସ, ସତ୍ୟାର ସାହୁ, ଦିଲ୍ଲୀପ କୁମାର ସାହୁ,ସୁମନ ନାଏକ,ରଂଜିତ କୁମାର ସାମଲ, ଲିଙ୍ଗରାଜ ଜେନା, କାର୍ତ୍ତିକ ସାହୁଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନା କରୁଛନ୍ତି ।ଆସନ୍ତା କାଲି ଦ୍ୱିତୀୟ ମ୍ୟାଚ ସମ୍ବଲପୁର ଏବଂ ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ତରଫରୁ ସୂଚନା ଦେଇଛନ୍ତି ।

# ସର୍ବଭାରତୀୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ : କୋଲକାତା ଚାମ୍ପିଅନ

ବାରିପଦା, (ସବ୍ୟୁ) : ସ୍ଥାନୀୟ ପ୍ରଫୁଲ୍ଲନଗର ସ୍ଥିତ ଲେଟ କଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ସର୍ବଭାରତୀୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କୋଲକାତାର ଏଲଆରଏସ ଟିମ୍ ୬ ୱିକେଟରେ ରାଉରକେଲା ଟିମକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରି ରାଉରକେଲା ଟିମ ୨୦ଓଭରରେ ୯ ୱିକେଟ୍ ହରାଇ ୧୨୨ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଶୁଭଙ୍କର ବିଶ୍ୱାସ ସର୍ବାଧିକ ୪୦ରନ ସଂଗ୍ରହ କରିଥିବାବେଳେ ବିପକ୍ଷ ଦଳର ଅଙ୍କୁର ଚୌଧୁରୀ ୪ଟି ଓ ଅଖିଳେଶ ଯାଦବ ୩ଟି ୱିକେଟ୍ ଅକ୍ତିଆର କରିଥିଲେ ଓ ଉତ୍ତରରେ କୋଲକାତା ୧୦ଓଭରରେ ୪ ୱିକେଟ୍ ହରାଇ ୧୨୩ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଦଳ ପକ୍ଷରୁ ରିଶବ ଚୌଧୁରୀ ୪୭, ଅଶ୍ୱନୀ ଖଟେଇ ୨୫ ଓ ବିଶାଳ ଭଟି




୨୨ରନ ସଂଗ୍ରହ କରିଥିଲେ। ଅଙ୍କୁର ଚୌଧୁରୀ ମ୍ୟାନ ଅଫ୍ ଦି ମ୍ୟାଚ୍, ଗୌତମ ସୁନା ମ୍ୟାନ୍ ଅଫ୍ ଦି ସିରିଜ ଓ ଶ୍ରେଷ୍ଠ ବୋଲର, ରିସବ ଚୌଧୁରୀ ଶ୍ରେଷ୍ଠ ବ୍ୟାଟ୍ସମେନ ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ପୁରସ୍କାର ସ୍ୱରୂପ ଚାମ୍ପିଅନ ଦଳକୁ ୧ଲକ୍ଷ ପ୍ରୋତ୍ସାହନ ରାଶି ଓ ଟ୍ରଫି ଓ ରନର୍ସ ଅପ ଦଳକୁ ୮୦ହଜାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କମିଟିର ସଭାପତି ଗିରିଶ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଇଞ୍ଜିନିୟର ଇନ୍ ଚିଫ ଇ. ସତ୍ୟବ୍ରତ ବେହେରା, ସମ୍ମାନିତ ଅତିଥି ଭାବେ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ଓ ମୁଖ୍ୟଯନ୍ତ୍ରୀ ଅରବିନ୍ଦ ତ୍ରିପାଠୀ ଯୋଗଦେଇ ପୁରସ୍କାର ବିତରଣ କରିବା ସହ ଖେଳାଳି ମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ବେହେରା, ଉପ ସଭାପତି ଦାମୋଦର କରଣ, ସମ୍ପାଦକ ଦୀପକ କୁମାର ଦାଶ, ସହ ସମ୍ପାଦକ ଲକ୍ଷ୍ମୀଧର ନାୟକ, ତଥା ସନ୍ତୋଷ ଅଗ୍ରୱାଲ, କାଶୀନାଥ ରଣା, ଶ୍ରୀକାନ୍ତ ବେହେରା, ବିଜୟ ଅଗ୍ରଓ୍ୱାଲ, ସଂଜୀବ ଦ୍ୱିବେଦୀ, ଇଃ ମାନସ ସେଠି, ନରୋତ୍ତମ ମହାନ୍ତ ଓ ଇଃ ରୋହନ ରାୟ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ସମରପ୍ରୀତ ପ୍ରଧାନ, ବିଶ୍ୱମ୍ଭର ମହାକୁଡ଼ ଓ ଇନ୍ଦ୍ରଜିତ ପ୍ରସାଦ ଖେଳ ପରିଚାଳନା କରିଥିବାବେଳେ ସୌରଜିତ ସାହୁ ସ୍କୋରିଙ୍ଗରେ ସହାୟତା କରିଥିଲେ ।

## ଇଷ୍ଟର୍ଣ୍ଣ ଜୋନ ପାୱାର ଲିଫଟିଂ ଚାମ୍ପିଅନସିପ

ଭୁବନେଶ୍ୱର, ୧୫।୧୨(ସବ୍ୟୁ) : ଚଳିତ ବର୍ଷ ଇଷ୍ଟର୍ନ୍ ଜୋନ ପାୱାର ଲିଫ୍ଟଙ୍ଗ ଚାମ୍ପିଅନସିପ ୨୦୨୫ ହାଓଡ଼ା ସ୍ଥିତ ପୁରୁଲିଆ ବ୍ୟାୟାମ ସମିତି ଠାରେ ଗତ ୯ ତାରିଖଠାରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଅଛି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ୍ ୧୦ ଜଣ ଖେଳାଳି ଅଂଶ ଗ୍ରହଣ କରିଥିଲେ ଓ ସେମାନଙ୍କ ମଧ୍ୟରୁ ପୁରୁଷ ୭୪ କିଲୋ ବର୍ଗ ରେ ଅଖିଳ ନାଗ ପ୍ରଥମ ସ୍ଥାନ ଓ ରାକେଶ କୁମାର ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ବେଳେ ପୁରୁଷ ୮୪ କିଲୋ ଇକ୍ୱିପଡରେ ଶକ୍ତି ରଞ୍ଜନ ବାରିକ ତୃତୀୟ ସ୍ଥାନ ଅଳଙ୍କୃତ କରିଥିଲେ। ସେହିପରି



ମହିଳା ୮୪ କିଲୋ ବର୍ଗ ରେ ତନାଲି ମିଶ୍ର ତୃତୀୟ ସ୍ଥାନ ଓ ୮୪ କିଲୋରୁ ଉର୍ଦ୍ଧ୍ୱ ବର୍ଗରେ ଅନିତା ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜୟୀ ପ୍ରତିଯୋଗୀ ମାନଙ୍କୁ ଓଡ଼ିଶା ପାୱାର ଲିଫ୍ଟିଂ ଆସୋସିଏସନ୍ ର ଅଧ୍ୟକ୍ଷ ଇଂ. ଚିତ୍ତରଞ୍ଜନ ସ୍ୱାଇଁ, ଓ ସଂପାଦକ ଡଃ ହରି ପ୍ରସାଦ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି ଏବଂ ସମିତିର ଅନ୍ୟ କର୍ମକର୍ତା ମାନେ ପ୍ରତିଯୋଗୀମାନଙ୍କୁ ଅଭିବାଦନ ଜଣାଇବା ସହିତ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି